# ସାହିତ୍ୟସୁଧା

**ଷଷ୍ଠଶ୍ରେଣୀ**

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**
**ଓଡ଼ିଶା ସରକାର**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର

# ସାହିତ୍ୟସୁଧା

**ଷଷ୍ଠଶ୍ରେଣୀ**

ପରୀକ୍ଷାମୂଳକ ସଂସ୍କରଣ - ୨୦୨୬

**ସମ୍ପାଦକମଣ୍ଡଳୀ :**

ପ୍ରଫୁଲ୍ଲ କୁମାର ପଣ୍ଡା
କବିତା କାନୁନ୍‌ଗୋ
ସନ୍ତୋଷ କୁମାର ସାହୁ
ପଲ୍ଲବୀ ସିଂହ
ନବୀନ କୁମାର ପ୍ରମାଣିକ

**ସଂଯୋଜକ :**
ଡ. ସୁଦର୍ଶନ ସାନ୍ତରା

**ସମୀକ୍ଷକମଣ୍ଡଳୀ :**

ସତ୍ୟନାରାୟଣ ମିଶ୍ର
ଡ. ଗଣେଶ୍ୱର ସ୍ୱାଇଁ
ଡ. ଶଙ୍କର୍ଷଣ ପ୍ରଧାନ

**ବିଷୟ ବିଶେଷଜ୍ଞ:**

ନିରଂଜନ ମହାନ୍ତି

**ମୁଖ୍ୟ ସଂଯୋଜିକା :**
ଡ. ସବିତା ସାହୁ

**ପ୍ରକାଶକ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୨୬

**ପ୍ରସ୍ତୁତି :** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

**ଡିଟିପି ଓ ଡିଜାଇନ୍ :** ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଓଡ଼ିଶା, ଭୁବନେଶ୍ୱର

**ମୁଦ୍ରଣ :** ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର



https://withteachers.in/

# ମୁଖବନ୍ଧ

ଜାତୀୟ ଶିକ୍ଷାନୀତି ୨୦୨୦ ଏକ ପରିବର୍ତ୍ତନକାରୀ ପାଠ୍ୟକ୍ରମ ଏବଂ ଶୈକ୍ଷିକ ରୂପରେଖ ଯାହା କି ଭାରତୀୟ ସଂସ୍କୃତି, ସଭ୍ୟତା ଓ ଜ୍ଞାନ ପରମ୍ପରା ସହ ଜଡ଼ିତ । ଏହି ନୀତି ଶିକ୍ଷାର୍ଥୀମାନଙ୍କୁ ଏକବିଂଶ ଶତାବ୍ଦୀର ସମ୍ଭାବନା ଓ ଆହ୍ୱାନ ସହିତ ସୃଜନଶୀଳ ଭାବରେ ସଂପୃକ୍ତ ହେବା ପାଇଁ ପ୍ରସ୍ତୁତ କରୁଛି । ନୂତନ ଶିକ୍ଷାନୀତିରେ ଥିବା ଆହ୍ୱାନ ଓ ସମାଧାନକୁ ଆଧାର କରି ବିଦ୍ୟାଳୟ ଶିକ୍ଷାପାଇଁ ପ୍ରସ୍ତୁତ ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୨୩ ଏବଂ ରାଜ୍ୟ ପାଠ୍ୟକ୍ରମ ରୂପରେଖ ୨୦୨୫ରେ ସମସ୍ତସ୍ତର ପାଇଁ ପାଠ୍ୟକ୍ରମ କ୍ଷେତ୍ର ପ୍ରସ୍ତୁତ କରାଯାଇଅଛି । ଜାତୀୟ ଓ ରାଜ୍ୟ ପାଠ୍ୟକ୍ରମ ରୂପରେଖର ଉଦ୍ଦେଶ୍ୟ ହେଉଛି- ପ୍ରାରମ୍ଭିକସ୍ତରର ଶିକ୍ଷାର୍ଥୀମାନଙ୍କ ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିବା ସହ ମଧ୍ୟମ ସ୍ତରରେ ସେଗୁଡ଼ିକର ବିକାଶାତ୍ମକ ସ୍ୱରୂପକୁ ଆଗକୁ ଆଗେଇନେବା । ମଧ୍ୟମସ୍ତରଟି ଷଷ୍ଠଶ୍ରେଣୀଠାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ । ଉକ୍ତ ସ୍ତରଟି ପ୍ରାରମ୍ଭିକ ଓ ମାଧ୍ୟମିକସ୍ତର ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିଥାଏ ।

ମଧ୍ୟମ ସ୍ତରରେ ଉଭୟ ଜାତୀୟ ଏବଂ ରାଜ୍ୟ ପାଠ୍ୟକ୍ରମ ରୂପରେଖର ଉଦ୍ଦେଶ୍ୟ ହେଉଛି – ଶିକ୍ଷାର୍ଥୀମାନଙ୍କୁ ଆବଶ୍ୟକୀୟ କୌଶଳରେ ଦକ୍ଷ କରିବା ଯାହା କି ସେମାନଙ୍କର ବିଶ୍ଳେଷଣାତ୍ମକ, ବର୍ଣ୍ଣନାତ୍ମକ ଏବଂ ସୃଜନାତ୍ମକ ଦକ୍ଷତାଗୁଡ଼ିକୁ ପ୍ରୋତ୍ସାହିତ କରିବା ସହ ଆଗାମୀ ଆହ୍ୱାନ ଓ ଆବଶ୍ୟକତା ପାଇଁ ପ୍ରସ୍ତୁତ କରିବ । ମଧ୍ୟମସ୍ତରରେ ଜାତୀୟ ଏବଂ ରାଜ୍ୟ ପାଠ୍ୟକ୍ରମ ଆଧାରରେ ପ୍ରସ୍ତୁତ ହୋଇଥିବା ବହୁମୁଖୀ ପାଠ୍ୟକ୍ରମରେ ନଅଟି ବିଷୟକୁ ଅନ୍ତର୍ଭୁକ୍ତ କରାଯାଇଛି, ଯାହାକି ଶିକ୍ଷାର୍ଥୀମାନଙ୍କ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବ । ଏଥିରେ ତିନୋଟି ଭାଷା ସହିତ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, କଳାଶିକ୍ଷା, ଶାରୀରିକ ଶିକ୍ଷା, କଲ୍ୟାଣ ଓ ବୈଷୟିକଶିକ୍ଷା ଅନ୍ତର୍ଭୁକ୍ତ ।

ପରିବର୍ତ୍ତନକାରୀ ଶିକ୍ଷଣ ସଂସ୍କୃତିପାଇଁ ଅନୁକୂଳ ପରିସ୍ଥିତିର ଆବଶ୍ୟକତା ରହିଛି । ଏହାକୁ ବ୍ୟାବହାରିକ ରୂପ ଦେବାପାଇଁ ରାଜ୍ୟସ୍ତରରେ ବିଭିନ୍ନ ବିଷୟର ପାଠ୍ୟପୁସ୍ତକ ମଧ୍ୟ ପ୍ରସ୍ତୁତ ହେବା ଆବଶ୍ୟକ । ଉକ୍ତ ପାଠ୍ୟପୁସ୍ତକଗୁଡ଼ିକ ପାଠ୍ୟକ୍ରମ ଏବଂ ଶିକ୍ଷାଦାନ ଶିକ୍ଷଣପଦ୍ଧତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସେହି ନିର୍ଣ୍ଣାୟକ ଭୂମିକା, ଶିକ୍ଷାର୍ଥୀମାନଙ୍କର ଜିଜ୍ଞାସା ଏବଂ ଅନୁସନ୍ଧାନ କରିବା ପ୍ରକୃତି ମଧ୍ୟରେ ଏକ ବିଚାରଶୀଳ ସନ୍ତୁଳନ ସୃଷ୍ଟି କରିବ । ଶ୍ରେଣୀ ଯୋଜନା ଏବଂ ବିଷୟ ଅଧ୍ୟୟନ ମଧ୍ୟରେ ଉପଯୁକ୍ତ ସନ୍ତୁଳନ ବଜାୟ ରଖିବାପାଇଁ ଶିକ୍ଷକମାନଙ୍କର ପ୍ରସ୍ତୁତି ମଧ୍ୟ ଆବଶ୍ୟକ ।

ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ ନିରନ୍ତର ଭାବରେ ଗୁଣାତ୍ମକ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବାପାଇଁ ପ୍ରତିଶ୍ରୁତିବଦ୍ଧ । ପାଠ୍ୟପୁସ୍ତକର ପ୍ରସ୍ତୁତିପାଇଁ ଆଞ୍ଚଳିକଭିତ୍ତିରେ ବିଷୟ-ନିର୍ଦ୍ଦିଷ୍ଟ ଶିକ୍ଷାବିତ୍, ଲେଖକ, କବି, ଗାଳ୍ପିକ ଓ ଶିକ୍ଷକମାନଙ୍କୁ କମିଟିରେ ଅନ୍ତର୍ଭୁକ୍ତ କରାଯାଇଥାଏ । ଷଷ୍ଠଶ୍ରେଣୀ ପ୍ରସ୍ତୁତ ସାହିତ୍ୟସୁଧା ପୁସ୍ତକରେ ଭାଷାର ବିଭିନ୍ନ



https://withteachers.in/

ବିଭାଗଗୁଡ଼ିକୁ ଏକତ୍ରିତ କରାଯାଇଛି । ଏହି ବିଭାଗଗୁଡ଼ିକ- ଦେଶପ୍ରେମ, ପ୍ରକୃତି, ପରିବେଶ, ବିଜ୍ଞାନ, ନୃତ୍ୟ, ବୟନକଳା, ଖେଳ, ପଶୁପକ୍ଷୀଙ୍କ ବୀରତ୍ୱ, ନୈତିକ ଶିକ୍ଷା, ପୌରାଣିକ କଥା, ଭ୍ରମଣକାହାଣୀ, ଆତ୍ମକଥା ଏବଂ ଭାରତୀୟ ସମାଜର ଅନୁଭବ ଉପରେ ପର୍ଯ୍ୟବେସିତ । ଜାତୀୟ ଶିକ୍ଷାନୀତି- ୨୦୨୦, ଜାତୀୟ ପାଠ୍ୟକ୍ରମ ରୂପରେଖ- ୨୦୨୩ ଏବଂ ରାଜ୍ୟ ପାଠ୍ୟକ୍ରମ ରୂପରେଖ- ୨୦୨୫ର ସୁପାରିଶକୁ ପାଳନ କରି ଉକ୍ତ ପାଠ୍ୟପୁସ୍ତକଟି ଶିକ୍ଷାର୍ଥୀଙ୍କ ମନରେ ଧାରଣାର ବୋଧଗମ୍ୟତା, ତର୍କଯୁକ୍ତ ଚିନ୍ତନ, ସୃଜନଶୀଳତା, ମାନବୀୟ ମୂଲ୍ୟବୋଧ ଏବଂ ଶିକ୍ଷାର୍ଥୀମାନଙ୍କ ମନୋଭାବର ବିକାଶ ଉପରେ ସମାନ ଗୁରୁତ୍ୱ ଦେଇଛି; ଯାହାକି ଜାତୀୟ ତଥା ରାଜ୍ୟସ୍ତରୀୟ ଶିକ୍ଷାପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଉଦ୍ଦେଶ୍ୟ ସହିତ ଅନ୍ତର୍ନିବେଶୀ ଶିକ୍ଷା, ଆଞ୍ଚଳିକ ସମାନତା, ଲିଙ୍ଗଗତ ସମାନତା, ସାଂସ୍କୃତିକ ଏକକୀକରଣ, ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଉଚିତ ସମନ୍ୱୟ ବିଦ୍ୟାଳୟଭିତ୍ତିକ ସାମଗ୍ରିକ ମୂଲ୍ୟାଙ୍କନ ଇତ୍ୟାଦି ପରିସରଗୁଡ଼ିକ ପାଠ୍ୟପୁସ୍ତକରେ ଅନ୍ତର୍ଭୁକ୍ତ କରାଯାଇଛି । ଶିକ୍ଷାର୍ଥୀମାନେ ଶିକ୍ଷାର୍ଥୀମାନଙ୍କ ସହ ମିଶି ଦଳରେ ଶିଖିବେ । ସହପାଠୀମାନଙ୍କ ସହ ଦଳରେ ଶିଖିବା ଯେ କେବଳ ରୁଚିପୂର୍ଣ୍ଣ ତାହା ନୁହେଁ, ବରଂ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଏହାଦ୍ୱାରା ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶ ହେବା ସହ ଶିଖିବାର ପ୍ରକ୍ରିୟା ଆନନ୍ଦମୟ ଏବଂ ସହଜ ହୋଇଥାଏ । ଏହି ସାମଗ୍ରିକ ପାଠ୍ୟପୁସ୍ତକରେ ଦତ୍ତ ଶିକ୍ଷଣ କାର୍ଯ୍ୟଗୁଡ଼ିକ ଉଭୟ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କର ସୃଜନାତ୍ମକ ଅନୁଭୂତି, ଅଭିଜ୍ଞତାକୁ ସଂପୃକ୍ତ କରିବାରେ ସାହାଯ୍ୟ କରିବ ।

ଏହି ମଧ୍ୟମସ୍ତରରେ ଶିକ୍ଷାର୍ଥୀମାନଙ୍କୁ ପାଠ୍ୟପୁସ୍ତକ ବ୍ୟତୀତ ଅନ୍ୟାନ୍ୟ ଶିକ୍ଷଣ ସମ୍ବଳଗୁଡ଼ିକୁ ଅନୁସନ୍ଧାନ କରିବାକୁ ମଧ୍ୟ ଉତ୍ସାହିତ କରାଯିବା ଉଚିତ । ଏହିପରି ଶିକ୍ଷଣସମ୍ବଳଗୁଡ଼ିକୁ ଉପଲବ୍ଧ କରାଇବାରେ ବିଦ୍ୟାଳୟସ୍ଥିତ ପାଠାଗାରର ଭୂମିକା ମହତ୍ତ୍ୱପୂର୍ଣ୍ଣ ଅଟେ । ଶିକ୍ଷାର୍ଥୀମାନଙ୍କୁ ଏହିକାର୍ଯ୍ୟ କରିବାପାଇଁ ମାର୍ଗଦର୍ଶନ ଓ ଉତ୍ସାହିତ କରିବାରେ ଅଭିଭାବକ, ଶିକ୍ଷକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ।

ଉକ୍ତ ପାଠ୍ୟପୁସ୍ତକ ପ୍ରସ୍ତୁତିରେ ସଂଶ୍ଳିଷ୍ଟ ସମସ୍ତ ସଦସ୍ୟଙ୍କୁ ମୁଁ କୃତଜ୍ଞତା ଜ୍ଞାପନ କରୁଅଛି । ଆଶା କରୁଅଛି କି, ଏହି ପୁସ୍ତକ ସମସ୍ତ ହିତାଧିକାରୀଙ୍କ ଆବଶ୍ୟକତାକୁ ପୂରଣ କରିବ । ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ ଏହାର ପ୍ରକାଶନଗୁଡ଼ିକର ପଦ୍ଧତିଗତ ନିରନ୍ତର ସଂସ୍କାରପାଇଁ ପ୍ରତିଶ୍ରୁତିବଦ୍ଧ । ଭବିଷ୍ୟତରେ ସଂଶୋଧନପାଇଁ ଆପଣଙ୍କ ସୁଚିନ୍ତିତ ମତାମତ ପ୍ରତୀକ୍ଷାରେ ।

ଭୁବନେଶ୍ୱର
ମଇ, ୨୦୨୫

**(ମନୋଜ କୁମାର ପାଢ଼ୀ)**
ନିର୍ଦ୍ଦେଶକ
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡ଼ିଶା, ଭୁବନେଶ୍ୱର



https://withteachers.in/

# ପୁସ୍ତକ ସମ୍ପର୍କରେ

ଓଡ଼ିଆ ଭାଷା ସାହିତ୍ୟ ଆମର ଜନନୀ । ଭାଷା ହେଉଛି ଛାତ୍ରଛାତ୍ରୀମାନଙ୍କ ଜ୍ଞାନର ଝରକା ଓ କବାଟ। ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶପାଇଁ ଭାଷା ଏକାନ୍ତ ଆବଶ୍ୟକ । ଶାରୀରିକ, ମାନସିକ ଓ ନୈତିକ ମୂଲ୍ୟବୋଧ ବିକାଶରେ ଏହି ପୁସ୍ତକ ବେଶ୍ ସହାୟକ ହେବ । ଏହାଦ୍ୱାରା ଛାତ୍ରଛାତ୍ରୀମାନଙ୍କର କେବଳ ଭାଷା ଜ୍ଞାନର ଅଭିବୃଦ୍ଧି ହେବ ତାହା ନୁହେଁ, ବରଂ ଆମ ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ପ୍ରତି ଅନୁରାଗ ବୃଦ୍ଧିହେବ ।

ଆଞ୍ଚଳିକ ଭିତ୍ତିରେ ମାତୃଭାଷାର ମହତ୍ତ୍ୱ ମହିମାନ୍ୱିତ କରିବା ଲକ୍ଷ୍ୟରେ ନୈତିକ ଶିକ୍ଷା, ପୌରାଣିକ କଥାବସ୍ତୁ ପ୍ରାକୃତିକ ପରିବେଶ ବର୍ଣ୍ଣନା, ଭ୍ରମଣକାହାଣୀ, ପଶୁପକ୍ଷୀଙ୍କ ବୀରତ୍ୱ, ଦେଶପ୍ରେମ, କ୍ରୀଡ଼ା, ନୃତ୍ୟକଳା ଏବଂ ଇତିହାସକୁ ଆଧାର କରି ଉକ୍ତ ପୁସ୍ତକ ରଚନା କରାଯାଇଛି ।

ଛାତ୍ରଛାତ୍ରୀମାନଙ୍କ କଳ୍ପନା ଓ ଉତ୍ସାହକୁ ସମୃଦ୍ଧ କରିବା ନିମନ୍ତେ ରଙ୍ଗବେରଙ୍ଗର ନାନାଦି ଚିତ୍ରଦ୍ୱାରା ପୁସ୍ତକର କଳେବରକୁ ଅତ୍ୟନ୍ତ ଆକର୍ଷଣୀୟ କରାଯାଇଛି । ଶୁଦ୍ଧଭାଷା ପଠନ ଓ ଲିଖନ ନିମନ୍ତେ ଏହାର ପ୍ରତିଟି ବିଷୟବସ୍ତୁର ବ୍ୟାକରଣ ସମ୍ବନ୍ଧୀୟ ଜ୍ଞାନକୁ ଅତି ସହଜ ଓ ସରଳ ଭାବେ ଉପସ୍ଥାପନା କରାଯିବାପାଇଁ ପ୍ରଚେଷ୍ଟାକୁ ଅଗ୍ରାଧିକାର ଦିଆଯାଇଛି ।

ସେମାନଙ୍କର ଅନୁସନ୍ଧିତ୍ସା ଅଭିବୃଦ୍ଧି ନିମନ୍ତେ ପଠନ ଶୈଳୀ ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପାଠାଗାର ତଥା ଶିକ୍ଷକମାନଙ୍କର ସହଯୋଗ ଏଥିପାଇଁ ବିଶେଷ ସହାୟକ ହେବ । ଶିକ୍ଷଣୀୟ କାର୍ଯ୍ୟକୁ ଆକର୍ଷଣୀୟ ତଥା ଅନ୍ତରଙ୍ଗ କରିବା ନିମନ୍ତେ ପାଠ୍ୟପୁସ୍ତକ ଅନ୍ତର୍ଗତ ଓ ବହିର୍ଗତରୁ ଅନେକ ପାଠ ବ୍ୟକ୍ତିଗତ, ଦଳଗତ ତଥା ସାମୂହିକ ଆଲୋଚନାପାଇଁ ପୁସ୍ତକରେ ସୁବ୍ୟବସ୍ଥା କରାଯାଇଛି । ଛାତ୍ରଛାତ୍ରୀଙ୍କ ଅଭିଧାନ ସମ୍ବନ୍ଧୀୟ ଜ୍ଞାନ ଓ କୌଶଳ ବିକାଶ ଉଦ୍ଦେଶ୍ୟରେ ପୁସ୍ତକର ଶେଷଭାଗରେ ପ୍ରତ୍ୟେକ ବିଷୟ ପାଇଁ ଶବ୍ଦତତ୍ତ୍ୱବୋଧ ସହିତ ଶବ୍ଦକୋଷ ସ୍ଥାନିତ ହୋଇଛି ।

ପ୍ରତ୍ୟେକ ପାଠର ପ୍ରାରମ୍ଭରେ ଲେଖକଲେଖିକାଙ୍କ ସଂକ୍ଷିପ୍ତ ପରିଚୟ, ସାରସ୍ୱତ କୃତି ଓ କୃତିତ୍ୱ ପ୍ରଦାନ କରାଯାଇଛି । ଶିକ୍ଷଣପ୍ରକ୍ରିୟାକୁ ରୁଚିପୂର୍ଣ୍ଣ ତଥା ଶିକ୍ଷାପାଇଁ ମୂଲ୍ୟାଙ୍କନ ନୀତି ଉପରେ ଗୁରୁତ୍ୱ ଦିଆଯାଇଛି । ଯଦ୍ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଭାଷା ଦକ୍ଷତା ବୃଦ୍ଧି ସହିତ ସ୍ୱକୀୟ ଅନୁଭୂତି, ଅନୁଭବ ବଳିଷ୍ଠ କରିବାରେ ସହାୟକ ହେବ ।

ପିଲାଙ୍କ ବୋଧଜ୍ଞାନ ଉତ୍ତରଣ ନିମନ୍ତେ ପ୍ରତ୍ୟେକ ପାଠର ବହୁ ବିକଳ୍ପ ପ୍ରଶ୍ନ ଓ ତା'ର ସମାଧାନ



https://withteachers.in/

ପ୍ରସ୍ତୁତ କରାଯାଇଛି । ଏହାଦ୍ୱାରା ପାଠ ବୁଝିବାର ଦକ୍ଷତା ବିକାଶ ହେବା ସହିତ ଶ୍ରବଣ, କଥନ ଓ ପଠନ, ଲିଖନ ପ୍ରକ୍ରିୟା ଯଥାର୍ଥରେ ପ୍ରତିପାଦିତ ହେବ ।

ଗଦ୍ୟାଂଶ, ପଦ୍ୟାଂଶ ତଥା କ୍ଳିଷ୍ଟ ଶବ୍ଦର ଶବ୍ଦାର୍ଥକୁ ଭଲଭାବରେ ବୁଝିବାର କୌଶଳ ପ୍ରତିଟି ବିଷୟରେ ପ୍ରଦାନ କରାଯାଇଛି । ପ୍ରତ୍ୟେକ ଶିକ୍ଷଣ କାର୍ଯ୍ୟରେ ଛାତ୍ରଛାତ୍ରୀମାନେ ପାଠାଗାର, ଇଣ୍ଟରନେଟ୍, ଅଭିଭାବକ ଓ ଶିକ୍ଷକମାନଙ୍କ ସହଯୋଗ ନେଇପାରିବେ । ଯାହାଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଜ୍ଞାନର ଅଭିବୃଦ୍ଧି ହୋଇପାରିବ ।

ବିଷୟବସ୍ତୁ ସମ୍ବନ୍ଧୀୟ ବାକ୍ୟକୁ ବିସ୍ତାରିତ କରି ଶିକ୍ଷାର୍ଥୀ ସ୍ୱକୀୟ ଜ୍ଞାନ କୌଶଳକୁ ରସାଣିତ କରିବେ। ଛାତ୍ରଛାତ୍ରୀମାନଙ୍କର ଚିନ୍ତା ଓ ଚେତନାକୁ ଶାଣିତ କରିବା ନିମନ୍ତେ ବୋଧଜ୍ଞାନ ପରିମାପକ ପ୍ରଶ୍ନଗୁଡ଼ିକ ଏଥିରେ ସଂଯୋଗ କରାଯାଇଛି । ଏହା ଶିକ୍ଷକ, ଶିକ୍ଷାର୍ଥୀ ଓ ଅଭିଭାବକମାନଙ୍କ ପାଇଁ ବେଶ୍ ଉତ୍ସାହପ୍ରଦ ହେବ ।

ଓଡ଼ିଆ ସାହିତ୍ୟ ପ୍ରତି ଅନୁରକ୍ତି ନିମନ୍ତେ ସାହିତ୍ୟର ବିଭିନ୍ନ ବିଭାଗ ଯଥା- ଗଦ୍ୟ, ପଦ୍ୟ, ଭ୍ରମଣ କାହାଣୀ ଓ ଗଳ୍ପଗୁଡ଼ିକୁ ଉକ୍ତ ପାଠ୍ୟପୁସ୍ତକରେ ସଂଯୋଜିତ କରାଯାଇଛି । ଉକ୍ତ ପୁସ୍ତକ ପାଠକରି ଛାତ୍ରଛାତ୍ରୀମାନେ ଯେ ଅଫୁରନ୍ତ ଆନନ୍ଦ ପାଇବେ ତାହା ନୁହେଁ, ବରଂ ସାହିତ୍ୟର ବିଶେଷତା, ଶବ୍ଦାବଳୀ, ଅଳଙ୍କାର, ଭାବ, ସମତାନ ସମ୍ବନ୍ଧରେ ଜ୍ଞାନ ଆହରଣ କରିପାରିବେ ।


ଉତ୍କୃଷ୍ଟ ଶବ୍ଦ ପ୍ରୟୋଗର କଳାକୌଶଳ ଉପରେ ପାଠ୍ୟ-ପୁସ୍ତକରେ ଗୁରୁତ୍ୱ ଆରୋପ କରାଯାଇଛି । ବ୍ୟାକରଣ ସମ୍ବନ୍ଧୀୟ ଜ୍ଞାନ ବୃଦ୍ଧିରେ ଏହା ବିଶେଷ ସହାୟକ ହେବ । ଛାତ୍ରଛାତ୍ରୀମାନେ ସମୋଚ୍ଚାରିତ ଶବ୍ଦ, ସମାର୍ଥବୋଧକ ଶବ୍ଦ, ଯୁଗ୍ମଶବ୍ଦ, ବିପରୀତାର୍ଥବୋଧକ ଶବ୍ଦ ସମ୍ବନ୍ଧରେ ବିଶେଷ ଜ୍ଞାନ ଆହରଣ କରିପାରିବେ ।

ପ୍ରହେଳିକା ଆମ ଭାଷାର ମୌଖିକ ଓ ଲିଖିତ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ବିଭାଗ। ସ୍ମରଣାତୀତ କାଳରୁ ଏହା ଆମ ସାହିତ୍ୟ ସଂସ୍କୃତିରେ ପ୍ରଚଳିତ । ଏହାଦ୍ୱାରା ଛାତ୍ରଛାତ୍ରୀମାନଙ୍କର ଚିନ୍ତନଶକ୍ତି, ଭାଷାଜ୍ଞାନ, କାଳ୍ପନିକତା ଓ ଶବ୍ଦବିଭବ ସମ୍ବନ୍ଧରେ ଉତ୍କୃଷ୍ଟ ଜ୍ଞାନ ଅର୍ଜନ ହେବା ସହିତ ଆନନ୍ଦ ଉପଲବ୍ଧିରେ ବିଶେଷ ସହାୟକ ହୋଇପାରିବ । ଶିକ୍ଷାର୍ଥୀମାନେ ମଧ୍ୟ କୌତୂହଳୀ ଓ ଜିଜ୍ଞାସୁ ହୋଇପାରିବେ ।

ଉକ୍ତ ଭାଷା ସାହିତ୍ୟ ପୁସ୍ତକଟି ଷଷ୍ଠଶ୍ରେଣୀ ଛାତ୍ରଛାତ୍ରୀମାନଙ୍କପାଇଁ ଅମୂଲ୍ୟ ସମ୍ପଦ । ବିଦ୍ୟାର୍ଥୀମାନଙ୍କ ସୃଜନଶୀଳତାପାଇଁ ଏହା ଏକାନ୍ତ ଅପରିହାର୍ଯ୍ୟ । ଏହି ପୁସ୍ତକ ଓଡ଼ିଆ ଭାଷା ସାହିତ୍ୟକୁ ମଞ୍ଜୁଳ କରିବ, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ ।



https://withteachers.in/



ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ୍ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧି



https://withteachers.in/



# ଭାରତର ସମ୍ବିଧାନ

## ପ୍ରସ୍ତାବନା

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା;
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସଂବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

https://withteachers.in/

# ୫୧ (କ) ଧାରା: ମୌଳିକ କର୍ତ୍ତବ୍ୟ

## ଭାରତର ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ

(କ) ସମ୍ବିଧାନ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟପତାକା ଓ ଜାତୀୟସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

(ଖ) ଯେଉଁ ସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସାର୍ବଭୌମ, ଏକତା ଓ ସଂହତିର ସୁରକ୍ଷା କରିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

(ଙ) ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନି ସୂଚକ ବ୍ୟବହାର ପରିତ୍ୟାଗ କରିବା;

(ଚ) ଆମର ସଂସ୍କୃତିର ମୂଲ୍ୟବାନ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

(ଜ) ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;


(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ତ୍ୟାଗ କରିବା;

(ଞ) ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନକରିବା, ଯାହାଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

(ଟ) ମାତା ବା ପିତା ବା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବା ।



https://withteachers.in/



# ଆମ ଜାତୀୟ ସଙ୍ଗୀତ

ଜନ-ଗଣ-ମନ-ଅଧିନାୟକ ଜୟହେ
ଭାରତ ଭାଗ୍ୟ ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼-ଉତ୍କଳ-ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା
ଉଚ୍ଛଳ-ଜଳଧି-ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା ।
ଜନ-ଗଣ -ମଙ୍ଗଳ ଦାୟକ ଜୟ ହେ,
ଭାରତ-ଭାଗ୍ୟ-ବିଧାତା
ଜୟ ହେ ଜୟ ହେ ଜୟ ହେ
ଜୟ ଜୟ ଜୟ ଜୟ ହେ ।



https://withteachers.in/

# ସିଲାବସ୍ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର୍ କମିଟି

| | | |
|---|---|---|
| ୧. | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅଧ୍ୟକ୍ଷ |
| ୨. | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଶା ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ସଦସ୍ୟ |
| ୧୨. | ଏନ୍ ସି ଇ ଆର ଟି ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଓ. ସି ଏଫ, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା, ଏନ ଏସ୍ ଟି ସି କାର୍ଯ୍ୟକ୍ରମ, ଏନ୍ ସି ଇ ଆର ଟି | ସଦସ୍ୟ |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଏକାମ୍ର କଲେଜ, ଭୁବନେଶ୍ୱର | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ, ପଦ୍ମପୁର କଲେଜ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାଇଓଲୋଜି, ସୋଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ, ବ୍ରହ୍ମପୁର, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା | ସଦସ୍ୟ ସଚିବ |



https://withteachers.in/

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ,
ଜନନୀ, ଜନନୀ, ଜନନୀ ।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।।

ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ସୁରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।।

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

**(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)**



https://withteachers.in/

# ସୂଚୀପତ୍ର



| କ୍ରମିକ ସଂଖ୍ୟା | ବିଷୟ | | ଲେଖକ | ପୃଷ୍ଠା |
|---|---|---|---|---|
| ୧. | ଜନ୍ମଭୂମି | (ପଦ୍ୟ) | ମଧୁସୂଦନ ରାଓ | ୦୧ |
| | ଏଇ ଦେଶ ଏଇ ମାଟି | (ପଠନ ନିମନ୍ତେ) | ସଚ୍ଚିଦାନନ୍ଦ ରାଉତରାୟ | |
| ୨. | ହକି | (ଗଦ୍ୟ) | ସଂଗୃହୀତ | ୧୩ |
| | ପର୍ବତାରୋହୀ କଳ୍ପନା ଦାଶ | (ପଠନ ନିମନ୍ତେ) | ସଂଗୃହୀତ | |
| ୩. | ବର୍ଷା | (ପଦ୍ୟ) | ଜଗନ୍ନାଥ ଦାସ | ୨୫ |
| ୪. | ଠକି ବସିଲେ ଠକିଯିବ | (ଗଳ୍ପ) | ବଂଶୀଧର ଦାଶ | ୩୫ |
| ୫. | ନୀତି-ବଚନ | (ପଦ୍ୟ | ରାମକୃଷ୍ଣ ନନ୍ଦ | ୪୭ |
| ୬. | ମୋ ଜୀବନର ଅଭୁଲାକଥା | (ଆତ୍ମକଥା) | ସତ୍ୟନାରାୟଣ ରାଜଗୁରୁ | ୫୫ |
| ୭. | ଉତ୍କଳ ସନ୍ତାନ | (ପଦ୍ୟ) | ମଧୁସୂଦନ ଦାସ | ୬୫ |
| ୮. | ଛଉନୃତ୍ୟ | (ଗଦ୍ୟ) | ଡ.କୃଷ୍ଣଚନ୍ଦ୍ର ପ୍ରଧାନ | ୭୯ |
| ୯. | ଉଠିଲୁ ଏଡ଼େ ବେଗି କାହିଁକିରେ ? | (ଗଦ୍ୟ) | ଗୋପାଳକୃଷ୍ଣ ପଟ୍ଟନାୟକ | ୯୫ |
| ୧୦. | ତିନୋଟି ବର | (ଗଳ୍ପ) | ବିବେକାନନ୍ଦଙ୍କ କଥା ଉପଦେଶରୁ ସଂଗୃହୀତ | ୧୦୭ |
| ୧୧. | ଚେତକର ବୀରତା | (ପଦ୍ୟ) | ମୂଳ ହିନ୍ଦୀ-ଶ୍ୟାମ ନାରାୟଣ ପାଣ୍ଡେ | ୧୨୩ |
| ୧୨. | ଭ୍ରମଣକାରୀର ପତ୍ର | (ଭ୍ରମଣ କାହାଣୀ) | ରାଧାନାଥ ରାୟ | ୧୨୯ |
| ୧୩. | ବୃକ୍ଷଲତା ଆମର ବନ୍ଧୁ | (ଗଦ୍ୟ) | ଡ. ଜଗନ୍ନାଥ ମହାନ୍ତି | ୧୪୫ |
| | ଶବ୍ଦକୋଷ | | | ୧୫୫ |
| | ପ୍ରହେଳିକାର ଉତ୍ତର | | | ୧୫୮ |





https://withteachers.in/


https://withteachers.in/

୧



# ଜନ୍ମଭୂମି

(ରାଗ-ଚୋଖି)



ତୁହି ମା ଜନମଭୂମି ପବିତ୍ର ଭାରତଭୂମି
ତୋହରି ସନ୍ତାନ ଆମ୍ଭେ ଅଟୁଁ ସରବେ;
ତୋର ଶ୍ରୀଚରଣେ ସେବା ପାଇଁ ମନ ପ୍ରାଣ ଦେବା
ଗାଇବା ତୋହର ନାମ ଆନନ୍ଦ ରବେ ।
ତୋ' ଆନନ୍ଦେ ହୋଇବା ସୁଖୀ,
କାନ୍ଦିବା ଦୁଃଖରେ ତୋର ହୋଇଣ ଦୁଃଖୀ ।
ଧନ୍ୟ ମହିମା ତୋହର ନାହିଁ ତାର ପଟାନ୍ତର
ମସ୍ତକରେ ହିମାଳୟ ପର୍ବତବର;
ଦୁଇ ପାରୁଶେ ଜଳଧି ବ୍ରହ୍ମପୁତ୍ର ସିନ୍ଧୁନଦୀ
ଚରଣରେ ବିରାଜିତ ମହାସାଗର ।
ବିନ୍ଧ୍ୟ ଗିରିବର କଟିରେ,
ଗଙ୍ଗା ଆଦି କେତେ ନଦୀ ଶୋଭେ ଶରୀରେ ।

https://withteachers.in/

ଜନମିଲେ ତୋ' କୋଳରେ　　　କେତେ ସୁର ବୀର ନରେ

ରାମଚନ୍ଦ୍ର, ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଅର୍ଜ୍ଜୁନ,

ମହାକବି ବେଦବ୍ୟାସ,　　　ବାଲମୀକି କାଳିଦାସ

ଗାଇଲେ ପବିତ୍ରକଣ୍ଠେ ତୋହରି ଗୁଣ ।

ଚୈତନ୍ୟାଦି ମହାତ୍ମାଜନେ

ପ୍ରଚାରିଲେ ବିଷ୍ଣୁନାମ ଆନନ୍ଦମନେ ।

କେତେ କେତେ ପୁଣ୍ୟବତୀ　　　କେତେ ପତିବ୍ରତା ସତୀ

କେତେ ବୀରନାରୀ କେତେ ବୀର ଜନନୀ;


ସମସ୍ତେ ତୋର ଦୁହିତା　　　ପଦ୍ମିନୀ, ସାବିତ୍ରୀ ସୀତା,

ଦୁର୍ଗାବତୀ ଆଦି କେତେ ବୀରରମଣୀ ।

ନମଇ ମା ଭକତିଭରେ

ଅଧମ ଅକ୍ଷମ ସୁତ ତୋ' ଚରଣରେ ।







https://withteachers.in/

# କବି ପରିଚୟ

## ଭକ୍ତକବି ମଧୁସୂଦନ ରାଓ (୧୮୩୫-୧୯୧୨)



ଭକ୍ତକବି ମଧୁସୂଦନ ରାଓ ପୁଣ୍ୟଧାମ ପୁରୀ ସହରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ରଚିତ 'ପଦ୍ମ', 'ପ୍ରଭାତ', 'ପୃଥିବୀ ପ୍ରତି', 'ବସନ୍ତ ଗାଥା', 'ଉତ୍କଳଗାଥା', 'ନିର୍ବାସିତର ବିଳାପ' ପ୍ରଭୃତି କବିତାଗୁଡ଼ିକ ଖୁବ୍ ସରଳ ଓ ମନମୁଗ୍ଧକର । ଜନ୍ମଭୂମି କବିତାରେ କବି ଜନ୍ମମାଟିର ଯଶଗାନ କରିଛନ୍ତି ।

## ପାଠ ଅନ୍ତର୍ଗତ

ଆସ, ଆମେ କବିତା ଉପରେ ସଂକ୍ଷିପ୍ତ ଆଲୋଚନା କରିବା ।

### ମୋ ବୁଝିବାରେ

(କ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ତାରା (*) ଚିହ୍ନ ଦିଅ ।

୧. 'ମୁଣ୍ଡ' ଶବ୍ଦ ପାଇଁ କବିତାରେ କେଉଁ ଶବ୍ଦ ବ୍ୟବହାର କରାଯାଇଛି ?

- ଚରଣ ☐
- ମସ୍ତକ ☐
- କୋଳ ☐
- କଣ୍ଠ ☐

୨. 'ଜନ୍ମଭୂମି' କବିତାରେ ମୁଖ୍ୟତଃ

- ହିମାଳୟର ବର୍ଣ୍ଣନା କରାଯାଇଛି । ☐
- ବୀର ରମଣୀଙ୍କ କଥା କୁହାଯାଇଛି । ☐
- ଭାରତମାତାର ଯଶଗାନ କରାଯାଇଛି । ☐
- ମହାସାଗର ବିଷୟରେ ଧାରଣା ଦିଆଯାଇଛି । ☐

(ଖ) ଉକ୍ତ ଉତ୍ତରଗୁଡ଼ିକ କାହିଁକି ବାଛିଲ, ତାହାର କାରଣ ତୁମ ସାଙ୍ଗମାନଙ୍କ ସହ ଆଲୋଚନା କର ।



https://withteachers.in/



# ମିଳିମିଶି ଯୋଡ଼ିବା

କବିତାର କେତେକ ଶବ୍ଦ ଓ ତା'ର ଭାବାର୍ଥ ନିମ୍ନରେ ଲେଖାଯାଇଛି । ଦଳରେ ଆଲୋଚନା କରି ପ୍ରତ୍ୟେକ ଶବ୍ଦ ସହ ଖାପ୍ ଖାଉଥିବା ଭାବାର୍ଥକୁ ଗାର ଟାଣି ଯୋଡ଼ । (ତୁମେ ଅଭିଧାନ, ଇଣ୍ଟରନେଟ୍ ବା ନିଜ ଶିକ୍ଷକଙ୍କର ସହାୟତା ନେଇପାରିବ ।)

| ଶବ୍ଦ | ଭାବାର୍ଥ |
|---|---|
| ୧. ହିମାଳୟ | ୧. ତୃତୀୟ ପାଣ୍ଡବ । |
| ୨. ବ୍ରହ୍ମପୁତ୍ର | ୨. ଭାରତର ଦୀର୍ଘତମ ପବିତ୍ର ନଦୀ । |
| ୩. ଦ୍ରୋଣ | ୩. ଗଙ୍ଗାଙ୍କ ପୁତ୍ର । କୌରବ ଓ ପାଣ୍ଡବମାନଙ୍କ ପିତାମହ । |
| ୪. ସୀତା | ୪. ଗୌଡ଼ୀୟ ବୈଷ୍ଣବ ମତବାଦର ପ୍ରଚାରକ ଓ ପ୍ରସାରକ । |
| ୫. ଗଙ୍ଗା | ୫. ମେୱାରର ରାଣୀ ଓ ବୀର ରମଣୀ । |
| ୬. ଚୈତନ୍ୟ | ୬. ଜନକ ରାଜାଙ୍କ ଦୁହିତା, ପ୍ରଭୁ ଶ୍ରୀରାମଙ୍କ ଧର୍ମପତ୍ନୀ । |
| ୭. ପଦ୍ମିନୀ | ୭. କୌରବ ଓ ପାଣ୍ଡବଙ୍କ ଗୁରୁ । |
| ୮. ଅର୍ଜ୍ଜୁନ | ୮. ମୁଖ୍ୟତଃ ଅରୁଣାଚଳ ପ୍ରଦେଶ ଓ ଆସାମ ଦେଇ ବହିଯାଉଥିବା ନଦୀ ଯାହା କି ଶେଷରେ ବଙ୍ଗୋପସାଗରରେ ମିଶିଛି । |
| ୯. ଭୀଷ୍ମ | ୯. ସଂସ୍କୃତ ରାମାୟଣର ରଚୟିତା । |
| ୧୦.ବାଲ୍ମୀକି | ୧୦. ଭାରତର ଉତ୍ତର ସୀମାରେ ବ୍ୟାପି ରହିଥିବା ପର୍ବତମାଳା । |



## ପଦ୍ୟାଂଶକୁ ଆଲୋଚନା କର ।

ନିମ୍ନଲିଖିତ ପଦ୍ୟାଂଶକୁ ମନଦେଇ ପଢ଼ ଏବଂ ଏହାର ଭାବାର୍ଥକୁ ସାଙ୍ଗମାନଙ୍କ ସହ ଆଲୋଚନା କରି ତା'ର ସାରାଂଶକୁ ଲେଖ ।

"ତୁହି ମା ଜନମ ଭୂମି ପବିତ୍ର ଭାରତଭୂମି
ତୋହରି ସନ୍ତାନ ଆମେ ଅଟୁଁ ସରବେ;
ତୋର ଶ୍ରୀଚରଣ ସେବା ପାଇଁ ମନପ୍ରାଣ ଦେବା
ଗାଇବା ତୋହର ନାମ ଆନନ୍ଦ ରବେ ।
ତୋ ଆନନ୍ଦେ ହୋଇବା ସୁଖୀ
କାନ୍ଦିବା ଦୁଃଖରେ ତୋର ହୋଇଣ ଦୁଃଖୀ ।"



https://withteachers.in/



## ବୁଝି ବିଚାରି ଲେଖ

(କ) ‘ଜନ୍ମଭୂମି’ କବିତାକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

୧. କବିତାରେ ବର୍ଣ୍ଣିତ ବୀରାରମଣୀମାନଙ୍କ ନାମ ଲେଖ ?

୨. ଭାରତର କଟିରେ କେଉଁ ପର୍ବତମାଳା ଶୋଭାପାଉଛି ?

୩. କାଳିଦାସ କିଏ ? ତାଙ୍କ ରଚିତ ଗୋଟିଏ କାବ୍ୟର ନାମ ଲେଖ ।

୪. ଆମ ଜନ୍ମଭୂମିର ଦୁଇ ପାର୍ଶ୍ୱରେ ଥିବା ଜଳଧିର ନାମ ଲେଖ ?

୫. ଭାରତର ଶରୀରରେ କେଉଁସବୁ ନଦୀ ଶୋଭା ପାଉଛି ?

(ଖ) “ଚୈତନ୍ୟାଦି ମହାତ୍ମାଜନେ
ପ୍ରଚାରିଲେ ବିଭୁନାମ ଆନନ୍ଦମନେ ।”

‘ମହାତ୍ମା’ର ଅର୍ଥ – ମହାପୁରୁଷ, ବଡ଼ଲୋକ, ମହାମାନବ, ମହାନ୍ ବ୍ୟକ୍ତି ।

‘ବିଭୁ’ର ଅର୍ଥ – ଈଶ, ଈଶ୍ୱର, ପ୍ରଭୁ, ଠାକୁର, ଦେବତା ।

ଉପରଲିଖିତ ପଦ୍ୟାଂଶକୁ ପଢ଼ି ଉତ୍ତର ଲେଖ ।

- ଚୈତନ୍ୟ କିଏ ?
- ସେ କ’ଣ କରିଥିଲେ ?
- ତାଙ୍କୁ ମହାତ୍ମା କାହିଁକି କହିବା ?



## କବିତାର ରଚନାଶୈଳୀ

“ବିନ୍ଧ୍ୟ ଗିରିବର କଟିରେ,
ଗଙ୍ଗା ଆଦି କେତେ ନଦୀ ଶୋଭେ ଶରୀରେ ।”

ଉକ୍ତ ପଦ୍ୟାଂଶ ପରି ତୁମକୁ ଭଲ ଲାଗୁଥିବା ଆଉ କିଛି ପଦ୍ୟାଂଶ କବିତାରୁ ବାଛି ଲେଖ ।



https://withteachers.in/



## ମେଳ କର

'କ' ସ୍ତମ୍ଭର କବିତାଂଶ ସହିତ 'ଖ' ସ୍ତମ୍ଭର ଭାବାର୍ଥକୁ ସଂଯୋଗ କର ।

| ସ୍ତମ୍ଭ - କ | ସ୍ତମ୍ଭ - ଖ |
|---|---|
| ୧. ଜନମିଲେ ତୋ କୋଳରେ<br>କେତେ ସୁରବୀର ନରେ । | ୧. ପଦ୍ମିନୀ, ସାବିତ୍ରୀ, ସୀତା ପ୍ରଭୃତି ସମସ୍ତ ବୀର ରମଣୀ ଭାରତମାତାର ଦୁହିତା ଅଟନ୍ତି । |
| ୨. ତୋ ଆନନ୍ଦେ ହୋଇବା ସୁଖୀ<br>କାନ୍ଦିବା ଦୁଃଖରେ ତୋର ହୋଇଣ ଦୁଃଖୀ । | ୨. ଭାରତମାତାର କୋଳରେ ଅନେକ ସୁର, ବୀର ଓ ମହାମାନବ ଜନ୍ମ ନେଇଛନ୍ତି । |
| ୩. ସମସ୍ତେ ତୋର ଦୁହିତା<br>ପଦ୍ମିନୀ ସାବିତ୍ରୀ ସୀତା । | ୩. ଆମେ ଜନ୍ମଭୂମିର ଉନ୍ନତି ବା ପ୍ରଗତିରେ ସୁଖ ଅନୁଭବ କରିବା ଓ ଅବନତିରେ ଦୁଃଖୀ ହେବା । |



## ଅନୁମାନ ଓ କଳ୍ପନାରୁ

ସାଙ୍ଗମାନଙ୍କ ସହିତ ଦଳଗତ ଆଲୋଚନା କର ।

(କ) "ମହାକବି ବେଦବ୍ୟାସ ବାଲମୀକି କାଳିଦାସ ।
ଗାଇଲେ ପବିତ୍ର କଣ୍ଠେ ତୋହରି ଗୁଣ ।"

(i) କେଉଁମାନଙ୍କୁ ମହାକବି ଆଖ୍ୟା ଦିଆଯାଇଛି ?

(ii) ସେମାନଙ୍କ ଲିଖିତ ଗ୍ରନ୍ଥର ନାମ ଉଲ୍ଲେଖ କର ।

(ଖ) "କେତେ କେତେ ପୁଣ୍ୟବତୀ କେତେ ପତିବ୍ରତା ସତୀ
କେତେ ବୀରନାରୀ କେତେ ବୀର ଜନନୀ ।"

ଏହି କବିତାଂଶରେ ବୀରନାରୀ ବୋଲି କାହାକୁ ଓ କାହିଁକି କୁହାଯାଇଛି ?



## ଶବ୍ଦର ଭିନ୍ନଭିନ୍ନ ରୂପ

(କ) ଯେପରି, ଚରଣ - ପଦ, ପାଦ, ପୟର,

ସେପରି, ନଦୀ

ଭୂମି


ଜନନୀ

ଦୁହିତା



https://withteachers.in/

(ଖ)  କବିତାରେ ବ୍ୟବହୃତ ଗିରିବର ଶବ୍ଦରେ 'ବର' ଅର୍ଥ 'ଶ୍ରେଷ୍ଠ' । ଏହି ଅର୍ଥକୁ ଦୃଷ୍ଟିରେ ରଖ ଓ ଶବ୍ଦ ଶେଷରେ 'ବର' ଲଗାଇ ନୂତନ ଶବ୍ଦ ଗଠନ କର ।






## କିଛି ଭିନ୍ନ କିଛି ସମାନ

ନିମ୍ନଲିଖିତ ପଦକୁ ଧ୍ୟାନର ସହ ପଢ଼ ।

"ଗାଇଲେ ପବିତ୍ର କଣ୍ଠେ ତୋହରି ଗୁଣ
ଯେତେ ଯହିଁ ଥିଲେ ମିଳି ମାନବ-ଗଣ ।"

ଗଣ ଓ ଗୁଣ ଶବ୍ଦ ଦ୍ୱୟରେ କେବଳ ଗୋଟିଏ ମାତ୍ରାର ଭିନ୍ନତା ଅଛି । ଫଳରେ ତା'ର ଅର୍ଥ ସଂପୂର୍ଣ୍ଣ ରୂପେ ବଦଳି ଯାଉଛି ।

ତୁମେମାନେ ସାଙ୍ଗମାନଙ୍କ ସହ ଦଳଗତ ଆଲୋଚନା କରି ଏହିପରି ଶବ୍ଦଗୁଡ଼ିକୁ ଖାତାରେ ଲେଖ ।

ଯେପରି :-

ବଣ - ବଣି,  ବଶ - ବେଶ



https://withteachers.in/

# ପାଠ ବାହାରୁ



## ତୁମ କଥା

(କ) ‘ଜନ୍ମଭୂମି’ କବିତାରେ ପୁଣ୍ୟଭୂମି ଭାରତର ପ୍ରଶଂସା ଅତି ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି । ତୁମେ ଭାରତର କେଉଁ ରାଜ୍ୟରେ ବାସ କରୁଛ ଏବଂ ରହୁଥିବା ସ୍ଥାନ (ଗ୍ରାମ / ସହର) ନାମ ଲେଖ । ସେହି ସ୍ଥାନ ତୁମକୁ କିପରି ଲାଗୁଛି ବର୍ଣ୍ଣନା କର । ସୂଚନା - (ପ୍ରାକୃତିକ ପରିବେଶ, ଖାଦ୍ୟ, ଜଳବାୟୁ, ପ୍ରସିଦ୍ଧ ମନ୍ଦିର, ଫସଲ, ପୋଷାକ)

(ଖ) ନିଜ ପରିବାରର କୌଣସି ସଦସ୍ୟଙ୍କ କେଉଁସବୁ କଥା ତୁମକୁ ଭଲ ଲାଗେ, ସେ ବିଷୟରେ ବର୍ଣ୍ଣନା କର ।



## ନଦୀ

“ଗଙ୍ଗା ଆଦି କେତେ ନଦୀ ଶୋଭେ ଶରୀରେ ।”

ଭାରତମାତା କୋଳରେ ଗଙ୍ଗାନଦୀ ପରି ଅନେକ ନଦୀ ଶୋଭା ପାଉଛି । ଏହି ନଦୀଗୁଡ଼ିକ ଜଳ ଓ ବିଦ୍ୟୁତ୍ ଯୋଗାଇବା ସହ କୃଷି ତଥା ପରିବହନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ତତ୍‌ସହ ଏହି ନଦୀଗୁଡ଼ିକ ଆମ ଦେଶର ଇତିହାସ, ସଂସ୍କୃତି, ଧାର୍ମିକଚେତନା ଓ ଅର୍ଥ ବ୍ୟବସ୍ଥାର ମଧ୍ୟ ପରିଚୟ ଅଟେ ।

ନିମ୍ନ ସାରଣୀରେ କେତେକ ନଦୀର ନାମ ଦିଆଯାଇଛି । ସେଗୁଡ଼ିକୁ ଖୋଜି ଖାତାରେ ଲେଖ । ସେଥିମଧ୍ୟରୁ କେଉଁ ନଦୀଗୁଡ଼ିକ ଆମ ରାଜ୍ୟରେ ପ୍ରବାହିତ, ତା’ର ତାଲିକା କର ।

| | | | | |
|---|---|---|---|---|
| ମ | ହା | ନ | ଦୀ | କା |
| ବୈ | ତୀ | ର୍ମ | ଇ | ବେ |
| ତ | ଗୋ | ଦା | ବ | ରୀ |
| ର | ତେ | ଲ | ତା | କୃ |
| ଣୀ | ଗ | ଙ୍ଗା | ପ୍ତି | ଷ୍ଣା |
| ବୁ | ଢ଼ା | ବ | ଲ | ଙ୍ଗ |






https://withteachers.in/

## ବୁଝି ବିଚାରି ଲେଖ

ନିମ୍ନ ସାରଣୀରେ କେତେକ ଅକ୍ଷର ଦିଆଯାଇଛି । ତୁମେ ସେହି ଅକ୍ଷରଗୁଡ଼ିକୁ ମିଶାଇ /କ୍ରମ ବଦଳାଇ/ମାତ୍ରା ଯୋଡ଼ି ଶବ୍ଦ ଗଠନ କର ଓ ଲେଖ ।

| କ୍ରମିକ ସଂଖ୍ୟା | ଅକ୍ଷର | ଶବ୍ଦ |
|---|---|---|
| ୧ | ସମହଗର | ମହାସାଗର |
| ୨ | ହମଲୟ | ______ |
| ୩ | ମହବକ | ______ |
| ୪ | ଭତର | ______ |
| ୫ | ମରଣ | ______ |
| ୬ | କଳଦସ | ______ |



## ଝରକାରୁ

ବଙ୍କିମ୍‌ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କଦ୍ୱାରା ରଚିତ "ବନ୍ଦେ ମାତରମ୍" କବିତାଟି ପ୍ରାୟ ଜାତୀୟସଂଗୀତ ସହ ସମାନ । ଆସ, ଏହାର ଭାବାର୍ଥକୁ ଆଲୋଚନା କରିବା ।



https://withteachers.in/

| ବନ୍ଦେ ମାତରମ୍ | ଭାବାର୍ଥ |
|---|---|
| ବନ୍ଦେ ମାତରମ୍ !<br>ସୁଜଳାମ୍, ସୁଫଳାମ୍<br>ମଳୟଜ ଶୀତଳାମ୍<br>ଶସ୍ୟ ଶ୍ୟାମଳାମ୍ ମାତରମ୍ ।<br>ବନ୍ଦେ ମାତରମ୍ !<br>ଶୁଭ୍ର ଜ୍ୟୋତ୍ସ୍ନା ପୁଲକିତ ଯାମିନୀମ୍<br>ଫୁଲ୍ଲ କୁସୁମିତ ଦ୍ରୁମଦଳ ଶୋଭିନୀମ୍<br>ସୁହାସିନୀମ୍ ସୁମଧୁର ଭାଷିଣୀମ୍<br>ସୁଖଦାମ୍, ବରଦାମ୍, ମାତରମ୍ !<br>ବନ୍ଦେ ମାତରମ୍ । | ହେ ମାତା, ମୁଁ ତୁମକୁ ପ୍ରଣାମ କରୁଛି ।<br>ତୁମେ ଜଳରେ ଫଳରେ ପରିପୂର୍ଣ୍ଣ ହୋଇ ରହିଛ,<br>ତୁମକୁ ମଳୟ ପବନ ଶୀତଳତା ପ୍ରଦାନ କରୁଛି<br>ତୁମେ ଶସ୍ୟ-ଶ୍ୟାମଳା କ୍ଷେତରେ ପରିପୂର୍ଣ୍ଣ ।<br>ହେ ମାତା, ମୁଁ ତୁମକୁ ପ୍ରଣାମ କରୁଛି ।<br>ଯାହାର ରମଣୀୟ ରାତ୍ରିକୁ ଚନ୍ଦ୍ରାଲୋକ<br>ଶୋଭାମୟ କରୁଛି<br>ଯିଏ ଫୁଟିଥିବା ଫୁଲର ବୃକ୍ଷଗୁଡ଼ିକରେ<br>ସୁସଜ୍ଜିତ ହୋଇଛି<br>ସର୍ବଦା ହସୁଥିବା, ମଧୁର ଭାଷା କହୁଥିବା,<br>ସୁଖ ପ୍ରଦାନକାରୀ, ଆଶୀର୍ବାଦ<br>ପ୍ରଦାନକାରୀ ମାତା !<br>ମୁଁ ତୁମକୁ ପ୍ରଣାମ କରୁଛି |



## ଦଳଗତ ଆଲୋଚନା

ତୁମେ 'ଜନ୍ମଭୂମି' ଓ 'ବନ୍ଦେ ମାତରମ୍' କବିତା ଦୁଇଟି ପଢ଼ିଲ । ସେହି କବିତା ଦୁଇଟିରେ ଥିବା ସମାନତା ଓ ଭିନ୍ନତା ବିଷୟରେ ସାଙ୍ଗମାନଙ୍କ ସହିତ ଦଳଗତ ଆଲୋଚନା କର ।




## ଖୋଜ ଓ ପଢ଼

**ନିମ୍ନ ପ୍ରଦତ୍ତ ଦେଶାତ୍ମବୋଧ କବିତାଗୁଡ଼ିକ ପାଠାଗାର ବା ଇଣ୍ଟରନେଟ୍‌ରୁ ସଂଗ୍ରହ କରି ପଢ଼ ଓ ଆଲୋଚନା କର ।**

- ତୁଙ୍ଗ ଶିଖରୀ ଚୂଳ (ପଣ୍ଡିତ ଗୋଦାବରୀଶ ମିଶ୍ର)
- ଜୟୀ ରାଜଗୁରୁଙ୍କ ଉତ୍ସାହ ବାଣୀ - କୃଷ୍ଣ ଚନ୍ଦ୍ର ତ୍ରିପାଠୀ
- ଓଡ଼ିଶା....... ମୋ ଓଡ଼ିଶା ....... କେଡ଼େ ସୁନ୍ଦର ରାଇଜ ମୋର (ସ୍ୱରୂପ ନାୟକ)
- ଓଡ଼ିଆ ମୁହିଁ .... ଓଡ଼ିଆ ମୁହିଁ..... ଓଡ଼ିଶା ମୋର ଦେଶ (ରାମକୃଷ୍ଣ ନନ୍ଦ)



https://withteachers.in/



## ପଠନ ନିମନ୍ତେ

# ଏଇ ଦେଶ ଏଇ ମାଟି


ଏଇ ଦେଶ ଏଇ ମାଟି
ମମତାମୟୀ ମାଆଟି ।
ସେବାରେ ତା'ର, ଜୀବନ ଦେବା
ରଖିବା ତା'ର ନାଆଁଟି ।
ସୁଜଳା, ସୁଫଳା ଶସ୍ୟଶ୍ୟାମଳା
ଆମ ଏ ଜନ୍ମମାଟି... ।୧।
ଚିର ମଳୟ ଯା'ର ପବନ,
ଚିର ସବୁଜ ଯା'ର କାନନ
ସାଗର ଯାହାର ରତ୍ନଭଣ୍ଡାର
କୋଟିରତ୍ନ ଦିଏ ଭେଟି ।୨।
ଯହିଁ ଝରଣା ଝରିଯାଏ
ଯହିଁ କୋଇଲି କୁହୁ ଗାଏ
ସୁନାର ଫସଲ ଲହରି ଖେଳେ
ବୁକୁରେ ଯାଏ ଲୋଟି ....।୩।

ରଚନା – ସଚ୍ଚିଦାନନ୍ଦ ରାଉତରାୟ



https://withteachers.in/

# ଆମ ଲେଖା ଆମ ଚିତ୍ର





https://withteachers.in/

୭



# ହକି

ଖେଳିବାକୁ ବା କିଏ ଭଲ ନ ପାଏ । ଖେଳ ଖାଲି ଆମକୁ ଆନନ୍ଦ ଦିଏନି, ଆମର ଶରୀର ଗଠନରେ ମଧ୍ୟ ସାହାଯ୍ୟ କରେ । ସୁଷମଖାଦ୍ୟ, ବିଶୁଦ୍ଧଜଳ, ମୁକ୍ତବାୟୁ ଓ ଆଲୋକ ପରି ଏହା ଆମକୁ ସୁସ୍ଥ ଓ ସତେଜ ରଖିବା ପାଇଁ ଆବଶ୍ୟକ । କିନ୍ତୁ ଆମ୍ଭେମାନେ ମନେରଖିବା ଯେ- ଖେଳିଖେଳି ଅତ୍ୟଧିକ ହାଲିଆ ହେବା ପର୍ଯ୍ୟନ୍ତ ଖେଳିବା ଉଚିତ୍ ନୁହେଁ । ସ୍ୱାସ୍ଥ୍ୟ ଆମର ଅମୂଲ୍ୟ ସମ୍ପଦ । ସ୍ୱାସ୍ଥ୍ୟ ଠିକ୍ ଥିଲେ ଆମେ ବିଭିନ୍ନ କାର୍ଯ୍ୟ କରିବାକୁ ସମର୍ଥ ହେଉ ।

ନିୟମିତ ବ୍ୟାୟାମ ଓ ଅଙ୍ଗଚାଳନା ଆମ ଶରୀରକୁ କର୍ମଠ ଓ ବଳିଷ୍ଠ କରେ । ଏଥିଯୋଗୁଁ ସ୍ୱେଦ ଆକାରରେ ଦେହର ଦୂଷିତ ଅଂଶ ବହିର୍ଗତ ହୋଇଯାଏ । ଆମେ ବ୍ୟାୟାମ କରିବା ସମୟରେ ଘନଘନ ପ୍ରଶ୍ୱାସ ନେଉ ଏବଂ ଏହାଦ୍ୱାରା ଆମ ଶରୀର ଭିତରକୁ ପ୍ରଚୁର ଅମ୍ଳଜାନ ଯାଏ । ବ୍ୟାୟାମଦ୍ୱାରା ଆମ ଶରୀରର ମାଂସପେଶୀ ଦୃଢ଼ ହୁଏ । ଯେଉଁମାନେ ପ୍ରତିଦିନ ଶାରୀରିକ ପରିଶ୍ରମ କରନ୍ତି, ସେମାନଙ୍କ ନିମନ୍ତେ ବ୍ୟାୟାମ ବିଶେଷଭାବରେ ଆବଶ୍ୟକ ହୁଏ ନାହିଁ । କିନ୍ତୁ ଯେଉଁମାନେ ମାନସିକ ପରିଶ୍ରମ କରନ୍ତି, ସେମାନଙ୍କ ପାଇଁ ଏହା ଏକାନ୍ତ ପ୍ରୟୋଜନ ।

ଅନେକ ପ୍ରକାରର ଖେଳ ଥିଲେ ହେଁ ମୁଖ୍ୟତଃ ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । କେତେକ ଖେଳକୁ ଘରଭିତରେ ଓ କେତେକ ଖେଳକୁ ଘରବାହାରେ ଖେଳିବାକୁ ହୁଏ । ତାସ, ପଶା, ଲୁଡ଼ୋ, କ୍ୟାରମ୍, ଚେସ୍, ପିଙ୍ଗ୍‌ପଙ୍ଗ୍ ପ୍ରଭୃତି ଖେଳ ସାଧାରଣତଃ ଘରଭିତରେ ହୁଏ । କିନ୍ତୁ ଡୁଡୁ, ଫୁଟ୍‌ବଲ, ହକି, କ୍ରିକେଟ୍, ଭଲିବଲ୍, ଖୋ ଖୋ ପ୍ରଭୃତି ବାହାରେ ଖେଳାଯାଏ । ଆହୁରି ମଧ୍ୟ ଟେବୁଲଟେନିସ୍, ପୁଚି ପ୍ରଭୃତି ଖେଳ ଘର ଭିତରେ ଓ ବାହାରେ ଖେଳାଯାଏ । ଏଗୁଡ଼ିକମଧ୍ୟରୁ କେତେକ ଖେଳ ପ୍ରକୃତରେ ବିଦେଶୀୟ ହେଲେହେଁ ଆମ ଦେଶରେ ବିଶେଷ ଲୋକପ୍ରିୟ ହୋଇପାରିଛି ।

ଫୁଟ୍‌ବଲ ଖେଳ ପରି ହକିରେ ଖେଳାଳିମାନେ ଦୁଇ ଦଳ ହୋଇ ଖେଳନ୍ତି । ପ୍ରତି ଦଳରେ ଏଗାର ଜଣ ଖେଳାଳି ରହନ୍ତି । ପ୍ରତ୍ୟେକଙ୍କ ହାତରେ କାଠ ତିଆରି ଗୋଟିଏ ପ୍ରକାରର ବାଡ଼ି ରହିଥାଏ । ଏହାକୁ ହକି ଷ୍ଟିକ୍ କୁହାଯାଏ । ଏହି ବାଡ଼ି ବା ଷ୍ଟିକ୍‌ର ଅଗ୍ରଭାଗ ଚେପ୍‌ଟା ଓ ବଙ୍କା । ଏହା ସାହାଯ୍ୟରେ ଗୋଟିଏ ଛୋଟ ନିଦା ବଲ୍‌କୁ ଗଡ଼ାଇ ଗଡ଼ାଇ ଖେଳିବାକୁ ହୁଏ ।

ପୂର୍ବକାଳରେ ହକି ପରି ଗୋଟିଏ ଖେଳ ପାରସ୍ୟର ଲୋକମାନେ ଖେଳୁଥିଲେ । ସେମାନଙ୍କଠାରୁ ଗ୍ରୀସ୍ ଓ ରୋମ୍‌ର ଲୋକମାନେ ଏହି ଖେଳ ଶିକ୍ଷା କଲେ । କିନ୍ତୁ ଆଧୁନିକ ହକି ଖେଳ ପ୍ରଥମେ ୧୮୭୫ ମସିହାରେ ଇଂଲଣ୍ଡରେ ଆରମ୍ଭ ହୋଇଥିଲା । ତା'ର କେତେକ ବର୍ଷପରେ ଗୋଟିଏ ଆନ୍ତର୍ଜାତୀୟ ହକି ଖେଳ ସମିତି ଗଢ଼ାଗଲା । ଏହି ସମିତି ହକି ଖେଳର ନିୟମକାନୁନ ପ୍ରସ୍ତୁତ କଲେ ।

https://withteachers.in/

ଭାରତରେ ହକି ଆଜି ଜାତୀୟଖେଳର ଗୌରବ ଲାଭ କରିଛି । ଭାରତୀୟ ହକି ଖେଳାଳିମାନଙ୍କର କୌଶଳ ଓ ଦକ୍ଷତା ଦେଖି ପୃଥିବୀର କ୍ରୀଡ଼ାପ୍ରେମୀମାନେ ବିସ୍ମିତ ହେଉଛନ୍ତି । ୧୯୨୮ ମସିହାରେ ହଲାଣ୍ଡ ଦେଶରେ ଯେଉଁ ଅଲମ୍ପିକ୍ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା, ସେଥିରେ ଭାରତୀୟ ଖେଳାଳି ଦଳ ହକି ଖେଳରେ ବିଜୟୀ ହୋଇ ସ୍ୱର୍ଣ୍ଣପଦକ ଲାଭ କରିଥିଲେ । ଏହାପରେ କ୍ରମାଗତ ପାଞ୍ଚଟି ଅଲମ୍ପିକ୍ କ୍ରୀଡ଼ାରେ ଭାରତ ହକିରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା ।

୧୯୬୪ ମସିହାରେ ଟୋକିଓଠାରେ ଅନୁଷ୍ଠିତ ଅଲମ୍ପିକ୍ କ୍ରୀଡ଼ା ପ୍ରତିଯୋଗିତାରେ ମଧ୍ୟ ଭାରତ ହକି ଖେଳରେ ବିଜୟଲାଭ କରି ତା'ର ପୂର୍ବ ଗୌରବ ଅକ୍ଷୁଣ୍ଣ ରଖିଥିଲା । ଭାରତ ହକିରେ ପଥପ୍ରଦର୍ଶକ ହୋଇ ରହିଛି ।

ହକି ଖେଳରେ ଭାରତର ଗୌରବ ମୂଳରେ ନିହିତ ଅଛି ବିଶିଷ୍ଟ କ୍ରୀଡାବିତ୍ ଜୟପାଳ ସିଂହ ଓ ଧ୍ୟାନଚାନ୍ଦଙ୍କ ଅପୂର୍ବ କୃତିତ୍ୱ ।

ଧ୍ୟାନଚାନ୍ଦଙ୍କ ଜନ୍ମ ଝାନ୍‌ସୀ ଅଞ୍ଚଳରେ । ବାଲ୍ୟକାଳରୁ ହକି ଖେଳ ପ୍ରତି ତାଙ୍କର ବିଶେଷ ଆଗ୍ରହ ଥିଲା । ସେ ଜଣେ ଉଚ୍ଚକୋଟୀର ଖେଳାଳି ହୋଇଥିବାରୁ ଲୋକମାନେ ତାଙ୍କୁ "ଝାନ୍‌ସୀ ବୀର" କହୁଥିଲେ । ସେ ତାଙ୍କ ଭାଇ ରୂପସିଂହ ଓ ଅନ୍ୟ କେତେକ ବ୍ୟକ୍ତିଙ୍କୁ ନେଇ ଗୋଟିଏ ହକି ଦଳ ଗଢ଼ିଥିଲେ । ପୃଥିବୀର ବିଭିନ୍ନ ଦେଶର ହକି ପ୍ରତିଯୋଗିତାରେ ଏହି ଦଳ ବିପୁଳ ବିଜୟ ଲାଭ କରିଥିଲା । ୧୯୩୬ ମସିହାରେ ବର୍ଲିନଠାରେ ଅନୁଷ୍ଠିତ ଅଲିମ୍ପିକ୍ କ୍ରୀଡ଼ାରେ ସେ ଭାରତୀୟ ହକି ଦଳର ନେତୃତ୍ୱ ନେଇଥିଲେ । ସେଠାରେ ସେ ଯେଉଁ ଚମକପ୍ରଦ ଖେଳ ଖେଳିଥିଲେ, ତାହା ଦେଖି ଦର୍ଶକବୃନ୍ଦ ତାଙ୍କୁ ଏକ ସ୍ୱରରେ 'ହକି ଖେଳର ଯାଦୁକର' ବୋଲି ଆଖ୍ୟା ଦେଇଥିଲେ । ତାଙ୍କର ଅସାଧାରଣ କ୍ରୀଡ଼ାନୈପୁଣ୍ୟ ଦେଖି ଲୋକମାନେ ସନ୍ଦେହ କଲେ ଯେ, ସେ 'କୁହୁକବାଡ଼ି' ବ୍ୟବହାର କରୁଛନ୍ତି କିମ୍ବା ସେଥିରେ କୌଣସି ଅଠା ଲଗାଇଛନ୍ତି । ଲୋକଙ୍କର ଏ ସନ୍ଦେହ ମୋଚନ ପାଇଁ ତାଙ୍କୁ ଦୁଇ ତିନିଥର ହକି ଷ୍ଟିକ୍‌ଟିକୁ ପରିବର୍ତ୍ତନ କରିବାକୁ ହୋଇଥିଲା ।

ହକି ଖେଳିଲାବେଳେ ହକି ବଲ୍‌ର ଚଞ୍ଚଳ ଗତି ସହିତ ସତେ ଯେପରି ଧ୍ୟାନଚାନ୍ଦଙ୍କର ସମୁଦାୟ ଶରୀର ତାଳ ଦେଇ ଚାଲିଥାଏ । ହକି ତାଙ୍କ ପକ୍ଷରେ କେବଳ ଗୋଟିଏ ଖେଳ କହିଲେ ଠିକ୍ ହେବ ନାହିଁ; ଏହା ତାଙ୍କର ଜୀବନ ଓ ଏକମାତ୍ର ଆମୋଦ ଥିଲା ।





https://withteachers.in/



ଧ୍ୟାନଚାନ୍ଦଙ୍କର ଖେଳ ଦେଖି ଦର୍ଶକମାନେ ବିସ୍ମିତ ହୋଇଯାନ୍ତି, ଶତମୁଖରେ ତାଙ୍କର ପ୍ରଶଂସା ଖେଳିଯାଏ ।

ସେ ଏଡ଼େ ପ୍ରସିଦ୍ଧି ଅର୍ଜନ କରିଥିଲେ ମଧ୍ୟ ତାଙ୍କ ମନରେ ତିଳେହେଲେ ଗର୍ବ ନ ଥିଲା । ଯେ ତାଙ୍କ ସଂସ୍ପର୍ଶରେ ଆସୁଥିଲେ, ସେ ତାଙ୍କର ସରଳ ଓ ନିରାଡ଼ମ୍ବର ସ୍ୱଭାବରେ ମୁଗ୍ଧ ହେଉଥିଲେ ।

ପ୍ରକୃତରେ କହିବାକୁ ଗଲେ ଧ୍ୟାନଚାନ୍ଦ ହିଁ ଆମ କ୍ରୀଡ଼ାଜଗତର ଏକ ଅମଳିନ ପ୍ରତିଭା । ତାଙ୍କର ଆଦର୍ଶ ଭାରତୀୟ ଖେଳାଳିମାନଙ୍କୁ ଅନୁପ୍ରାଣିତ କରିଛି । ତାଙ୍କର ସଙ୍ଗଠନ ଓ ଉଦ୍ୟମ ଫଳରେ ହକି ଭାରତର ମୁଖ୍ୟ ଖେଳରେ ପରିଣତ ହୋଇଛି ।

ପୃଥିବୀରେ ଆହୁରି କେତୋଟି ଦେଶ ଏହି ଖେଳପ୍ରତି ଆକୃଷ୍ଟ ହୋଇ ଏଥିରେ ପାରଙ୍ଗମ ହୋଇଉଠିଲେଣି । ସେମାନଙ୍କ ମଧ୍ୟରେ ପାକିସ୍ଥାନ, ପଶ୍ଚିମ ଜର୍ମାନୀ, ହଲାଣ୍ଡ, ସ୍ପେନ୍, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଉଲ୍ଲେଖଯୋଗ୍ୟ ।

୧୯୭୫ରେ ଅନୁଷ୍ଠିତ ବିଶ୍ୱ ହକି ପ୍ରତିଯୋଗିତାରେ ଭାରତ ବିଜୟୀ ହୋଇ ହକି କପ୍ ହାସଲ କରିଥିଲା । ଏହି ପ୍ରତିଯୋଗିତାରେ ଯୋଗ ଦେଇଥିବା ଖେଳାଳିମାନଙ୍କ ମଧ୍ୟରେ ଓଡ଼ିଶାର ଖେଳାଳି ମାଇକେଲ୍ କିଣ୍ଡୋ ଦକ୍ଷତାର ସହ ଖେଳି ସମସ୍ତଙ୍କୁ ଚମତ୍କୃତ କରିଥିଲେ ।

ହକି ସୁନ୍ଦରଗଡ଼ ଆଦିବାସୀମାନଙ୍କର ଏକ ପ୍ରିୟ ଖେଳ । ସେମାନଙ୍କ ଖେଳ ଦେଖିଲେ ମନେ ହେବ ସତେ ଯେପରି ତାହା ସେମାନଙ୍କ ସହଜାତ ।

(ସଂଗୃହୀତ)



https://withteachers.in/




## ପାଠ ଅନ୍ତର୍ଗତ

### ମୋ ବୁଝିବାରେ

(କ) ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ତାରା ( * ) ଚିହ୍ନ ଦିଅ ।

(୧) ସ୍ୱାସ୍ଥ୍ୟ ହିଁ ସମ୍ପଦ, କାରଣ ସ୍ୱାସ୍ଥ୍ୟ ଠିକ୍ ଥିଲେ –

- ଆମେ ସୁନ୍ଦର ଦେଖାଯାଉ । ☐
- ଆମକୁ ସମସ୍ତେ ଭଲ ପାଆନ୍ତି । ☐
- ଆମେ ବିଭିନ୍ନ କାର୍ଯ୍ୟ କରିବାକୁ ସମର୍ଥ ହେଉ । ☐
- ଆମେ ବହୁତ ଧନ ସମ୍ପଦ ପାଇଥାଉ । ☐



https://withteachers.in/

(୨) ଲୋକମାନେ ମେଜର ଧ୍ୟାନଚାନ୍ଦଙ୍କୁ 'ହକିର ଯାଦୁକର' ବୋଲି ଆଖ୍ୟା ଦେଇଥିଲେ । କାରଣ –

- ଲୋକମାନେ ଧ୍ୟାନଚାନ୍ଦଙ୍କୁ ବହୁତ ଭଲ ପାଉଥିଲେ । ☐
- ତାଙ୍କ ହକି ବାଡ଼ିର ଅନନ୍ୟ ବୈଶିଷ୍ଟ୍ୟ ଥିଲା । ☐
- ହକିରେ ସେ ଚମକପ୍ରଦ ଖେଳ ଖେଳୁଥିଲେ । ☐
- ସେ ଭାରତୀୟ ହକି ଦଳର ନେତୃତ୍ୱ ନେଇଥିଲେ । ☐

(୩) ଉକ୍ତ ଉତ୍ତରଗୁଡ଼ିକ କାହିଁକି ବାଛିଲ, ତାହାର କାରଣ ତୁମ ସାଙ୍ଗମାନଙ୍କ ସହ ଆଲୋଚନା କର ।



## ମିଳିମିଶି ଯୋଡ଼ିବା

ପାଠରୁ କିଛି ମନୋନୀତ ଶବ୍ଦ ନିମ୍ନ ଦିଆଯାଇଛି । ନିଜ ଦଳରେ ଏହା ଉପରେ ଆଲୋଚନା କରି, ସେଗୁଡ଼ିକୁ ଠିକ୍ ଅର୍ଥ ବା ବ୍ୟାଖ୍ୟା ସହିତ ଯୋଡ଼ । ଏହାପାଇଁ ଆବଶ୍ୟକ ପଡ଼ିଲେ ତୁମେ ଇଣ୍ଟରନେଟ୍, ଅଭିଧାନ ଓ ଶିକ୍ଷକମାନଙ୍କ ସହାୟତା ନେଇପାରିବ ।

| ଶବ୍ଦ | ଅର୍ଥ କିମ୍ବା ପ୍ରସଙ୍ଗ ବ୍ୟାଖ୍ୟା |
|---|---|
| ୧. ଝାନ୍ସୀ | ୧. ହକି ଖେଳାଳି ହାତରେ ଧରି ଖେଳୁଥିବା ବାଡ଼ିକୁ ବୁଝାଏ । |
| ୨. ହକିଷ୍ଟିକ୍ | ୨. ନିୟମିତ ଶାରୀରିକ ଅଙ୍ଗଚାଳନାର କୌଶଳ । |
| ୩. ଟୋକିଓ | ୩. ହକି ଖେଳାଳି ଧ୍ୟାନଚାନ୍ଦଙ୍କ ଜନ୍ମସ୍ଥାନ ଅଟେ । |
| ୪. ବ୍ୟାୟାମ | ୪. ଓଡ଼ିଶାର ଜଣେ ହକି ଖେଳାଳି । ସେ ୧୯୭୫ ମସିହାରେ ଅନୁଷ୍ଠିତ ବିଶ୍ୱ ହକି ପ୍ରତିଯୋଗିତାରେ ଭାଗନେଇ ଭାରତକୁ ବିଶ୍ୱବିଜୟୀ କରିଥିଲେ ଏବଂ ତାଙ୍କର ଘର ଓଡ଼ିଶାର ସୁନ୍ଦରଗଡ଼ରେ ଅବସ୍ଥିତ । |
| ୫. ମାଇକେଲ କିଣ୍ଡୋ | ୫. ଏକ ଆନ୍ତର୍ଜାତୀୟ ଖେଳ ଅନୁଷ୍ଠାନ । ଏହା ପ୍ରତି ଚାରିବର୍ଷରେ ଥରେ ଖେଳାଯାଇଥାଏ । |
| ୬. ଅଲମ୍ପିକ୍ | ୬. ଏକ ସହର । ଏହା ଜାପାନର ରାଜଧାନୀ । |



https://withteachers.in/



## ବାକ୍ୟ ସମ୍ପର୍କିତ ଆଲୋଚନା

ଉକ୍ତ ବିଷୟରୁ ମନୋନୀତ କିଛି ବାକ୍ୟ ନିମ୍ନରେ ଦିଆଯାଇଛି । ଏହାକୁ ଧ୍ୟାନର ସହ ପଢ଼ ଏବଂ ଏହା ଉପରେ ଚିନ୍ତାକର । ତୁମେ ଏହାର ଅର୍ଥ କ'ଣ ବୁଝିଲ ଦଳରେ ଆଲୋଚନା କରି ଲେଖ ।

(କ) "ସ୍ୱାସ୍ଥ୍ୟ ଆମର ଅମୂଲ୍ୟ ସମ୍ପଦ ।"

(ଖ) "ଦର୍ଶକବୃନ୍ଦ ତାଙ୍କୁ ଏକ ସ୍ୱରରେ 'ହକି ଖେଳର ଯାଦୁକର' ବୋଲି ଆଖ୍ୟା ଦେଇଥିଲେ ।"



## ବୁଝି ବିଚାରି ଲେଖ

ପ୍ରସଙ୍ଗଟିକୁ ଆଉଥରେ ପଢ଼ ଏବଂ ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକୁ ବୁଝି ଉତ୍ତର ଲେଖ ।

(କ) କ୍ରୀଡ଼ାଦ୍ୱାରା ଆମର କି ଉପକାର ହୁଏ ?

(ଖ) ଝାନ୍ସୀ ବୀର କିଏ ? ହକିଖେଳ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଲେଖ ।



## ସ୍ମୃତି କଥାକୁ ଗଦ୍ୟରେ ଲେଖ

"ଧ୍ୟାନଚାନ୍ଦଙ୍କ ଅସାଧାରଣ କ୍ରୀଡ଼ା ନୈପୁଣ୍ୟ ଦେଖି ଲୋକମାନେ ସନ୍ଦେହ କଲେ ଯେ, ସେ 'କୁହୁକବାଡ଼ି' ବ୍ୟବହାର କରୁଛନ୍ତି ।"

ଉକ୍ତ ବାକ୍ୟଟିକୁ ପଢ଼ିଲେ ଏମିତି ଲାଗେ ଯେପରି ଲେଖକ ଧ୍ୟାନଚାନ୍ଦଙ୍କ ଅସାଧାରଣ ଦକ୍ଷତାକୁ ପାଠକଙ୍କ ସହ ପରିଚିତ କରାଇଛନ୍ତି । ତୁମେ ଯଦି ଧ୍ୟାନ ଦେବ, ତେବେ ଏହି ପାଠରେ ଏପରି ଅନେକ ବିଶେଷ କଥା ତୁମ ନଜରକୁ ଆସିବ ।ଏହି ପାଠକୁ ଆଉଥରେ ପଢ଼ ।

(କ) ସାଙ୍ଗମାନଙ୍କ ସହ ଦଳରେ ବସି ଏହି ପ୍ରସଙ୍ଗରେ ଥିବା ବିଶେଷ କଥାକୁ ଆଲୋଚନା କରି ତାଲିକା ପ୍ରସ୍ତୁତ କର ।

(ଖ) ପ୍ରସ୍ତୁତ କରିଥିବା ତାଲିକାକୁ ଶ୍ରେଣୀରେ ଉପସ୍ଥାପନ କର ।



## ଯୋଡ଼ିଶବ୍ଦ

(କ) "ଆମ୍ଭେମାନେ ମନେରଖିବା ଯେ-ଖେଳିଖେଳି ଅତ୍ୟଧିକ ହାଲିଆ ହେବା ପର୍ଯ୍ୟନ୍ତ ଖେଳିବା ଉଚିତ୍ ନୁହେଁ ।"

ଏହି ବାକ୍ୟରେ "ଖେଳିଖେଳି" ଗୋଟିଏ ଯୋଡ଼ିଶବ୍ଦ, ଯେଉଁଥିରେ ଗୋଟିଏ ଶବ୍ଦକୁ ଦୁଇଥର ବ୍ୟବହାର କରାଯାଇଛି । ଏହାକୁ 'ଯୁଗ୍ମଶବ୍ଦ' କୁହାଯାଏ ।

ତୁମେମାନେ ମଧ୍ୟ ଏହିପରି ପାଞ୍ଚଟି ଯୁଗ୍ମଶବ୍ଦ ଲେଖ ।



https://withteachers.in/

(ଖ) ହକି ଖେଳରେ ନିୟମକାନୁନ ପ୍ରସ୍ତୁତ ହୋଇଥାଏ । ଏହି ବାକ୍ୟରେ ମଧ୍ୟ ତୁମେ ଗୋଟିଏ ଯୁଗ୍ମଶବ୍ଦ ଦେଖିପାରୁଛ । କିନ୍ତୁ ଏହି ଯୁଗ୍ମଶବ୍ଦରେ ଦୁଇଟିଯାକ ଶବ୍ଦ ଭିନ୍ନ ଅଟନ୍ତି । ଅର୍ଥାତ୍ ସମାନ ନୁହଁନ୍ତି । ତୁମେମାନେ ମଧ୍ୟ ଏହିପରି ପାଞ୍ଚଟି ଯୁଗ୍ମଶବ୍ଦ ଲେଖ, ଯେଉଁଥିରେ ଦୁଇଟିଯାକ ଶବ୍ଦ ଭିନ୍ନ ହୋଇଥିବ ।

(ଗ) "ଟେବୁଲ ଟେନିସ୍, ପୁଚି ପ୍ରଭୃତି ଖେଳ ଉଭୟ ଘର <u>ଭିତରେ</u> ଓ <u>ବାହାରେ</u> ଖେଳାଯାଏ ।

ଏହି ବାକ୍ୟଟିରେ ଯେଉଁ ଶବ୍ଦ ଦୁଇଟି ତଳେ ଗାର ଦିଆଯାଇଛି, ତାକୁ ଧ୍ୟାନର ସହ ପଢ଼ । ଆମେ ଏହି ଶବ୍ଦକୁ ମଧ୍ୟ ଏହିପରି ଲେଖି ପାରିବା, ଯେପରି ଭିତରେବାହାରେ ଏହା ଏକ ଯୋଡ଼ି ବା ଯୁଗ୍ମ ଶବ୍ଦ । ଏହି ଶବ୍ଦଟି ପରସ୍ପରର ବିପରୀତ ଅର୍ଥକୁ ବୁଝାଉଛି । ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ଯୁଗ୍ମଶବ୍ଦରେ ପ୍ରକାଶ କର ।

- ଭଲ ଓ ମନ୍ଦ
- ଗୁରୁ ଓ ଶିଷ୍ୟ
- ରାଜା ଓ ପ୍ରଜା
- ଆୟ ଓ ବ୍ୟୟ
- ଆକାଶ ଓ ପାତାଳ
- ଜନ୍ମ ଓ ମୃତ୍ୟୁ



## କଥା ଉପରେ ଗୁରୁତ୍ୱ

"ଧ୍ୟାନଚାନ୍ଦ ହିଁ ଆମ କ୍ରୀଡ଼ା ଜଗତର ଏକ ଅମଳିନ ପ୍ରତିଭା ।"

"ଧ୍ୟାନଚାନ୍ଦ ଆମ କ୍ରୀଡ଼ା ଜଗତର ଏକ ଅମଳିନ ପ୍ରତିଭା ।"

ଏହି ଦୁଇଟି ବାକ୍ୟରେ କ'ଣ ପାର୍ଥକ୍ୟ ରହିଛି ? ଏଥିପ୍ରତି ଧ୍ୟାନ ଦିଅ ଓ କୁହ । ଠିକ୍ ଭାବରେ ଚିହ୍ନଟ କର । ଦ୍ୱିତୀୟ ବାକ୍ୟରେ ଗୋଟିଏ ଶବ୍ଦ କମ୍ ଅଛି । ଏହି ଗୋଟିଏ ଶବ୍ଦ ନ ଥିବାରୁ ବାକ୍ୟର ଅର୍ଥରେ ସାମାନ୍ୟ ପାର୍ଥକ୍ୟ ଆସୁଅଛି ।

ଆମେ ନିଜର କଥା ଉପରେ ଗୁରୁତ୍ୱ ଦେବା ପାଇଁ କିଛି ବିଶେଷ ଶବ୍ଦର ପ୍ରୟୋଗ କରୁ । ଯେପରି - ହିଁ, ମଧ୍ୟ ତେବେ, ବୋଲି ଇତ୍ୟାଦି । ପାଠରୁ ଏହିଭଳି ଶବ୍ଦ ଥିବା ବାକ୍ୟ ବାଛି ଲେଖ । ଧ୍ୟାନ ଦିଅ, ଯଦି ବାକ୍ୟରେ ଏହି ଶବ୍ଦଗୁଡ଼ିକ ନ ଥାନ୍ତା, ତେବେ ଏହାର ଅର୍ଥ ଉପରେ ଏହି ଶବ୍ଦଗୁଡ଼ିକର କ'ଣ ପ୍ରଭାବ ପଡ଼ିଥାନ୍ତା ?



https://withteachers.in/

# ପାଠ ବାହାରୁ



## ତୁମକଥା

(କ) ତୁମେ ବଡ଼ ହେଲେ ଜଣେ ହକି ଖେଳାଳି ହେବ । ତେଣୁ ହକି ଖେଳର ନିୟମଗୁଡ଼ିକ ଲେଖ ।

(ଖ) ତୁମକୁ କେଉଁ ଖେଳ ଏବଂ କେଉଁ ଖେଳାଳି ସବୁଠାରୁ ଭଲ ଲାଗନ୍ତି ? କାହିଁକି ?



## ସମାଚାରପତ୍ର ବା ସମ୍ବାଦପତ୍ର

(କ) ତୁମେ ସମ୍ବାଦପତ୍ର ପଢ଼ କି ? ସମ୍ବାଦପତ୍ରଗୁଡ଼ିକରେ ପ୍ରତିଦିନ ଖେଳ ସମ୍ବାଦଗୁଡ଼ିକ ପାଇଁ ଗୋଟିଏ ପୃଷ୍ଠା ପ୍ରକାଶିତ ହୋଇଥାଏ । ତୁମ ଘରେ କିମ୍ବା ପୁସ୍ତକାଳୟରେ ଥିବା ଗତ ସପ୍ତାହର ସମ୍ବାଦପତ୍ରଗୁଡ଼ିକ ଦେଖ । ସେଥିରୁ ତୁମ ପସନ୍ଦର ଏକ ଖେଳ ବିଷୟରେ ନିଜ ଖାତାରେ ଲେଖ ।

(ଖ) ମନେକର ତୁମେ ଜଣେ ଖେଳସାମ୍ବାଦିକ ଏବଂ କୌଣସି ଏକ ଖେଳର ସିଧାପ୍ରସାରଣ ତୁମେ କରିବ । ନିଜ ସାଙ୍ଗମାନଙ୍କ ସହ ମିଶି ସେହି ଖେଳର ସିଧାପ୍ରସାରଣ ପାଇଁ ଏକ ବିବରଣୀ ପ୍ରସ୍ତୁତ କର ।

(ସୂଚନା :- ଏହି କାର୍ଯ୍ୟରେ ତୁମେ ଆକାଶବାଣୀ କିମ୍ବା ଦୂରଦର୍ଶନରେ ପ୍ରସାରିତ ହେଉଥିବା ପ୍ରସାରଣ ଶୈଳୀର ଉପଯୋଗ କରିପାରିବ । ଜଣକ ପରେ ଜଣେ ତୁମ ଦଳର ସମସ୍ତ ପିଲା ଡେସ୍କ କିମ୍ବା ଚେୟାରରେ ବସି କୌଣସି ଏକ ଖେଳର ଧାରା ବିବରଣୀ ଦେବାର ଅଭିନୟ କରିବ ।)



## ଡାଏରୀ ଲିଖନ

କେତେକ ଲୋକ ପ୍ରତିଦିନ ତାଙ୍କ ଜୀବନରେ ସେହି ଘଟିଥିବା ଘଟଣାବଳୀ ବା ଦେଖିଥିବା କଥାକୁ ଲେଖି ରଖନ୍ତି । ତାହାକୁ ଡାଏରୀ ଲିଖନ କୁହାଯାଏ ।

- ତୁମେ ନିଜ ମନର କଥା ଏବଂ ଚିନ୍ତାଧାରା ଲେଖିବାକୁ ଚାହୁଁଛ କି ? ଯଦି ହଁ, ତେବେ ଆଜିଠାରୁ ହିଁ ଲେଖା ଆରମ୍ଭ କର ।

- ତୁମେ ପ୍ରତିଦିନ ଥରେ ହେଉ କି ଅନେକ ଥର ହେଉ ନିଜର ଭାବନାକୁ ଲେଖିପାରିବ । ଲେଖିବା ସମୟରେ ଶବ୍ଦ କିମ୍ବା ବାକ୍ୟର କୌଣସି ସୀମା ନାହିଁ । ତୁମେ ଚାହିଁଲେ ଦୁଇଟି ବାକ୍ୟ ହେଉ କି ଦୁଇ ପୃଷ୍ଠା ହେଉ, ଯାହା ମନକୁ ଆସୁଛି ତାହାକୁ ଠିକ୍ ଶବ୍ଦ ସଂଯୋଜନା କରି ସୁନ୍ଦର ଭାବରେ ଲେଖିପାରିବ ।



https://withteachers.in/

## କହିଲ ଦେଖି

ଏଠାରେ ଏକ ଆକର୍ଷଣୀୟ 'ରାସ୍ତା ଖୋଜା' ଖେଳଚିତ୍ର ଦିଆଯାଇଛି । ଏଥିରେ ତିନିଜଣ ଖେଳାଳି ଅଛନ୍ତି । କେଉଁ ଖେଳାଳିଜଣକ ଗୋଲ୍ କରିପାରିବ ? ତାହାର ରାସ୍ତା ତୁମେ ଖୋଜ ।



## ଝରକାରୁ

ତୁମେ ଭାରତର ଜାତୀୟଖେଳ ହକି ବିଷୟରେ ବହୁତ କିଛି କଥା ଜାଣିଗଲଣି । ବର୍ତ୍ତମାନ ଆମେ ହକି ପରି ଅନ୍ୟ ଏକ ଖେଳ ବିଷୟରେ ପଢ଼ିବା, ଯାହାକୁ ତୁମ ପରି ଲକ୍ଷଲକ୍ଷ ପିଲା, ସେମାନଙ୍କ ଗଳି ଏବଂ ଗ୍ରାମରେ ଖେଳନ୍ତି । ଏହି ଖେଳର ନାମ ହେଉଛି-ଦାଣ୍ଡି କିମ୍ବା ଗୋଥା ।



https://withteachers.in/

## ଦାଣ୍ଡି କିମ୍ବା ଗୋଥା

ଏହା ଭିଲ-ଭିଲାଲା ଜନଜାତି ପିଲାଙ୍କ ଖେଳ । ଦାଣ୍ଡି ଓ ଗୋଥା ଶବ୍ଦର ଅର୍ଥ ସମାନ-ଖେଳିବାର ହାତ ବାଡ଼ି । ଯଦି ଦେଖାଯାଏ, ତେବେ ଏହି ଖେଳଟି ଆମର ଜାତୀୟ ଖେଳ ହକି ପରି । ପାର୍ଥକ୍ୟ କେବଳ ଏତିକି ଯେ, ହକିରେ ଗୋଲ୍ କରିବାପାଇଁ ଗୋଲପୋଷ୍ଟ ଥିବାବେଳେ ଏହି ଖେଳରେ ଏପରି କିଛି ଗୋଲପୋଷ୍ଟ ନଥାଏ । ଦ୍ୱିତୀୟ ପାର୍ଥକ୍ୟ ଏହା ଯେ, ଭିଲ-ଭିଲାଲା ଜନଜାତି ପିଲାଙ୍କର ଏହି ଖେଳ ହକି ଅପେକ୍ଷା ଏକଦମ୍ ସାଧାରଣ ଅଟେ । ଏହା ବାଉଁଶରେ ପ୍ରସ୍ତୁତ ହୋଇଥାଏ ।

### ଖେଳ ସାମଗ୍ରୀ

୧. ବାଉଁଶ କାଠିରେ ନିର୍ମିତ ବଲ୍ ଯାହାକୁ 'ଦୁଇତ୍' କୁହାଯାଏ ।

୨. 'ଗୋଥା' ଅର୍ଥାତ୍ ଇଂରାଜୀ ଅକ୍ଷର ଏଲ (L ) ଭଳି ତଳୁ ବଙ୍କା ହୋଇଥିବା ବାଉଁଶ ବାଡ଼ି ।

୩. ପାଉଁଶ (ଏହା ସାହାଯ୍ୟରେ ଖେଳ ପଡ଼ିଆକୁ ଚିହ୍ନିତ କରିବା ଏବଂ ବୃତ୍ତ ମଧ୍ୟରେ ଗୋଟିଏ ଛୋଟ ବୃତ୍ତ ଅଙ୍କନ କରିବା ।)

### କିପରି ଖେଳିବା



୧. ଯେତେ ଚାହିଁବେ ସେତେ ସଂଖ୍ୟକ ଖେଳାଳି ଏହାକୁ ଖେଳିପାରିବେ, କିନ୍ତୁ ଦୁଇଟି ଦଳରେ ଅତି କମ୍‌ରେ ଦୁଇ-ଦୁଇ ଜଣ ଖେଳାଳି ରହିବା ଉଚିତ୍ ।

୨. ଏଥିରେ ପ୍ରଥମେ ଟସ୍ ପକାଯାଏ । ଯେଉଁ ଦଳ ପ୍ରଥମେ ଟସ୍ ଜିତିବ, ସେ ଦଳ ଖେଳ ଆରମ୍ଭ କରିବ ।

୩. ବଲ୍‌କୁ ଛୋଟ ଘେର କିମ୍ବା ବୃତ୍ତ ଭିତରେ ରଖାଯାଏ । ଖେଳ ଆରମ୍ଭ ହେବା ମାତ୍ରେ ଆକ୍ରମଣକାରୀ ଦଳର ଖେଳାଳିମାନେ ବଲ୍‌କୁ ମାରି ଦଳର ବହୁ ଦୂର ଅଞ୍ଚଳକୁନେଇ ଯିବାକୁ ଚେଷ୍ଟା କରନ୍ତି ।

୪. ଦୁଇଟି ଦଳର ଜଣେଜଣେ ଖେଳାଳି ନିଜନିଜ ଦଳର (D) ଉପରେ ଛିଡ଼ା ହୋଇ ରହିବେ । ବଲ୍ ଯେପରି ରେଖା ଅତିକ୍ରମ ନକରେ, ତାହା ନିଶ୍ଚିତ କରିବା ପାଇଁ ସେମାନେ ଚେଷ୍ଟା କରିବେ ।

୫. ଖେଳାଳିମାନେ ଦାଣ୍ଡି କିମ୍ବା ଗୋଥାର ଉଭୟ ପାର୍ଶ୍ୱରୁ ଖେଳିପାରିବେ, କିନ୍ତୁ ଏହି ସୁବିଧା ହକି ଖେଳରେ ନାହିଁ ।

୬. ବାକି ସବୁ ହକି ଖେଳ ସହ ସମାନ । ପ୍ରଶ୍ନ ଉଠେ ଯେ, ଏହି ଖେଳରେ କୌଣସି ଗୋଲପୋଷ୍ଟ ନାହିଁ। ତେଣୁ ଗୋଲ କରିବାର ପ୍ରଶ୍ନ ଉଠୁନାହିଁ, ତେବେ ହାରଜିତ୍‌ର ନିର୍ଣ୍ଣୟ କିପରି କରାଯାଏ ? ଉତ୍ତର



https://withteachers.in/

ଏହା ଯେ, ଯେଉଁ ଦଳ ବଲ୍‌କୁ ଅଧିକରୁ ଅଧିକ ଥର ପ୍ରତିପକ୍ଷ ଦଳର ଅଞ୍ଚଳକୁ ଠେଲି ଦିଏ ସେହି ଦଳ ଅଧିକ ଶକ୍ତିଶାଳୀ ହୋଇଥାଏ ଏବଂ ଶେଷରେ ସେହି ଦଳକୁ ବିଜୟୀ ଘୋଷଣା କରାଯାଏ ।

୭. ଖେଳର ଦୁଇଟି ବିଶେଷ ନିୟମ ଅଛି । ପ୍ରଥମ, ବଲ୍‌କୁ ଶରୀରର କୌଣସି ଅଙ୍ଗ ଦ୍ୱାରା ସ୍ପର୍ଶ ନ କରିବା କିମ୍ବା ନ ଅଟକାଇବା । ଦ୍ୱିତୀୟ, ବଲ୍‌କୁ ଉପରକୁ ନ ମାରିବା କିମ୍ବା ଉପରକୁ ମାରି ସାଥୀ ଖେଳାଳିଙ୍କ ନିକଟକୁ ନ ପଠାଇବା । କିନ୍ତୁ ବାଡ଼ି ସାହାଯ୍ୟରେ ତୁମେ ବଲ୍‌କୁ ଅଟକାଇ ପାରିବା ସହ ମାରିପାରିବ । ପୂର୍ବରୁ ସୂଚିତ ହେବା ପରି, ଯେଉଁଦଳ ମଝିରେଖା ଅତିକ୍ରମ କରି ପ୍ରତିପକ୍ଷ ଦଳର କ୍ଷେତ୍ର ଉପରେ ସର୍ବାଧିକ ଥର ବଲ୍‌କୁ ପ୍ରବେଶ କରାଇପାରେ, ସେହି ଦଳ ବିଜୟୀ ହୁଏ ।

**ବିଶେଷ ସୂଚନା –** ଏହି ଖେଳ ହୋଲିପର୍ବର କିଛିଦିନ ପୂର୍ବରୁ ଖେଳାଯାଏ ।



## ବୁଝ ଓ କର

(କ) ତୁମେ ଏହି ଖେଳର ନିୟମକୁ ଭଲଭାବେ ପଢ଼ିଲ ଏବଂ ବୁଝିଲ । ବର୍ତ୍ତମାନ ତୁମ ସାଙ୍ଗମାନଙ୍କ ସହ 'ଦାଣ୍ଡି' କିମ୍ବା 'ଗୋଆ' ଖେଳଟିକୁ ଖେଳ ।

(ଖ) ତୁମେ ମଧ୍ୟ ତୁମ ବିଦ୍ୟାଳୟ, ଘର କିମ୍ବା ନିଜ ପଡ଼ିଶା ଘରର ସାଙ୍ଗମାନଙ୍କ ସହ ମିଶି ଅନେକ ପ୍ରକାରର ଖେଳ ଖେଳୁଥିବ । ବର୍ତ୍ତମାନ ଏହିପରି ଗୋଟିଏ ଖେଳର ନିୟମ ଲେଖ, ଯେପରି ସେଗୁଡ଼ିକ ପଢ଼ିବା ପରେ ଯେକୌଣସି ପିଲା ସେହି ଖେଳକୁ ବୁଝିପାରିବ ଏବଂ ଖେଳିପାରିବ ।



## ଅନୁସନ୍ଧାନ କରିବା


ନିମ୍ନରେ ହକିଖେଳ, ଅଲମ୍ପିକ ଓ ଧ୍ୟାନଚାନ୍ଦଙ୍କ ବିଷୟ ଆଧାରିତ କିଛି ପ୍ରସଙ୍ଗ ପ୍ରଦାନ କରାଯାଇଛି । ସେ ବିଷୟରେ ପାଠାଗାର, ଇଣ୍ଟରନେଟ୍‌ରୁ ଖୋଜି ପଢ଼ ଓ ଲେଖ ।

- ହକିର ଯାଦୁକର ମେଜର ଧ୍ୟାନଚାନ୍ଦ
- ଅଲମ୍ପିକ
- ମେଜର ଧ୍ୟାନଚାନ୍ଦଙ୍କ ସହ ସାକ୍ଷାତକାର
- ଓଡ଼ିଶାର ହକି ଖେଳାଳି



https://withteachers.in/

# ପର୍ବତାରୋହୀ କଳ୍ପନା ଦାଶ



## ପଠନ ନିମନ୍ତେ

କଳ୍ପନା ଦାଶ ୭ ଜୁଲାଇ ୧୯୬୬ ମସିହାରେ ଢେଙ୍କାନାଳ ଜିଲ୍ଲାର କୁମ୍ଭାରସାହିରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଗୁଣନିଧି ଦାଶ ଓ ମାତା ଶୈଳବାଳା ଦାଶ । ପିଲାଦିନରୁ କଳ୍ପନା ଦାଶ ଜଣେ ମେଧାବୀ ଛାତ୍ରୀ ଥିଲେ । ୧୯୮୮ ମସିହାରେ ଢେଙ୍କାନାଳ ମହିଳା ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ଲାଭ କରିଥିଲେ । ଏହାପରେ ଢେଙ୍କାନାଳ ଆଇନ ମହାବିଦ୍ୟାଳୟରୁ ୧୯୯୧ ମସିହାରେ ଓକିଲାତି ପାଶ୍‌କରି ଜଣେ ଉତ୍ତମ ଆଇନ୍‌ଜୀବୀ ଭାବରେ ଓଡ଼ିଶାରେ ନିଜକୁ ବେଶ୍ ପରିଚିତ କରିପାରିଥିଲେ, ହେଲେ ତାଙ୍କ ଜୀବନର ସ୍ୱପ୍ନ ଥିଲା ସୁଦୂରପ୍ରସାରୀ । ସେଥିପାଇଁ ପରବର୍ତ୍ତୀ ସମୟରେ ସେ ନିଜକୁ ଜଣେ ପର୍ବତ ଆରୋହୀ ଭାବେ ପ୍ରସ୍ତୁତ କରିଥିଲେ ।

କଳ୍ପନା ଦାଶ ପ୍ରଥମ ଥର ୨୦୦୪ ମସିହାରେ ୭୩୦୦ ଫୁଟ୍ ମାଉଣ୍ଟ ଏଭେରେଷ୍ଟ ଆରୋହଣ କରି ପ୍ରତ୍ୟାବର୍ତ୍ତନ କରିଥିଲେ । ପୁନର୍ବାର ୨୦୦୬ ମସିହାରେ ତାହାକୁ ଆରୋହଣପାଇଁ ଚେଷ୍ଟାକରି ଖରାପ ପାଣିପାଗ ହେତୁ ଅସଫଳ ହୋଇଥିଲେ । ଏଥିରେ କଳ୍ପନା କେବେ ହାର ମାନି ନ ଥିଲେ ବରଂ ପୁଣିଥରେ ମାଉଣ୍ଟ ଏଭେରେଷ୍ଟ ଆରୋହଣପାଇଁ ନିଜକୁ ପ୍ରସ୍ତୁତ କରିଥିଲେ । ତାଙ୍କ ସହିତ ଆଉ ପାଞ୍ଚଜଣ ପର୍ବତାରୋହୀ ଏହି ଯାତ୍ରାରେ ଭାଗ ନେଇଥିଲେ । ଶେଷରେ ସେ ୨୧ ମେ ୨୦୦୮ ମସିହାରେ ମାଉଣ୍ଟ ଏଭେରେଷ୍ଟର ସର୍ବୋଚ୍ଚ ଶିଖରରେ ପହଞ୍ଚି ଭାରତର ବିଜୟଧ୍ୱଜାକୁ ଉତ୍ତୋଳନ କରିଥିଲେ ।

କଳ୍ପନା ସମଗ୍ର ବିଶ୍ୱକୁ ପ୍ରମାଣିତ କଲେ ଯେ ଓଡ଼ିଶାର ମହିଳାମାନେ ଦୁଃସାହସିକ କାର୍ଯ୍ୟର ଆହ୍ୱାନକୁ ସମ୍ମୁଖୀନ ହେବାରେ ବେଶ୍ ସିଦ୍ଧହସ୍ତ । ସେ ସର୍ବଦା କହୁଥିଲେ ଯେ ତାଙ୍କ ଅଭିଯାନର ଉଦ୍ଦେଶ୍ୟ ମହିଳାମାନଙ୍କୁ ଦୁଃସାହସିକ କ୍ରୀଡ଼ାରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବା ସହ ବିଶ୍ୱଶାନ୍ତି, ଭାତୃଭାବ ଓ ମହିଳା ସଶକ୍ତୀକରଣର ବାର୍ତ୍ତା ବିସ୍ତାର କରିବା । କଳ୍ପନା ୨୩ ମେ ୨୦୦୯ ମସିହାରେ ପୁଣିଥରେ ମାଉଣ୍ଟ ଏଭେରେଷ୍ଟ ଆରୋହଣ କରୁଥିବା ସମୟରେ ଅସ୍ୱାଭାବିକ ଭିଡ଼ ହେତୁ ଅବତରଣ କଲାବେଳେ ଅସୁସ୍ଥ ହୋଇଯାଇଥିଲେ । କିଛି ସମୟ ପରେ ସେ ମୃତ୍ୟୁବରଣ କରିଥିଲେ ।

(ସଂଗୃହୀତ)





https://withteachers.in/

୩

# ବର୍ଷା

ଜଗନ୍ନାଥ ଦାସ



ଏମନ୍ତ ଗ୍ରୀଷ୍ମକାଳ ଗଲା
ବରଷା ଋତୁ ପ୍ରକାଶିଲା ।।
ସକଳ ଋତୁଙ୍କର ସାର
ଶସ୍ୟ-ସମ୍ପଦ ମଞ୍ଜପୁର ।।
ମେଘେ ମିଳିଲେ ଶୂନ୍ୟପଥେ
ବିଜୁଳି ଶବଦ ସଙ୍ଗତେ ।।
ମହୀ ମଣ୍ଡଳ ଦୁଃଖ ଚାହିଁ ।
ଜଳ ଛାଡ଼ିଲା ତୋଷ ହୋଇ ।।
ଘୋର ଶବଦେ ମେଘମାଳ
ଗର୍ଜିଣ ବରଷନ୍ତି ଜଳ ।।






ପ୍ରାଣୀ-ଜୀବନ ଜଳରାଶି
କରୁଣା ଚିତ୍ତରେ ବରଷି ।।
ପୃଥିବୀ ରବି ତେଜ ଗ୍ରାସେ
ତାପିତ ଥିଲା ଅଷ୍ଟମାସେ ।।
ଜଳ ପାଇଲା ତୋଷଚିତ୍ତେ
ତପସ୍ୱୀ ଜନଙ୍କର ମତେ ।।
ତପସ୍ୟା ଫଳ ଯେହ୍ନେ ପାଇ ।
ଭୁଞ୍ଜନ୍ତି ଅତି ସୁଖୀ ହୋଇ ।।

https://withteachers.in/



ଖଦ୍ୟୋତ କୀଟ ନିଶାମୁଖେ
ଜଗତ ଆବୋରିଲେ ସୁଖେ ।।
ମଣ୍ଡୂକେ ମେଘ ନାଦ ଶୁଣି
ଗର୍ଜନ୍ତି ଆବୋରିଣ ପାଣି ।।
ଅଳପ ନଦୀଏ ପୂରିଲେ
ଲହରି ମତେ ଉଛୁଳିଲେ ।।

ନାନା ପ୍ରକାରେ ଶସ୍ୟରାଶି
ଏଣେ ପୂରିତ ମହୀ ଦିଶି ।।
ଛତୁ ଯେ ଛତ୍ର ପ୍ରାୟ ହୋଇ
ରାଜାର ପ୍ରାୟ ଦିଶେ ମହୀ ।।



ମୟୂରେ ଗିରି ଶିଖେ ଥାଇ
ନୃତ୍ୟ କରନ୍ତି ମେଘେ ଚାହିଁ ।।
ଅତିଥି ଦେଖି ଭକ୍ତ ଜନେ
ଯେସନେ ତୋଷ ହୁଅନ୍ତି ମନେ ।।



https://withteachers.in/

# କବି ପରିଚୟ



ଅତିବଡ଼ି ଜଗନ୍ନାଥ ଦାସ (ପଞ୍ଚଦଶ ଶତାବ୍ଦୀ) ପୁରୀ ଜିଲ୍ଲାର କପିଳେଶ୍ୱରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ରଚିତ ଓଡ଼ିଆ ଭାଗବତ ଏକ ପବିତ୍ର ଗ୍ରନ୍ଥ । ବର୍ଷା କବିତାଟି ଓଡ଼ିଆ ଭାଗବତର ଦଶମ ସ୍କନ୍ଧ ଏକବିଂଶ ଅଧ୍ୟାୟରୁ ଆନୀତ ।

ପ୍ରକୃତି ଜୀବଜଗତର ଆବଶ୍ୟକତା ତଥା ଦୁଃଖକଷ୍ଟକୁ ଦୂର କରିବାପାଇଁ ସର୍ବଦା ତତ୍ପର । ଏହି କଥାଟି ବର୍ଷା କବିତାରେ ବର୍ଣ୍ଣିତ ।

## ପାଠ ଅନ୍ତର୍ଗତ

### ମୋ ବୁଝିବାରେ

(କ) ନିମ୍ନରେ ଦିଆଯାଇଥିବା ପ୍ରଶ୍ନର ଠିକ୍ ଉତ୍ତର ପାଖରେ ତାରା ଚିହ୍ନ (*) ଦିଅ ।

୧. କବିତାରେ "ମେଘେ ମିଳିଲେ ଶୂନ୍ୟପଥେ" କେଉଁ ପଥ ପାଇଁ କୁହାଯାଇଛି ?

(କ) ରାଜପଥ ☐ (ଗ) ଜଳପଥ ☐

(ଖ) ସଡ଼କପଥ ☐ (ଘ) ଆକାଶପଥ ☐

୨. ପୃଥିବୀ ରବି ତେଜ ଗ୍ରାସେ
ତାପିତ ଥିଲା ଅଷ୍ଟମାସେ ।

ଏଠାରେ 'ତାପିତ' ଶବ୍ଦଟି କେଉଁ ଅର୍ଥରେ ବ୍ୟବହାର ହୋଇଛି ?

(କ) ଶୀତଳ ☐ (ଗ) ଓଦା ☐

(ଖ) ଗରମ ☐ (ଘ) ନରମ ☐

୩. ତୁମେ ଏହି ଉତ୍ତରଗୁଡ଼ିକ କାହିଁକି ବାଛିଲ, ତା'ର କାରଣ ସାଙ୍ଗମାନଙ୍କ ସହ ଆଲୋଚନା କର ।



https://withteachers.in/

## ମିଳିମିଶି ଯୋଡ଼ିବା

କବିତା ମଧ୍ୟରୁ କେତୋଟି ପଦ ନିମ୍ନରେ ଦିଆଯାଇଛି । ସେମାନଙ୍କ ମଧ୍ୟରେ ରେଖାଙ୍କିତ ପଦଗୁଡ଼ିକର ଡାହାଣ ପାଖରେ ଭାବାର୍ଥ ମଧ୍ୟ ଦର୍ଶାଯାଇଛି । ରେଖାଙ୍କିତ ଶବ୍ଦକୁ ଭାବାର୍ଥ ସହ ଗାରଟାଣି ଯୋଡ଼ ।

| କବିତାର ପଦ ସମୂହ | ରେଖାଙ୍କିତ ଶବ୍ଦର ଭାବାର୍ଥ |
|---|---|
| ୧. ଜଳ ପାଇଲା <u>ତୋଷଚିତ୍ତେ</u><br>ତପସ୍ୱୀ ଜନଙ୍କର ମତେ ।। | ସଂଧ୍ୟା ସମୟରେ |
| ୨. ଅଦ୍ୟୋତ କୀଟ <u>ନିଶାମୁଖେ</u><br>ଜଗତ ଆବୋରିଲେ ସୁଖେ ।। | ସନ୍ତୋଷ ମନରେ |
| ୩. ଛତୁ ଯେ <u>ଛତ୍ର ପ୍ରାୟ</u> ହୋଇ,<br>ରାଜାର ପ୍ରାୟ ଦିଶେ ମହୀ ।। | ସାଧୁ ବ୍ୟକ୍ତିମାନେ |
| ୪. ଅତିଥି ଦେଖି <u>ଭକ୍ତ ଜନେ</u><br>ଯେସନ ତୋଷ ହୁଅନ୍ତି ମନେ ।। | ଛତା ଭଳି |

## ପଦ୍ୟାଂଶ ଉପରେ ଆଲୋଚନା

ପ୍ରଦତ୍ତ ପଦ୍ୟାଂଶ ପାଠ କରି ଦଳଗତ ଆଲୋଚନା କର । ଏଗୁଡ଼ିକର ସାରାଂଶକୁ ନିଜ ଭାଷାରେ ଲେଖ ।

କ. ମହୀମଣ୍ଡଳ ଦୁଃଖ ଚାହିଁ
ଜଳ ଛାଡ଼ିଲା ତୋଷ ହୋଇ ।।

ଖ. ଅଳପ ନଦୀଏ ପୂରିଲେ
ଲହରି ମତେ ଉଛୁଳିଲେ ।୧ ।

ଗ. ଛତୁ ଯେ ଛତ୍ର ପ୍ରାୟ ହୋଇ
ରାଜାର ପ୍ରାୟ ଦିଶେ ମହୀ ।।



https://withteachers.in/



## ଚିନ୍ତା କରିବା

କବିତାଟିକୁ ପୁଣିଥରେ ପଢ଼ି ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) ମେଘମାଳ କିପରି ଭାବରେ ଜଳ ବର୍ଷା କଲେ ?

(ଖ) ବର୍ଷାଋତୁକୁ ସକଳ ଋତୁଙ୍କର ସାର ବୋଲି କବି କାହିଁକି କହିଛନ୍ତି ?

(ଗ) କବି ପୃଥିବୀକୁ ରାଜା ଭାବେ ବର୍ଣ୍ଣନା କରିବାର କାରଣ କ'ଣ ?



## କବିତା ରଚନାଶୈଳୀ

"ଛତୁ ଯେ ଛତ୍ର ପ୍ରାୟ ହୋଇ

ରାଜାର ପ୍ରାୟ ଦିଶେ ମହୀ"

ଏହି ପଦଟିର ସାଧାରଣ ଅର୍ଥ ହେଲା, ଛତୁ ଛତା ଭଳି ଏବଂ ପୃଥିବୀ ରାଜା ଭଳି ଦେଖାଯାଉଛି । କିନ୍ତୁ ଏହାର ଭାବାର୍ଥ ଏହିପରି ହେବ ରାଜା ଯେତେବେଳେ ଭ୍ରମଣରେ ବାହାରନ୍ତି, ସେତେବେଳେ ତାଙ୍କର ଆଗରେ ଆଲଟଚାମର ସହ ଛତ୍ରଛତ୍ରୀ (ପାଟଛତା) ଛାୟା ପ୍ରଦାନ ନିମନ୍ତେ ଧରାଯାଇଥାଏ । ବର୍ଷାଋତୁରେ ପୃଥିବୀ ପୃଷ୍ଠରେ ଅନେକ ପ୍ରକାର ଛତୁ ଫୁଟିଥାଏ । ସେହି ଛତୁଗୁଡିକ ସତେ ଯେମିତି ଛତାଭଳି ରାଜାଙ୍କୁ ଛାୟା ପ୍ରଦାନ କରୁଛି ବୋଲି କବି ବର୍ଣ୍ଣନା କରିଛନ୍ତି । ଏହିଭଳି ବର୍ଣ୍ଣନା କବିତାର ସୌନ୍ଦର୍ଯ୍ୟ ବଢ଼ାଇବା ସହିତ ଆନନ୍ଦ ପ୍ରଦାନ କରିଥାଏ । ସେହିଭଳି ପଦଗୁଡ଼ିକୁ କବିତାରୁ ବାଛ ଏବଂ ତା'ଉପରେ ଆଲୋଚନା କର ।



## ଶବ୍ଦ ଏକ ଅର୍ଥ ଅନେକ

"ଘୋର ଶବଦେ ମେଘମାଳ

ଗର୍ଜିଣ ବରଷନ୍ତି ଜଳ ।।"

ପଦଟିରେ ଜଳ ବରଷିବା କଥା କୁହାଯାଇଛି । 'ବରଷିବା' ଶବ୍ଦରେ ଅନେକ ସ୍ଥାନରେ ଭିନ୍ନଭିନ୍ନ ରୂପରେ ବ୍ୟବହାର ହୋଇପାରେ । ଯେମିତିକି ଧନ ବରଷିବା, ଅର୍ଥ ପ୍ରଚୁର ଧନ ପ୍ରାପ୍ତ ହେବା ।

ଫୁଲ ବରଷିବା ଅର୍ଥ – ପ୍ରଚୁର ଫୁଲ ଉପରେ ପଡ଼ିବା ।

ସେହିଭଳି 'ବରଷିବା' ଶବ୍ଦକୁ ଅନ୍ୟ କେଉଁ ପ୍ରକାରରେ ବ୍ୟବହାର କରିହେବ, ଚିନ୍ତା କରି କେତୋଟି ବାକ୍ୟ ଲେଖ ।



https://withteachers.in/

## ଅନେକ ଶବ୍ଦପାଇଁ ଏକ ଶବ୍ଦ

"ମଣ୍ଡୁକେ ମେଘ ନାଦ ଶୁଣି
ଗର୍ଜନ୍ତି ଆବୋରିଣ ପାଣି"

କବିତାରେ ଦିଆଯାଇଥିବା ପାଣି ଶବ୍ଦଟିର ଅର୍ଥ 'ଜଳ' । ପାଣିର ଅନ୍ୟ ଏକ ଅର୍ଥ - 'ହାତ' । ଏହିଭଳି ଅନେକ ଅର୍ଥପାଇଁ କବିତାରେ ଗୋଟିଏ ଶବ୍ଦ ବ୍ୟବହାର ହୋଇଥାଏ । ଏହାକୁ ଭିନ୍ନାର୍ଥବୋଧକ ଶବ୍ଦ କୁହାଯାଏ । ଏହିଭଳି ଶବ୍ଦଗୁଡ଼ିକ ନିଜ ମନରୁ ବା ଶିକ୍ଷକଙ୍କଠାରୁ ବୁଝି ଲେଖ ।

## ଅକ୍ଷର ସାରଣୀ

ଅକ୍ଷର ସାରଣୀରୁ ଶବ୍ଦ ଖୋଜି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

କ) ମୟୂର କାହାକୁ ଦେଖି ନାଚେ ?

(ଖ) କବିତାରେ କାହାକୁ ରାଜା ବୋଲି କୁହାଯାଇଛି ?

(ଗ) ଖଦ୍ୟୋତ କେତେବେଳେ ଉଡ଼ିବୁଲେ ?

(ଘ) ମେଘମାନେ କେଉଁଠି ମିଳିତ ହୁଅନ୍ତି ?

(ଙ) "ଗର୍ଜନ୍ତି ଆବୋରିଣ ପାଣି ।"
ଏଠାରେ କିଏ ଗର୍ଜିବା କଥା କୁହାଯାଇଛି ?

| | | | |
|---|---|---|---|
| ଶୂ | ନ୍ୟ | ପ | ଥେ |
| ଖ | ମେ | ଘ | ମ |
| ଦ୍ୟୋ | ଗି | ରି | ହୀ |
| ତ | ମ | ଣ୍ଡୂ | କେ |
| ନି | ଶା | ମୁ | ଖେ |

## କିଏ ଅଲଗା

ପ୍ରତ୍ୟେକ ଧାଡ଼ିରେ ତିନୋଟି ଏକ ଜାତୀୟ ଶବ୍ଦସହ ଗୋଟିଏ ଭିନ୍ନ ଜାତିର ଶବ୍ଦ ମିଶି ରହିଛି ।
ଭିନ୍ନ ଜାତୀୟ ଶବ୍ଦଟିକୁ ଅଲଗା କରି ଲେଖ ।

- ବର୍ଷା, ବିଜୁଳି, ଗିରିଶିଖ, ପବନ
- ମଣ୍ଡୂକ, ମୟୂର, ଖଦ୍ୟୋତ, ଛତୁ
- ଗ୍ରୀଷ୍ମକାଳ, ବର୍ଷାକାଳ, ଅତୀତକାଳ, ବସନ୍ତକାଳ



https://withteachers.in/

# ପାଠ ବାହାରୁ



## ତୁମକଥା

ବର୍ଷାକୁ ନେଇ ବିଭିନ୍ନ ଲୋକଙ୍କ ଭିନ୍ନ ଭିନ୍ନ ଅନୁଭବ ଥାଏ ।


- ବର୍ଷା ଆସିଲେ ତୁମକୁ କେମିତି ଲାଗେ ?
- କେଉଁ ଋତୁଟି ଅଧିକ ଭଲଲାଗେ ?
- ସେହି ଋତୁଟି ତୁମକୁ କାହିଁକି ପସନ୍ଦ ଲାଗେ ?




## ସମାଚାର ମାଧ୍ୟମରେ

ପ୍ରତ୍ୟେକ ପାଣିପାଗ ଖବର ବିଭିନ୍ନ ଗଣମାଧ୍ୟମରେ (ଯଥା-ଖବରକାଗଜ, ଟେଲିଭିଜନ, ସାମାଜିକ ଗଣମାଧ୍ୟମ ଆଦିରେ) ମୁଖ୍ୟଖବର ଭାବରେ ପ୍ରସାରିତ ହୋଇଥାଏ । ସମ୍ବାଦଦାତା ବନ୍ୟା, ବାତ୍ୟା, ଶୀତ, ବର୍ଷା, ଗ୍ରୀଷ୍ମପ୍ରବାହ ଇତ୍ୟାଦି ସମ୍ବାଦ ପରିବେଷଣ କରିଥାନ୍ତି ।

ସେହିଭଳି ତୁମେ ସମ୍ବାଦଦାତା ହୋଇ ସମ୍ବାଦ ଲେଖିପାରିବ । ସେଥିପାଇଁ ତୁମେ ଅନୁଭବ କରିଥିବା ବା ଦେଖିଥିବା ଅତ୍ୟଧିକ ଗରମ, ଥଣ୍ଡା, ବର୍ଷା ତଥା ଆଜିର ଖବରକୁ ପ୍ରସ୍ତୁତ କରି ଶ୍ରେଣୀରେ ଆଲୋଚନା କର । ବର୍ଷା ଓ ବାତ୍ୟାର ଖବର ପ୍ରସ୍ତୁତ କରି ପାଠ କର ।



## ସର୍ଜନା



ଉପରେ ଦିଆଯାଇଥିବା ଚିତ୍ରଟିକୁ ଧ୍ୟାନ ଦେଇ ଦେଖ । ଚିତ୍ରଟିର ନାମ ଦିଅ ।



https://withteachers.in/



## ଏସବୁକୁ ବି ଜାଣ

ତୁମ ଅଞ୍ଚଳରେ ବିଭିନ୍ନ ବାଦ୍ୟଯନ୍ତ୍ର ଭିନ୍ନଭିନ୍ନ ସମୟରେ ବଜାଯାଇଥାଏ । ସେଥିରୁ ଦୁଇ ତିନୋଟି ବାଦ୍ୟଯନ୍ତ୍ର ବିଷୟରେ (କେଉଁଥିରେ ତିଆରି, କେତେବେଳେ ବଜାଯାଇଥାଏ, କିଭଳି ଶବ୍ଦ କରେ ଇତ୍ୟାଦି) ତୁମ ଖାତାରେ ଲେଖ ।





## ଅନୁସନ୍ଧାନ କରିବା

ତୁମ ଅଞ୍ଚଳରେ ବର୍ଷାଋତୁରେ କି ଦୃଶ୍ୟ ଦେଖିବାକୁ ମିଳେ, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।



## ଇନ୍ଦ୍ରଧନୁ ଆଙ୍କିବା

ବର୍ଷାଜଳ କେବଳ ଜୀବଜଗତକୁ ସନ୍ତୁଷ୍ଟ କରେ ନାହିଁ । ବରଂ ପୃଥିବୀମାତାକୁ ଶସ୍ୟଶ୍ୟାମଳ କରେ । ଏହି ଋତୁ କବି, ଭାବୁକ, ଚିତ୍ରକରଙ୍କ ମନରେ ପ୍ରସନ୍ନତା ଭରିଦିଏ ।

ବର୍ଷା ବିନ୍ଦୁରେ ସୂର୍ଯ୍ୟକିରଣ ପଡ଼ିଲେ ଇନ୍ଦ୍ରଧନୁ ସୃଷ୍ଟିହୁଏ । ତୁମେ ସେହିଭଳି ଗୋଟିଏ ଇନ୍ଦ୍ରଧନୁର ଛବି ଆଙ୍କି କବିତାଟିଏ ଲେଖ ଓ ତା'ର ନାମକରଣ କର ।



https://withteachers.in/

ଝରକାରୁ

## ବିନ୍ଦୁ ବିନ୍ଦୁ ପାଣି

ବିନ୍ଦୁ ବିନ୍ଦୁ ପାଣି ମିଶି
ହୁଏ ବଡ଼ ସାଗର ।
ବିନ୍ଦୁ ବିନ୍ଦୁ ପାଣିପାଇଁ
ଜୀବ ରହେ ଆମର ।
ବିନ୍ଦୁ ବିନ୍ଦୁ ପାଣି ଯାଇ
ମେଘମାଳା ଗଢ଼ଇ,
ବିନ୍ଦୁ ବିନ୍ଦୁ ପାଣି ପାଇ
ଗଛ ବଡ଼ ହୁଅଇ ।
ବିନ୍ଦୁ ବିନ୍ଦୁ ପାଣି ଯେବେ
ଆଜି ଆମେ ସଞ୍ଚିବା,
ସାରା ଜୀବନ ଆମେରେ
ଖୁସି ମନେ ବଞ୍ଚିବା ।
ବିନ୍ଦୁରେ ହୁଅଇ ସିନ୍ଧୁ
ଯେବେ ସବୁ ବୁଝିବେ,
ଜଳ ଟୋପାଏ ପାଇଁକି
ମନ ଦେଇ ଯୁଝିବେ ।

ପାଠାଗାର ବା ଇଣ୍ଟରନେଟ୍‌ରୁ ସଂଗ୍ରହ କରି ଏହିପରି କବିତାଗୁଡ଼ିକ ପଢ଼ ଓ ସାଙ୍ଗମାନଙ୍କ ସହ ଆଲୋଚନା କର ।






https://withteachers.in/

୪



# ଠକି ବସିଲେ ଠକିଯିବ

ଗୋଟିଏ ଗାଆଁରେ ଆଈ ନାତୁଣୀ ହୋଇ ଦି’ଜଣ ଥାଆନ୍ତି । ସେମାନେ ଭାରି ଦୁଃଖରେ ଚଳୁଥାନ୍ତି । ସେମାନେ ଆଗେ ବଡ଼ ଧନୀ ଥିଲେ । ବେପାର ବଣିଜ କରି ବୁଢ଼ୀର ପୁଅମାନେ କୋଟିକୋଟି ଟଙ୍କା ରୋଜଗାର କରୁଥିଲେ । ସୁନାଥାଳିରେ ଖାଉଥିଲେ । ଘରେ ଘିଅମହୁ ବୋହି ଯାଉଥିଲା । କିନ୍ତୁ ସବୁଦିନ ତ ସମାନ ଯାଏନି । ଦିନ ବଦଳିଗଲା । କିଏ କୁଆଡ଼େ ମରିହଜି ଗଲେ । ସମ୍ପତ୍ତିବାଡ଼ି ସବୁ ବୁଡ଼ିଗଲା । ଏବେ ଘରେ ଲୋକ ବୋଲି ଦି’ଜଣ । ତଥାପି ଦି’ବେଳା ଦି’ମୁଠା ଖାଇବାକୁ ପାଆନ୍ତିନି । ବିକିଭାଙ୍ଗି ଖାଉଖାଉ ଘରର ସବୁ ସରିଯାଇଥାଏ ।



https://withteachers.in/

ଦିନକର କଥା । ଆଈ ନାତୁଣୀ ବସି ଗଲାକଥା ଭାବୁଛନ୍ତି, ଏତିକିବେଳେ ସାହିରେ ବାସନବେପାରୀ ଡାକ ପକାଇଲା, -'କଂସା ପିତଳ ବାସନ ବିକ୍ରି ବଦଳ' । କଥା କ'ଣ କି, ସେଦିନ ନଈ ସେପାରି ସହରରୁ ଦି'ଜଣ ବାସନବେପାରୀ ସେ' ଗାଆଁକୁ ଆସିଥିଲେ । ଗାଆଁ ମୁଣ୍ଡରେ ଓହ୍ଲାଇ ସେମାନେ ଠିକ୍ କରିଥିଲେ ଯେ ଜଣେ ଯେଉଁ ସାହିରେ ବାସନ ବିକୁଥିବ, ଆରଜଣକ ସେ' ସାହିକୁ ସେତେବେଳେ ଯିବନି । ସେ ଭିତରୁ ଜଣେ ବଡ଼ ଚୋଠା ଲୋକ ଥାଏ । ସେ ପ୍ରଥମେ ଏହି ଆଈ-ନାତୁଣୀଙ୍କ ସାହିକୁ ବାସନ ବିକି ଆସିଥାଏ ।


ବାସନବାଲାର ଡାକ ଶୁଣି ଆଈନାତୁଣୀ ତାକୁ ଘରକୁ ଡାକିଲେ । ତାଙ୍କ ଘରେ କେଉଁ କାଳରୁ ଗୋଟିଏ ପୁରୁଣା ଫଟା ଥାଳି ଥାଏ । କାମରେ ନ ଲାଗି ସେ ଖଣ୍ଡିକ ଇମିତି କଳାକୋତରା ହୋଇ ଯାଇଥାଏ ଯେ କଂସା କି ପିତଳ, କି ଅନ୍ୟ କିଛି ଜମା ବାରି ହେଉ ନ ଥାଏ । ବୁଢ଼ୀ ବାସନବାଲା ହାତକୁ ସେହି ଫଟା ଥାଳିଟି ବଢ଼ାଇ ଦେଲା । କହିଲା,- 'ବାପ, ଏ ଖଣ୍ଡିକ ତ କାମରେ ଲାଗୁନି, ତମେ ପୁରୁଣା ବାସନ ଦାମ୍‌ରେ କିଣିନିଅ' ।

ବାସନବାଲା ପଚାରିଲା,-'ଆହେ, ଏଇଟା କଂସା ନା ପିତଳ' ?

ନାତୁଣୀ କହିଲା, -'ତମେ ଦେଖୁନା, ଯାହା ହେଇଥିବ, ସେହି ଦାମ୍ ଦେବ' ।

ବାସନବାଲା ତା' ଛେଣି ମୁନରେ ଥାଳି ପଛଟା ରାମ୍ପିଦେଲା । ଥାଳିର ଝଟକ ଦେଖିଦେଇ ତା' ଆଖି ଝଲସି ଉଠିଲା । ସେ ମନେମନେ କହିଲା, ଏ ଜିନିଷ ଯାଙ୍କ ଘରେ !! ଯଦି ମାରିନେଇଯିବି, ମୋ ଭାଗ୍ୟ ବଦଳିଯିବ । ଏପରି ଭାବି ସେ କହିଲା, -'ହେଃ ! ଏଇଟା ଗୋଟେ ଚିଜରେ ଚିଜ ! ଯାକୁ ପୁଣି ମୂଲେଇବି ? ଟଙ୍କାଏ ମସାଏ ହେଲେ ବେଶୀ ହୋଇଗଲା' । ବୁଢ଼ୀ ପଚାରିଲା, -'ଜମାରୁ ଟଙ୍କେ' ?

ବେପାରୀ କହିଲା, -'ଟଙ୍କାକୁ ବି ମହରଗ' ।



ପ୍ରାୟଶ୍ଚିତ୍ତ



https://withteachers.in/

ବୁଢ଼ୀ କହିଲା, -'ତା'ହେଲେ ଆମ ଜିନିଷ ଥାଉ, ତୁମେ ଯାଅ । ଟଙ୍କେ ମସେରେ ମୁଁ ଥାଳି ପଟେ ବିକି ପାରିବିନି' ।

ବେପାରୀ ଡର ଦେଖାଇ ଚାଲିଗଲା । ଭାବିଲା ଆଉ ସାହିରୁ ବୁଲିଆସିଲେ ସେ ଆଈ ନାତୁଣୀଙ୍କୁ ପାଲରେ ପକାଇଦେବ । କିନ୍ତୁ ସେ ଚାଲିଯିବା ପରେ ପରେ ସେ ସାହିକୁ ଆଉ ବେପାରୀ ଜଣକ ଚାଲିଆସିଲା । ତା ଡାକ ଶୁଣି ଏ ଆଈନାତୁଣୀ ତାକୁ ମଧ୍ୟ ଥାଳିଟି ଦେଖାଇଲେ । ସେ ଥାଳିଟି ପରୀକ୍ଷା କରି କହିଲା, -'ମାଉସୀ ଏ ଚିଜ କିଣିବାକୁ ମୋ ପାଖରେ ଧନ କାହିଁ' ?


ବୁଢ଼ୀ ପଚାରିଲା, -'କି ବା ଚିଜଟାଏ ଯେ ଏ କଥା କହୁଛ' ?


ବେପାରୀ କହିଲା, -'ମାଉସୀ, ତୁମେ ଜାଣିନା ? ଏ ପଟକ ପରା ଖାଣ୍ଟି ସୁନା । ଯା ଦାମ୍ ଲକ୍ଷେ ଟଙ୍କା ହେବ । ମୋ ପାଣ୍ଠିପତ୍ର ସବୁ ମିଶିଲେ ଟଙ୍କା ପାଞ୍ଚହଜାର ହେବନି' ।

ନାତୁଣୀ ପଚାରିଲା, -'ସତରେ ଖାଣ୍ଟି ସୁନା ! ଇଙ୍ଗିତ କରୁନା ତ' ?

ବେପାରୀ କହିଲା, -'ସତ କହୁଛି, ଖାଣ୍ଟି ସୁନା । ତୁମେ ଏ ଥାଳି କେଉଁଠୁ ପାଇଲ' ?

ବୁଢ଼ୀ ଏଥର ତା'ର ଗଲା ଦିନର କଥା କହିଗଲା । ସବୁ ଶୁଣି ବେପାରୀ ଆଖିରୁ ଲୁହ ଝରିପଡ଼ିଲା । ସେ ଯିବାକୁ ଉଠିବାରୁ ବୁଢ଼ୀ ତା'ହାତ ଧରି ପକାଇଲା । କହିଲା, -'ବାପ, ତୁମେ ଯେଉଁ ସତ ପଦକ କହିଲ, ସେ ପଦକ ଲକ୍ଷେ । ଯେତିକି ପାରୁଛ, ସେତିକି ଦେଇ ତୁମେ ଏ ଥାଳି ନେଇଯାଅ' ।





ବେପାରୀ ତା'ର ଟଙ୍କା ପଇସା, ବାସନକୁସନ ସବୁ ବୁଢ଼ୀକୁ ଦେଇଦେଲା । କହିଲା, -'ମାଉସୀ, ମୋ ପାଖରେ ତ ଆଉ ନାହିଁ । ଏତିକି ରଖିଥାଅ, ବାକି ଟଙ୍କା ମୁଁ ପରେ ଆଣି ଦେବି' ।

ବୁଢ଼ୀ ଭାରି ଖୁସି ହୋଇଗଲା । ବେପାରୀ ଥାଳିଟି ଧରି ନଈକୂଳକୁ ଚାଲିଗଲା । ସେଠାରୁ ଡଙ୍ଗା ଧରି ତା'ର ନିଜ ଜାଗାକୁ ଯିବାକଥା ।

କିଛି ସମୟ ପରେ ଆଗର ଚୋଠାବେପାରୀ ଜଣକ ପୁଣି ଥରେ ସେ ସାହିକୁ ଆସିଲା । ତା'ର ତ ସୁନାଥାଳି ଖଣ୍ଡକ ମାରିନେବାକୁ ମନ । ସେ ଆସି ବୁଢ଼ୀ ଦୁଆରେ ପହଞ୍ଚିଗଲା । ଆଇନାତୁଣୀଙ୍କୁ ଡାକି ସେ କହିଲା, -'ମୋର ଫେରିବାବେଳ ହୋଇଗଲା । କାହିଁ ସେ ଥାଳିଟି ବିକିବ ପରା ? ଶୀଘ୍ର ଆଣ ସେପଟେ ଡଙ୍ଗା ଛାଡ଼ିଦେବ' ।

ବୁଢ଼ୀ କହିଲା, -'ତୁମେ ତ ମୋତେ ଟଙ୍କେ ମସେ ଦେବାକୁ କହିଲ' ।

ବେପାରୀ କହିଲା, -'ଆହେ ଟଙ୍କେ ନ ହେଲେ, ଦି'ଟଙ୍କା ନବ । ଆଣ' ।

ନାତୁଣୀ କହିଲା, -'ମୋତେ ଦି'ଟଙ୍କା' ?

ବେପାରୀ କହିଲା, -'ନ ହେଲେ ପାଞ୍ଚଟଙ୍କା ନବ । ଆଉ କଣ ? ଶୀଘ୍ର ଆଣ' ।

ବୁଢ଼ୀ କହିଲା, -'ମୋତେ ପାଞ୍ଚଟଙ୍କା' ?



https://withteachers.in/



ବେପାରୀ କହିଲା, –'ନ ହେଲେ ଦଶଟଙ୍କା ନବ । ଆଣିଲ, ମୁଁ ଯାଏଁ' ।

ଏପରି ବଢ଼ିବଢ଼ି ବେପାରୀ ଶହେଟଙ୍କା ଯାଏ ବଢ଼ିଗଲା । ପଡ଼ିଶାଲୋକେ ଏ ଦର ହଙ୍କାହଙ୍କିର ଅର୍ଥ ବୁଝିପାରିଲେ ନାହିଁ । ସେମାନେ ପଚାରିବାରୁ ବୁଢ଼ୀ ସବୁକଥା ବୁଝାଇଦେଇ ଶୁଣାଇଦେଲା ଯେ ଥାଳିଟି ଆର ବାସନ–ବେପାରୀ କିଣି ନେଇଗଲାଣି । ସେ କଥା ଶୁଣି ଏ ବାସନ–ବେପାରୀ ପାଟି କରି ଉଠିଲା, ଏଁ ! ମୁଁ ମୂଲେଇଥିବା ଥାଳି ସେ କିପରି ନେଇଗଲା ? ଏପରି ପାଟିକରି ସେ ନଈକୂଳକୁ ଧାଇଁଲା ।

କିନ୍ତୁ ସେ ଗଲାବେଳକୁ ଘାଟରୁ ଡଙ୍ଗା ଛାଡ଼ି ଯାଇ ମଝିନଈରେ ହେଲାଣି । ବିଚରା ହା ହତାଶ ହୋଇ ଚାହିଁ ରହିଲା । ଅନେକ ସମୟ ପରେ ତା' ପାଟିରୁ ବାହାରି ପଡ଼ିଲା, –

'ଯେ ଚାହେଁ ପରକୁ ଠକିବ
ଶେଷରେ ନିଜେ ଠକିଯିବ' ।





https://withteachers.in/

# ଲେଖକ ପରିଚୟ

'ଠକି ବସିଲେ ଠକିଯିବ' କାହାଣୀଟି ବଂଶୀଧର ଦାଶଙ୍କ ଦ୍ୱାରା ସଂଗୃହୀତ । ଏହି ଗଳ୍ପଟି "ଜାତକ କଥା" ଗଳ୍ପ ସଂକଳନରୁ ଆସିଅଛି । ଅନ୍ୟକୁ ଠକିବାକୁ ଚେଷ୍ଟା କଲେ ନିଜର କିପରି କ୍ଷତି ହୁଏ, ସେହି ବିଷୟରେ ବର୍ଣ୍ଣନା କରାଯାଇଛି ।

## ପାଠ ଅନ୍ତର୍ଗତ

### ମୋ ବୁଝିବାରେ

(କ) ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ତାରା ଚିହ୍ନ ( ★ ) ଦିଅ ।

୧. "ଘରେ ଘିଅମହୁ ବୋହି ଯାଉଥିଲା,"–ଏହାର ଅର୍ଥ କ'ଣ ?

- ଘରେ ଅଧିକ ଘିଅମହୁ ଥିଲା । ☐
- ଘରେ ଧନସଂପଦ ପରିପୂର୍ଣ୍ଣ ଥିଲା । ☐
- ଘର ଲୋକମାନଙ୍କର ଘିଅମହୁ ବ୍ୟବସାୟ ଥିଲା । ☐
- ଘର ଲୋକମାନେ ନିର୍ଦ୍ଧନ ଥିଲେ । ☐

(୨) "ଏଁ ! ମୁଁ ମୂଲେଇଥିବା ଥାଳିଟି ସେ କିପରି ନେଇଗଲା" –ପ୍ରଥମ ବାସନ ବେପାରୀ ପାଟିକରିଉଠିଲା କାରଣ ସେ ଜାଣିଥିଲା ଯେ –

- ଥାଳିର ମୂଲ୍ୟ ବହୁତ ଅଧିକ । ☐
- ଥାଳିର ମୂଲ୍ୟ କମ୍ । ☐
- ଥାଳିଟି ଲୋଚାକୋଚା ଓ ଫଟା । ☐
- ଥାଳିଟି ଆଉ କେହି ନେବେ ନାହିଁ । ☐

(ଖ) ତୁମେ ଉକ୍ତ ଉତ୍ତରଗୁଡ଼ିକ କାହିଁକି ବାଛିଲ, କାରଣ ସମ୍ପର୍କରେ ସାଙ୍ଗମାନଙ୍କ ସହ ଆଲୋଚନା କର ।



https://withteachers.in/




## ଶୀର୍ଷକ

(କ) ତୁମେ ଯେଉଁ କାହାଣୀଟି ପଢ଼ିଲ ତାହାର ନାମ 'ଠକି ବସିଲେ ଠକି ଯିବ' ବୋଲି ଦିଆଯାଇଛି । କାହାଣୀଟିର ନାମ ଏପରି କାହିଁକି ଦିଆଗଲା ଦଳରେ ଆଲୋଚନା କରି ତାହାର କାରଣ ଲେଖ ।

(ଖ) ଯଦି ତୁମେ ଏହାର ଅନ୍ୟ ଗୋଟିଏ ନାମ ଦେବାକୁ ଚାହିଁବ, ତେବେ ତାହା କ'ଣ ହେବ ବୋଲି ଭାବୁଛ ? ଏପରି ଶୀର୍ଷକ ବାଛିବାର କାରଣ କ'ଣ କୁହ ।

(ଗ) ବାସନବେପାରୀଟି ପ୍ରଥମଥର ଆସି ଥାଳିଟିକୁ କମ୍ ଦରରେ ନେବାକୁ ଚେଷ୍ଟା କରିଥିଲା । ଯେତେବେଳେ ସେ ପୁଣିଥରେ ଥାଳିଟି ନେବାକୁ ଆସିଲା ତା'ର ଦର କାହିଁକି ବଢ଼ାଇ ଚାଲିଲା ?



## ଗଦ୍ୟାଂଶ ଉପରେ ଆଲୋଚନା

କାହାଣୀରୁ ବାଛି କିଛି ବାକ୍ୟ ନିମ୍ନରେ ଦିଆଯାଇଛି । ସେଗୁଡ଼ିକୁ ପଢ଼ ଓ ତା' ଉପରେ ଆଲୋଚନା କରି ଲେଖ ।

- ସେମାନେ ସୁନାଥାଳିରେ ଖାଉଥିଲେ ।
- ହେଃ ! ଏଇଟା ଗୋଟେ ଚିଜରେ ଚିଜ ! ଯାକୁ ପୁଣି ମୂଲେଇବି ?
- ବାପ, ତୁମେ ଯେଉଁ ସତ ପଦକ କହିଲ, ସେ ପଦକ ଲକ୍ଷେ ।
- ବୁଢ଼ୀର କଥା ଶୁଣି ବେପାରୀ ଆଖିରୁ ଲୁହ ଝରିପଡ଼ିଲା ।
- ପଡ଼ିଶାଲୋକ ଏ ଦର ହଙ୍କାହଙ୍କିର ଅର୍ଥ ବୁଝିପାରିଲେ ନାହିଁ ।



## ଚିନ୍ତା କରିବା

କାହାଣୀଟିକୁ ପୁଣି ଥରେ ପଢ଼ । ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ବୁଝି ଲେଖ ।

- ଆଇନାତୁଣୀ ବସି ଗଲା କଥା ଭାବୁଛନ୍ତି ।
- ବୁଢ଼ୀ ଏଥର ତା'ର ଗଲା ଦିନର କଥା କହିଗଲା । ସବୁ ଶୁଣି ବେପାରୀ ଆଖିରୁ ଲୁହ ଝରିପଡ଼ିଲା ।

ଏଥିରୁ ଜଣାଗଲା ଯେ, ଆଇନାତୁଣୀ ଦୁଃଖରେ ଥିଲେ । ବାସନବେପାରୀ ମଧ୍ୟ ସେମାନଙ୍କ କଥା ଶୁଣି ଦୁଃଖ ଅନୁଭବ କଲା ।

- ତୁମେ କୁହ, ଆଇନାତୁଣୀଙ୍କ ଦୁଃଖ ଅନୁଭବ ଏବଂ ବାସନ ବେପାରୀର ଦୁଃଖ ଅନୁଭବ ମଧ୍ୟରେ ପାର୍ଥକ୍ୟ କ'ଣ ?



https://withteachers.in/



## ଦିନଚର୍ଯ୍ୟା

(କ) କାହାଣୀଟି ପଢ଼ି ତୁମେ ଆଇନାତୁଣୀଙ୍କ ଦିନ କିପରି କଷ୍ଟରେ କଟୁଥିଲା ସେ ବିଷୟରେ ଜାଣିପାରିଲ । ସେହିଭଳି ବିଭିନ୍ନ ଗରିବ ଅସହାୟ ଲୋକଙ୍କ ଜୀବନ କିପରି ବିତୁଥିବ, ତାହା ଅନୁମାନ କରି ପାରୁଥିବ । ଏହିଭଳି ଜଣେ ବ୍ୟକ୍ତିଙ୍କ ଦିନଚର୍ଯ୍ୟା ବିଷୟ ଚିନ୍ତାକରି ଲେଖ ।

(ଖ) ତୁମେ ସକାଳୁ ଉଠି ଶୋଇବା ଯାଏ କିପରି ଦିନ ବିତାଅ, ତାହା ଖାତାରେ ଲେଖ ।



## କାହାଣୀର ରଚନାଶୈଳୀ

(କ) ଉକ୍ତ କାହାଣୀର କେଉଁ କଥାଟି ତୁମକୁ ପସନ୍ଦ ଲାଗିଲା ? ତାହା ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

(ଖ) ପଢ଼ିଥିବା କାହାଣୀଟି ତୁମକୁ କାହିଁକି ଭଲଲାଗିଲା, ତାହା ଦଳରେ ଆଲୋଚନା କରି ଲେଖ ।



## ରୂଢ଼ି

(କ) କାହାଣୀରୁ ବାଛି କିଛି ରୂଢ଼ି ତଳେ ଦିଆଯାଇଛି । ସେଗୁଡ଼ିକ ହେଲା - 'ପାଲରେ ପକାଇବା', 'ଖାଣ୍ଟିସୁନା', 'ଆଖି ଝଲସିବା', 'ଦର ହାଙ୍କିବା, 'କଥା ପଦକ ଲକ୍ଷେ' ଇତ୍ୟାଦି ।

କାହାଣୀରେ ଏଗୁଡ଼ିକ କିପରି ବ୍ୟବହାର ହୋଇଛି ତାହା ଲକ୍ଷ୍ୟ କର ।

(ଖ) ରୁଢ଼ିଗୁଡ଼ିକୁ ବ୍ୟବହାର କରି ନିଜ ମନରୁ ବାକ୍ୟ ଲେଖ ।

- ପାଲରେ ପକାଇବା
- ଖାଣ୍ଟି ସୁନା-
- ଆଖି ଝଲସିବା -
- ଦର ହାଙ୍କିବା
- କଥା ପଦକ ଲକ୍ଷେ




## କାହାଣୀର ଚରିତ୍ର

'ଠକି ବସିଲେ ଠକି ଯିବ' କାହାଣୀରେ ଚାରୋଟି ଚରିତ୍ର ଅଛନ୍ତି । ସେମାନଙ୍କ ଗୁଣ ବର୍ଣ୍ଣନା କରୁଥିବା ଶବ୍ଦ ଚିନ୍ତାକର ଓ ତଳେ ଦିଆଯାଇଥିବା କୋଠରିରେ ଲେଖ ।



https://withteachers.in/




ଉପରେ ଲେଖିଥିବା ଶବ୍ଦଗୁଡ଼ିକ ଜଣକର ବିଶେଷତା, ଗୁଣ ଓ ଅବସ୍ଥା ବର୍ଣ୍ଣନା କରିବାକୁ ବ୍ୟବହାର କରାଯାଇଛି । ଏହାକୁ ବିଶେଷଣ କୁହାଯାଏ ।

ଠକି ବସିଲେ ଠକିଯିବ



https://withteachers.in/

## ପାଠ ବାହାରୁ



### ବାସନବେପାରୀର କାହାଣୀ

ମନେକର ତୁମେ ସେହି ସଚ୍ଚୋଟ ବାସନ ବେପାରୀ । ଆଇ ନାତୁଣୀଙ୍କଠାରୁ ସୁନା ଥାଳିଟି କିଣିଲ ଥାଳିଟିକୁ ନେଇ ତୁମେ କ'ଣ କରିବ ଲେଖ । ଯେପରି, -"ମୁଁ ଉଚିତ ମୂଲ୍ୟ ଜଣାଇ ସୁନା ଥାଳିଟି କିଣିଲି, ତାକୁ ନେଇ ବଜାରକୁ ଗଲି, ସେଠାରେ....'



### ମନର ଭାବ

(କ) ତଳେ ଦିଆଯାଇଥିବା କିଛି ଅନୁଭବ ଆଧାରିତ ଶବ୍ଦ ଦିଆଯାଇଛି । କାହାଣୀର ଚରିତ୍ରମାନଙ୍କ ମଧ୍ୟରୁ କିଏ, କେତେବେଳେ ଏଗୁଡ଼ିକ ଅନୁଭବ କରିଥିଲେ କୁହ ।

- ଦୁଃଖ
- ଖୁସି
- ଲୁହ ଝରିବା
- ହତାଶ

(ଖ) ତୁମେ ଉପରୋକ୍ତ ଭାବଗୁଡ଼ିକୁ କେବେ ଅନୁଭବ କରିଛ ? ସେ ବିଷୟରେ ଲେଖ । ଯେପରି କି; ସାହି କୁକୁରକୁ ଦେଖି ତୁମେ ଡରି ଯାଇଥିଲ ।





https://withteachers.in/



## ଝରକାରୁ

ବିଷ୍ଣୁ ଶର୍ମା ନାମରେ ଜଣେ ପଣ୍ଡିତ ଥିଲେ । ସେ ରାଜକୁମାରମାନଙ୍କୁ ଭଲବାଟକୁ ଆଣିବାପାଇଁ ଅନେକ ଗପ ଲେଖିଥିଲେ । ସେହି ପୁସ୍ତକର ନାମ "ପଞ୍ଚତନ୍ତ୍ର" । 'ପଞ୍ଚତନ୍ତ୍ର'ର ଗୋଟିଏ ଗପ ତଳେ ଦିଆଯାଇଛି । ଏହାକୁ ପଢ଼ିବା ସହ ପଞ୍ଚତନ୍ତ୍ର କାହାଣୀମାଳା ଖୋଜି ଅନ୍ୟ ଗଳ୍ପଗୁଡ଼ିକୁ ପଢ଼ ।

# ବଗ ଓ କଙ୍କଡ଼ା

ପାହାଡ଼ ଭିତରେ ପୋଖରୀଟିଏ । ସେଥିରେ ମାଛ, କଙ୍କଡ଼ା ଓ କଇଁଛ ଆଦି ଅନେକ ଜଳଜୀବ ରହନ୍ତି । ପୋଖରୀ ହିଡ଼ରେ ଗଛ ଉପରେ ବଗଟିଏ ବସା କରିଥାଏ । ପୋଖରୀର ଜଳଜୀବମାନଙ୍କୁ ଖାଇ ଆରାମ୍‌ରେ ଥାଏ । ପ୍ରକୃତରେ ସେ ଗୋଟିଏ ଅଳସୁଆ ଓ ଠକ ଥିଲା । ଜଳଜୀବମାନଙ୍କୁ କିପରି ସହଜରେ ଖାଇପାରିବ, ସେଥିପାଇଁ ସେ ଗୋଟିଏ ଉପାୟ ପାଞ୍ଚିଲା ।

ତା'ପରଦିନ ବଗ ଗୋଟିଏ ପଥର ଉପରେ ବସି କାନ୍ଦୁଥାଏ । ହାତରେ ମାଳାଟିଏ ଧରି ଉପରକୁ ଚାହିଁ ରହିଥାଏ । କଙ୍କଡ଼ା ଓ କଇଁଛ ତାକୁ ଦେଖିଲେ । ବଗକୁ କାହିଁକି କାନ୍ଦୁଛ ବୋଲି ପଚାରିଲେ । ବଗ କାନ୍ଦକାନ୍ଦ ହୋଇ କହିଲା, –"ମୁଁ କାଲି ଗୋଟାଏ ସତ୍‌ସଙ୍ଗରେ ବସିଥିଲି । ସାଧୁ ଜଣେ କହିଲେ କି ବାରବର୍ଷ ଯାଏ ମରୁଡ଼ି ପଡ଼ିବ । ପାଣିଟୋପେବି ବର୍ଷା ହେବନାହିଁ । ଏକଥା ଶୁଣି ମୁଁ ତୁମମାନଙ୍କ କଥା ଭାବିଭାବି ଚିନ୍ତାରେ ଅଛି । ଭଗବାନଙ୍କୁ ଡାକୁଛି, ସେ ତୁମମାନଙ୍କୁ ଉଦ୍ଧାର କରନ୍ତୁ ।"



ଠକି ବସିଲେ ଠକିଯିବ



https://withteachers.in/

କଙ୍କଡ଼ା ଓ କଇଁଛ ଏହି କଥା ପୋଖରୀରେ ସମସ୍ତଙ୍କୁ ଜଣାଇଲେ । ସବୁଜଳଜୀବ ଏକାଠି ହୋଇ ବଗ ପାଖକୁ ଯାଇ ନେହୁରା ହେଲେ । ସେମାନେ କିପରି ଉଦ୍ଧାର ହେବେ ସେହି ଉପାୟ ବତାଇବାକୁ କହିଲା । ବଗ କହିଲା, "ସମସ୍ତେ ଶୁଣ, ପାହାଡ଼ର ଆରପଟେ ଗୋଟିଏ ବଡ଼ ପୋଖରୀ ଅଛି । ସେଇଠିକୁ ସମସ୍ତେ ଚାଲିଯାଅ । ତେବେ ବଞ୍ଚିଯିବ" । ମାଛମାନେ କହିଲେ, "ଆମର ଗୋଡ଼ ନାହିଁ, ଆମେ କିପରି ଯିବୁ ।" ବଗ ତ ସୁଯୋଗ ଅପେକ୍ଷାରେ ଥିଲା । କହିଲା, "କିଛି କଥା ନାହିଁ । ତମେ ଯଦି ମୋତେ ବିଶ୍ୱାସ କରୁଥାଅ, ତେବେ ମୁଁ ତୁମକୁ ଜଣ ଜଣ କରି ପାରି କରିଦେବି ।" ଅଗତ୍ୟା ସମସ୍ତେ ରାଜି ହେଲେ । ବଗ ଗୋଟାକ ପରେ ଗୋଟିଏ ମାଛକୁ ପ୍ରତିଦିନ ପାରିକରୁଥାଏ ।

ଦିନେ କଙ୍କଡ଼ା ପାରି ହୋଇଯାଇଥିବା ମାଛମାନଙ୍କ ଅବସ୍ଥା ଜାଣିବାକୁ ଚାହିଁଲା । ସେଥିପାଇଁ ସେହିଦିନ ବଗକୁ ନିଜକୁ ଅନ୍ୟ ପୋଖରୀକୁ ନେବାପାଇଁ ଅନୁରୋଧ କଲା ।

ବଗ କଙ୍କଡ଼ାକୁ ପିଠିରେ ବସାଇ ଉଡ଼ିଯାଉଥାଏ । କିଛି ଦୂର ଗଲାପରେ କଙ୍କଡ଼ା ଗୋଟିଏ ବଡ଼ ପଥର ଚଟାଣ ଦେଖିଲା । ଚଟାଣ ଉପରେ ମାଛ କଣ୍ଟାସବୁ ପଡ଼ିଥିଲା । କଙ୍କଡ଼ା ଏଥର ସବୁ ବୁଝିପାରିଲା । ସେ ଜାଣିଗଲା ଯେ ବଗ ପ୍ରତିଦିନ ଗୋଟିଏ ଗୋଟିଏ ମାଛ ଆଣି ଏଇଠି ଖାଉଛି । ଆଉ କିଛି ବିଚାର ନ କରି ସେ ବଗର ତଣ୍ଟିକୁ ଜୋରରେ କାମୁଡ଼ି ଧରିଲା । ବଗ ସେହି ଚଟାଣ ଉପରେ ପଡ଼ି ଛଟପଟ ହେବାକୁ ଲାଗିଲା ।



## ଖୋଜି ବାହାର କରିବା

ଗାଳ୍ପିକ ବଂଶୀଧର ଦାଶଙ୍କ ଅନ୍ୟ ରଚନାବଳୀକୁ ପାଠାଗାର ଓ ଇଣ୍ଟରନେଟ୍‌ରୁ ଖୋଜି ପଢ଼ ।



https://withteachers.in/

୪



# ନୀତିବଚନ



ଯତ୍ନ, ଅଧ୍ୟବସାୟ, ଉଦ୍ୟମ ବଳେ,
ଅସାଧ୍ୟ ହୋଇପାରେ ସାଧ୍ୟ ଭୂତଳେ ।
ଗିରିପାଷାଣ ଏଡ଼େ କଠିନ ହୋଇ,
ଖୋଳିଲେ ତହୁଁ ପୁଣି ଜଳ ଝରଇ ।

ଥିଲେ ହେଁ ମାତୃସ୍ତନ ଅମୃତେ ପୂରି,
ଜୋକ ପିଅଇ ତହୁଁ ରୁଧିର ଚିରି ।
ତେସନେ ମନ୍ଦମତି ସର୍ବଦା ଖଳ,
ଗୁଣ ନ ଦେଖି ବାଛେ ଦୋଷ କେବଳ ।



ସାଧୁଜନର ପୁଣ୍ୟ ସଦୁପଦେଶ,
ମୂର୍ଖ ନ ବୁଝେ ତା'ର ମରମ ଲେଶ ।
କମଳ ବାସ ଯଥା ସୁମନୋହର,
ଭେକ କି ବୁଝେ କେବେ ସୁଗନ୍ଧ ତା'ର ?

ପର ଅଧୀନ ହୋଇ ରହେ ଯେ ପ୍ରାଣୀ,
ଅସରନ୍ତି ଯାତନା ପାଏ ସେ ଜାଣି ।
ହାତୀ ପରାଏ ଜନ୍ତୁ ବନ୍ଧନେ ପଡ଼ି,
ଜୀବନେ ଡରିଥାଏ ଅଙ୍କୁଶ ବାଡ଼ି ।

https://withteachers.in/

ଦେଶ ଜିଣିଲେ ରାଜା ଲଭଇ ଖ୍ୟାତି,
ବୀର ସମର ଜିଣି ରଖେ କୀରତି ।
ନିଜ ହୃଦୟ ଯେହୁ ପାରଇ ଜିଣି,
ସଂସାରେ ସେହି ବୀର-ମୁକୁଟମଣି ।





ଥିଲେ ହେଁ ପୂରି ରୂପ, ରଙ୍ଗ, ସୁବାସେ,
ଚମ୍ପକ କୁସୁମେ କି ଭ୍ରମର ବସେ ?
ମହକ ଯେଣୁ ତା'ର ଉତ୍କଟ ଅତି , ।
ଭ୍ରମେ ଭ୍ରମର ଦିନେ ନ ଯାଏ କତି ।

କୋଟିଏ ଗୁଣ ମଧ୍ୟେ ଗୋଟିଏ ଦୋଷ,
ସୁଧା କଳସେ ବିଷ ବିନ୍ଦୁ-ସଦୃଶ ।


**ରାମକୃଷ୍ଣ ନନ୍ଦ**



https://withteachers.in/

# କବି ପରିଚୟ

**ରାମକୃଷ୍ଣ ନନ୍ଦ (୧୯୦୬-୧୯୯୪)**



ରାମକୃଷ୍ଣ ନନ୍ଦଙ୍କ ଜନ୍ମ କଟକ ଜିଲ୍ଲା ଗୋବିନ୍ଦପୁର ଅନ୍ତର୍ଗତ ବାଇରୋଇ ଗ୍ରାମରେ ହୋଇଥିଲା । ସେ ଜଣେ ବିଶିଷ୍ଟ ଶିଶୁସାହିତ୍ୟିକ ଓ ପାଠ୍ୟପୁସ୍ତକ ରଚୟିତା । 'ଆହେ ଦୟାମୟ ବିଶ୍ୱବିହାରୀ' ପ୍ରାର୍ଥନାଟି ତାଙ୍କଦ୍ୱାରା ରଚିତ । ଏହା ବ୍ୟତୀତ 'ପ୍ରତିଧ୍ୱନି', 'ସଂଗ୍ରାମ ଓ ସାଧନା', 'ବିଜ୍ଞାନ କୁହୁକ', 'ଜୀବନ ତରଙ୍ଗ', 'ସୁନାପାହାଚ, 'ଝୁମୁକା' ଆଦି ପୁସ୍ତକ ରଚନା କରିଥିଲେ । 'ଝୁମୁକା' କବିତା ସଂକଳନପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ । 'ନୀତି-ବଚନ' କବିତାଟି 'ଝୁମୁକା' କବିତା ସଂକଳନରୁ ଆନୀତ ।

## ପାଠ ଅନ୍ତର୍ଗତ

### ମୋ ବୁଝିବାରେ

ଦିଆଯାଇଥିବା ପ୍ରଶ୍ନର ଠିକ୍ ଉତ୍ତର ପାଖରେ ତାରା (★) ଚିହ୍ନ ଦିଅ ।

(୧) "ସାଧୁଜନର ପୁଣ୍ୟ ସଦୁପଦେଶ,
ମୂର୍ଖ ନ ବୁଝେ ତା'ର ମରମ ଲେଖ ।"

ଏହାର ଭାବାର୍ଥ :-

(କ) ସାଧୁଜନଙ୍କର ଲେଶ ମାତ୍ର ଜ୍ଞାନ ନାହିଁ । ☐

(ଖ) ସାଧୁଜନଙ୍କର ହିତୋପଦେଶ ମୂର୍ଖ ବୁଝିପାରେ ନାହିଁ । ☐

(ଗ) ସାଧୁମାନେ ଉପଦେଶ ଦିଅନ୍ତି ନାହିଁ । ☐

(ଘ) ସାଧୁଙ୍କ ଉପଦେଶର ମୂଲ୍ୟ ନାହିଁ । ☐

(୨) "କୋଟିଏ ଗୁଣ ମଧ୍ୟେ ଗୋଟିଏ ଦୋଷ
ସୁଧା କଳସେ ବିଷ ବିନ୍ଦୁ ସଦୃଶ ।"

ଏଠାରେ ଭଲ ଗୁଣକୁ କାହା ସହିତ ତୁଳନା କରାଯାଇଛି ?

(କ) କଳସ ☐ (ଖ) ବିଷକଳସ ☐

(ଗ) ବିଷ-ଅମୃତ କଳସ ☐ (ଘ) ସୁଧା କଳସ ☐

(ଖ) ତୁମେ ଏହି ଉତ୍ତରଟି କାହିଁକି ବାଛିଲ, ତା'ର କାରଣ ସାଙ୍ଗମାନଙ୍କ ସହ ଆଲୋଚନା କର ।



https://withteachers.in/



## ମିଳିମିଶି ଯୋଡ଼ିବା

କବିତାର କେତୋଟି ପଦ 'କ' ସ୍ତମ୍ଭରେ ଓ ଭାବାର୍ଥ 'ଖ' ସ୍ତମ୍ଭରେ ଦିଆଯାଇଛି । ପଦଗୁଡ଼ିକୁ ତା'ର ଭାବାର୍ଥ ସହ ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| • ପର ଅଧୀନ ହୋଇ ରହେ ଯେ ପ୍ରାଣୀ,<br>ଅସରନ୍ତି ଯାତନା ପାଏ ସେ ଜାଣି । | • କଠିନ ପଥରରେ ପୂର୍ଣ୍ଣ ପାହାଡ଼ ଖୋଳିଲେ ସେଥିରୁ ଜଳ ମିଳିଥାଏ । |
| • ନିଜ ହୃଦୟ ଯେହୁ ପାରଇ ଜିଣି,<br>ସଂସାରେ ସେହି ବୀର ମୁକୁଟମଣି । | • ପର ଅଧୀନରେ ରହିଲେ ପ୍ରାଣୀ ଅନେକ ଯନ୍ତ୍ରଣା ପାଏ । |
| • ଗିରିପାଷାଣ ଏଡ଼େ କଠିନ ହୋଇ,<br>ଖୋଳିଲେ ତହୁ ପୁଣି ଜଳ ଝରଇ । | • ଯାହାର ଆତ୍ମ-ନିୟନ୍ତ୍ରଣ ଶକ୍ତି ଥାଏ, ସେ ଶ୍ରେଷ୍ଠବୀର । |




## ପଦ୍ୟାଂଶ ଉପରେ ଆଲୋଚନା

ତଳେ ଦିଆଯାଇଥିବା ପଦ ଦୁଇଟି ସଂପର୍କରେ ଦଳରେ ଆଲୋଚନା କର । ଯେଉଁ ଭାବାର୍ଥ ପାଇଲ ନିଜ ଖାତାରେ ଲେଖ ।

(କ) "ଯତ୍ନ, ଅଧ୍ୟବସାୟ, ଉଦ୍ୟମ ବଳେ,
ଅସାଧ୍ୟ ହୋଇପାରେ ସାଧ୍ୟ ଭୂତଳେ ।"

(ଖ) "ଥିଲେ ହେଁ ପୂରି ରୂପ, ରଙ୍ଗ ସୁବାସେ,
ଚମ୍ପକ କୁସୁମେ କି ଭ୍ରମର ବସେ ।"



## ଚିନ୍ତା କରିବା

୧. (କ) କବିତାକୁ ଧ୍ୟାନଦେଇ ପଢ଼ । ନିମ୍ନରେ ଦିଆଯାଇଥିବା ପଦଗୁଡ଼ିକ ଉପରେ ଆଲୋଚନା କରି ସୂଚନା ଅନୁସାରେ କାର୍ଯ୍ୟକର ।

"ହାତୀ ପରାଏ ଜନ୍ତୁ ବନ୍ଧନେ ପଡ଼ି,
ଜୀବନେ ଡରିଥାଏ, ଅଙ୍କୁଶ ବାଡ଼ି ।"



https://withteachers.in/

କବିତାରେ 'ପରାଏ' ଶବ୍ଦ ବ୍ୟବହାର କରାଯାଇଛି । 'ପରାଏ' ବଦଳରେ ଆମେ 'ପ୍ରାୟ' ଶବ୍ଦ ବ୍ୟବହାର କରିପାରିବା । ଏହିପରି କବିତାରେ 'କଳସେ', 'ବନ୍ଧନେ', 'ଜୀବନେ' ଆଦି ଶବ୍ଦ ମଧ୍ୟ ପ୍ରୟୋଗ କରାଯାଇଛି । ଏହିପରି କାହିଁକି ହୋଇଛି ସାଙ୍ଗମାନଙ୍କ ସହିତ ଆଲୋଚନା କର ।

(ଖ) ଉପର ନୀତିବଚନ ପଦଟିରେ ହାତୀର ଉଦାହରଣ ଦେଲାବେଳେ 'ଅଙ୍କୁଶ' ଶବ୍ଦ ବ୍ୟବହାର ହୋଇଛି । ତୁମେ 'ଅଙ୍କୁଶ' ଶବ୍ଦ ପରିବର୍ତ୍ତେ ଅନ୍ୟ ଶବ୍ଦ ମଧ୍ୟ ବ୍ୟବହାର କରିପାରିବ । ଯେଉଁ ଶବ୍ଦଟି ବ୍ୟବହାର କରିବାକୁ ଯାଉଛ, ତା'ର ପ୍ରୟୋଗର ତାତ୍ପର୍ଯ୍ୟ ବୁଝାଅ ।

୨. "ଥିଲେ ହେଁ ପୂରି, ରୂପ, ରଙ୍ଗ, ସୁବାସେ,
ଚମ୍ପକ କୁସୁମେ କି ଭ୍ରମର ବସେ ।
ମହକ ଯେଣୁ ତା'ର ଉତ୍କଟ ଅତି,
ଭ୍ରମେ ଭ୍ରମର ଦିନେ ନ ଯାଏ କତି ।"

ପ୍ରକୃତି ମାଧ୍ୟମରେ ମଣିଷର କେଉଁ ମାନବୀୟଗୁଣଗୁଡିକ ବିଷୟରେ କୁହାଯାଇଛି ? ପ୍ରକୃତିଠାରୁ ଆମେ କେଉଁସବୁ ଗୁଣ ଶିଖିପାରିବା, ଚିନ୍ତାକରି ଲେଖ ।



## ଶବ୍ଦର ରୂପ

ଆସ, ଶବ୍ଦମାନଙ୍କର ନୂଆ ନୂଆ ରୂପ ଜାଣିବା ଓ ସେଗୁଡ଼ିକୁ ବୁଝିବା ।

### ଶବ୍ଦ ସମ୍ଭାର

ନିମ୍ନଲିଖିତ ଶବ୍ଦଗୁଡ଼ିକୁ ନିଜ ଭାଷାରେ ଲେଖ ।

| ଶବ୍ଦ | ମାତୃଭାଷାରେ ସମାନାର୍ଥକ ଶବ୍ଦ |
|---|---|
| ପାଷାଣ | |
| ରୁଧିର | |
| କମଳ | |
| ଭେକ | |
| ସମର | |
| କୁସୁମ | |
| ସୁଧା | |



https://withteachers.in/



## ଶବ୍ଦ ଏକ ଅର୍ଥ ଅନେକ

"ପର ଅଧୀନ ରହେ ହୋଇ ଯେ ପ୍ରାଣୀ
ଅସରନ୍ତି ଯାତନା ପାଏ ସେ ଜାଣି ।"

ଉପଯୁକ୍ତ ପଦ୍ୟାଂଶରେ ଥିବା 'ପର' ଶବ୍ଦର ଅର୍ଥ 'ଅନ୍ୟ' । ସେହିଭଳି ଏହାର ଅନ୍ୟଅର୍ଥ 'ପକ୍ଷୀର ପର' । ଏହିଭଳି କିଛି ଶବ୍ଦ ତଳେ ଦିଆଯାଇଛି । ସେମାନଙ୍କର ଦୁଇଟି ଲେଖାଏଁ ଅର୍ଥ ବାହାର କର । ଏଥିପାଇଁ ତୁମେ ଶବ୍ଦକୋଷ (ଅଭିଧାନ), ଇଣ୍ଟରନେଟ୍, ଅଭିଭାବକ ବା ଶିକ୍ଷକଙ୍କ ସାହାଯ୍ୟ ନେଇପାରିବ ।

ନୀତି ---------------------- ---------------------- ----------------------

କର ---------------------- ---------------------- ----------------------

ପୁର ---------------------- ---------------------- ----------------------

ବାସ ---------------------- ---------------------- ----------------------

ଜୀବନ ---------------------- ---------------------- ----------------------

## ଗୋଟିଏ ଶବ୍ଦରେ ପ୍ରକାଶ କର

ଆମେ ଗୋଟିଏ ଶବ୍ଦକୁ ଭଲକରି ବୁଝାଇବାପାଇଁ, ଖଣ୍ଡବାକ୍ୟ ପ୍ରୟୋଗ କରିଥାଉ । ଯେପରି – 'ଯାହାକୁ ଖାଇବାଦ୍ୱାରା ମୃତ୍ୟୁ ହୁଏ ନାହିଁ 'ଅମୃତ' । ସେହିଭଳି 'କ' ସ୍ତମ୍ଭରେ ସ୍ଥାନିତ ଖଣ୍ଡବାକ୍ୟର ଠିକ୍ ଶବ୍ଦ 'ଖ' ସ୍ତମ୍ଭରୁ ବାଛି ଲେଖ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| • ହାତୀକୁ ଆୟତ୍ତ କରିବା ନିମିତ୍ତ ବାଡ଼ି । | • ପରାଧୀନ |
| • ନୂଆ କଥା ଜାଣିବାପାଇଁ ଅବିରାମ ଚେଷ୍ଟା ବା ପରିଶ୍ରମ । | • ଅଙ୍କୁଶ |
| • ଯେଉଁ ବ୍ୟକ୍ତିର ଦୁଷ୍ଟ ବା ଖରାପ ବୁଦ୍ଧିଥାଏ । | • ଅଧ୍ୟବସାୟ |
| • ଯେ ପରର ଅଧୀନରେ ଥାଏ । | • ମନ୍ଦମତି |



https://withteachers.in/

## ପାଦ ପୂରଣ କର

'ନୀତି-ବଚନ' କବିତାର ଗୋଟିଏ ଗୋଟିଏ ପଦର ପ୍ରଥମ ପାଦଟି ଲେଖାଯାଇଛି । ଦ୍ୱିତୀୟ ପାଦଟି କ'ଣ ହେବ, ଖାଲି ସ୍ଥାନରେ ଲେଖ ।

ଗିରିପାଷାଣ ଏଡ଼େ କଠିନ ହୋଇ,

______________________________

ସାଧୁଜନର ପୁଣ୍ୟ ସଦୁପଯୋଗ,

______________________________

ଦେଶ ଜିଣିଲେ ରାଜା ଲଭଇ ଖ୍ୟାତି,

______________________________

# ପାଠ ବାହାରୁ



## ତୁମକଥା

"ଯତ୍ନ, ଅଧ୍ୟବସାୟ, ଉଦ୍ୟମ ବଳେ,
ଅସାଧ୍ୟ ହୋଇପାରେ ସାଧ୍ୟ ଭୂତଳେ ।"

ଏହାର ଭାବାର୍ଥ ହେଲା ଉଦ୍ୟମ, ଯତ୍ନ ଓ ଅଧ୍ୟବସାୟ ବଳରେ ମଣିଷ ଅସାଧ୍ୟକୁ ସାଧନ କରିପାରେ । ଯଦି ଜଣେ ନିଜର ପ୍ରଚେଷ୍ଟା ଜାରି ରଖିବ, ତା'ହେଲେ ଯେତେ କଷ୍ଟ ହେଲେ ମଧ୍ୟ ସେହି କାର୍ଯ୍ୟଟି ଦିନେ ନା ଦିନେ ସଫଳ ହେବ । ଏଣୁ କୌଣସି କାର୍ଯ୍ୟ ଏ ଧରାଧାମରେ ଅସାଧ୍ୟ ନୁହେଁ ବୋଲି କବି କହିଛନ୍ତି ।

କବିତାରୁ ବା କବିତା ବାହାରୁ ଏହିଭଳି ତୁମ ମନପସନ୍ଦର ଗୋଟିଏ ନୀତିବଚନ ନେଇ ତା'ର ଭାବାର୍ଥ ଲେଖ ।



## ଗୀତ ଶୁଣିବା ଓ ଶୁଣାଇବା

- ତୁମେ ଟିଭି, ରେଡ଼ିଓ, ମୋବାଇଲ୍ ଇତ୍ୟାଦିରୁ ଜଗନ୍ନାଥ ଦାସ, ବଳରାମ ଦାସ, ଭୀମଭୋଇ ଆଦି ସନ୍ଥଙ୍କ ନୀତିବାଣୀ ଅନେକ ଥର ଶୁଣିଥିବ । ଶ୍ରେଣୀରେ ମଧ୍ୟ ନୀତିବଚନ କବିତାକୁ ଆବୃତ୍ତି କରିଥିବ ।

  ଏବେ ତୁମେ ମୋବାଇଲରେ ଏହିଭଳି କିଛି ବାଣୀ ଖୋଜ, ତା'କୁ ଗାଇ ରେକଡ଼ିଙ୍ଗ୍ କର । ଯଦି ସମ୍ଭବ, ଏଥିପାଇଁ ବାଦ୍ୟଯନ୍ତ୍ର ବ୍ୟବହାର କରିପାରିବ । ଆବଶ୍ୟକ ହେଲେ ସାଙ୍ଗ, ଅଭିଭାବକ, ଶିକ୍ଷକ ଆଦିଙ୍କ ସହାୟତା ମଧ୍ୟ ନେଇପାରିବ ।

  ଗୀତ ରେକର୍ଡ଼ିଙ୍ଗ୍ ପରେ ଶ୍ରେଣୀରେ ଓ ଶ୍ରେଣୀ ବାହାରେ ରେକର୍ଡିଙ୍ଗ୍‌ଟିକୁ ଶୁଣାଅ ।

- ଗୀତ-ବଚନକୁ ଆଧାର କରି ଶ୍ରେଣୀ ପ୍ରକୋଷ୍ଠରେ ଅନ୍ତାକ୍ଷରୀ ଖେଳ ।



https://withteachers.in/



## ଆଜିର ଧନ୍ଦା

୧.  "ଦୁଇ ଅକ୍ଷରିଆ ଜିନିଷ ମୁହିଁ,
ଖାଇବା ଦରବ ନାମଟି ବହି ।
'ଉ'କାରଟିଏ ଯୋଡ଼ିଲେ ସେଥି,
ବସି ଖେଳୁଥିବେ ଚାରୋଟି ସାଥୀ ।
ଜାଣିଛ ଯଦି କୁହରେ ଭାଇ,
ମୋ ନାମ ମୁଁ କହିବି ନାହିଁ ।"

୨.  "ଗୋଟିଏ ଦୁର୍ଗର ଦୁଇଟି ଦ୍ୱାର,
ଭିତରେ ଅନେକ ଚଉକିଦାର ।
ସଭିଏଁ ମୁଣ୍ଡରେ ଟୋପି ପିନ୍ଧନ୍ତି,
ଚୁପ୍ ଚାପ୍ ସେଠି ଜଗି ରହନ୍ତି ।
ଦୁର୍ଗ କାନ୍ଥ ଯେବେ ଘଷି ହୋଇବ,
ସାରା ସଂସାରକୁ ଜାଳି ସେ ଦେବ ।"



## ଅନୁସନ୍ଧାନ କରିବା

ଓଡ଼ିଆ ସାହିତ୍ୟରେ ବିଭିନ୍ନ କବିଙ୍କର ଅନେକ ନୀତିବାଣୀ ରହିଛି, ଯଥା – 'ଓଡ଼ିଆ ଭାଗବତ', 'ଦାଣ୍ଡି ରାମାୟଣ', 'ସ୍ତୁତି ଚିନ୍ତାମଣି', 'ଓଲଟ ଚଉତିଶା' ଇତ୍ୟାଦି । ସେଗୁଡ଼ିକୁ ଲାଇବ୍ରେରୀ କିମ୍ବା ଇଣ୍ଟରନେଟ୍‌ରୁ ଖୋଜି ବାହାର କର ଓ ସେଥିରେ ଥିବା କେତେକ ନୀତିବାଣୀକୁ ଖାତାରେ ଲେଖ ।




https://withteachers.in/

୬



# ମୋ ଜୀବନର ଅଭୁଲାକଥା

୧୯୨୧ ମସିହାରେ ଯେତେବେଳେ ମୁଁ ଚତୁର୍ଥଶ୍ରେଣୀରେ ପଢୁଥିଲି, ସେତେବେଳେ ମହାତ୍ମା ଗାନ୍ଧିଙ୍କର ଭାରତବ୍ୟାପୀ ସ୍ୱାଧୀନତା ଆନ୍ଦୋଳନର ଆହ୍ୱାନ ଦେଶସାରା ବ୍ୟାପିଗଲା । ପାରଳାଖେମୁଣ୍ଡିରେ ମଧ୍ୟ ସେଥିର ପ୍ରଭାବ ପଡ଼ିଥିଲା । ସମ୍ବଲପୁର ଆଡୁ ଜଣେ ଉତ୍ତମ ବକ୍ତା ଏଠାରେ ଗୋଟିଏ ସଭା କରି ଓଡ଼ିଆରେ ଯେଉଁ ବକ୍ତୃତା ଦେଇଥିଲେ, ତାହା ବହୁ ଯୁବକ ଛାତ୍ରଙ୍କୁ ପ୍ରଭାବିତ କଲା । ସ୍କୁଲ୍ କଲେଜ ଛାଡ଼ି ଅନେକ ଅସହଯୋଗ ଆନ୍ଦୋଳନରେ ଭାଗ ନେଲେ । ଠିକ୍ ସେ ବର୍ଷ ମହାତ୍ମା ଗାନ୍ଧି ନିଜେ ତାଙ୍କର ପ୍ରଚାର ଉଦ୍ଦେଶ୍ୟରେ ପାରଳାଖେମୁଣ୍ଡି ଆସିଥିଲେ । ସେତେବେଳେ ବ୍ରିଟିଶ୍ ସରକାରଙ୍କର କଟକଣା ହେତୁ ସଭା କରିବାକୁ ସ୍ଥାନ ମିଳିଲା ନାହିଁ । ଆମେ ଛାତ୍ରମାନେ ଜୋର୍ କରି ପୁରୁଣା ମାର୍କେଟ ପଡ଼ିଆରେ (ଏବେ ଯେଉଁଠାରେ ମ୍ୟୁନିସିପାଲ୍ ରିଡ଼ିଙ୍ଗ୍ ରୁମ୍ ନିର୍ମିତ ହୋଇଛି) ସଭା କରିବାକୁ ସ୍ଥିର କଲୁ । ହଜାରହଜାର ଲୋକ ମହାତ୍ମାଙ୍କର ବକ୍ତୃତା ଶୁଣିବାକୁ ଆସୁଥାନ୍ତି । ଲୋକଗହଳି ଏତେ ଅଧିକ ହେଲା ଯେ ପୋଲିସ୍ ସମ୍ଭାଳିବାକୁ ଅସମର୍ଥ ହେଲେ । ଆମେ କେତେଜଣ ଛାତ୍ର ଚକ୍ରାକାରରେ ଘେର କରି ହାତକୁ ହାତ ଛନ୍ଦି ମଝିରେ ମହାତ୍ମାଙ୍କୁ ରଖି ସେହି ଜନଗହଳି ଭିତର ଦେଇ ମଞ୍ଚ ଉପରକୁ ନେବାକୁ ଚେଷ୍ଟା କଲୁ । ମୁଁ ଠିକ୍ ତାଙ୍କର ପଛପଟେ ଚାଲିଥାଏ । ମୋ ସାଙ୍ଗକୁ ଆଉ ଦୁଇଜଣ ପିଲା ମଧ୍ୟ ହାତକୁ ହାତ ଛନ୍ଦିଥିଲେ; କିନ୍ତୁ ଜନତାର ଚାପ ଏତେ ପରିମାଣରେ ଆମ ପଛଆଡୁ ପଡ଼ିଲା ଯେ, ମୁଁ ଆଉ ସମ୍ଭାଳି ନ ପାରି ମହାତ୍ମାଙ୍କର ପିଠି ଆଡ଼କୁ ଠେଲି ହୋଇଗଲି । ସେ ମୋ ଆଡେ ଚାହିଁ ସ୍ମିତ ହାସ୍ୟ କରି ହିନ୍ଦୀରେ କହିଲେ, "ଆରେ ପିଲା ! ତୁ ନିଜକୁ ନିଜେ ତ ସମ୍ଭାଳି ପାରୁନାହୁଁ, ମୋତେ ସମ୍ଭାଳିବୁ କିପରି ?"



https://withteachers.in/

ଏହା କହି ସେ ଆମ ଘରେ ଭିତରୁ ବାହାରିପଡ଼ି କି ଉପାୟରେ କେଜାଣି ଜନତା ଭିତରେ ଗଳିଗଳି ମଞ୍ଚ ଉପରକୁ ଉଠିଲେ, ତାହା ଆମେ ଜାଣିପାରିଲୁ ନାହିଁ । ସେଦିନ ସେ ଯେଉଁ ନାତିଦୀର୍ଘ ଭାଷଣରେ ଜାତୀୟତାର ବୀଜ ଆମମାନଙ୍କ ହୃଦୟରେ ରୋପଣ କଲେ, ତାହା କାଳକ୍ରମେ ଅଙ୍କୁରିତ ହୋଇ ତାଙ୍କର ଆଶୀର୍ବାଦ ତୁଲ୍ୟ ଆମକୁ ଯଥେଷ୍ଟ ପ୍ରଭାବିତ କଲା କହିଲେ ଚଳେ । ସଭାରୁ ଫେରିଆସି ମୁଁ ସ୍କୁଲରୁ ନାମ କାଟି ରାଜନୀତିରେ ମାତିଲି । ଏହା ନନାଙ୍କର ଆଦୌ ସହ୍ୟ ହେଲା ନାହିଁ । ସେ ଏହି ପନ୍ଥାରୁ ମତେ ନିବୃତ୍ତ କଲେ ଆଉ କହିଲେ, "ମନୁଷ୍ୟର ଜ୍ଞାନ ଓ କର୍ମ ଏକା ସ୍ତରରେ ରହିବା ଆବଶ୍ୟକ । ତୁମର ଜ୍ଞାନ ପରିପକ୍ୱ ହେଲେ ଦେଶପାଇଁ କର୍ମ କରିବାକୁ ଶକ୍ତି ପାଇବ । ସେତେବେଳ ଯାଏ ତୁମେ ଅପେକ୍ଷା କରିବା ଆବଶ୍ୟକ ।"



ପିତାଙ୍କର ଏହି ଆଦେଶ ଲଙ୍ଘନ କରିବାକୁ ମୁଁ ସମର୍ଥ ହେଲି ନାହିଁ । ବହୁ ଚିନ୍ତା ପରେ ମୁଁ ସ୍ଥିର କଲି ଯେ, ଭାରତୀୟ ରାଜନୀତିରେ ଯୋଗଦେବାକୁ ହେଲେ ପ୍ରଥମେ ନିଜେ ଓ ନିଜର ଜନ୍ମଭୂମି ଉତ୍କଳକୁ ବଳିଷ୍ଠ କରି ଗଢ଼ିବା ପ୍ରୟୋଜନ । ସେତେବେଳେ ଉତ୍କଳ ସମ୍ମିଳନୀର ନେତୃବର୍ଗ ଓଡ଼ିଆଭାଷୀମାନଙ୍କର ଏକତ୍ରୀକରଣପାଇଁ ଯେଉଁ ଡାକ ଦେଇଥାନ୍ତି ସେଥିରେ ଅନୁପ୍ରାଣିତ ହୋଇ ମୁଁ ସ୍ଥିର କଲି ଯେ, ମୋ ଜୀବନର ପ୍ରଥମ ଲକ୍ଷ୍ୟ ଉତ୍କଳମାତାର ସେବା । ଭାରତମାତା ମୋର ପିତାମହୀ; କିନ୍ତୁ ଉତ୍କଳ ମୋର ଜନନୀ । ଉଭୟଙ୍କର ସେବା ମୋର କର୍ତ୍ତବ୍ୟ; କିନ୍ତୁ ସେଥିମଧ୍ୟରୁ ପ୍ରଥମ କର୍ତ୍ତବ୍ୟଟି ହେଉଛି ଜନ୍ମଭୂମି ମା'ଙ୍କର ସେବା । ଏହି କଥା ମଧୁବାବୁ, ଉତ୍କଳମଣି ଗୋପବନ୍ଧୁ ଏବଂ ଅନ୍ୟାନ୍ୟ ନେତୃବର୍ଗଙ୍କ ଭାଷଣରେ ପ୍ରକଟିତ ହୋଇଛି । ତାକୁ ମୁଁ ଅନୁସରଣ କରିବା ଉଚିତ୍ । ଏପରି ସ୍ଥିର କରି ମୋ ଜୀବନର ଲକ୍ଷ୍ୟ ସାଧନ ପଥରେ ଅଗ୍ରସର ହେବାକୁ ଲାଗିଲି ।

ଗୋଟିଏ ଦିନର କଥା ଆଜି ମୋର ସ୍ମରଣ ହେଉଛି । ଆମ ଗୃହ ବାରଣ୍ଡାରେ କେତେଜଣ ଛାତ୍ରଙ୍କ ସଙ୍ଗେ ବସି ମୁଁ ଗପସପ କରୁଥାଏ । ସେତିକିବେଳେ ଗୋଟିଏ ଗରିବ ବାଳକ ଛିଣ୍ଡାଲୁଗା ଖଣ୍ଡିଏ ପିନ୍ଧି ମଇଳା ବୁକୁଚାଟିଏ ଧରି ଆମ ନିକଟକୁ ଆସିଲା, ବୋଧେ କିଛି ଭିକ୍ଷା ଆମଠାରୁ ପାଇବା ଆଶାରେ । ପିଲାଟି ଗୌରବର୍ଣ୍ଣ, ସୁସ୍ଥସବଳ; କିନ୍ତୁ ତା'ର ମୁହଁ ଅନାହାରକ୍ଲିଷ୍ଟ ଓ ଶୁଷ୍କ । ତାକୁ ଦେଖି କେଜାଣି କାହିଁକି ମୋ ମନରେ କୌତୂହଳ ହେଲା । ପଚାରିଲି, "ଘର ତୁମର କେଉଁଠି ?" ସେ କହିଲା, "ଖଲ୍ଲିକୋଟ ।"



https://withteachers.in/

ମୁଁ – ନାମ ?

ସେ – ବ୍ରହ୍ମଚାରୀ ମୁଇଁ ।

ମୁଁ – ବାପା ମା’ କିଏ ଅଛନ୍ତି ?

ସେ – ମୋର କେହି ନାହାନ୍ତି । ବୁଢ଼ୀ ମା’ ଥିଲେ, ମରିଗଲେ ।

ମୁଁ – ଅନାଥ ଭିକାରି ! ତୁମ ବୟସ ?

ସେ – ବାରବର୍ଷ

ମୁଁ – ଆଚ୍ଛା ଆମେ ଯଦି ସବୁ ପ୍ରକାର ସାହାଯ୍ୟ କରୁ, ତୁମେ ପାଠ ପଢ଼ିବ ?

ଏହା ଶୁଣି ତା’ର ମୁହଁ ଉତ୍‌ଫୁଲ୍ଲ ଦେଖାଗଲା; କିନ୍ତୁ ଅଳ୍ପକ୍ଷଣ ପରେ ସେ ମୁଣ୍ଡ ନୁଆଇଁ କହିଲା,–"ବାବୁ, ମୁଁ ତ ଖାଇବାକୁ ପାଉନାହିଁ, ଟଙ୍କା ଦେଇ ପଢ଼ିବି କେମିତି ? ବହିପତ୍ର, ଲୁଗାପଟା ପାଇବି କୁଆଡୁ ?"

ଏକଥା ଶୁଣି ମୁଁ ଆମର ସଙ୍ଗୀମାନଙ୍କୁ ଚାହିଁ କହିଲି, "ଆସ । ଆମେ ସମସ୍ତେ ମିଶି ଏ ପିଲାଟିକୁ ଚାନ୍ଦା କରି ପଢ଼ାଇବା । ଯଦି ଗୋଟିଏ ଗରିବ ଛାତ୍ରକୁ ମଣିଷ କରାଇ ପାରିବା, ତେବେ ଆମମାନଙ୍କର ଦାନ ସାର୍ଥକ ହେବ ।"

ଏହା ଶୁଣି ମୋର ସଙ୍ଗୀମାନେ ସମସ୍ତେ ଉତ୍ସାହିତ ହେଲେ । କିଏ ବହିପତ୍ର ଦେଲା ତ କିଏ ଜାମାଲୁଗା ତା’ପାଇଁ ଆଣିଦେଲା । ମୁଁ ତା’ର ଖିଆପିଆର ବନ୍ଦୋବସ୍ତ କରିଦେଲି, ରାଧାକାନ୍ତ ମଠର ମହନ୍ତଙ୍କୁ ଅନୁରୋଧ କରି । ଆଉ ତା’ର ଦରମାପାଇଁ ସ୍କଲରସିପ୍ ମଧ୍ୟ ବନ୍ଦୋବସ୍ତ କଲି । ଏଠାରେ କହି ରଖିବା ଆବଶ୍ୟକ ଯେ, ମହାରାଜାଙ୍କ ଅନୁଗ୍ରହରୁ ଓଡ଼ିଆ ଛାତ୍ରମାନେ ସମସ୍ତେ ଅଧା ସ୍କୁଲଫିସ୍ ଦେଇଥାନ୍ତି । ପୁଣି ମେଧାବୀ ଗରିବ ଛାତ୍ରମାନଙ୍କୁ ସ୍କୁଲଫିସ୍ ଦେବା ଛାଡ଼ ହୋଇଥାଏ । ଏପରି ଗରିବ ଛାତ୍ରମାନଙ୍କୁ ଫ୍ରି ସ୍କଲାରସିପ୍ ଦେବା ବିଷୟରେ ଯେଉଁ ଛୋଟ ବିଚାରକମଣ୍ଡଳୀ ମହାରାଜା ଗଢ଼ିଥିଲେ, ସେଥିରେ ମୋର ନନା ଥିଲେ ଜଣେ ସଭ୍ୟ । ତାଙ୍କୁ କହି ବ୍ରହ୍ମଚାରୀପାଇଁ ଗୋଟିଏ ଅବୈତନିକ ସ୍ଥାନ ଯୋଗାଡ଼ କଲି । ଯଥାସମୟରେ ସେ ସ୍କୁଲରେ ନାଆଁ ଲେଖାଇଲା । ଆଉ ପଢ଼ିବା ଆରମ୍ଭ କରିଦେଲା । କଠିନ ଅଧ୍ୟବସାୟ ବଳରେ ସେ ଅଳ୍ପକାଳ ମଧ୍ୟରେ ତୃତୀୟ ଶ୍ରେଣୀ ପାସ୍ କରିଥିଲା । ସେତେବେଳକୁ ଭାରତରେ ଦ୍ୱିତୀୟ ପୃଥିବୀ ମହାସମର ପୂର୍ବରୁ ଗୋଟିଏ ଗୋଟିଏ ଇଣ୍ଡିଆନ୍ ବାଟାଲିୟନ ଭାରତର ପ୍ରତି ଅଞ୍ଚଳରେ ଗଢ଼ିବା ନିୟମ ଥାଏ । ମାନ୍ଦ୍ରାଜର ପ୍ରତି ଜିଲ୍ଲାରୁ ସୁସ୍ଥସବଳ ଲୋକଙ୍କୁ ବାଛି ସେଥିରେ ନାମ ଲେଖାଇବା କାର୍ଯ୍ୟ ଚାଲିଥାଏ । ମହାରାଜାଙ୍କ ଉପରେ ଭାର ଦିଆଗଲା ଗଞ୍ଜାମରୁ ବାଳକମାନଙ୍କୁ ବାଛି ଯୁଦ୍ଧଶିକ୍ଷା କରିବାକୁ ପଠାଇବାପାଇଁ ।

ଦିନେ କଲେଜରେ ଗୋଟିଏ ବିରାଟ ସଭାରେ ମହାରାଜା ଭାଷଣ ଦେଇ ଆହ୍ୱାନ କଲେ, "ଯେଉଁ

ଛାତ୍ରମାନେ ସମରଶିକ୍ଷା କରିବାକୁ ଇଚ୍ଛା କରନ୍ତି, ସେମାନେ ଠିଆ ହୁଅନ୍ତୁ । ମୁଁ ତାଙ୍କୁ ସରକାରଙ୍କଠାରେ ସୁପାରିଶ ପତ୍ର ଦେଇ ମାନ୍ଦ୍ରାଜ ପଠାଇ ଦେବି ।” ଯୁଦ୍ଧର ନାମ ଶୁଣି କେହି ଛାତ୍ର ମହାରାଜାଙ୍କ ଆହ୍ୱାନର ଉତ୍ତର ଦେଲେ ନାହିଁ । ଆମେ ସମସ୍ତେ ପରସ୍ପର ମୁହଁକୁ ଚାହାଁଚାହିଁ ହେଲୁ । ସେତିକିବେଳେ ଦେଖାଗଲା ଯେ ଟିକିଏ ଦୂରରେ ଗୋଟିଏ ଗୌରବର୍ଣ୍ଣ ସୁସ୍ଥସବଳ ବାଳକ ମହାରାଜାଙ୍କ ଆଡ଼କୁ ଚାହିଁ ଠିଆ ହୋଇଛି । ସେ ହେଉଛି ବ୍ରହ୍ମଚାରୀ ମୁଇଁ । ଆମେ ସବୁ ହାହାକାର କଲୁ । ପିଲାଟା କ୍ଲାସ୍‌ରେ ଭଲ ପଢୁଥିଲା । ଆମର ସାଥୀ ହୋଇ ଯେତେସବୁ କାମ କରୁଥିଲା । ଆମର ଅନୁଗତ ହୋଇ ରହିଥିଲା । ସେ ଆଜି ଯୁଦ୍ଧଶିକ୍ଷା କରିବାକୁ ଯିବ ?

ମହାରାଜା ଆନନ୍ଦରେ ହସିହସି ତାକୁ ପାଖକୁ ଡାକି ନେଇ ସବୁକଥା ପଚାରିଲେ । ପରଦିନ ଗୋଟିଏ ସାର୍ଟିଫିକେଟ ଦେଇ ତାକୁ ମାନ୍ଦ୍ରାଜ ପଠାଇଲେ । ଏହାର କେତେବର୍ଷ ପରେ ଦ୍ୱିତୀୟ ପୃଥିବୀ ମହାସମର ଲାଗିଲା । ମୋର ମନେପଡୁଛି ୧୯୪୩ ମସିହାରେ ପୁରୀରୁ ମୁଁ ପାରଳାଖେମୁଣ୍ଡି ଫେରୁଥାଏ । ଖୋର୍ଦ୍ଧା ଷ୍ଟେସନରେ ମାନ୍ଦ୍ରାଜ ମେଲ୍‌କୁ ମୁଁ ଅପେକ୍ଷା କରିଥାଏ ।

ସେତେବେଳେ ଗୋଟିଏ ସ୍ପେଶାଲ ମିଲିଟାରୀ ଗାଡ଼ି ମାନ୍ଦ୍ରାଜ ଆଡୁ ଆସି ଖୋର୍ଦ୍ଧାରେ ପହଞ୍ଚିଲା । ପ୍ଲାଟ୍‌ଫର୍ମରେ ମୁଁ ଛିଡ଼ା ହୋଇଛି, ହଠାତ୍ ସେ ଗାଡ଼ିର ଗୋଟିଏ ସ୍ୱତନ୍ତ୍ର ବଗିରୁ ଜଣେ ସାହେବ ଓହ୍ଲାଇ ମୋ ଆଡ଼କୁ ଆସିଲେ । ମୁଁ ବାଟରୁ ଟିକିଏ ଆଡ଼େଇ ହୋଇଯାଇଛି, ମୋର ହାତ ଦୁଇଟି ସେ ଧରି ପକାଇ ନମସ୍କାର କଲେ । ମୁଁ ଅବାକ୍ ! ଏ କିଏ ? ମୋତେ କାହିଁକି ନମସ୍କାର କରୁଛନ୍ତି ? ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁକୁ ଚାହିଁଥାଏ । ମିଲିଟାରୀ ଡ୍ରେସ୍ ମଣ୍ଡିତ ଜଣେ ଉଚ୍ଚ କର୍ମଚାରୀ ସେ । ଗୋରା ତକ୍‌ତକ୍ ସୁସ୍ଥ ସବଳକାୟ । ସେ ହ୍ୟାଟ୍ ଖଣ୍ଡିକ ବାହାର କରି ସ୍ପଷ୍ଟ ଓଡ଼ିଆରେ କହିଲେ, “ଚିହ୍ନି ପାରୁନାହାନ୍ତି ? ମୁଁ ପରା ଆପଣଙ୍କର ସେହି ବ୍ରହ୍ମଚାରୀ ମୁଇଁ । ଆପଣଙ୍କ କରୁଣାରୁ ମୁଁ ଆଜି ଏହି ଲେଫ୍ଟନାଣ୍ଟ ପଦବୀରେ ନିଯୁକ୍ତ ହୋଇପାରିଛି ।”

ମୁଁ ଆଶ୍ଚର୍ଯ୍ୟ ହେଲି । ସତେ ଯେପରି ଗୋଟିଏ ନଗଣ୍ୟ ଭିକାରି ଆଜି ଦେଶମାତୃକାର ସେବାରେ ଉଚ୍ଚତମ ସ୍ଥାନ ଅଧିକାର କରିଛି । ମୋ ମନରେ ଟିକିଏ ଗର୍ବ ସଞ୍ଚାର ହେଲା । ସତେ, ସେଦିନ ମୋର ଉଦ୍ୟମ ଯୋଗୁଁ ଯେଉଁ ପିଲାଟି ସ୍କୁଲରେ ନାମ ଲେଖାଇ ପାରିଥିଲା, ଆଜି ସେ ଭାଗ୍ୟବଳରେ କେତେ ଉଚ୍ଚକୁ ଉଠିପାରିଛି ! ତେଣୁ ସୁବିଧା ଓ ପାରିପାର୍ଶ୍ୱିକ ଅବସ୍ଥା ହିଁ ମନୁଷ୍ୟକୁ ଉଚ୍ଚ କିମ୍ବା ନୀଚ କରିଥାଏ ।



https://withteachers.in/

# ଲେଖକ ପରିଚୟ

**ସତ୍ୟନାରାୟଣ ରାଜଗୁରୁ (୧୯୦୩-୧୯୯୭)-**



ସେ ପାରଳାଖେମୁଣ୍ଡିରେ ଜନ୍ମଗ୍ରହଣ କରିଥିଲେ । ଜଣେ ଐତିହାସିକ ଓ ଲିପିତତ୍ତ୍ୱବିତ୍ ଭାବରେ ସୁପରିଚିତ । ସେ 'ଓଡ଼ିଆ ଭାଷାର ଉପଭାଷା', 'କଳିଙ୍ଗର ଆତ୍ମକଥା', 'ଗଙ୍ଗବଂଶର ଇତିହାସ' ପ୍ରଭୃତି ପୁସ୍ତକ ରଚନା କରିଛନ୍ତି । ନିଜର ଆତ୍ମକାହାଣୀ 'ମୋ ଜୀବନ ସଂଗ୍ରାମ' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀଦ୍ୱାରା ପୁରସ୍କୃତ । ସଂକଳିତ ପାଠ୍ୟାଂଶଟି 'ମୋ ଜୀବନ ସଂଗ୍ରାମ' ପୁସ୍ତକରୁ ଗୃହୀତ । ସେ ନିଜର ଐତିହାସିକ ଗବେଷଣା ନିମନ୍ତେ ୧୯୭୪ ମସିହାରେ 'ପଦ୍ମଶ୍ରୀ' ପୁରସ୍କାର ପାଇଥିଲେ ।

## ପାଠ ଅନ୍ତର୍ଗତ

### ମୋ ବୁଝିବାରେ

(କ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ତାରା (★)ଚିହ୍ନ ଦିଅ ।

୧. "ଆରେ ପିଲା ! ତୁ ନିଜକୁ ନିଜେ ତ ସମ୍ଭାଳି ପାରୁନାହୁଁ । ମୋତେ ସମ୍ଭାଳିବୁ କିପରି ?" ଏଠାରେ 'ଆରେ ପିଲା' ବୋଲି କାହାକୁ କୁହାଯାଇଛି ?

- ରାଧାକାନ୍ତ ମଠର ମହନ୍ତ ☐
- ମହାତ୍ମା ଗାନ୍ଧି ☐
- ବ୍ରହ୍ମଚାରୀ ମୁଇଁ ☐
- ସତ୍ୟନାରାୟଣ ରାଜଗୁରୁ ☐

୨. ଗାନ୍ଧିଜୀ କାହିଁକି ପାରଳାଖେମୁଣ୍ଡି ଆସିଥିଲେ ?

- ଉତ୍କଳ ସମ୍ମିଳନୀରେ ଯୋଗ ଦେବାପାଇଁ ☐
- ଲୋକଙ୍କ ମନରେ ଜାତୀୟତାବୋଧ ସୃଷ୍ଟି କରିବାପାଇଁ ☐
- ଉତ୍କଳମାତାର ସେବା କରିବାପାଇଁ ☐
- ମାନ୍ଦ୍ରାଜରେ ସମରଶିକ୍ଷା ପାଇଁ ଛାତ୍ର ବାଛିବା ନିମନ୍ତେ ☐

(ଖ) ତୁମେ ଏହି ଉତ୍ତରଗୁଡ଼ିକ କାହିଁକି ବାଛିଲ ଓ ତା'ର କାରଣ ଆଲୋଚନା କର ।



https://withteachers.in/



## ବାକ୍ୟ ଉପରେ ଆଲୋଚନା

ନିମ୍ନଲିଖିତ ବାକ୍ୟଦୁଇଟିକୁ ମନଦେଇ ପଢ଼ ଓ ସାଙ୍ଗମାନଙ୍କ ସହ ଆଲୋଚନା କର । ଏହାର ବ୍ୟାଖ୍ୟାକୁ ଆଲୋଚନା କରି ସାରାଂଶକୁ ଶ୍ରେଣୀରେ କୁହ ଓ ଖାତାରେ ଲେଖ ।

(କ) 'ମନୁଷ୍ୟର ଜ୍ଞାନ ଓ କର୍ମ ଏକାସ୍ତରରେ ରହିବା ଆବଶ୍ୟକ ।'

(ଖ) 'ଭାରତମାତା ମୋର ପିତାମହୀ; କିନ୍ତୁ ଉତ୍କଳ ମୋର ଜନନୀ । ଉଭୟଙ୍କର ସେବା ମୋର କର୍ତ୍ତବ୍ୟ; କିନ୍ତୁ ସେଥିମଧ୍ୟରୁ ପ୍ରଥମ କର୍ତ୍ତବ୍ୟଟି ହେଉଛି ଜନ୍ମଭୂମି ମା'ଙ୍କର ସେବା ।



## ମଳିମିଶି ଯୋଡ଼ିବା

ପଠିତ ପାଠରୁ କିଛି ଶବ୍ଦ ଓ ତା'ର ଅର୍ଥ ନିମ୍ନରେ ଦିଆଯାଇଛି । ସାଙ୍ଗମାନଙ୍କ ସହିତ ଦଳରେ ଆଲୋଚନା କରି ଶବ୍ଦ ସହ ତା'ର ଅର୍ଥକୁ ଗାର ଟାଣି ଯୋଡ଼ । (ଆବଶ୍ୟକସ୍ଥଳେ ତୁମେ ଅଭିଧାନ, ଇଣ୍ଟରନେଟ୍, ପାଠାଗାର ବା ନିଜ ଶିକ୍ଷକଙ୍କ ସହାୟତା ନେଇପାରିବ ।)

| ଶବ୍ଦ | ଅର୍ଥ ବା ବ୍ୟାଖ୍ୟା |
|---|---|
| ୧. ଅସହଯୋଗ | ୧. ପିତାଙ୍କ ମାତା ବା ଜେଜେମାଆ |
| ୨. ଚକ୍ରାକାର | ୨. ଭୋକରେ ଦୁର୍ବଳ ହୋଇପଡ଼ିଥିବା ବା ଖାଦ୍ୟ ନ ପାଇ ଶରୀର କ୍ଷୀଣ ହୋଇଯାଇଥିବା । |
| ୩. ପିତାମହୀ | ୩. ସୈନ୍ୟବିଭାଗର ଉଚ୍ଚ ପଦାଧିକାରୀ । |
| ୪. ବୁକୁଚା | ୪. ସରକାରୀ / ବେସରକାରୀସ୍ତରରୁ ମିଳୁଥିବା ଆର୍ଥିକ ସହାୟତା ବା ବୃତ୍ତି । |
| ୫. ଅନାହାରକ୍ଲିଷ୍ଟ | ୫. ସହଯୋଗ ନ କରିବା । |
| ୬. ସ୍କଲାରସିପ୍ | ୬. ଗଣ୍ଠିଲି / ବୁଜୁଳା |
| ୭. ଲେଫ୍ଟନାଣ୍ଟ | ୭. ଚକ୍ର ପରି ଗୋଲ ଆକାର |



https://withteachers.in/



## ଚିନ୍ତା କରିବା

ପାଠଟିକୁ ଆଉଥରେ ପଢି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

୧. ଲେଖକ ଜଣେ ପରୋପକାରୀ ଓ ଦୟାର୍ଦ୍ର ବ୍ୟକ୍ତି ଥିଲେ ବୋଲି ଆମେ କାହିଁକି କହିପାରିବା ?

୨. ଲେଖକଙ୍କ ଜୀବନର ଲକ୍ଷ୍ୟ କ'ଣ ଥିଲା ?

୩. ବ୍ରହ୍ମଚାରୀ ମୁଇଁ, ଲେଖକଙ୍କ ନିକଟରେ କୃତଜ୍ଞ ଥିଲେ । ଏହା କେଉଁ ଘଟଣାରୁ ଜାଣିପାରୁଛ ?

୪. "ବ୍ରହ୍ମଚାରୀ ମୁଇଁ ଜଣେ ଗରିବ ବାଳକ ଥିଲେ । ତଥାପି ସେ ପାଠ ପଢ଼ି ସୈନ୍ୟବାହିନୀର ଉଚ୍ଚ ପଦାଧିକାରୀ ହୋଇ ପାରିଥିଲେ ।"

   (କ) ସେ ସ୍କୁଲ୍‌ରେ ପାଠ ପଢ଼ିବା ପାଇଁ କିପରି ସୁଯୋଗ ପାଇଥିବେ ?

   (ଖ) ତାଙ୍କର ଖାଦ୍ୟପେୟର ଆବଶ୍ୟକତା କିପରି ମେଣ୍ଟି ପାରିଥିବ ?



## ଆତ୍ମକଥା ଲିଖନ

ଉକ୍ତ ପାଠଟି ସତ୍ୟନାରାୟଣ ରାଜଗୁରୁଙ୍କ ଆତ୍ମଜୀବନୀର ଏକ ଅଂଶ ଅଟେ । ଆତ୍ମଜୀବନୀର ଅର୍ଥ 'ନିଜ କଥା' । ଦୁନିଆରେ ଅନେକ ଲୋକ କେବେ ନିଜ ପାଇଁ ଓ କେବେ ଅନ୍ୟମାନଙ୍କ ପଢ଼ିବା ପାଇଁ ଆତ୍ମକଥା ଲେଖିଥାଆନ୍ତି ।

କ. ଉକ୍ତ ପାଠକୁ ପୁଣିଥରେ ପଢ ଓ ଦଳଗତ ଭାବରେ ଆଲୋଚନା କରି ପାଠରେ ଥିବା ଏଭଳି ବାକ୍ୟଗୁଡ଼ିକର ତାଲିକା କର, ଯେଉଁଥିରୁ ଲେଖକ ନିଜ ବିଷୟରେ କିଛି କହୁଥିବା କଥା ଜଣାପଡୁଥିବ ।

ଖ. ନିଜ ଲେଖାକୁ ଶ୍ରେଣୀରେ ପଢ଼ ଓ ସାଙ୍ଗମାନଙ୍କ ସହ ଆଲୋଚନା କର ।



## ଶବ୍ଦ ପ୍ରୟୋଗର ରୂପ

ଏହି ପାଠରେ ବ୍ୟବହୃତ ଶବ୍ଦ 'ନାତିଦୀର୍ଘ'ର ଅର୍ଥ 'ଯାହା ଅତି ଦୀର୍ଘ ନୁହେଁ' । ଆମ୍ଭେ ଏହି ଶବ୍ଦକୁ ବାକ୍ୟରେ ବ୍ୟବହାର କରିଥାଉ ।

ଆମ୍ଭେମାନେ ଲେଖିବା ସମୟରେ ଏହିପରି ଶବ୍ଦମାନଙ୍କୁ ଯୋଡ଼ି ଛୋଟ / ସଂକ୍ଷେପ କରୁ, ଯାହାଫଳରେ ସମୟ, କାଗଜ ପ୍ରଭୃତି ଅଧିକ ବ୍ୟବହାର ହୁଏନାହିଁ । ଏହା ପଢ଼ିବାକୁ ଓ କହିବାକୁ ମଧ୍ୟ ଭଲଲାଗେ । ଏହାକୁ ସଂକ୍ଷିପ୍ତୀକରଣ କୁହାଯାଏ । ଏହିପରି କେତେକ ଶବ୍ଦ ପାଠରୁ ଖୋଜି ତାଲିକା କର ।



https://withteachers.in/

## ପାଠ ବାହାରୁ

କ. ସ୍ୱତନ୍ତ୍ରତା ଆନ୍ଦୋଳନରେ ଭାଗନେଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ନାମ ଖାତାରେ ଲେଖ । ସେମାନଙ୍କ ବିଷୟରେ ଶ୍ରେଣୀରେ ଆଲୋଚନା କର ।

ଖ. ନିଜ ବାପାମାଆ ବା ଅଭିଭାବକଙ୍କ ସହ କଥାବାର୍ତ୍ତା କର । ତାଙ୍କର ଜନ୍ମସ୍ଥାନ, ପ୍ରିୟ ଖାଦ୍ୟ, ରଙ୍ଗ, ଗୀତ, ସ୍ଥାନ, ପିଲାଦିନର ସ୍ମୃତି ବିଷୟରେ ପଚାରି ବୁଝ ଓ ଲେଖ । ଯେପରିକି –

- ତୁମେ କେଉଁଠାରେ ଜନ୍ମ ହୋଇଥିଲ ?
- ତୁମର ପ୍ରିୟ ଖାଦ୍ୟ କ'ଣ ?
- ତୁମ ପ୍ରିୟ ପୁସ୍ତକର ନାମ କ'ଣ ?... ଇତ୍ୟାଦି ।

## ପାଠାଗାର ବା ଇଣ୍ଟରନେଟ୍‌ରୁ .....

ପାଠାଗାର ବା ଇଣ୍ଟରନେଟ୍‌ରୁ ଖୋଜି ସତ୍ୟନାରାୟଣ ରାଜଗୁରୁଙ୍କ ଆତ୍ମଜୀବନୀ ପଢ଼ । ଏହା ବ୍ୟତୀତ ଦେଶଭକ୍ତି ସମ୍ବନ୍ଧୀୟ ଜୀବନୀ, ଆତ୍ମଜୀବନୀଗୁଡ଼ିକ ଖୋଜି ପଢ଼ ଓ ନିଜ ସାଙ୍ଗମାନଙ୍କ ସହ ଆଲୋଚନା କର ।

## ଶବ୍ଦ ପ୍ରୟୋଗ

ମାଆକୁ ମାତା ଓ ଜନନୀ କୁହାଯାଏ । ତୁମେ ତୁମ ମାଆଙ୍କୁ କ'ଣ ବୋଲି ଡାକ ଅନ୍ୟ ଭାଷାରେ 'ମାଆଙ୍କ ପାଇଁ ବ୍ୟବହୃତ ଶବ୍ଦଗୁଡିକୁ ଲେଖ । ମାଆର ପ୍ରତିଶବ୍ଦ ଓଡ଼ିଆ ଭାଷାରେ କ'ଣ ଅଛି, ଲେଖ ?

## ଶବ୍ଦ ସାରଣୀ

ନିମ୍ନ ସାରଣୀରେ ପାଠରୁ ବାଛି କେତେକ ବିଶେଷଣ ପଦ ଦିଆଯାଇଛି । ସେଗୁଡ଼ିକୁ ଖୋଜି ଗୋଲ ବୁଲାଅ ଓ ଖାତାରେ ଲେଖ । ପାଠରେ ଥିବା ସେହି ବିଶେଷଣ ପଦଗୁଡ଼ିକ ତଳେ ଗାର ଟାଣ ।

| | | | | | |
|---|---|---|---|---|---|
| ଉ | ତ୍ତ | ମ | ଗ | ଶୁ | ଷ୍କ |
| ଛ | ନା | ଇ | ରି | ଛି | ଣ୍ଡା |
| ପୁ | ଡି | ଲା | ବ | ଳି | ଷ୍ଠ |
| ରୁ | ଦୀ | ପ | ଗୋ | ବୁ | ଢ଼ୀ |
| ଣା | ର୍ଘ | ବି | ରା | ଟ | କ |
| ପ୍ର | ଥ | ମ | ସ୍ୱ | ଷ୍ଟ | ଗୌ |
| ଅ | ବୈ | ତ | ନି | କ | ର |



https://withteachers.in/

## ଝରକାରୁ

# ମାଟି ମାଆ

ହୀରା ମୁଁ ଦେଖିଛି ନୀଳା ମୁଁ ଦେଖିଛି
ଦେଖିଛି ମାଣିକମୋତି
ଏ ସାରା ଜଗତ ଘୂରି ମୁଁ ଆସିଛି,
ପାଇ ନାହି କାହିଁ ମୋ' ଦେଶର ପ୍ରିୟମାଟି ।୦ ।
ସୁନା ସୁନା ସୁନା, ସବୁ ମୁହେଁ ସୁନା
ସୁନା ସବୁଠାରୁ ଖାଣ୍ଟି,



ମୋ' ମାଟିର ସୁନା ତାହାଠୁ ବି ଖାଣ୍ଟି
ପାରୁ ଯଦି ଜାଣି ଆପଣା ଭିତରେ ବାଣ୍ଟି
ମାଟି-ସୁନା ଥାଉଁ ଆଉ କେଉଁ ସୁନା
କହ ଆହେ ଭାଇ, ଫୁଲାଇ ପାରିବ ଛାତି ? ।୧ ।
ସାଇତିଲି କେତେ, ହୀରା ନୀଳା ମୋତି
ରତନ ଯତନ କରି
କେହି ହେଲେ ଆହା ! ସାହା ହୋଇଲେ ନି
ମାଟି ଏକ ନେଲା ବରି
କୋଟିଏ ଜୁହାର ମୋ'ମାଟି ମାଆକୁ
ତା'ମମତା ଦାନେ ବଡ଼ କଲା ଛାତି କାଟି ।।୨ ।।

ରଚନା - ମଙ୍ଗଳୁଚରଣ ବିଶ୍ୱାଳ

## ଆସ ଖୋଜିବା

ମାଆଙ୍କ ସହ ସମ୍ପର୍କିତ ପାଞ୍ଚଟି ବହି, ପାଠାଗାରରୁ ଖୋଜି ପଢ଼ ତାକୁ ଆଧାର କରି ଛୋଟ ଲେଖାଟିଏ ଲେଖ ।



https://withteachers.in/

# ଆମ ଲେଖା ଆମ ଚିତ୍ର







https://withteachers.in/

୭



# ଉତ୍କଳ ସନ୍ତାନ

ତୁ ପରା ବୋଲାଉ ଉତ୍କଳ ସନ୍ତାନ
ତେବେ କିମ୍ପା ଏତେ ଭୀରୁ !
ତୋହର ଜନନୀ ରୋଦନ କରିଲେ
କହିବାକୁ କିମ୍ପାଡରୁ ।





ତୋ ପୂର୍ବ ପୁରୁଷେ ଜୟ କରିଥିଲେ
ଗଙ୍ଗାଠାରୁ ଗୋଦାବରୀ,
ତାଙ୍କରି ଔରସେ ଜନ୍ମ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ?

ତୁ ମନେ ଭାବୁଚୁ ତୋଷାମଦ କରି
ବଢ଼ାଇବୁ ଜାତି ମାନ
ତୋଷାମଦିଆର କୁକୁର ପ୍ରକୃତି
ଅଇଁଠା ପତରେ ଧ୍ୟାନ ।

x x x x x



ଜାତିର ଉନ୍ନତି ସେ କାହୁଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ,
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ ?

https://withteachers.in/



ଜାତି ନନ୍ଦିଘୋଷ  ଚଳିବ କି ଭାଇ

ସ୍ୱାର୍ଥକୁ ସାରଥି କଲେ,

ଟାଣେ କିରେ ଗାଡ଼ି  ଦାନାର ତୋବଡ଼ା

ଘୋଡ଼ା ମୁହେଁ ବନ୍ଧାଥିଲେ ।

x x x x





ଉଠରେ ଉଠରେ  ଉତ୍କଳ ସନ୍ତାନ

ଉଠିବୁ ତୁ କେତେ ଦିନେ,

ପୂରୁବ ଗୌରବ  ପୂରୁବ ସାହସ

ପଡ଼ିବ କି କେବେ ମନେ ?

ତୋହର ଜନନୀ  ବୀରପ୍ରସବିନୀ

ଧୂଳିରେ ପଡିଛି ଦେଖ,





ଜନସମାଜରେ  ଏ ମହୀ ମଧ୍ୟରେ

କିପରି ଦେଖାଉ ମୁଖ ?

ତୋ' ପୂର୍ବପୁରୁଷ  ସ୍ୱର୍ଗଧାମେ ଥାଇ

ଭୋଗୁଛନ୍ତି ମନସ୍ତାପ

ତାଙ୍କରି ଜୀବନ  କରି ବିସ୍ମରଣ


କରୁଛୁ ତୁ ମହାପାପ ।





https://withteachers.in/

## କବି ପରିଚୟ



**ମଧୁସୂଦନ ଦାସ - (୧୮୪୮-୧୯୩୪)**

ଉତ୍କଳଗୌରବ ମଧୁସୂଦନ ଦାସ କଟକ ଜିଲ୍ଲାର ସତ୍ୟଭାମାପୁରରେ ଜନ୍ମଗ୍ରହଣ କରିଥିଲେ । ସେ ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ପୁରୋଧା । ଓଡ଼ିଶାରେ ମଧୁବାରିଷ୍ଟର ନାମରେ ପରିଚିତ । "ଉତ୍କଳ ସନ୍ତାନ", "ଜାତିଇତିହାସ" "ଜନନୀର ଉକ୍ତି" ଆଦି ତାଙ୍କର ସାରସ୍ୱତ ସୃଷ୍ଟି ।

## ପାଠ ଅନ୍ତର୍ଗତ

### ମୋ ବୁଝିବାରେ

୧. ନିମ୍ନରେ ଦିଆଯାଇଥିବା ପ୍ରଶ୍ନର ଠିକ୍ ଉତ୍ତର ପାଖରେ ତାରା (*) ଚିହ୍ନ ଦିଅ ।

କ. ନିମ୍ନଲିଖିତ କେଉଁ ଧାଡ଼ିରେ କବିତାର ମୁଖ୍ୟ ବାର୍ତ୍ତାଟି ପ୍ରତିଫଳିତ ହେଉଛି ?

- ଶାଗୁଣା ବିଲୁଆ ଚିକିତ୍ସକ ଅଟନ୍ତି । ☐
- ତୋଷାମଦ କଲେ ଜାତିର ଉନ୍ନତି ହେବ । ☐
- ପୂର୍ବପୁରୁଷ ଆମ କର୍ମ ଦେଖି ଖୁସି ହେଉଛନ୍ତି । ☐
- ଉତ୍କଳର ପୂର୍ବଗୌରବ ଓ ପୂର୍ବ ମହିମା ଥିଲା ଉଜ୍ଜ୍ୱଳମୟ । ☐

(ଖ) ଉତ୍କଳସନ୍ତାନ ଭାବରେ ଆମ ମନରେ ଗର୍ବ ଆସେ । କାରଣ ଆମ ପୂର୍ବପୁରୁଷ....

- ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଜୟ କରିଥିଲେ । ☐
- ତୋଷାମଦ କରି ଆମ ଜାତିର ମାନ ବଢ଼ାଉଥିଲେ । ☐
- ଜାତିର ଉନ୍ନତି ପାଇଁ ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେଉଥିଲେ । ☐
- ନିଜକୁ ଭୀରୁ ବୋଲି ଅନ୍ୟ ଆଗରେ ପରିଚୟ ଦେଉଥିଲେ । ☐

୨. ତୁମେ ଏହି ଉତ୍ତରଗୁଡ଼ିକ କାହିଁକି ବାଛିଲ, ତା'ର କାରଣ ସାଙ୍ଗମାନଙ୍କ ସହିତ ଆଲୋଚନା କରି ଲେଖ ।



https://withteachers.in/



## ମିଳିମିଶି ଯୋଡ଼ିବା

କବିତାରୁ ବାଛି କିଛି ଶବ୍ଦ ନିମ୍ନରେ ଦିଆଯାଇଛି । ତା' ପାଖରେ ଶବ୍ଦର ଅର୍ଥ/ବ୍ୟାଖ୍ୟା ଦିଆଯାଇଛି । ଦଳରେ ଆଲୋଚନା କରି ଏହାକୁ ମେଳକର । ମିଳାଇବା ସମୟରେ ତୁମେ ଶବ୍ଦକୋଷ, ଇଣ୍ଟରନେଟ୍ ବା ଶିକ୍ଷକଙ୍କର ସହାୟତା ନେଇ ପାରିବ ।

| ଶବ୍ଦ | ଅର୍ଥ / ବ୍ୟାଖ୍ୟା |
|---|---|
| • ଜନନୀ | • ପୃଥିବୀର ଅନ୍ୟନାମ । |
| • ଶବ | • ମନୁଷ୍ୟ ମରିବା ପରର ଅବସ୍ଥା । |
| • ବୀରପ୍ରସବିନୀ | • ଯେଉଁ ମାଆ ବୀରପୁରୁଷଙ୍କୁ ଜନ୍ମ ଦେଇଛି । |
| • ମହୀ | • ମନେ ନ ପଡ଼ିବା / ଭୁଲି ଯିବା । |
| • ବିସ୍ମରଣ | • ମାଆ / ଯେ ତୁମକୁ ଜନ୍ମ ଦେଇଛନ୍ତି । |



## ପଦ୍ୟାଂଶ ଉପରେ ଆଲୋଚନା

କବିତାରୁ ଗୋଟିଏ ପଦ ତଳେ ଦିଆଯାଇଛି । ସେହି ପଦଟିକୁ ପଢ଼ ଓ ବୁଝ । ସାଙ୍ଗମାନଙ୍କ ସହ ଆଲୋଚନା କରି ଉତ୍ତର ଲେଖ ।

"ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ
ପୂରୁବ ଗୌରବ ପୂରୁବ ମହିମା
ପଡ଼ିବକି କେବେ ମନେ ?"



## ଚିନ୍ତା କରିବା

କବିତାଟିକୁ ପୁଣିଥରେ ପଢ଼ । ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଲେଖ ।

(କ) ସ୍ୱାର୍ଥପର ବ୍ୟକ୍ତିମାନଙ୍କୁ କାହା ସହ ତୁଳନା କରାଯାଇଛି ?

(ଖ) ଏହି କବିତାଟି ଏକ ଜାତିପ୍ରେମ ସୃଷ୍ଟିକାରୀ କରିବା – କାହିଁକି ?

(ଗ) ଉତ୍କଳର ସନ୍ତାନ ଭାବରେ ଜାତିର ଉନ୍ନତି ପାଇଁ ତୁମେ କେଉଁସବୁ କାମ କରିବ ?



https://withteachers.in/



## କବିତାର ରଚନା ଶୈଳୀ

"ତୁ ପରା ବୋଲାଉ ଉତ୍କଳ ସନ୍ତାନ
ତେବେ କିମ୍ପା ଏତେ ଭୀରୁ
ତୋହର ଜନନୀ ରୋଦନ କରିଲେ
କହିବାକୁ କିମ୍ପା ଡ଼ରୁ ।"

ଏହି ପଦଟିକୁ ଶିକ୍ଷକଙ୍କ ସହିତ ଗାଇବାକୁ ଚେଷ୍ଟାକର । ତୁମେ ହାତରେ ତାଳ ପକାଇ ବୋଲିବାକୁ ମଧ୍ୟ ଚେଷ୍ଟାକର । ଉଭୟ ପାଦ ଗାଇବାପାଇଁ ସମାନ କିମ୍ବା ଭିନ୍ନ ସମୟ ଲାଗିଲା କି ? ତୁମେ ନିଶ୍ଚିତ ଭାବରେ ଅନୁଭବ କରିଥିବ ଯେ ଏହି ପାଦଗୁଡ଼ିକ ଗାଇବାପାଇଁ ପ୍ରାୟ ସମାନ ସମୟ ଲାଗୁଛି । କେବଳ ଏହି ଦୁଇଟି ପାଦ ନୁହେଁ, ଉକ୍ତ କବିତାରେ ଅନ୍ୟ ପଦଗୁଡ଼ିକ ଏପରି ଥିବାରୁ ଏହି ବିଶେଷତାପାଇଁ କବିତା ଅଧିକ ପ୍ରଭାବଶାଳୀ ହୋଇପାରିଛି ।

ଯଦି ତୁମେ ଧ୍ୟାନ ଦେଇ ଦେଖିବ, ତେବେ ଏହି କବିତାରେ ଆହୁରି ଅନେକ ବିଶେଷକଥା ଦେଖି ପାରିବ ।

(କ) ଏହି କବିତାକୁ ପୁଣି ଥରେ ପଢ଼ । ଦଳରେ ଆଲୋଚନା କରି ଏହି କବିତାରେ କ'ଣ କ'ଣ ବିଶେଷତା ଅଛି, ତା'ର ତାଲିକା ପ୍ରସ୍ତୁତ କର । ଯେପରି ଏହି କବିତାର ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା ୨୦ ।

(ଖ) ତୁମେ ଦଳରେ ପ୍ରସ୍ତୁତ କରିଥିବା ତାଲିକାକୁ ଶ୍ରେଣୀରେ ଉପସ୍ଥାପନ କର ।



## ମେଳ କରିବା

'କ' ସ୍ତମ୍ଭରେ କିଛି ପଦ୍ୟାଂଶ ଓ 'ଖ' ସ୍ତମ୍ଭରେ ତା'ର ଭାବାର୍ଥ ଦିଆଯାଇଛି । 'କ' ସ୍ତମ୍ଭକୁ 'ଖ' ସ୍ତମ୍ଭ ସହିତ ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| • ତୋ ପୂର୍ବ ପୁରୁଷେ ଜୟ କରିଥିଲେ ଗଙ୍ଗାଠାରୁ ଗୋଦାବରୀ । | • ସ୍ୱାର୍ଥପର ବ୍ୟକ୍ତିମାନେ ଜାତିର ଉନ୍ନତି କିପରି କରିପାରିବେ ? |
| • ଜାତିର ଉନ୍ନତି ସେ କାହୁଁ କରିବ ସ୍ୱାର୍ଥେ ଯା'ର ବ୍ୟସ୍ତ ମନ । | • ତୋ' ପୂର୍ବ ପୁରୁଷମାନେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଜୟ କରିଥିଲେ । |
| • ପୂରୁବ ଗୌରବ ପୂରୁବ ସାହସ ପଡ଼ିବ କି କେବେ ମନେ ? | • ତୋ'ର ପୂରୁବ ସାହସ ଓ ପୂରୁବ ଗୌରବ କଥା ମନେ ପଡ଼ିବ ? |



https://withteachers.in/



## ଚିନ୍ତା କରିବା

ସାଙ୍ଗମାନଙ୍କ ସହିତ ଦଳରେ ଆଲୋଚନା କରି ଲେଖ ।

କ. ‘ଜାତି ନନ୍ଦିଘୋଷ ଚଳିବକି ଭାଇ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧାଥିଲେ ।”

- ସ୍ୱାର୍ଥ ଓ ଦାନାର ତୋବଡ଼ା ମଧ୍ୟରେ କ’ଣ ସମ୍ପର୍କ ଥାଇପାରେ ?
- ଜାତି ନନ୍ଦିଘୋଷକୁ ଘୋଡ଼ାମାନେ ଟାଣିବା କଥାରୁ ତୁମେ କଅଣ ଅନୁମାନ କରୁଛ ?



## ଶବ୍ଦର ରୂପ

ତୋଷାମଦିଆର କୁକୁର ପ୍ରକୃତି ।

କୁକୁରକୁ ଶ୍ୱାନ, ବକ୍ରପୁଚ୍ଛ ମଧ୍ୟ କୁହାଯାଏ । ସେହିପରି ନିମ୍ନରେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି, ସେଗୁଡିକର ଦୁଇଟି ଲେଖାଏଁ ସମାର୍ଥକ ଶବ୍ଦ ଲେଖ ।

୧. ଜନନୀ ......................................, ......................................

୨. ମହୀ ......................................, ......................................

୩. ସ୍ୱର୍ଗ ......................................, ......................................

୪. ଜୀବନ ......................................, ......................................

୫. ଭାଇ ......................................, ......................................



## ଅର୍ଥର କଥା

(କ) ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥି କଲେ ।

ଏହି ପଦ୍ୟାଂଶରେ ‘ଚଳିବ’ ଶବ୍ଦ ବଦଳରେ ‘ରହିବ’ ଶବ୍ଦ ବ୍ୟବହାର କରି ପଢ଼ । ଏହି ଶବ୍ଦକୁ ବଦଳାଇ ଦେବା ଫଳରେ ପଦ୍ୟାଂଶଟିର କିଛି ଅର୍ଥ ବଦଳୁଛି କି ? ଦଳରେ ଆଲୋଚନା କରି କୁହ ।

(ଖ) କବିତାର ପ୍ରତ୍ୟେକ ଶବ୍ଦର ବିଶେଷ ମହତ୍ତ୍ୱ ଅଛି । ଯଦି ଏହି ଶବ୍ଦ ବଦଳାଯାଏ, ତା’ହେଲେ କବିତାର ଅର୍ଥ ବଦଳିଯିବା ସହ ସୁନ୍ଦରତା ମଧ୍ୟ ନଷ୍ଟ ହୁଏ ।



https://withteachers.in/

ତଳେ କିଛି ପଦ୍ୟାଂଶ ଦିଆଯାଇଛି । ପଦ୍ୟାଂଶଟିର ଶୂନ୍ୟସ୍ଥାନରେ ପାଖାପାଖି ସମାନ ଅର୍ଥ ଥିବା କିଛି ଶବ୍ଦ ଦିଆଯାଇଛି । କବିତା ଅନୁସାରେ ଉପଯୁକ୍ତ ଶବ୍ଦକୁ ବାଛି ଶୂନ୍ୟସ୍ଥାନ ପୂରଣ କର ।

## ପୂରଣ କର –

୧. ତୁ ମନେ ଭାବୁଛୁ ............................ କରି ବଢ଼ାଇବୁ ଜାତିମାନ,

(ତୋଷାମଦ, ତେଲେଇ ତେଲେଇ, ଚାଟୁ)

ତୋଷାମଦିଆର .............................ପ୍ରକୃତି ଅଇଁଠା ପତରେ ଧ୍ୟାନ ।

(ଶ୍ୱାନ, କୁକୁର, ବକ୍ରପୁଚ୍ଛ)

୨. ତୋହର ...................................ବୀରପ୍ରସବିନୀ ଧୂଳିରେ ପଡ଼ିଛି ଦେଖ,

(ମାଆ, ଜନ୍ମଦାତ୍ରୀ, ଜନନୀ)

ଜନସମାଜରେ ଏ ..........................ମଧ୍ୟରେ କିପରି ଦେଖାଉ ମୁଖ ?

(ମହୀ, ଧରଣୀ, ବସୁମତି)

୩. ତୁ ପରା ବୋଲାଉ ଉତ୍କଳ ......................ତେବେ କିମ୍ପା ଏତେ ଭୀରୁ !

(ପୁଅ, ସନ୍ତାନ, ପୁତ୍ର)

ତୋହର ଜନନୀ ................................କରିଲେ କହିବାକୁ କିମ୍ପା ଡରୁ ?

(ରୋଦନ, କାନ୍ଦିବା, କାନ୍ଦ)

## ପ୍ରତୀକ

(କ) ଶାଗୁଣା – ଏକ ପକ୍ଷୀର ନାମ

ନନ୍ଦିଘୋଷ – ଜଗନ୍ନାଥଙ୍କ ରଥର ନାମ


କବିତାରେ ଏହି ଦୁଇଟି ଶବ୍ଦ ଶାଗୁଣାପକ୍ଷୀ କିମ୍ବା ଜଗନ୍ନାଥଙ୍କ ରଥପାଇଁ ବ୍ୟବହାର କରାଯାଇ ନାହିଁ । ତେବେ କବିତାରେ ଉକ୍ତ ଦୁଇଟି ଶବ୍ଦ କେଉଁ ଅର୍ଥରେ ବ୍ୟବହାର କରାଯାଇଛି, ସାଙ୍ଗମାନଙ୍କ ସହ ଆଲୋଚନା କରି ଖାତାରେ ଲେଖ ।




https://withteachers.in/

(ଖ) କବିତାରୁ କିଛି ଶବ୍ଦ ତଳେ ଲେଖାଯାଇଛି । ସେହି ଶବ୍ଦଗୁଡ଼ିକ ମଧ୍ୟରୁ ଜାତିର ଉନ୍ନତି ଓ ଜାତିର ଅବନତି ସହ ସମ୍ପର୍କିତ ଶବ୍ଦଗୁଡ଼ିକୁ ବାଛି ଉପଯୁକ୍ତ ସ୍ଥାନରେ ଲେଖ ।


(ତୋଷାମଦିଆ, ପୁଣ୍ୟ, କୁକୁରପ୍ରକୃତି, ନିଃସ୍ୱାର୍ଥ, ଭୀରୁ, ସୁସନ୍ତାନ, ବିଲୁଆଚିକିତ୍ସକ, ବୀର ।




(ଗ) ଦଳରେ ଆଲୋଚନା କରି କେଉଁ ଚିତ୍ରଟିର କେଉଁ ପଦ୍ୟାଂଶ ସହିତ ସମ୍ପର୍କ ଅଛି, କବିତାରୁ ଖୋଜି ଲେଖ ।








https://withteachers.in/



## କବିତାର କଥା

"ତୋ' ପୂର୍ବପୁରୁଷ ସ୍ୱର୍ଗଧାମେ ଥାଇ ଭୋଗୁଛନ୍ତି ମନସ୍ତାପ"

ଏଇ ପଦ୍ୟାଂଶଟିକୁ ଗଦ୍ୟରେ ଲେଖିଲେ

ତୋ ପୂର୍ବପୁରୁଷମାନେ ସ୍ୱର୍ଗଧାମରେ ଥାଇ ମନସ୍ତାପ ଭୋଗୁଛନ୍ତି ।

ତଳେ ଦିଆଯାଇଥିବା ପଦ୍ୟାଂଶଗୁଡ଼ିକୁ ଗଦ୍ୟରେ ଲେଖ ।

(କ) 'ଉଠରେ ଉଠରେ ଉତ୍କଳ ସନ୍ତାନ, ଉଠିବୁ ତୁ କେତେ ଦିନେ'

(ଖ) "ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡା ମୁହେଁ ବନ୍ଧା ଥିଲେ ।"

(ଗ) ପୂରୁବ ଗୌରବ ପୂରୁବ ସାହସ
ପଡ଼ିଯିବ କି କେବେ ମନେ ?

(ଘ) ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ ?



## 'ଇଆ'ର ପ୍ରୟୋଗ

'ତୋଷାମଦିଆର କୁକୁର ପ୍ରକୃତି'

ଏଠାରେ 'ତୋଷାମଦିଆ' ଶବ୍ଦ ଦିଆ ଯାଇଛି । 'ତୋଷାମଦ' ଶବ୍ଦ ସହ ଇଆ ଯୋଗ କଲେ, ତାହା 'ତୋଷାମଦିଆ' ହୁଏ । ତୋଷାମଦ ଗୋଟିଏ ଗୁଣକୁ ବୁଝାଏ, ତୋଷାମଦିଆ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ବୁଝାଏ । ଏହିଭଳି କିଛି ଗୁଣ ଅଛି, ଯେଉଁଥିରେ 'ଇଆ' ଯୋଗ କଲେ ଜଣେ ବ୍ୟକ୍ତି ବିଶେଷକୁ ବୁଝାଇବ । ସେହି ଗୁଣଗୁଡ଼ିକ ଲେଖ ।

## ପାଠ ବାହାରୁ



### ତୁମ କଥା –

ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ ।
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ ॥



https://withteachers.in/

ଯଦି ସମସ୍ତ ବ୍ୟକ୍ତି ନିଜ ନିଜର ସ୍ୱାର୍ଥକୁ ତ୍ୟାଗକରି କାମ କରିବେ, ତେବେ ଜାତିର ଉନ୍ନତି ହୋଇପାରିବ । ତୁମେ ମଧ୍ୟ ଅନ୍ୟ ପାଇଁ ନିଃସ୍ୱାର୍ଥପର ଭାବରେ କିଛି ଭଲକାମ କରୁଥିବ, ସେହି କାର୍ଯ୍ୟଗୁଡ଼ିକ କୁହ ।

(ଖ) ଏହି କବିତାରେ ନିଜର ସ୍ୱାର୍ଥକୁ ତ୍ୟାଗ କରି ଜାତିର ଉନ୍ନତି କରିବା କଥା କୁହାଯାଇଛି । ଯଦି ତୁମେ ତୁମ ସାଙ୍ଗକୁ ନିଃସ୍ୱାର୍ଥ ପର ହୋଇ କାମ କରିବାକୁ ପ୍ରେରିତ କରିବ, ତେବେ ତୁମେ କ'ଣ କରିବ ? କ'ଣ କହିବ ? ଦଳରେ ଆଲୋଚନା କର ।

(ଗ) ତୁମକୁ କେହି କେବେ ନିଃସ୍ୱାର୍ଥପର ଭାବରେ କାମ କରିବାକୁ ପ୍ରେରଣା ଦେଇଛନ୍ତି ? କେବେ ? କିପରି ? ସେହି ଘଟଣାକୁ କୁହ ।



## ଅମାବାସ୍ୟା ଓ ପୂର୍ଣ୍ଣିମା


"ତାଙ୍କରି ଔରସେ ଜନ୍ମ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ?"

ତୁମ ପୂର୍ବପୁରୁଷଙ୍କ ଔରସରୁ ତୁମେ ଜନ୍ମ ହୋଇଛ । ଯେଉଁ ଦିନ ତୁମେ ଜନ୍ମ ହୋଇଛ, ସେହି ତିଥିରେ ପ୍ରତିବର୍ଷ ତୁମ ଜନ୍ମଦିନ ପାଳନ କରାଯାଏ । ଏହି ତିଥି କ'ଣ ଜାଣ ?

ଆମ ଦେଶରେ ଚାନ୍ଦ୍ରମାସ ଓ ସୌରମାସ ଅନୁସାରେ ବର୍ଷ ଗଣନା କରାଯାଏ । ସୌରମାସ ସଂକ୍ରାନ୍ତିଠାରୁ ଓ ଚାନ୍ଦ୍ରମାସ ପୂର୍ଣ୍ଣିମାଠାରୁ ଗଣନା କରାଯାଏ । ଚାନ୍ଦ୍ରମାସର ତିଥି ଗଣନା ବିଧି ଅଛି । ଚନ୍ଦ୍ର ପୃଥିବୀର ଚାରିପାଖରେ ଥରେ ବୁଲି ଆସିଲେ ଗୋଟିଏ ତିଥି ହୁଏ । ଏହିପରି ପନ୍ଦର ଥର ବୁଲିଲେ ଏକି ପକ୍ଷ ଗଣନା କରାଯାଏ । ଦୁଇ ପକ୍ଷରେ ଏକମାସ ହୁଏ । ଆମେ ଜାଣିଛୁ ପୃଥିବୀ ଚାରିପଟେ ଚନ୍ଦ୍ର ବୁଲୁଛି । ସୂର୍ଯ୍ୟ ଚାରିପଟେ ପୃଥିବୀ ବୁଲୁଛି । ଚନ୍ଦ୍ରର ନିଜର ଆଲୋକ ନାହିଁ । ଏହା ସୂର୍ଯ୍ୟଙ୍କ ଆଲୋକରେ ଆଲୋକିତ ହୋଇଥାଏ । କିନ୍ତୁ ପୃଥିବୀ ଉପରେ ସୂର୍ଯ୍ୟଙ୍କ ଆଲୋକ ପଡ଼ିବା ଫଳରେ କିଛି ସୂର୍ଯ୍ୟ ଲୋକ ଚନ୍ଦ୍ର ଉପରେ ପଡ଼ିବାରେ ବାଧା ସୃଷ୍ଟି ହୁଏ । ଏହି କାରଣରୁ ପୃଥିବୀର ଛାୟା ଚନ୍ଦ୍ର ଉପରେ ପଡ଼େ । ଯାହାକୁ ଚନ୍ଦ୍ରକଳା କୁହାଯାଏ । ଚନ୍ଦ୍ରକଳା ଧୀରେ ଧୀରେ ବଢ଼ିଯାଇ ପୂର୍ଣ୍ଣିମା ଓ ପର୍ଯ୍ୟାୟକ୍ରମେ କମିକମି ଅମାବାସ୍ୟା ହୁଏ ।



https://withteachers.in/




ତଳେ ଦିଆଯାଇଥିବା ଚିତ୍ରରେ ଅମାବାସ୍ୟା, ପୂର୍ଣ୍ଣିମା, କୃଷ୍ଣପକ୍ଷ, ଶୁକ୍ଳପକ୍ଷକୁ ଚିହ୍ନ ଓ ଚନ୍ଦ୍ରଙ୍କ ସ୍ଥାନ ଅନୁସାରେ ତିଥିର ନାମ ଲେଖ । କୌଣସି ଅସୁବିଧା ହେଲେ ଶିକ୍ଷକ, ପିତାମାତା କିମ୍ବା ଇଣ୍ଟରନେଟ୍‌ର ସାହାଯ୍ୟ ନିଅ ।





https://withteachers.in/



# ତିଥିବାର

ତୁମେ କ୍ୟାଲେଣ୍ଡର ଦେଖିଥିବ । ବର୍ଷର ସମସ୍ତ ମାସର ତାରିଖ ବିଷୟରେ ସୂଚନା ଏଥିରେ ଦିଆ ଯାଇଛି ।

ନିମ୍ନରେ କ୍ୟାଲେଣ୍ଡରର ଏକ ମାସର ପୃଷ୍ଠା ଅଛି । ଏହାକୁ ଭଲ ଭାବରେ ପଢ଼ି / ଦେଖି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

**ଶୁଭକୃତ ସମ୍ବତ୍ସର**

| | |
|---|---|
| ସ୍ୱାଧୀନତାବ୍ଦାଃ | ୭୮ |
| ଶକାବ୍ଦାଃ | ୧୯୪୬ |
| ସମ୍ବତ୍ | ୨୦୮୧ |
| ଦିଲ୍ଲୀଶ୍ୱରାବ୍ଦାଃ | ୧୪୩୨ |
| କଲ୍ୟାତୀତାବ୍ଦାଃ | ୫୧୨୫ |

## ଜାନୁଆରୀ - ୨୦୨୫

ଧନୁ (ପୌଷ) ଦି୧୭ନ ଠାରୁ ମକର (ମାଘ) ଦି୧୮ନ ପର୍ଯ୍ୟନ୍ତ

| | ସୂର୍ଯ୍ୟୋଦୟ | ସୂର୍ଯ୍ୟାସ୍ତ |
|---|---|---|
| ତା୧ | -ଘ୬।୨୫ | ଘ୫।୧୫ |
| ତା୧୦ | -ଘ୬।୨୭ | ଘ୫।୨୦ |
| ତା୨୦ | -ଘ୬।୨୮ | ଘ୫।୨୭ |
| ତା୩୧ | -ଘ୬।୨୬ | ଘ୫।୩୪ |

| | | | | | |
|---|---|---|---|---|---|
| ରବି | | ୫<br>୨୧ ଷଷ୍ଠୀ<br>ପୂର୍ବଭାଦ୍ର କୁମ୍ଭ | ୧୨<br>୨୮ ତ୍ରୟୋଦଶୀ<br>ଚତୁର୍ଦ୍ଦଶାକ୍ଷୀ ମୃଗଶିରା ମିଥୁନ | ୧୯<br>୬ ପଞ୍ଚମୀ (ମଳ)<br>ଉତ୍ତରାଫା କନ୍ୟା | ୨୬<br>୧୩ ଦ୍ୱାଦଶୀ<br>ଜ୍ୟେଷ୍ଠା ବିଛା |
| ସୋମ |  | ୬<br>୨୨ ସପ୍ତମୀ<br>ଉତ୍ତରାଭାଦ୍ର ମୀନ | ପୂର୍ଣ୍ଣିମା ୧୩<br>୨୯ ଆର୍ଦ୍ରା<br>ମିଥୁନ | ୨୦<br>୭ ଷଷ୍ଠୀ<br>ହସ୍ତା କନ୍ୟା | ୨୭<br>୧୪ ତ୍ରୟୋଦଶୀ<br>ମୂଳା ଧନୁ |
| ମଙ୍ଗଳ | | ୭<br>୨୩ ଅଷ୍ଟମୀ<br>ରେବତୀ ମୀନ | ୧୪<br>ମକର ଦି୧ନ ପ୍ରତିପଦ<br>ପୁନର୍ବସୁ କର୍କଟ | ୨୧<br>୮ ସପ୍ତମୀ<br>ଚିତ୍ରା କନ୍ୟା | ୨୮<br>୧୫ ଚତୁର୍ଦ୍ଦଶୀ<br>ପୂର୍ବାଷାଢ଼ା ଧନୁ |
| ବୁଧ | ୧<br>ଧନୁ ଦି୧୭ନ ଦ୍ୱିତୀୟା<br>ଉତ୍ତରାଷାଢ଼ା ଧନୁ | ୮<br>୨୪ ନବମୀ<br>ଅଶ୍ୱିନୀ ମେଷ | ୧୫<br>୨ ଦ୍ୱିତୀୟା ପୁଷ୍ୟା<br>କର୍କଟ | ୨୨<br>୯ ଅଷ୍ଟମୀ<br>ସ୍ୱାତୀ ତୁଳା | ଅମାବାସ୍ୟା ୨୯<br>୧୬ ଉତ୍ତରାଷାଢ଼ା<br>ମକର |
| ଗୁରୁ | ୨<br>୧୮ ତୃତୀୟା<br>ଶ୍ରବଣା ମକର | ୯<br>୨୫ ଦଶମୀ<br>ଦ୍ୱିଜା ମେଷ | ୧୬<br>୩ ତୃତୀୟା<br>ଅଶ୍ଳେଷା କର୍କଟ | ୨୩<br>୧୦ ନବମୀ<br>ବିଶାଖା ତୁଳା | ୩୦<br>୧୭ ପ୍ରତିପଦ<br>ଶ୍ରବଣା ମକର |
| ଶୁକ୍ର | ୩<br>୧୯ ଚତୁର୍ଥୀ<br>ଧନିଷ୍ଠା ମକର | ଏକାଦଶୀ ୧୦<br>୨୬ କୃତ୍ତିକା<br>ବୃଷ | ୧୭<br>୪ ଚତୁର୍ଥୀ<br>ମଘା ସିଂହ | ୨୪<br>୧୧ ଦଶମୀ<br>ଅନୁରାଧା ବିଛା | ୩୧<br>୧୮ ଦ୍ୱିତୀୟା<br>ଧନିଷ୍ଠା ଶତଭିଷାକ୍ଷଃ କୁମ୍ଭ |
| ଶନି | ୪<br>୨୦ ପଞ୍ଚମୀ<br>ଶତଭିଷା କୁମ୍ଭ | ୧୧<br>୨୭ ଦ୍ୱାଦଶୀ<br>ରୋହିଣୀ ବୃଷ | ୧୮<br>୫ ପଞ୍ଚମୀ<br>ପୂର୍ବାଫା ସିଂହ | ଏକାଦଶୀ ୨୫<br>୧୨ ଅନୁରାଧା<br>ବିଛା | |

## ପର୍ବଦିନ

ତା୧ **ଇଂରାଜୀ ନୂତନ ବର୍ଷ ସନ୨୦୨୫ ମସିହା ପ୍ରବେଶ ଆରମ୍ଭ,** ଦ୍ୱିତୀୟାର ଚନ୍ଦ୍ର ଦର୍ଶନ, ଶରଣ ଆରମ୍ଭ

ତା୫ ଶରଣ ଶେଷ

ତା୯ **ଶାମ୍ବଦଶମୀ ଓ ସୁଦଶା ବ୍ରତ**

ତା୧୦ ପୁତ୍ରଦା ଏକାଦଶୀ ଉପବାସ ଓ ହ.ନି.

ତା୧୨ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା

ତା୧୩ **ପୌଷ ପୂର୍ଣ୍ଣିମା, ଚନ୍ଦ୍ରପୂଜା,** ମହୋଦଧି ଆରତୀ, ନବାଙ୍କ ବେଢ଼ା, ମାସାନ୍ତ

ତା୧୪ ଉତ୍ତରାୟଣ ମକର ସଂକ୍ରାନ୍ତି, ପୋଙ୍ଗଲ, ମାଘବ୍ରତାରାମ୍ଭ ଓ ହ.ନି.

ତା୧୫ **ପୁଷ୍ୟାଭିଷେକ ଓ ରାଜାଭିଷେକ**

ତା୨୩ **ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ**

ତା୨୫ ଷଟ୍‌ତିଳା ଏକାଦଶୀ ଉପବାସ ଓଳାଶୁଣୀ ମେଳା, ହଳ ନିଷେଧ

ତା୨୬ **ସାଧାରଣତନ୍ତ୍ର ଦିବସ**

ତା୨୭ ରଟନ୍ତୀ ପକାଳୀକା ପୂଜା

ତା୨୮ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରଟନ୍ତୀ ଚତୁର୍ଦ୍ଦଶୀ, ଚନ୍ଦ୍ରକ୍ଷୟ, ନିଶିପାଳନ, ଶରଣ ଆରମ୍ଭ ସବେମେରାଜ୍ (ପୂର୍ବରାତ୍ର)

ତା୨୯ **ତ୍ରିବେଣୀ ଅମାବାସ୍ୟା,** ମା ବିରଜା ଦେବୀଙ୍କର ଜନ୍ମୋତ୍ସବ, ହଳ ନିଷେଧ

ତା୩୦ ଦ୍ୱିତୀୟାର ଚନ୍ଦ୍ର ଦର୍ଶନପୂଜା ଓ ଉପବାସ, **ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ**

ବିବାହ - ତା ୧୮, ୧୯, ୨୦, ୨୧, ୨୨, ୨୪, ୨୭, ୩୦ ରିଖ

ବ୍ରତ - ତା ୧୬, ୩୧ ରିଖ।



https://withteachers.in/

- ଏହି ମାସଟି ମୋଟ କେତେ ଦିନ ?
- ପୂର୍ଣ୍ଣିମା ଓ ଅମାବାସ୍ୟା କେଉଁ ତାରିଖ ଓ ବାରରେ ପଡ଼ିଛି ?
- କୃଷ୍ଣପକ୍ଷ ସପ୍ତମୀଠାରୁ ଶୁକ୍ଳପକ୍ଷ ସପ୍ତମୀ ପର୍ଯ୍ୟନ୍ତ କେତେ ଦିନ ?
- ଏହି ମାସର କୃଷ୍ଣପକ୍ଷ କେତେ ଦିନ ?
- ମକରପର୍ବ କେଉଁ ତିଥିରେ ପଡ଼ିଛି ?



## ଶବ୍ଦଧନ୍ଦା

ତୋହର ଜନନୀ ରୋଦନ କରିଲେ

କହିବାକୁ କିମ୍ପା ଡ଼ରୁ ?

ଏଠାରେ 'ଜନନୀ'ର ଅର୍ଥ 'ମାଆ' । 'ମାଆ'ର ଅର୍ଥକୁ ବୁଝାଉଥିବା ଅଲଗାଅଲଗା ଶବ୍ଦ ଅକ୍ଷର ସାରଣୀରେ ଲୁଚି ରହିଛି, ଖୋଜି ବାହାର କର ।



https://withteachers.in/

| | | | | |
|---|---|---|---|---|
| ଜ | ନୀ | ତ୍ରୀ | ଜ | ଗ |
| ନ | ନ | ଉ | ନ୍ନ | ଉ |
| ନୀ | ବୋ | ୟି | ଦା | ଧା |
| ମା | ତା | ନି | ତ୍ରୀ | ରି |
| ମା | ଆ | ଜ | ନୀ | ଣୀ |



## ଅନୁସନ୍ଧାନ କରିବା

କବି ମଧୁସୂଦନ ଦାସଙ୍କ ଜୀବନୀ ଖୋଜି ପଢ଼ ।



https://withteachers.in/

୮



# ଛଉନୃତ୍ୟ

ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଏକ ବିଦ୍ୟାଳୟ । ବିଦ୍ୟାଳୟରେ ବାର୍ଷିକ ଉତ୍ସବ ନିମନ୍ତେ ଯୋଜନା ଚାଲିଥାଏ । ସେଥିରେ ବିଭିନ୍ନ ଖେଳ ସହ, ଗୀତ, ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହେବାକୁ ଥାଏ । ଷଷ୍ଠଶ୍ରେଣୀର ଛାତ୍ରଛାତ୍ରୀ ବାର୍ଷିକ ଉତ୍ସବରେ ସେହି ଅଞ୍ଚଳର ପ୍ରସିଦ୍ଧ ଲୋକନୃତ୍ୟ 'ଛଉ' ପରିବେଷଣ କରିବାକୁ ସ୍ଥିର କଲେ । ତେଣୁ ଚାରିଜଣ ମିଶି 'ଛଉ' ସମ୍ବନ୍ଧୀୟ ଅଧିକ କଥା ଜାଣିବାକୁ ଚାହିଁଲେ । ସେଥିପାଇଁ ବିଦ୍ୟାଳୟର ପାଠାଗାରକୁ ଯାଇ ଛଉନୃତ୍ୟ ସମ୍ବନ୍ଧରେ ଲେଖାଥିବ ବା ବହି ଖୋଜିବାକୁ ଲାଗିଲେ । ସେଠାରୁ ସେମାନେ 'ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି' ନାମକ ପୁସ୍ତକଟିକୁ ପାଇଲେ । ସେଠାରେ ଚାରିଜଣ ମିଶି ବହିରେ ଥିବା 'ଛଉନୃତ୍ୟ' ବିଷୟଟିକୁ ଆଗ୍ରହରେ ପଢ଼ିବାକୁ ଲାଗିଲେ ।

**ଛଉନାଚ** – 'ଛଉ' ଶବ୍ଦର ଉତ୍ପତ୍ତି ଓ ଅର୍ଥ ସମ୍ପର୍କରେ ମତପାର୍ଥକ୍ୟ ଲକ୍ଷ୍ୟ କରାଯାଇଥାଏ । ଷଢ଼େଇକଳାରେ 'ଛଉ'ର ଅର୍ଥ ମୁଖା । ଏହି ନୃତ୍ୟରେ ମୁଖାର ବ୍ୟବହାର କରାଯାଉଥିବାରୁ ଏହାକୁ 'ଛଉନାଚ' କୁହାଯାଏ । ଅନ୍ୟ ଏକ ଶବ୍ଦ 'ଛାଉଣି'ରୁ 'ଛଉ' ଶବ୍ଦ ଆସିଥିବା କଥା ମଧ୍ୟ ପ୍ରଚଳିତ । "ଏ ଦେଶର ପାଇକମାନେ ସମ୍ରାଟ ଅଶୋକଙ୍କଠାରୁ ଆରମ୍ଭ କରି ଗଜପତି ପ୍ରତାପରୁଦ୍ରଦେବଙ୍କ ପର୍ଯ୍ୟନ୍ତ ପ୍ରାୟ ଦୀର୍ଘ ଦୁଇହଜାର ବର୍ଷ ଧରି ଭାରତର ବିଭିନ୍ନ ରଣକ୍ଷେତ୍ରରେ ବିଜୟ ହାସଲ କରିଥିଲେ । କିନ୍ତୁ ବିଜୟ ଅଭିଯାନ



ନ ଥିବା ଅବସ୍ଥାରେ ପାଇକମାନେ ନିଜ ନିଜ ଛାଉଣିରେ ସମରାଭ୍ୟାସ ଛଳରେ ବିଭିନ୍ନ ଅଙ୍ଗଭଙ୍ଗୀ ପ୍ରଦର୍ଶନପୂର୍ବକ ଅଭିନୟ କରୁଥିଲେ । ଏହି ଛାଉଣି ଶବ୍ଦରୁ 'ଛଉ' ର ଉତ୍ପତ୍ତି ହୋଇଥିବାର ଅନୁମାନ ।" ଡ. ସୁକୁମାର ସେନ୍

https://withteachers.in/

'ଶୌଭିକ' ଶବ୍ଦରୁ 'ଛଉ' ଶବ୍ଦ ଆସିଛି ବୋଲି ମତ ଦେଇଥାନ୍ତି । ସେ ପତଞ୍ଜଳିଙ୍କ ମହାଭାଷ୍ୟରୁ 'ମୂକାଭିନୟ' ପର୍ଯ୍ୟାୟବାଚୀ ଏହି ଶୌଭିକ ଶବ୍ଦଟି ଗ୍ରହଣ କରିଛନ୍ତି । ତେବେ 'ଛଉ' ଅର୍ଥରେ ମୁଖା ଶବ୍ଦଟି ବ୍ୟବହାର କରାଯାଉଥିବାରୁ ଏହି ମୁଖାପିନ୍ଧା ନୃତ୍ୟଟିକୁ 'ଛଉନୃତ୍ୟ' କୁହାଯିବା ଅଧିକ ଯୁକ୍ତିଯୁକ୍ତ ମନେହୁଏ । "ଛାଉଣି" ଶବ୍ଦରୁ 'ଛଉ'ଶବ୍ଦ ଆସିବା କେତେକ ପରିମାଣରେ ଯୁକ୍ତିଯୁକ୍ତ ହେଲେ ହେ 'ଛାଉଣି'ରେ ଅନୁଷ୍ଠିତ ନୃତ୍ୟକୁ କାହିଁକି 'ଛଉନୃତ୍ୟ' କୁହାଯିବ, ତା'ର ନିର୍ଦ୍ଦିଷ୍ଟ କାରଣ ଜାଣି ହେଉ ନାହିଁ । 'ଛାଉଣି' ଓ 'ଛଉ' ଦୁଇଟିଯାକ ଭିନ୍ନାର୍ଥବୋଧକ ଶବ୍ଦ ଅବଶ୍ୟ ଏଥିରେ ବୀରତ୍ୱର ଗାଥା ମୂକାଭିନୟ ମାଧ୍ୟମରେ ପ୍ରଦର୍ଶିତ ହୋଇଥାଏ ଏବଂ ବୀରପରମ୍ପରା ସହିତ ଏହାର ସମ୍ପର୍କ ରହିଛି । ସର୍ବୋପରି 'ବୀରରସ' ଏହି ନୃତ୍ୟର ମୁଖ୍ୟରସ । ତେବେ 'ଛାଉଣି' ଓ 'ଛଉ' (ମୁଖା) କେଉଁଥିରୁ ଯଥାର୍ଥରେ ଛଉନୃତ୍ୟର ସୃଷ୍ଟି, ତାହା ଅଧିକ ଗବେଷଣାକୁ ଅପେକ୍ଷା ରଖେ ।"

ଏତିକିବେଳେ ମଧ୍ୟାହ୍ନ ଭୋଜନର ଘଣ୍ଟି ବାଜିଗଲା, ସମସ୍ତେ ଖାଇବାକୁ ଗଲେ । ସେମାନଙ୍କର ଛଉନୃତ୍ୟ ବିଷୟରେ ଜାଣିବାର ଇଚ୍ଛା ପ୍ରବଳ ଥାଏ । ତେଣୁ ପୁଣି ଥରେ ସେମାନେ ପାଠାଗାରକୁ ଆସିଗଲେ । ସେଠାରେ ସଭିଏଁ ପୁସ୍ତକଟିକୁ ତା'ପର ଅନୁଚ୍ଛେଦଠାରୁ ପଢ଼ିବା ଆରମ୍ଭ କଲେ ।

ଭାରତୀୟ ଲୋକନାଟ୍ୟ ପରମ୍ପରାକୁ ଓଡ଼ିଶାର 'ଛଉନୃତ୍ୟ' ଏକ ବିଶିଷ୍ଟ ଅବଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶାର ମୟୂରଭଞ୍ଜ ଅଞ୍ଚଳର ଏହା ଏକ ଲୋକପ୍ରିୟ ନୃତ୍ୟ । ଭାରତରେ 'ଛଉନୃତ୍ୟ'ର ତିନୋଟି ବିଭାଗ ଭିନ୍ନଭିନ୍ନ ସ୍ଥାନରେ ପରିଲକ୍ଷିତ ହୋଇଥାଏ । ତାହା ହେଉଛି ଓଡ଼ିଶାର ମୟୂରଭଞ୍ଜ, ବିହାରର ଷଢ଼େଇକଳା ଏବଂ ପଶ୍ଚିମବଙ୍ଗର 'ପୁରୁଲିଆ' । ଅତୀତରେ ଷଢ଼େଇକଳା ଓଡ଼ିଶାର ଅଂଶବିଶେଷ ଥିବାରୁ ଓଡ଼ିଶାରୁ ଏହା ଯେ ଷଢ଼େଇକଳାକୁ ଯାଇଛି, ତାହା ଅସ୍ୱୀକାର କରାଯାଇ ନ ପାରେ । ସେହିପରି ପୁରୁଲିଆ ଓଡ଼ିଶାର ପଡ଼ୋଶୀ ରାଜ୍ୟର ଅଂଶବିଶେଷ ହୋଇଥିବାରୁ ଏବଂ ଅତୀତରେ ଏହା ଓଡ଼ିଶାର ପାର୍ଶ୍ୱବର୍ତ୍ତୀ ଅଂଶ ଥିବାରୁ 'ଛଉନୃତ୍ୟ'ର ପ୍ରଭାବଦ୍ୱାରା ପ୍ରଭାବିତ ହୋଇ ସେମାନେ ଏହି ନୃତ୍ୟକୁ ଆପଣାର କରି ନେଇଥିବା ଅନୁମାନ ମଧ୍ୟ ଭ୍ରମପୂର୍ଣ୍ଣ ନୁହେଁ ।



ଅନ୍ୟାନ୍ୟ ନୃତ୍ୟ ପରି ଏଥିରେ ମଧ୍ୟ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଏକ ଐକ୍ୟବୋଧ ସୃଷ୍ଟିପାଇଁ ଉଦ୍ୟମ



https://withteachers.in/

ରହିଛି । ଚୈତ୍ର ମାସର ଶେଷଭାଗରେ ଏହା ଅନୁଷ୍ଠିତ ହୁଏ । ଭିନ୍ନଭିନ୍ନ ବୃତ୍ତିଗତ ଗୋଷ୍ଠୀର ଲୋକ ଏଥିରେ ଅଂଶଗ୍ରହଣ କରନ୍ତି । ଏକ ମୁକ୍ତ ରଙ୍ଗମଞ୍ଚରେ ପୁରାଣର କାହାଣୀକୁ ଅଭିନେତାମାନେ ନୃତ୍ୟ ମାଧ୍ୟମରେ ଉପସ୍ଥାପନ କରନ୍ତି । କୃଷିଭିତ୍ତିକ ସଭ୍ୟତାର ଏହା ପ୍ରଥମ ପର୍ବ । ଭାକ୍ତିକ ବିଶ୍ୱାସ ଓ ଜୀବନ ଉପଭୋଗ ହିଁ ନୃତ୍ୟ ରଚନା ଓ ପରିକଳ୍ପନାର ଭୂମି । ପ୍ରାୟ ସବୁ ଲୋକନାଟକ ପରି ଛଉରେ ମଧ୍ୟ ପ୍ରଥମେ ଆରାଧ୍ୟ ଦେବଦେବୀଙ୍କୁ ପୂଜା-ଅର୍ଚ୍ଚନା କରାଯାଏ । ପରେପରେ ରଙ୍ଗ ବାଜା ବାଜେ । ମଞ୍ଚ ଉପରକୁ ଆସନ୍ତି ନଟ-ନଟୀ, ନାଟକ ବିଷୟରେ ସୂଚନା ଦିଅନ୍ତି । ଧୁମ୍‌ସା, ନାଗରା, ଚଡ଼ଚଡ଼ି, ଢ଼ୋଲ, ମହୁରୀର ତାଳେତାଳେ ଚରିତ୍ରମାନେ ମଞ୍ଚ ଉପରକୁ ଆସନ୍ତି । ଗୀତ, ନୃତ୍ୟ ଓ ବାଦ୍ୟରେ ରଙ୍ଗଭୂମି କମ୍ପିଉଠେ । ପଶୁପକ୍ଷୀଙ୍କର ଗତିବିଧି, ସାମରିକ ଅଭିଯାନ, ଶିକାର ଆଦି ଭାବଗର୍ଭକ ନୃତ୍ୟକୁ ଜୀବନ୍ତ ରୀତିରେ ପରିବେଷଣ କରାଯାଏ । 'ଛଉନାଚ'ର ପୂର୍ବ ପ୍ରସ୍ତୁତି ଅତ୍ୟନ୍ତ କଷ୍ଟସାଧ୍ୟ । ଦଶହରାର ପବିତ୍ର ଦିନଠାରୁ ନୃତ୍ୟଶିକ୍ଷା ଆରମ୍ଭ ହୋଇଥାଏ । ଓସ୍ତାତ ଏହିଦିନ ସମସ୍ତ ଅଭିନେତା ବା କଳାକାରଙ୍କ ହାତରେ 'ନାଡ଼ାବନ୍ଧା' (ଲାଲ୍‌କନା ବାନ୍ଧିବା) କରନ୍ତି । ତା'ପରେ କଳାକାରମାନେ ପବିତ୍ର ଭାବରେ ନୃତ୍ୟ, ଦଣ୍ଡ, ବୈଠକ, କସରତ କରିଥାନ୍ତି । ନୃତ୍ୟ ଶିକ୍ଷାର ବିଭିନ୍ନ ପର୍ଯ୍ୟାୟ ରହିଛି । ସେଗୁଡ଼ିକ ହେଲା 'ଚୌକବନ୍ଧା', 'ଧରଣ', 'ଟବ୍‌କା' ପ୍ରଭୃତି । ନୃତ୍ୟକାରୀମାନେ ଗୋଟିକ ପରେ ଗୋଟିଏ କରି ଏହି ସମସ୍ତ ବିଭବକୁ ଆୟତ୍ତ କରିଥାନ୍ତି । ହସ୍ତପଦ ଚାଳନାର ବିଭିନ୍ନ କୌଶଳ ହିଁ ଏହାଦ୍ୱାରା ଶିକ୍ଷା ଦିଆଯାଇଥାଏ । ଅଭିବ୍ୟକ୍ତିର ବୀରତ୍ୱବ୍ୟଞ୍ଜକ ଓ କଳାତ୍ମକ କୌଶଳ ଅଭିନେତାର ଆୟତ୍ତ ହୋଇଗଲେ ତାହାର ଶିକ୍ଷା ସମାପ୍ତ ହୁଏ । ଅଭିନୟକୁ ଆଳଙ୍କାରିକ ସୁଷମା-ମଣ୍ଡିତ କରିବା ନିମନ୍ତେ ଓସ୍ତାତ୍‌ମାନେ ପ୍ରାୟ 'ଛତିଶଗୋଟ' ଉଫିଲ୍ ବା ଉପଲୟ ଶିକ୍ଷା ଦେଇଥାଆନ୍ତି । ଏହି ଉଫିଲ୍ ହେଲା ଛୁଅଁଦିଆ, ହଳଦୀବଟା, ଗାଧୁଆ, ବାସନମଜା ଇତ୍ୟାଦି ।

ଛଉନାଚ ମୁଖ୍ୟତଃ ମୂକାଭିନୟ । ବାଚିକ ଅଭିନୟ ନାହିଁ କହିଲେ ଚଳେ । କଳାକାରମାନେ ଗୀତ ଗାଇବା ପରିବର୍ତ୍ତେ ନେପଥ୍ୟରୁ ଅନ୍ୟ କଳାକାର ଗୀତ ଗାଇଥାନ୍ତି ଓ ତାହାକୁ ଅନୁସରଣ କରି ଅଭିନୟ-କଳା ଅଭିନେତା ଚାଲୁ ରଖିଥାଏ । ନୃତ୍ୟ ମଧ୍ୟରେ କଳାକାର ସାମୟିକ ବିଶ୍ରାମ ନେଇଥାଏ । ହାତରେ ଢାଲ, ତରବାରି ଧରି ଆୟାସ-ସାଧ୍ୟ ଅଭିନୟ କରିବାକୁ ପଡ଼ିଥାଏ । ପାଦ ଏବଂ ଶରୀରର ଅଙ୍ଗଚାଳନାରେ କଳାକାର ନିଜର ଅଭିନୟ ବ୍ୟକ୍ତ କରିଥାଏ । ଏକ ଚତୁଷ୍କୋଣାକୃତି ମଣ୍ଡପ ବା ମଞ୍ଚ ଉପରେ ଏହି ନୃତ୍ୟ ପରିବେଷିତ ହୋଇଥାଏ । ବାଦ୍ୟର





https://withteachers.in/

ତାଳେତାଳେ କଳାକାର ମଞ୍ଚ ଉପରକୁ ଆସନ୍ତି ଏବଂ ନୃତ୍ୟ ଓ ଅଭିନୟ ପରିବେଷଣ କରନ୍ତି ।

ବର୍ତ୍ତମାନ 'ଛଉନାଚ' ଶାସ୍ତ୍ରୀୟନୃତ୍ୟର ମର୍ଯ୍ୟାଦା ଲାଭ କରିଛି । ଭାରତୀୟ ଶାସ୍ତ୍ରୀୟନୃତ୍ୟ ପରମ୍ପରାରେ ଏହା ବିଶିଷ୍ଟ ସ୍ଥାନ ଅଧିକାର କରିଛି । ଓଡ଼ିଶାରୁ ସୃଷ୍ଟି ଲାଭ କରିଥିବା 'ଛଉନାଚ' ପରି ଏକ ଲୋକନୃତ୍ୟ ଶାସ୍ତ୍ରୀୟନୃତ୍ୟରେ ପରିଣତ ହେବା କମ୍ ଗର୍ବ ଏବଂ ଗୌରବର କଥା ନୁହେଁ ।

ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି ପୁସ୍ତକଟି ପଢ଼ିବା ପରେ ପିଲାମାନେ ଛଉନୃତ୍ୟ ସହ ଅନ୍ୟ କେତେକ ଲୋକନୃତ୍ୟ ବିଷୟରେ ମଧ୍ୟ ଅନେକ ତଥ୍ୟ ପାଇଗଲେ । ଏଥର ସେମାନଙ୍କର ଚିନ୍ତା ହେଲା, କିପରି ନୃତ୍ୟ ଶିଖିବେ । ସେହି ଗାଁ ଆଖଡ଼ାରେ ନୃତ୍ୟ ଶିଖାଉଥିବା ଓସ୍ତାତ୍‌ଙ୍କ କଥା ସେମାନଙ୍କର ମନେପଡ଼ିଲା । ସମସ୍ତେ ମିଶି ଓସ୍ତାତ୍‌ଙ୍କ ଆଖଡ଼ାକୁ ଗଲେ । ତାଙ୍କୁ ଛଉନୃତ୍ୟ ଶିଖାଇବାପାଇଁ ଅନୁରୋଧ କଲେ । ପିଲାଙ୍କର ଆଗ୍ରହ ଦେଖି ଓସ୍ତାତ୍ ମନା କରିପାରିଲେ ନାହିଁ, କାରଣ ତାଙ୍କର ମଧ୍ୟ ମନେପଡ଼ିଲା ପିଲାଦିନେ ଏହିଭଳି ସ୍ଥିତିରେ ଛଉନୃତ୍ୟ ଶିଖିଛନ୍ତି ତେଣୁ ସେ ଛଉନୃତ୍ୟ ଶିଖାଇଲେ ଏବଂ ପିଲାମାନେ ଠିକ୍ ସମୟରେ ନୃତ୍ୟ ଶିଖିଗଲେ ।

ବାର୍ଷିକ ଉତ୍ସବରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସରିଲା । ତା'ପରେ ନୃତ୍ୟ ପରିବେଷଣର ସମୟ ଆସିଲା । ସବୁପିଲା ଆଗ୍ରହର ସହ ସେହି ସମୟକୁ ଅପେକ୍ଷା କରିଥିଲେ ।

ଚାରିବନ୍ଧୁ ଏତେ ସୁନ୍ଦର ଓ ନିଖୁଣ ଭାବରେ ନୃତ୍ୟ ପରିବେଷଣ କଲେ ଯେ ସମସ୍ତ ପିଲା, ଅଭିଭାବକ, ଶିକ୍ଷକ / ଶିକ୍ଷୟିତ୍ରୀ ମନ୍ତ୍ରମୁଗ୍ଧ ହୋଇଗଲେ । ପ୍ରଧାନଶିକ୍ଷକ ଏହାକୁ ଭିଡ଼ିଓ କରାଉଥାନ୍ତି । ସେ କହିଲେ, "ଏହାକୁ ମୁଁ ନିଶ୍ଚିତ ସ୍କୁଲର ୟୁଟ୍ୟୁବ୍ ଚ୍ୟାନେଲରେ ଛାଡ଼ିବି ।"

## ଲେଖକଙ୍କ ପରିଚୟ




**ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ** : ୧୯୫୯ ମସିହା ଫେବୃୟାରୀ ମାସ ଦୁଇତାରିଖରେ କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇଠାରେ ଜନ୍ମ ହୋଇଥିଲେ । ଡକ୍ଟର ପ୍ରଧାନ ଏକାଧାରରେ ଜଣେ ପ୍ରାବନ୍ଧିକ, ସମାଲୋଚକ ଓ ସୁସାହିତ୍ୟିକ ଭାବରେ ପରିଚିତ । ତାଙ୍କର କେତୋଟି ପୁସ୍ତକ ହେଉଛି – 'ଓଡ଼ିଆ ରୀତି ସାହିତ୍ୟ ପରମ୍ପରା ଓ ପୁରୋଦୃଷ୍ଟି, 'ସାରସ୍ୱତ ବ୍ୟାବହାରିକ ଓଡ଼ିଆ ବ୍ୟାକରଣ', 'ଦେଶ ଭାଷାର କାରିଗର ଫକୀରମୋହନ' ଇତ୍ୟାଦି । ସେ ୨୦୧୩ ମସିହାରେ 'ଓଡ଼ିଆ କଥା କଳ୍ପନାର ଦିଗ ଓ ଦିଗନ୍ତ' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ପଠିତ ଗଦ୍ୟଟି ପ୍ରାବନ୍ଧିକଙ୍କର 'ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି' ପୁସ୍ତକରୁ ଉଦ୍ଧୃତ ।



https://withteachers.in/

# ପାଠ ଅନ୍ତର୍ଗତ

ଆସ ପାଠଟିକୁ ଆମେ ଆଉଥରେ ଭଲକରି ପଢ଼ି ବୁଝିବା । ଆଗକୁ ଦିଆଯାଇଥିବା କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିବାପାଇଁ ଏହା ତୁମକୁ ସାହାଯ୍ୟ କରିବ ।



## ମୋ ବୁଝିବାରେ

(କ) ତଳେ ଦିଆଯାଇଥିବା ପ୍ରଶ୍ନର ଠିକ୍ ଉତ୍ତର ପାଖରେ ତାରା (*) ଚିହ୍ନ ଦିଅ ।

୧. କେଉଁ ପ୍ରକାର ପରିବେଶରୁ ଛଉନୃତ୍ୟ ସୃଷ୍ଟି ହୋଇଥିବାର ଅନୁମାନ କରାଯାଏ ।

- ଶିକ୍ଷକଙ୍କଦ୍ୱାରା ବିଦ୍ୟାଳୟରୁ
- କୃଷକଙ୍କଦ୍ୱାରା କୃଷିକ୍ଷେତ୍ରରୁ
- ନୃତ୍ୟଶିଳ୍ପୀଙ୍କ ଆଖଡ଼ାରୁ
- ସୈନିକଙ୍କ ସେନାଛାଉଣିରୁ

୨. ଛଉନୃତ୍ୟ ସାଧାରଣତଃ ମୂକାଭିନୟ, କାହିଁକି ?

- ଛଉନୃତ୍ୟ ଅଭିନୟ କରୁଥିବା ସମସ୍ତ କଳାକାର ମୂକ ଅଟନ୍ତି ।
- କଳାକାରମାନେ ଗୀତ ନ ଗାଇ ନେପଥ୍ୟରୁ ଗୀତ ଗାଇଥିବା ଶିଳ୍ପୀଙ୍କୁ ଅନୁସରଣ କରୁଥିବାରୁ ।
- ଛଉନୃତ୍ୟର କୌଣସି କଥାବସ୍ତୁ ନ ଥିବାରୁ ।
- ଏହି ନିଃଶବ୍ଦ ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରୁଥିବାରୁ ।

(ଖ) ବର୍ତ୍ତମାନ ତୁମ ସାଙ୍ଗମାନଙ୍କ ସହ ଆଲୋଚନା କରି କୁହ, ଏହି ଉତ୍ତର ଦୁଇଟି କାହିଁକି ବାଛିଲ ?



## ମିଳିମିଶି ଯୋଡ଼ିବା

ପାଠରୁ କିଛି ଶବ୍ଦ ବାଛି 'କ' ସ୍ତମ୍ଭରେ ଦିଆଯାଇଛି, 'ଖ' ସ୍ତମ୍ଭରେ ସେ ସମ୍ବନ୍ଧୀୟ କିଛି ବାକ୍ୟ ଦିଆଯାଇଛି । ଦଳରେ ବସି ଉଭୟ ସ୍ତମ୍ଭକୁ ପଢ଼ି, 'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭର ବାକ୍ୟକୁ ଯୋଡ଼ । ଏଥିପାଇଁ ତୁମେମାନେ ଶବ୍ଦକୋଷ, ଇନ୍‌ଟରନେଟ୍ କିମ୍ବା ଶିକ୍ଷକଙ୍କ ସହାୟତା ନେଇପାରିବ ।





https://withteachers.in/

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
| --- | --- |
| • ଷଡ଼େଇକଳା | • ଯୁଦ୍ଧ ସମୟରେ ସୈନ୍ୟମାନେ ଯେଉଁ ସ୍ଥାନରେ ବିଶ୍ରାମ ନିଅନ୍ତି । |
| • ଛାଉଣି | • ପୂର୍ବେ ଓଡ଼ିଶାରେ ଥିବା ଏକ ସ୍ଥାନର ନାମ, ଯାହା ବର୍ତ୍ତମାନ ଝାଡଖଣ୍ଡରେ ଅଛି । |
| • ନାଡ଼ାବନ୍ଧା | • ଛଉନୃତ୍ୟ ଶିକ୍ଷାର ବିଭିନ୍ନ ପର୍ଯ୍ୟାୟ ମଧ୍ୟରୁ ପ୍ରଥମ ପର୍ଯ୍ୟାୟ । |
| • ଚୌକବନ୍ଧା | • ଛଉନୃତ୍ୟ ଶିକ୍ଷା, ଦଶହରାର ପବିତ୍ର ଦିନରୁ ଆରମ୍ଭ ହୁଏ । ଏହିଦିନ ଓସ୍ତାଦ ସମସ୍ତ କଳାକାରଙ୍କ ହାତରେ ଯେଉଁ 'ଲାଲ୍‌କନା' ବାନ୍ଧନ୍ତି । |



## ବାକ୍ୟ ଉପରେ ଆଲୋଚନା

ପାଠରୁ ଖୋଜି କେତୋଟି ବାକ୍ୟ ତଳେ ଦିଆଯାଇଛି । ସେଗୁଡ଼ିକୁ ମନଦେଇ ପଢ଼ ଓ ବୁଝ । ଯାହା ବୁଝିଲ, ତା'ର ଭାବାର୍ଥକୁ ଶ୍ରେଣୀ ମଧ୍ୟରେ ଆଲୋଚନା କରି ନିଜ ଖାତାରେ ଲେଖ ।

(କ) 'ଭାକ୍ତିକ ବିଶ୍ୱାସ ଓ ଜୀବନ ଉପଭୋଗ ହିଁ ନୃତ୍ୟ ରଚନା ଓ ପରିକଳ୍ପନାର ଭୂମି' ।

(ଖ) ସମାଜର ଅନ୍ୟ ନୃତ୍ୟ ପରି ଏଥିରେ ମଧ୍ୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକ ଐକ୍ୟବୋଧ ସୃଷ୍ଟି ପାଇଁ ଉଦ୍ୟମ ରହିଛି ।"



## ଚିନ୍ତା କରିବା

୧. ପିଲାମାନେ ଯଦି ତୁମକୁ ଏକ ମୂକାଭିନୟ କରିବାର ସୁଯୋଗ ମିଳେ, ତେବେ ତୁମେ କେଉଁ ଘଟଣାକୁ ମୂକାଭିନୟ କରି ଦେଖେଇବାକୁ ଚାହିଁବ ?

୨. କୃଷିଭିତ୍ତିକ ସଭ୍ୟତାର ପ୍ରଥମପର୍ବ ଭାବରେ ଛଉକୁ କାହିଁକି ବିଚାର କରାଯାଏ ?

୩. ଶାସ୍ତ୍ରୀୟନୃତ୍ୟ କହିଲେ କ'ଣ ବୁଝ ? କେଉଁ କେଉଁ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦିଆଯାଇଛି ?

୪. ଛଉନୃତ୍ୟ ଯଦିଓ ଓଡ଼ିଶାର ଲୋକନୃତ୍ୟ ତେବେ ତାହା କାହିଁକି 'ଷଡ଼େଇକଳା' ଓ 'ପୁରୁଲିଆ'ରେ ମଧ୍ୟ ପରିବେଷିତ ହେଉଛି ।



https://withteachers.in/



## ନିବନ୍ଧ ରଚନା

'ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି' ପୁସ୍ତକଟି ପଢ଼ିବାପରେ ସେମାନେ ଛଉନୃତ୍ୟ ସହ ଅନ୍ୟ କେତେକ ଲୋକନୃତ୍ୟ ବିଷୟରେ ମଧ୍ୟ ଅନେକ ତଥ୍ୟ ପାଇଗଲେ । ସେମାନେ ଏଥର ଚିନ୍ତା କଲେ, କିପରି ନୃତ୍ୟ ଶିଖିବେ । ସେହି ଗାଁ ଆଖଡ଼ାରେ ନୃତ୍ୟ ଶିଖାଉଥିବା ଓସ୍ତାଦ କଥା ସେମାନଙ୍କର ମନେପଡ଼ିଲା । ସମସ୍ତେ ମିଶି ଓସ୍ତାଦ୍‌ଙ୍କ ଆଖଡ଼ାକୁ ଗଲେ । ତାଙ୍କୁ ଛଉନୃତ୍ୟ ଶିଖାଇବାପାଇଁ ଅନୁରୋଧ କଲେ । ପିଲାଙ୍କର ଆଗ୍ରହ ଦେଖି ଓସ୍ତାଦ ମନା କରିପାରିଲା ନାହିଁ, କାରଣ ତାଙ୍କର ମଧ୍ୟ ମନେପଡ଼ିଲା ତାଙ୍କ ପିଲାଦିନେ ଏହିଭଳି ସ୍ଥିତିରେ ସେ ଛଉନୃତ୍ୟ ଶିଖିଛନ୍ତି । ଠିକ୍ ସମୟରେ ସେମାନେ ତାଙ୍କଠାରୁ ନୃତ୍ୟ ଶିଖିଗଲେ ।

ଉପର୍ଯ୍ୟୁକ୍ତ ଅନୁଚ୍ଛେଦରୁ ଜଣାପଡୁଛି ଯେ ପ୍ରତିଯୋଗିତାରେ ଭାଗନେବାପାଇଁ ଚାରିସାଙ୍ଗ ମିଶି ଯୋଜନାଟିଏ ପ୍ରସ୍ତୁତକଲେ । ସେଥିପାଇଁ ସେମାନେ ବିଭିନ୍ନ ସହାୟକ ପୁସ୍ତକ ଓ ବ୍ୟକ୍ତିବିଶେଷଙ୍କର ସାହାଯ୍ୟ ନେଇ ସଫଳ ହେଲେ । ଏଥିପାଇଁ ବିଷୟବସ୍ତୁ ଖୋଜିବା, ଓସ୍ତାଦ୍‌ଖୋଜିବା, ନୃତ୍ୟ ଶିଖିବା ନିମନ୍ତେ ସ୍ଥାନ ନିରୂପଣ କରିବା ଇତ୍ୟାଦି ଘଟଣା ପର୍ଯ୍ୟାୟକ୍ରମେ କରିଥିଲେ । ତୁମେ ମଧ୍ୟ ଏପରି ଏକ ସରଳ ଘଟଣାକୁ ନେଇ ନିବନ୍ଧ ଚିନ୍ତାକର ଏବଂ ତାହାକୁ ଶ୍ରେଣୀରେ ଶୁଣାଅ । ଶେଷରେ ତୁମ ଭାବନାକୁ ସୁନ୍ଦର ଭାବରେ ଲେଖ ।



## ଅନୁମାନ ଓ କଳ୍ପନାରୁ

(କ) ପାଇକମାନେ ନିଜନିଜ ଛାଉଣିରେ ସମରାଭ୍ୟାସ କରୁଥିଲେ କାହିଁକି ?

(ଖ) "ଦଶହରାର ପବିତ୍ର ଦିନଠାରୁ ନୃତ୍ୟଶିକ୍ଷା ଆରମ୍ଭ ହୋଇଥାଏ, କିନ୍ତୁ ନୃତ୍ୟଶିକ୍ଷା ଦଶହରା ପୂର୍ବରୁ କାହିଁକି ଆରମ୍ଭ ହୁଏ ନାହିଁ ?

(ଗ) ଛଉନୃତ୍ୟ କରୁଥିବା ଅଭିନେତାମାନେ ସଂଳାପ କହିଲେ ହୁଅନ୍ତା କି ? ତୁମର 'ହଁ' ବା 'ନା' ର ଉତ୍ତର ନିଜ ଖାତାରେ ଲେଖ ।



## ଶବ୍ଦକଥା

ନିମ୍ନରେ ଶବ୍ଦ ସମ୍ପର୍କିତ କିଛି ଅଭ୍ୟାସ କାର୍ଯ୍ୟ ଦିଆଯାଇଛି । ସେଗୁଡ଼ିକୁ ବୁଝିବାପାଇଁ ଶବ୍ଦକୋଷ, ସାଙ୍ଗସାଥୀ, ଶିକ୍ଷକ ବା ଇନଟରନେଟ୍‌ର ସାହାଯ୍ୟ ନେଇପାରିବ ।




https://withteachers.in/

## ଓଡ଼ିଶାରେ ପ୍ରଚଳିତ ଶବ୍ଦ

ଛଉନୃତ୍ୟ ନିବନ୍ଧରେ ଏପରି କିଛି ଶବ୍ଦ ରହିଛି; ଯାହା ପ୍ରାୟତଃ ଓଡ଼ିଶାରେ ବ୍ୟବହାର ହୁଏ । ନିଜ ଦଳରେ ବସି ସେଗୁଡ଼ିକୁ ଚିହ୍ନ ଓ ମେଘଖଣ୍ଡ ମଧ୍ୟରେ ସୂଚନା ଆଧାରରେ ଲେଖ ।

**ସୂଚନା –** ଓଡ଼ିଆଶବ୍ଦ, ଓଡ଼ିଆଙ୍କ ବ୍ୟାୟାମର ନାମ, ଓଡ଼ିଶାର ବାଦ୍ୟଯନ୍ତ୍ର, ଓଡ଼ିଶାରେ ହେଉଥିବା କିଛି ସାଧାରଣ କାର୍ଯ୍ୟ ।




## ଛଉନୃତ୍ୟର ପ୍ରକାର







https://withteachers.in/

# ପାଠ ବାହାରୁ



## ତୁମକଥା :

### ଆଲୋଚନା କର

ପାଠଟିରେ ବହୁ ସ୍ଥାନରେ ପିଲା ଶବ୍ଦର ବ୍ୟବହାର ହୋଇଛି । ଶିକ୍ଷକ ପିଲାମାନଙ୍କୁ ଡାକିବା ସମୟରେ ବାବୁରେ, ଧନରେ, ମାଆରେ ଆଦି ଶବ୍ଦ ବ୍ୟବହାର କରିଥାଆନ୍ତି ।

(କ) ତୁମ ଘରେ ତୁମକୁ ସ୍ନେହରେ କିଭଳି ଡାକନ୍ତି ?

(ଖ) ତୁମ ନାମର ଅର୍ଥ କଅଣ ଅଟେ ? ତୁମ ନାମ କିଏ ରଖିଥିଲେ, ବୁଝିକରି କୁହ ।

(ଗ) ଚାରିଜଣ ବନ୍ଧୁ ଯେଉଁପରି ଛଉନୃତ୍ୟରେ ଅଂଶଗ୍ରହଣ କରିଥିଲେ, ସେହିଭଳି ତୁମେମାନେ ବାର୍ଷିକ ଉତ୍ସବରେ କେଉଁ ନୃତ୍ୟରେ ଭାଗ ନେଇଛ, ସାଙ୍ଗମାନଙ୍କ ସହ ଆଲୋଚନା କର ।

(ଘ) "ମୟୂରଭଞ୍ଜରେ ନୃତ୍ୟର ଏକ ସମୃଦ୍ଧ ପରମ୍ପରା ରହିଛି ।"

ଏହି ପାଠରୁ ଆମେ ଛଉନୃତ୍ୟ ସମ୍ପର୍କରେ ବୁଝିଲୁ । ତୁମ ଆଖପାଖରେ ଅନେକ ଲୋକନୃତ୍ୟ ପରିବେଷଣ ହେଉଥିବାର ତୁମେ ଦେଖିଥିବ । ତୁମକୁ କେଉଁ ନୃତ୍ୟ ପସନ୍ଦ ଲାଗେ ? ଶ୍ରେଣୀରେ ଆଲୋଚନା କର ।



## ଉତ୍ତର ପୂର୍ବଦିଗକୁ ଯାତ୍ରା

ଓଡ଼ିଶାର ଉତ୍ତର ପୂର୍ବ ଭାଗରେ ମୟୂରଭଞ୍ଜ ଜିଲ୍ଲା । ମୟୂରଭଞ୍ଜ ଜିଲ୍ଲାକୁ ଲାଗି କେନ୍ଦୁଝର ଜିଲ୍ଲା, ବାଲେଶ୍ୱର ଜିଲ୍ଲା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟ ରହିଛି । ତୁମକୁ ସୁଯୋଗ ମିଳିଲେ କେଉଁ ଜିଲ୍ଲା ବା ରାଜ୍ୟକୁ ବୁଲିବାକୁ ଯିବାକୁ ଚାହିଁବ କୁହ ?



## ଟାଇମ୍ ମେସିନ୍

"ପିଲାମାନଙ୍କ ଆଗ୍ରହ ଦେଖି ଓସ୍ତାଦ୍ ମନାକରି ପାରିଲେ ନାହିଁ, କାରଣ ତାଙ୍କର ମଧ୍ୟ ମନେପଡ଼ିଲା <u>ପିଲାଦିନେ</u> ଏହିଭଳି ସ୍ଥିତିରେ ସେ ଛଉନୃତ୍ୟ ଶିଖିଛନ୍ତି ।"

ଉକ୍ତ ବାକ୍ୟଟିରେ ପିଲାଦିନର କଥା କୁହାଯାଇଛି । 'ପିଲାଦିନ' ଯାହା ଅତୀତ । ଅତୀତକୁ ଆମେ ଫେରି ପାରିବା ନାହିଁ, ଭବିଷ୍ୟତ ତ ସବୁଦିନେ ଭବିଷ୍ୟତ । ଭାରି ଭଲ ହୁଅନ୍ତା, ଯଦି ଟାଇମ୍ ମେସିନ୍‌ଟିଏ ତିଆରି ହୁଅନ୍ତା, ଯାହା

ପୃଷ୍ଠା



https://withteachers.in/

ସାହାଯ୍ୟରେ ଅତୀତ ଓ ଭବିଷ୍ୟତର କଥା ଜାଣି ହୁଅନ୍ତା । ଏହି ଟାଇମ୍ ମେସିନ୍‌କୁ ନେଇ ଅନେକ କାହାଣୀକାର କାହାଣୀ ଲେଖିବା ସହ ଚଳଚ୍ଚିତ୍ର ପ୍ରସ୍ତୁତ କରୁଛନ୍ତି ।

(କ) ଯଦି ତୁମକୁ ଟାଇମ୍ ମେସିନ୍ ଦିଆଯାଏ, ତେବେ ତୁମେ କେଉଁ ସମୟକୁ ଯିବାକୁ ପସନ୍ଦ କରିବ ?

(ଖ) ଯଦି ତୁମକୁ ଏପରି ମେସିନ୍ ତିଆରି କରିବାପାଇଁ ସୁଯୋଗ ମିଳେ, ତୁମେ କେଉଁ ମେସିନ୍ ତିଆରି କରିବ ଓ କାହିଁକି ?

(ଗ) ତୁମେ କୌଣସି ସଂଗ୍ରାହଳୟକୁ ଯାତ୍ରା କରିଛ କି ? ସଂଗ୍ରହାଳୟରେ ବହୁ ପୁରାତନ ବସ୍ତୁ ଥାଏ । ସେଗୁଡ଼ିକ ଦେଖିଲେ ଲାଗେ ଯେପରି ଟାଇମ୍ ମେସିନ୍ ଆମକୁ ଅତୀତକୁ ନେଇଯାଉଛି । ସୁବିଧା ମିଳିଲେ ତୁମେ କୌଣସି ସଂଗ୍ରହାଳୟକୁ ଯାଅ । ଯାହା ଅନୁଭବ କରିପାରିଲ ଶ୍ରେଣୀରେ ଆଲୋଚନା କର ।



## ବିଭିନ୍ନ ପ୍ରକାରର ଖେଳନା

ପିଲାମାନେ ! ତୁମେ ବହୁତ ପ୍ରକାରର ଖେଳନା ଧରି ଖେଳିଛ । କେତେବେଳେ ବଜାରରୁ କିଣି ପୁଣି କେତେବେଳେ ନିଜ ହାତରେ ତିଆରି କରି ଖେଳିଛ । ତେବେ କୁହ –

(କ) ତୁମେ ବଜାରରୁ କେଉଁ ଖେଳନା କିଣିଛ ?

(ଖ) ତୁମେ ଘରେ କେଉଁ ଖେଳନା ଧରି ଖେଳିଛ ?

(ଗ) ଓଡ଼ିଶାର ପ୍ରତ୍ୟେକ ପ୍ରାନ୍ତରେ ପିଲାମାନେ ହାତରେ ଖେଳନା ତିଆରି କରିଥାନ୍ତି । ତୁମ ଅଞ୍ଚଳର ପିଲାମାନଙ୍କର ଖେଳିବାପାଇଁ କେଉଁ ସବୁ ଖେଳନା ମିଳେ ଲେଖ ।

(ଘ) ଓଡ଼ିଶାର ପିଲାମାନେ ନିଜପାଇଁ ଅନେକ ଖେଳନା ପ୍ରସ୍ତୁତ କରିଥାଆନ୍ତି । ତୁମେ ମଧ୍ୟ କାଗଜ, ତୁଳା, କଳା ଓ ବିଭିନ୍ନ ପତ୍ର ଆଦିକୁ ନେଇ ଅନେକ ଖେଳନା ତିଆରି କରିବା ଜାଣିଥିବ । ତୁମେ ନିଜ ହାତରେ ତିଆରି କରିଥିବା କିଛି ଖେଳନା ଶ୍ରେଣୀରେ ଦେଖାଅ ଓ ଏହାର ପ୍ରସ୍ତୁତି ପ୍ରଣାଳୀ ସମସ୍ତଙ୍କୁ କୁହ ।





https://withteachers.in/

## ପତ୍ର ଲିଖନ

ତୁମେ ବାରିପଦା ଛଉନୃତ୍ୟ ଦେଖିବାପାଇଁ ଯାଇଛ, ସେଠାକାର ଅନୁଭୂତି ସଂପର୍କରେ ବର୍ଣ୍ଣନା କରି ସାଙ୍ଗ ପାଖକୁ ଚିଠିଟିଏ ଲେଖ ।

------------------------

------------------------

--------------------------------------------------------

--------------------------------------------------------------------------------------------

--------------------------------------------------------------------------------------------

--------------------------------------------------------------------------------------------

--------------------------------------------------------------------------------------------

--------------------------------------------------------------------------------------------

------------------------

------------------------

(ଖ) ତୁମେ ଜାଣିଥିବ, ପତ୍ର ଲେଖିବାପାଇଁ କ'ଣ ସବୁ ଆବଶ୍ୟକ ହୁଏ । ଆବଶ୍ୟକ ସାମଗ୍ରୀ ଯେପରି ପତ୍ର, ପୋଷ୍ଟକାର୍ଡ଼, ଅନ୍ତର୍ଦ୍ଦେଶୀୟ ଲଫାପା ଆଦି ଡାକଘରୁ କିଣାଯାଇପାରେ । ତୁମେ ନିକଟରେ ଥିବା ଡାକଘରକୁ ଯାଅ ଏବଂ ଗୋଟିଏ ପୋଷ୍ଟକାର୍ଡ଼ କିଣି ସେଥିରେ ସାଙ୍ଗ ପାଖକୁ ଚିଠି ଲେଖ ।



(ଗ) ତୁମେ ଡାକଟିକଟ୍ ଦେଖିଛ ? ବିଶ୍ୱର ପ୍ରତ୍ୟେକ ଦେଶ ନିଜର ଡାକଟିକଟ ପ୍ରଚଳିତ କରନ୍ତି । ଭାରତର ଡାକ-ବିଭାଗ ମଧ୍ୟ ବିଭିନ୍ନ ସମୟରେ ନୂଆନୂଆ ଡାକ-ଟିକେଟ୍ ପ୍ରଚଳନ କରିଥାଆନ୍ତି । ଡାକ ଟିକେଟ୍‌ରୁ ଦେଶର ସଂସ୍କୃତି ସଂପର୍କରେ ଜଣାପଡ଼େ । ସେଥିପାଇଁ ଅନେକ ଲୋକ ଦେଶବିଦେଶରେ ଡାକଟିକେଟ୍ ସଂଗ୍ରହ କରନ୍ତି ।



ନିମ୍ନରେ ଭାରତର ବିଭିନ୍ନ ଲେଖକଙ୍କ ସମ୍ମାନରେ ପ୍ରଚଳିନ କରାଯାଇଥିବା କିଛି ଡାକଟିକେଟର ଚିତ୍ର ଦିଆଯାଇଛି । ସେଗୁଡ଼ିକୁ ଧ୍ୟାନ ଦେଇ ଦେଖ ।




(କ) ତୁମକୁ ଏହା ମଧ୍ୟରୁ କେଉଁ ଡାକ-ଟିକେଟ୍‌ଟି ଖୁବ ଭଲ ଲାଗୁଛି /

(ଖ) ଡାକ-ଟିକେଟରୁ କେଉଁ ସବୁ ବିଷୟ ଜଣାପଡ଼ିଥାଏ ?



https://withteachers.in/



## ଆଜିର ପ୍ରହେଳିକା

ଆଜି ଆମେ କିଛି ପ୍ରହେଳିକା ଉପସ୍ଥାପନ କରିବା, ଯାହାକୁ ପଢ଼ିଲେ ତୁମମାନଙ୍କୁ ଏପରି ଲାଗିପାରେ କି ତୁମେ ଏହା ବିଷୟରେ ଜାଣିଛ ।

| | | |
|---|---|---|
| ୧ | ଦାନ୍ତ କରିଲେ ସେ କଡ଼ମଡ଼<br>ଆକାଶ ଗୋଟାକ ଛାତି କରିଦିଏ ଧଡ଼ ଧଡ଼<br>କହିଲ ଦେଖି ସେ କିଏ ? |  |
| ୨ | ଆକାଶରେ ଛତା ଟାଣିଲା କିଏ ? ସାତଟି ରଙ୍ଗରେ<br>ରଙ୍ଗିଲା ସିଏ । ଖରାବରଷାର ଖେଳ, କହିପାରିବ କି<br>ନାଆଁଟି ତାହାର ସାଙ୍ଗସାଥି ହୋଇ ମେଳ । |  |
| ୩ | ବଡ଼ ସେନେହରେ ଘରକୁ ପଶେ<br>ସଭିଙ୍କୁ ପଢ଼ାଏ ସଭିଙ୍କୁ ରସାଏ<br>ଦୁନିଆର କଥା ଭାଷେ କହିଲ କିଏ ? |  |
| ୪ | ଚଣ୍ଡି ପୁରାଣରୁ ମହାଭାରତ<br>ଧନ୍ୟ କରିଦେଲେ ଆମ ସାହିତ୍ୟ<br>ଝଙ୍କଡ଼ ବାସିନୀ ମା, ତାଙ୍କ ଭକତିରେ, ଅତି ସିନିହରେ<br>ହୋଇଲେ ଯାହାକୁ ସାହା,<br>କହିପାରିବ କି ନାଆଁ...... |  |



## ଝରକାରୁ

ଭାରତୀୟ ଲୋକନାଟ୍ୟ ପରମ୍ପରାକୁ ଓଡ଼ିଶାର 'ଛଉନୃତ୍ୟ' ଏକ ବିଶିଷ୍ଟ ଅବଦାନ କହିଲେ ଅତ୍ୟୁକ୍ତି ହେବନାହିଁ ।

ତୁମେମାନେ ପଢ଼ିଲ ଯେ ଛଉନୃତ୍ୟ ଓଡ଼ିଶାର ମୟୂରଭଞ୍ଜ ଅଞ୍ଚଳର ଏକ ଲୋକପ୍ରିୟ ନୃତ୍ୟ କେବଳ ନୃତ୍ୟକଳା ନୁହେଁ ବରଂ ଚିତ୍ରକଳା (ପଟ୍ଟଚିତ୍ର) ସ୍ଥାପତ୍ୟକଳା, ବୟନକଳା ଇତ୍ୟାଦି ପାଇଁ ମଧ୍ୟ ଓଡ଼ିଶା ବିଶ୍ୱଦରବାରରେ ସୁପରିଚିତ । ନିମ୍ନରେ 'ବାନ୍ଧ' ବୟନକଳା ସମ୍ପର୍କରେ ଉଲ୍ଲେଖ ଅଛି । ଏଥର ପଢ଼ -



https://withteachers.in/

## ବାନ୍ଧକଳା

ଉତ୍କଳୀୟ ପରମ୍ପରା, ସାମାଜିକ ରୀତି, ନୀତି, ସଂସ୍କୃତି ଓ ସର୍ବୋପରି କଳାରେ ଜଗନ୍ନାଥ ସଂସ୍କୃତିର ଅପ୍ରତିହତ ପ୍ରଭାବ ଅନୁଭୂତ ହୋଇଥାଏ । ଜଗନ୍ନାଥ ଚେତନା ଓ ସଂସ୍କୃତିକୁ ନେଇ ଏ ଜାତିର ସାହିତ୍ୟ ଓ କଳା-ଭାସ୍କର୍ଯ୍ୟ କେବଳ ମହତ୍ ନ ଥିଲା, ବରଂ ସେଇ ଚେତନା ସଂସ୍କୃତି ଭିତର ଦେଇ ବଡ଼ ଥିଲା ତା'ର ଦେଉଳ, ତା'ର ଦାଣ୍ଡ, ତା'ର ଭୋଗ, ତା'ର ରଥ । ତାହାରି ସ୍ପର୍ଶରେ ଓଡ଼ିଆର ଥିଲା ବଡ଼ ତ୍ୟାଗ, ବଡ଼ ମନ, ବଡ଼ ହୃଦୟ ଓ ବଡ଼ କଳା ।

ଓଡ଼ିଶାର ବୟନକଳାରେ ଜଗନ୍ନାଥ ସ୍ୱରୂପ ଓ ସଂସ୍କୃତିକୁ ମୂଳରୁ ଅନୁଭବ କରିହୁଏ । ବିଶେଷତଃ ଓଡ଼ିଶାର ବୟନକଳାରେ ସର୍ବପ୍ରଥମେ ଜଗନ୍ନାଥଙ୍କଠାରେ ଥିବା କଳା, ଧଳା, ହଳଦିଆ ଓ ନାଲି ଏଇ ଚାରୋଟି ମୌଳିକ ରଙ୍ଗର ବ୍ୟବହାର ଥିଲା । ମାତ୍ର ଓଡ଼ିଶାର ବାନ୍ଧକଳାରେ ମୌଳିକ ଭାବରେ କଳା, ଧଳା ଓ ପରେ ହଳଦିଆ ଓ ନାଲି ରଙ୍ଗର ବ୍ୟବହାର ଦେଖିବାକୁ ମିଳିଥାଏ । ଅନେକ ଦିନ ପରେ ଏହିସବୁ ରଙ୍ଗ ସହିତ ସବୁଜ ରଙ୍ଗର ସମାବେଶ ହୋଇଅଛି । ପାରମ୍ପରିକ 'ବାନ୍ଧଶାଢ଼ି'ର ମଧ୍ୟସ୍ଥଳରେ ପଡୁଥିବା ପଦ୍ମ ହେଉଛି ଜଗନ୍ନାଥଙ୍କ ଡୋଳାପରି ଗୋଲାକାର । ଜଗନ୍ନାଥଙ୍କ ବକ୍ଷଦେଶରେ ଲମ୍ବିଥିବା ମାଳର ଅବିକଳ ଅନୁସରଣ ହେଉଛି 'ଘାଘରାବନ୍ଧ' । ବାନ୍ଧକଳାରେ ଏହି ଘାଘରା ହେଉଛି ମୂଳବାନ୍ଧ । ଜଗନ୍ନାଥଙ୍କ ସିଂହଦ୍ୱାରର ପ୍ରଭାବ ବାନ୍ଧକଳାର ସିଂହବାନ୍ଧ ଓ ତାଙ୍କର କରକମଳରେ ବିରାଜିତ ଶଙ୍ଖ, ଚକ୍ର, ଗଦା, ପଦ୍ମର ପ୍ରଭାବ ବାନ୍ଧକଳାର ଶଙ୍ଖବାନ୍ଧ, ପଦ୍ମବାନ୍ଧ (ଏକା ଚକ୍ରାକାର) ପ୍ରଭୃତିରେ ସ୍ପଷ୍ଟ । ପ୍ରଥମେ ଏହି 'ବାନ୍ଧ' ଶିଳ୍ପକଳାରେ ଘାଘରା, ଦେଉଳି, ଲତା, ମାଛ, ହଂସ, ହସ୍ତୀ, ହରିଣ, ସିଂହ, ପଦ୍ମ ପ୍ରଭୃତି ବାନ୍ଧଦ୍ୱାରା ଶାଢ଼ିର ଅଞ୍ଚଳ (ମୁହଁକୁ) ଅଳଂକୃତ କରି ବିଭିନ୍ନ ଧରଣର ଶାଢ଼ି ବୁଣା ହେଉଥିଲା । ଏ ଦିଗରେ ଉଦାହରଣତଃ ପଶ୍ଚିମଓଡ଼ିଶାର ବିଚିତ୍ରାପୁରୀ, ଶକଟାପୁରୀ, ଆଠଫୁଲିଆ, ଦଶଫୁଲିଆ ପ୍ରଭୃତି ଶାଢ଼ିର ନାମୋଲ୍ଲେଖ କରାଯାଇପାରେ । ସମଗ୍ର ଭାରତରେ ମୁଖ୍ୟତଃ ତିନୋଟି ପ୍ରଦେଶରେ ବାନ୍ଧକଳାଦ୍ୱାରା ବସ୍ତ୍ରକୁ ଅଳଂକୃତ ଓ ଶୋଭିତ କରିବାର ପରମ୍ପରା ଓ ବିକାଶ ତଥା ପ୍ରଚଳନ ଦେଖିବାକୁ ମିଳିଥାଏ । ସେହି ପ୍ରଦେଶଗୁଡ଼ିକ ହେଲେ-୧ ଓଡ଼ିଶା ବା ଉତ୍କଳ ( ୨ ) ଗୁଜୁରାଟ ଓ (୩) ଆନ୍ଧ୍ରପ୍ରଦେଶ । ଖଣ୍ଡୁଆ ପାଟରେ ପ୍ରାୟତଃ ବାନ୍ଧକଳା ଦେଖାଯାଇଥାଏ । ଦେଶ ବିଦେଶରେ ଏହି ପାଟର ଚାହିଦା ଅଧିକ ଅଟେ ।







(ଓଡ଼ିଶାର ବୟନକଳା ପୁସ୍ତକରୁ ସଂଗୃହୀତ)



https://withteachers.in/



## ଦଳଗତ ଆଲୋଚନା

ଉପରଲିଖିତ ଲେଖା ମଧ୍ୟରୁ କେଉଁ ତଥ୍ୟ ବା ସୂଚନା ତୁମକୁ ଭଲ ଲାଗିଲା ? କାହିଁକି ଭଲ ଲାଗିଲା – ଶ୍ରେଣୀରେ କୁହ ।



## ଅନୁସନ୍ଧାନ କରିବା

ଓଡ଼ିଶାର ଉତ୍ତରପୂର୍ବରେ ଥିବା ମୟୂରଭଞ୍ଜ ଜିଲ୍ଲାର 'ଛଉ' ଲୋକନୃତ୍ୟ ପରି ଅନ୍ୟ ଜିଲ୍ଲାମାନଙ୍କର ଲୋକନୃତ୍ୟ ସମ୍ପର୍କରେ ପାଠାଗାର ବା ଇଣ୍ଟରନେଟ ମାଧ୍ୟମରେ ପଢ଼ ଓ ଲେଖ ।

- ଗୋଟିପୁଅନୃତ୍ୟ
- ସମ୍ବଲପୁରୀନୃତ୍ୟ
- ଢ଼େମସାନୃତ୍ୟ
- ପାଇକନୃତ୍ୟ
- ଘୋଡ଼ାନାଚ
- ଦଣ୍ଡନାଚ

ଏଥିସହ ଓଡ଼ିଶୀନୃତ୍ୟ ବିଷୟରେ ମଧ୍ୟ ପଢ଼ ଓ ସାଙ୍ଗମାନଙ୍କ ସହ ଆଲୋଚନା କର ।

## ଏହାକୁ ମଧ୍ୟ ଜାଣ

'ଛଉ' ନୃତ୍ୟାଭିନୟ ସମୟରେ ଧୁମ୍‌ସା, ନାଗରା, ଯୋଡିନାଗରା, ଚଡ଼ଚଡ଼ି, ଢ଼ୋଲ, ମହୁରୀ ଆଦି ବାଜା ବାଜେ । ଢ଼ୋଲକୁ ଢୋଲକାଠିରେ ବାଡ଼େଇ ବଜାଯାଏ । ଏହା ଏକ ବା ଏକାଧିକ ବ୍ୟକ୍ତି ମିଳିତ ଭାବରେ ବଜାନ୍ତି । ଏହିପରି କାଠିଦ୍ୱାରା ବାଡ଼େଇ ବଜାଇବା ଭଳି ଆହୁରି ଅନେକ ବାଦ୍ୟ ରହିଛି । ସେଗୁଡ଼ିକର ନାମ ସଂଗ୍ରହ କରି ଲେଖ ।





https://withteachers.in/

# ଆମ ଲେଖା ଆମ ଚିତ୍ର



https://withteachers.in/

୯



# ଉଠିଲୁ ଏଡ଼େ ବେଗି କାହିଁକି ରେ



ଉଠିଲୁ ଏଡ଼େ ବେଗି କାହିଁକି ରେ

ଦୁଃଖୀଧନ !

ଦଧି ମନ୍ଥାଇ ଦେବୁ ନାହିଁକି ରେ ! ପଦ ।

ଦେହ ପାସୋରି ଦଣ୍ଡେ ନିଦ ନ ଗଲୁ, ଏଡ଼େ

ବିଟୋଳ ହେଲୁ ମୋର ପାଇଁକି ରେ !

ଖେଳିବୁ ରାମ ତୁଲେ ପଛେ, ରାତି ପାହିଲେ,

ଶୁଆଇ ଦେବି ଗୀତ ଗାଇକି ରେ !

ମନ୍ଥିବି ମୁଁ କେମନ୍ତ, ଖୁଆଦଣ୍ଡରୁ ହାତ

ଛାଡ଼, ଦେଉଛି ସର ଖୋଇକି ରେ !






https://withteachers.in/

ଆହା ଏ କି ପ୍ରମାଦ    ଛନ୍ଦନା ବାବୁ ପାଦ;
ଡାକ ଯା' ବଳରାମ ଭାଇ କି ରେ !
ମଥନଘଟେ ହାତ    ପୂରାଇ ନବନୀତ
କାଢୁ, ବୋଲନ୍ତି, ହେଲୁ ବାଇକି ରେ !
ତୁଚ୍ଛା ହାତଟା ଖାଇ    ନାଚୁଛୁ କାହିଁପାଇଁ,
ଶୁଖିଯିବୁ ନ ଚାହାଁ ଛାଇକି ରେ !
ଗୃହକୃତ୍ୟ ପକାଇ    ବସିଥିବି ଏକାଇ
ନିଶିଦିନ ତୋତେ କାଖେଇକି ରେ !
ପଣନ୍ତରେ ବଦନ    ପୋଛି, ଦେଲେ ଚୁମ୍ବନ;
ଗୋପାଳକୃଷ୍ଣ ଚିନ୍ତେ ଦୁହିଁକି ରେ !







# କବି ପରିଚୟ

କବି ଗୋପାଳକୃଷ୍ଣ ପଟ୍ଟନାୟକ (୧୭୮୫-୧୮୬୨) ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପାରଳାଖେମୁଣ୍ଡି ସହରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କଦ୍ୱାରା ଲିଖିତ ପଦାବଳୀର ଭାଷା ଅତ୍ୟନ୍ତ ସରଳ ଓ ମର୍ମସ୍ପର୍ଶୀ । ତାଙ୍କ କୃତି ମଧ୍ୟରୁ 'ଶ୍ରୀ ଶ୍ରୀ ବୃନ୍ଦାବନପରିକ୍ରମା', 'ଶ୍ରୀହରି କୁସୁମ ସ୍ତବକ', 'ଚାଟୁ ପୁଷ୍ପାଞ୍ଜଳି', 'ପ୍ରେମଭକ୍ତି ଚନ୍ଦ୍ରିକା', 'ସ୍ୱପ୍ନ ବିଳାସ' ଆଦି ପ୍ରଧାନ । ଏଠାରେ ମାଆ ଯଶୋଦାଙ୍କ ବାତ୍ସଲ୍ୟ ମମତା ବିଷୟରେ ବର୍ଣ୍ଣନା କରାଯାଇଛି ।



## ପାଠ ଅନ୍ତର୍ଗତ

### ମୋ ବୁଝିବାରେ

(କ) ତଳେ ଦିଆଯାଇଥିବା ପ୍ରଶ୍ନର ଠିକ୍ ଉତ୍ତର ବାଛ ଏବଂ ଏହା ପାଖରେ ତାରା ଚିହ୍ନ (★) ଦିଅ ।

୧. ମାଆ ଶ୍ରୀକୃଷ୍ଣଙ୍କୁ ନିଜ ଛାଇ ଦେଖିବାକୁ ବାରଣ କରୁଥିଲେ । କାରଣ-

- ଶ୍ରୀକୃଷ୍ଣଙ୍କ ଶରୀର ଦୁର୍ବଳ ହୋଇଯିବ । ☐
- ଶ୍ରୀକୃଷ୍ଣ ଛାଇ ଦେଖି ଡରିବେ । ☐
- ଶ୍ରୀକୃଷ୍ଣଙ୍କ ଛାଇ ତାଙ୍କୁ ଡରାଇବ । ☐
- ଶ୍ରୀକୃଷ୍ଣ ରାତିରେ ଶୋଇ ପାରିବେ ନାହିଁ । ☐



୨. ଶ୍ରୀକୃଷ୍ଣ ସକାଳୁ ଉଠି ମାଆଙ୍କୁ କେଉଁ କାମ କରାଇ ଦେଉ ନଥିଲେ ?

- ଗାଈ ଦୁହିଁବା କାମ ☐
- ଦହିମୁହାଁ କାମ ☐
- ବଗିଚା କାମ ☐
- ରାନ୍ଧିବା କାମ ☐

(ଖ) ଏବେ ତୁମେ ତୁମ ସାଙ୍ଗମାନଙ୍କ ସହ ଆଲୋଚନା କର ଯେ କାହିଁକି ଉପର ଉତ୍ତରଗୁଡ଼ିକ ବାଛିଲ ?



https://withteachers.in/



## ମିଳିମିଶି ଯୋଡ଼ିବା

ଉକ୍ତ ପାଠରୁ କିଛି ଶବ୍ଦ ଦିଆଯାଇଛି । ତୁମେମାନେ ଦଳରେ ଆଲୋଚନା କରି ନିମ୍ନରେ ଦିଆଯାଇଥିବା ଶବ୍ଦ ସହ ତା'ର ଅର୍ଥ ମିଳାଅ । ଆବଶ୍ୟକ ସ୍ଥଳେ ଶବ୍ଦକୋଷ, ଇଣ୍ଟରନେଟ୍ କିମ୍ବା ଶିକ୍ଷକଙ୍କ ସହାୟତା ନେଇପାରିବ ।

| ଶବ୍ଦ | ଅର୍ଥ |
|---|---|
| ୧. ଦଣ୍ଡେ | ୧. ଲହୁଣୀ |
| ୨. ବିଟୋଳ | ୨. କ୍ଷୀର ଫୁଟାଇବା ପରେ ତା' ଉପର ବସି ଯାଇଥିବା ଏକ ଅଂଶ |
| ୩. ପ୍ରମାଦ | ୩. ମାଆ ପିନ୍ଧିଥିବା ଲୁଗାର କାନି |
| ୪. ନବନୀତ | ୪. ବିପଦ / ଭ୍ରାନ୍ତି |
| ୫. ପଣନ୍ତ | ୫. ଅଝଟ ହେବା |
| ୬. ସର | ୬. ଅଳ୍ପ ସମୟରେ |



## ପଦ୍ୟାଂଶ ଉପରେ ଆଲୋଚନା

୧. ନିମ୍ନରେ ଉକ୍ତ ପାଠରୁ କିଛି ପଦ ଦିଆଯାଇଛି । ଏହାକୁ ମନଦେଇ ପଢ଼, ଯାହା ବୁଝିଲ ସାଙ୍ଗମାନଙ୍କ ସହ ଦଳରେ ଆଲୋଚନା କର ଓ ତୁମ ଖାତାରେ ଲେଖ ।

(କ) "ଦେହ ପାସୋରି ଦଣ୍ଡେ ନିଦ ନ ଗଲୁ ଏଡ଼େ
ବିଟୋଳ ହେଲୁ ମୋର ପାଇଁ କି ରେ !"

(ଖ) "ପଣନ୍ତରେ ବଦନ ପୋଛି, ଦେଲେ ଚୁମ୍ବନ
ଗୋପାଳକୃଷ୍ଣ ଚିନ୍ତେ ଦୁହିଁଙ୍କି ରେ !"



## ଚିନ୍ତା କରିବା

ପାଠଟିକୁ ଆଉଥରେ ପଢ଼, ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

(କ) ଶ୍ରୀକୃଷ୍ଣ ଶୀଘ୍ର ଉଠିପଡ଼ିବାରୁ ମାଆ ଯଶୋଦା କାହିଁକି ବ୍ୟସ୍ତ ହୋଇ ପଡୁଥିଲେ ?

(ଖ) ଯଶୋଦା କାହିଁକି ଠିକ୍ ଭାବରେ ଦହି ମନ୍ଥିପାରୁ ନ ଥିଲେ ?



https://withteachers.in/



## କବିତାର ରଚନାଶୈଳୀ

"ଦେହ ପାସୋରି ଦଣ୍ଡେ ନିଦ ନ ଗଲୁ ଏଡ଼େ
ବିଟୋଳ ହେଲୁ ମୋର ପାଇଁକି ରେ !"

"ଖେଳିବୁ ରାମ ତୁଲେ ପଛେ ରାତି ପାହିଲେ
ଶୁଆଇ ଦେବି ଗୀତ ଗାଇକି ରେ !"

ଏହି ପଦରେ ଥିବା ଦୁଇଟି ପାଦର ଶେଷପଦଗୁଡ଼ିକୁ ଦେଖ । 'ପାଇଁକିରେ' ଓ 'ଖାଇକିରେ' ଦୁଇଟି ଶବ୍ଦର ଶେଷଧ୍ୱନି ଏକା । ଏହାକୁ ସମତାନ ଶବ୍ଦ କୁହାଯାଏ । ଏହି କବିତାର ପ୍ରତ୍ୟେକ ପଦ ଶେଷରେ ସମତାନ ଶବ୍ଦ ରହିଛି । ଏଥିପାଇଁ କବିତାଟି ଅଧିକ ପ୍ରଭାବଶାଳୀ ହୋଇପାରିଛି ।

(କ) ଏହି କବିତାକୁ ଆଉଥରେ ପଢ଼ ଓ ସାଙ୍ଗମାନଙ୍କ ସହ ମିଶି ସେଥିରେ ଥିବା ସମତାନ ଶବ୍ଦଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।

(ଖ) ଦଳରେ ପ୍ରସ୍ତୁତ ତାଲିକାକୁ ଶ୍ରେଣୀରେ ଉପସ୍ଥାପନ କର ।



## ଅନୁମାନ ଓ କଳ୍ପନା

ତୁମେମାନେ ମିଳିମିଶି ଦଳରେ ଆଲୋଚନା କରି ଲେଖ ।

(କ) ମାଆ ଯଶୋଦା ଶ୍ରୀକୃଷ୍ଣଙ୍କୁ 'ଦୁଃଖୀଧନ' ବୋଲି କାହିଁକି କହିଛନ୍ତି ?

(ଖ) ଶ୍ରୀକୃଷ୍ଣ କାହିଁକି ଖାଲି ହାତକୁ ପାଟିରେ ପୂରାଉଥିଲେ ?



## ଶବ୍ଦର ରୂପ

ନିମ୍ନରେ ଶବ୍ଦଗୁଡ଼ିକୁ ନେଇ ଏକ ଶିକ୍ଷଣକାର୍ଯ୍ୟ ଦିଆଯାଇଛି । ଆବଶ୍ୟକ ସ୍ଥଳେ ଶବ୍ଦକୋଷ, ସାଙ୍ଗସାଥୀ ଓ ଶିକ୍ଷକଙ୍କ ସହାୟତା ନେଇପାରିବ ।

(କ) ଗୃହକୃତ୍ୟ ପକାଇ ବସିଥିବି 'ଏକାଇ'

ଏହି ପଂକ୍ତିରେ 'ଏକାଇ' ଶବ୍ଦ ଦିଆଯାଇଛି । 'ଏକାଇ' ଶବ୍ଦ ପାଇଁ ଆମେ 'ଏକୁଟିଆ' ଶବ୍ଦକୁ ମଧ୍ୟ ବ୍ୟବହାର କରିପାରିବା । ଉକ୍ତ କବିତାରେ ଏହିପରି କିଛି ଶବ୍ଦ ଅଛି; ଯାହାକୁ ଅଲଗା ଭାବରେ ଲେଖାଯାଇପାରିବ ଓ କୁହାଯାଇପାରିବ । ତଳେ କିଛି ଶବ୍ଦ ଦିଆଯାଇଛି, ସେହି ଶବ୍ଦକୁ ଅନ୍ୟରୂପରେ ଲେଖ ।



https://withteachers.in/

ବେଗି ..................................................................................................

କେମନ୍ତ ..................................................................................................

ତୁଲେ ..................................................................................................

ବାଇକି ..................................................................................................

ଖୋଇକି ..................................................................................................

ଭାଇକି ..................................................................................................

(ଖ) କବିତାର କିଛି ଶବ୍ଦ ସ୍ତମ୍ଭ 'କ' ସ୍ତମ୍ଭରେ ଏବଂ ଏହାର ଅର୍ଥ 'ଖ' ସ୍ତମ୍ଭରେ ଦିଆଯାଇଛି । 'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭରେ ଥିବା ସମାନ ଅର୍ଥବୋଧକ ଶବ୍ଦକୁ ମିଳାଅ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧. ଖୁଆଦଣ୍ଡ | ୧. ଘର, ପ୍ରାସାଦ |
| ୨. ଦେହ | ୨. ଶରୀର, ତନୁ |
| ୩. ନବନୀତ | ୩. ଦଧିଭାଣ୍ଡ, ଦହିମୁହାଁ ମାଠିଆ |
| ୪. ମଥନଘଟ | ୪. ଲହୁଣୀ, ଦଧିଜ |
| ୫. ରାତି | ୫. ରାତ୍ରି, ନିଶା, ନିଶି |
| ୬. ଗୃହ | ୬. ଦହିମୁହାଁ ବାଡ଼ି |



## ବର୍ଣ୍ଣ ପରିବର୍ତ୍ତନ

"ଉଠିଲୁ ଏଡ଼େ ବେଗି କାହିଁକି ରେ ଦୁଃଖିଧନ ।"

'ଏଡ଼େ' ଶବ୍ଦର ଅର୍ଥ 'ଏତେ' । ଏଠାରେ 'ଡ଼' ଏବଂ 'ତ' ଏବଂ 'ତ' ବର୍ଣ୍ଣ ପରସ୍ପରଠାରୁ ଭିନ୍ନ । କିନ୍ତୁ 'ଡ଼' ପରିବର୍ତ୍ତେ 'ତ' ଲେଖିଲେ ତା'ର ଅର୍ଥ ପରିବର୍ତ୍ତନ ହେବ ନାହିଁ । ଏହି ଭଳି କିଛି ଶବ୍ଦ ପାଠରୁ ଖୋଜି ବା ଶିକ୍ଷକଙ୍କ ସହାୟତା ନେଇ ଖାତାରେ ଲେଖ ।



https://withteachers.in/



## ପଦର ଭାବାର୍ଥ

ନିମ୍ନରେ 'କ'ସ୍ତମ୍ଭରେ କିଛି ପଂକ୍ତି ଓ  'ଖ'ସ୍ତମ୍ଭରେ ଏହାର ଭାବାର୍ଥ ଦିଆଯାଇଛି  । ଗାରଟାଣି ପଂକ୍ତି ସହିତ ଭାବାର୍ଥକୁ ଯୋଡ଼  ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧.  ଖେଳିବୁ ରାମ ତୁଲେ ପଛେ ରାତି ପାହିଲେ  । | ୧.  ଶ୍ରୀକୃଷ୍ଣ ମାଆଙ୍କ ଗୋଡ଼କୁ ନିଜ ଗୋଡ଼ରେ ଛନ୍ଦି ଦେଇଛନ୍ତି  । ତେଣୁ ମାଆ ଯଶୋଦା କୃଷ୍ଣଙ୍କୁ ଏଭଳି ଦୁଷ୍ଟାମି କରିବାକୁ କହିଛନ୍ତି  । |
| ୨.  ଆହା ଏ କି ପ୍ରମାଦ ଛନ୍ଦନା ବାବୁ ପାଦ | ୨.  ଘରକାମ ସବୁ ପକାଇ କେବଳ ଦିନ-ରାତି ତୋ'ରି ପାଖରେ ବସିଥିବି ବୋଲି ଯଶୋଦା କହିଛନ୍ତି । |
| ୩.  ଗୃହକୃତ୍ୟ ପକାଇ ବସିଥିବି ଏକାଇ | ୩.  ମାଆ ଯଶୋଦା ଶ୍ରୀକୃଷ୍ଣଙ୍କୁ ରାତି ପାହିଲେ ଭାଇ ବଳରାମଙ୍କ ସହ ଖେଳିବୁ ବୋଲି କହୁଛନ୍ତି  । |
| ୪.  ମଥନ ଘଟେ ହାତ ପୂରାଇ ନବନୀତ କାଢୁ  । | ୪.  ଯଶୋଦା ଶ୍ରୀକୃଷ୍ଣଙ୍କୁ ହାତ ପୂରାଇ ଲହୁଣୀ କାଢୁଥିବା କଥା କହିଛନ୍ତି  । |

## ପାଠ ବାହାରୁ



### ତୁମକଥା

"ଆହା ଏ କି ପ୍ରମାଦ, ଛନ୍ଦନା ବାବୁ ପାଦ"

ଏଠାରେ ମାଆ ଯଶୋଦା ଶ୍ରୀକୃଷ୍ଣଙ୍କୁ ତାଙ୍କ ଗୋଡ଼ ନ ଛନ୍ଦିବା ପାଇଁକହିଛନ୍ତି  । କାରଣ ଏଭଳି ଦୁଷ୍ଟାମି କଲେ ମାଆ ଯଶୋଦା ଦହିମୁହାଁଇ ପାରିବେ ନାହିଁ  । ତୁମେ କେବେ ଏଇଭଳି ଦୁଷ୍ଟାମି କରିଛ କି  ? ଯଦି କରିଛ କେବେ  ?



### ଘରର ବସ୍ତୁଗୁଡ଼ିକ

"ମଥନ ଘଟେ ହାତ ପୂରାଇ ନବନୀତ  ।"

'ମଥନ ଘଟ' ଅର୍ଥାତ୍ ଦହିହାଣ୍ଡି  । ଏହା ଏପରି ଏକ ଜିନିଷ ଯାହା କି ବହୁବର୍ଷ ଧରି ଭାରତର ବିଭିନ୍ନ ଘରେ ବ୍ୟବହାର ହୋଇଆସୁଅଛି  ।





https://withteachers.in/

ନିମ୍ନରେ ଆଉ କିଛି ଘରୋଇ ଜିନିଷ ଦିଆଯାଇଛି । ତାହାକୁ ତୁମ ଘରେ କ'ଣ କହନ୍ତି । ଚିତ୍ରତଳେ ଲେଖ । ଯଦି କୌଣସି ଚିତ୍ରକୁ ଚିହ୍ନିପାରୁନାହିଁ, ତେବେ ତୁମେ ଅଭିଭାବକ, ଶିକ୍ଷକ ବା ଇଣ୍ଟରନେଟ୍‌ର ସାହାଯ୍ୟ ନେଇପାର ।





---



---



---




---

ତୁମେ ଜାଣିଛ ଶ୍ରୀକୃଷ୍ଣଙ୍କର ଲହୁଣୀ ବହୁତ ପସନ୍ଦ । କ୍ଷୀରରୁ ଦହି, ଦହିରୁ ଲହୁଣୀ ପ୍ରସ୍ତୁତ ହୁଏ । ଲହୁଣୀରୁ ଘିଅହୁଏ । ତଳେ ଘିଅ ପ୍ରସ୍ତୁତିର ଏକ କ୍ରମ ଚିତ୍ର ଦିଆଯାଇଛି । ଏହାକୁ ଦେଖି ଘିଅ କେଉଁ ପ୍ରକ୍ରିୟାରେ ପ୍ରସ୍ତୁତ ହୁଏ, ଲେଖ ।



https://withteachers.in/





## ସମୟର ମାପ

"ଗୃହକୃତ୍ୟ ପକାଇ ବସିଥିବି ଏକାଇ
ନିଶିଦିନ ତୋତେ କାଖେଇକି ରେ !"
ଖେଳିବୁ ରାମତୁଲେ ପଛେ ରାତି ପାହିଲେ ।
ଶୁଆଇ ଦେବି ଗୀତ ଗାଇକି ରେ !"

(କ) ନିଶିଦିନ ଅର୍ଥାତ୍ ରାତି ଓ ଦିନ ସୂଚାଇବାପାଇଁ ଆମେ ଏହି ଶବ୍ଦ ପ୍ରୟୋଗ କରିଥାଉ । ଏହିପରି ସମୟ ଜାଣିବା ପାଇଁ ଆମେ ଆଉ କେଉଁ ସବୁ ଶବ୍ଦ ପ୍ରୟୋଗ କରୁ, ଦଳରେ ଆଲୋଚନା କରି ତାଲିକା ପ୍ରସ୍ତୁତକର ଏବଂ ଶ୍ରେଣୀରେ ଉପସ୍ଥାପନ କର ।

(ଉଦାହରଣ - କାଲି, ମାସ, ଘଡି, ବେଳା ଇତ୍ୟାଦି)

(ଖ) କବିତା ଅନୁସାରେ ଶ୍ରୀକୃଷ୍ଣ କେତେବେଳେ ବିଛଣାରୁ ଉଠିଲେ ?

(ଗ) ଧରାଯାଉ, ଶ୍ରୀକୃଷ୍ଣ ସକାଳ ଛଅ ଘଟିକାରେ ଖେଳିବାକୁ ଯାଇଛନ୍ତି ?ତେବେ ସେ କେତେବେଳେ ଘରକୁ ଆସିବେ ?



https://withteachers.in/

(ଘ) 'ଦ୍ୱିପହର'ର ଅର୍ଥ ଦିନର ଦ୍ୱିତୀୟପ୍ରହର ସମୟ ପ୍ରାୟତଃ ଦିନ ୧୨ ଘଟିକା ସମୟ ଯେତେବେଳେ କି ସୂର୍ଯ୍ୟ ମୁଣ୍ଡ ଉପରେ ଥା'ନ୍ତି । ସେତେବେଳେ ଦ୍ୱିତୀୟ ପ୍ରହରସମୟ ଶେଷ ହୋଇ ତୃତୀୟପ୍ରହର ସମୟ ଆରମ୍ଭ ହୋଇଥାଏ । ତାହାହେଲେ, ଏବେ କୁହ ଦିନର ପ୍ରଥମପ୍ରହର ପ୍ରାୟ କେତେବେଳେ ଆରମ୍ଭ ହୋଇଥିବ ?



## ଆମେ ସମସ୍ତେ ଅନନ୍ୟ

(କ) ଗୋପାଳକୃଷ୍ଣ ପଟ୍ଟନାୟକଙ୍କର କଳ୍ପନା କରି କବିତା ଲେଖିବାରେ ବିଶେଷ ଦକ୍ଷତା ଥିଲା । କବି ଭୀମ ଭୋଇ ଦୃଷ୍ଟିହୀନ ହୋଇ ମଧ ଅନେକ କବିତା ଲେଖିଛନ୍ତି । ସେହିଭଳି ଆମ ସମସ୍ତଙ୍କର ମଧ୍ୟ କିଛି ନା କିଛି ବିଶେଷ ଗୁଣ ବା ଦକ୍ଷତା ଅଛି । ଆସ, ସେ ବିଷୟରେ ଲେଖିବା ।

ତୁମର.......................................................................................................

ତୁମ ପରିବାରର ଜଣେ ସଦସ୍ୟଙ୍କର...................................................................

ତୁମ ଶିକ୍ଷକଙ୍କର ......................................................................................

ତୁମ ସାଙ୍ଗର................................................................................................

(ଖ) ଆମ ସମସ୍ତଙ୍କ ପାଖରେ କିଛି ନା କିଛି ବିଶେଷ ଦକ୍ଷତା ରହିଛି । ଯେପରି କି ଅନ୍ୟକୁ ସହାୟତା କରିବା, ସମସ୍ତଙ୍କର ମଙ୍ଗଳ ଚିନ୍ତା କରିବା ଇତ୍ୟାଦି । ଦକ୍ଷତାକୁ ଉପଯୋଗ କରି ତୁମେ ଏମାନଙ୍କୁ ସହାୟତା କିପରି କରିପାରିବ କୁହ ?

- ତୁମର ଜଣେ ସହପାଠୀ ପଢ଼ି ଶିଖିଛି କିନ୍ତୁ ସେ ଗୋଟିଏ ବିଷୟ ବୁଝିପାରୁନାହିଁ ।
- ତୁମର ଜଣେ ସହପାଠୀ ପଢ଼ିବାକୁ ଭଲ ପାଏ, ମାତ୍ର ସେ ଦେଖି ପାରୁନାହିଁ ।
- ତୁମର ଜଣେ ସହପାଠୀ ବହୁତ ଶୀଘ୍ର ଶୀଘ୍ର କହେ, ତାକୁ ଶ୍ରେଣୀରେ ଭାଷଣ ଦେବାର ଅଛି ।
- ତୁମର ଜଣେ ସହପାଠୀ ଅଟକି ଅଟକି କହେ, ତାକୁ ଶ୍ରେଣୀରେ ଭାଷଣ ଦେବାର ଅଛି ।
- ତୁମର ଜଣେ ସହପାଠୀ ଠିକ୍ ଭାବରେ ଚାଲିପାରେ ନାହିଁ; ମାତ୍ର ସେ ସମସ୍ତଙ୍କ ସହ ଦୌଡ଼ିବାକୁ ଚାହୁଁଛି ।
- ତୁମର ଜଣେ ସହପାଠୀ ପ୍ରତିଦିନ ବିଦ୍ୟାଳୟକୁ ଆସେ, ମାତ୍ର ଭଲ ଶୁଣିପାରେ ନାହିଁ ।



https://withteachers.in/

## ଶବ୍ଦସାରଣୀ

କ୍ଷୀରରୁ ଲହୁଣୀ ବାହାରିଥାଏ । ଅନ୍ୟ ଖାଦ୍ୟପଦାର୍ଥ ମଧ୍ୟ ସେଥିରୁ ତିଆରି କରାଯାଇଥାଏ । ତଳ ସାରଣୀରେ କେତେକ କ୍ଷୀରଜାତ ଖାଦ୍ୟର ପ୍ରଥମ ଅକ୍ଷର ଲେଖାଯାଇଛି । ଅକ୍ଷର ଆଧାରରେ ଶବ୍ଦସାରଣୀ ପୂରଣ କର । ଯେପରି ଲ – ଲହୁଣୀ ।





| | | | | |
|---|---|---|---|---|
| ଘି | ■ | ଲ | | |
| | ସ | | ଖୁ | |
| ■ | ରା | | | ଅ |
| ର | | | | |
| ଦ | | ■ | ■ | |



## ଅନୁସନ୍ଧାନ କରିବା

ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ଅନ୍ୟ ରଚନାଗୁଡ଼ିକୁ ତୁମ ବିଦ୍ୟାଳୟର ପାଠାଗାରରୁ ଖୋଜି ଆଣ ଓ ପଢ଼ ।





https://withteachers.in/

# ଆମ ଲେଖା ଆମ ଚିତ୍ର





https://withteachers.in/

୧୦




# ତିନୋଟି ବର

ହାରୁ ବୋଲି ଜଣେ ବାଳକ ଥିଲା । ତା'ର ନାକଟି ଛୋଟ ଓ ଚେପ୍‌ଟା ଥିଲା । ଏକା ବିଧବା ମା'ଛଡ଼ା ସଂସାରରେ ତା'ର ନିଜର ବୋଲି କେହି ନ ଥିଲେ । ସେ ସବୁବେଳେ ପୁରୁଣା ଓ ମଇଳା ପୋଷାକ ପିନ୍ଧୁଥିଲା ।

ହାରୁ ଲେଖାପଢ଼ା ଅଳ୍ପ ଜାଣିଥିଲେ ମଧ୍ୟ ପରିଶ୍ରମୀ ଥିଲା । ସାରାଦିନ ପରିଶ୍ରମ କରି ଯାହା ଉପାର୍ଜନ କରୁଥିଲା, ସେଥିରେ ତା'ର ମା' ଓ ସେ ଖୁସିରେ ଚଳି ଯାଉଥିଲେ । କିନ୍ତୁ ଗାଁର ପିଲାମାନେ ତା'ର ଅସୁନ୍ଦର ନାକପାଇଁ ତାକୁ 'ଚେପ୍‌ଟା-ନାକା' ବୋଲି ଚିଡ଼ାଉଥିଲେ । ସେଥିପାଇଁ ହାରୁ ଭାରି ଦୁଃଖିତ ଥିଲା ।

କ୍ରମେ ହାରୁ ଯୁବକ ହେଲା । ଯେଉଁଦିନ ହାରୁର ମା'ଙ୍କର ମୃତ୍ୟୁ ହେଲା, ସେଦିନ ହାରୁ ମା'ଙ୍କ ମୃତଦେହ ନିକଟରେ କାନ୍ଦୁକାନ୍ଦୁ କହିଲା,-"ମା', ତୁମେ ମୋତେ ଛାଡ଼ି ଚାଲିଗଲ । ମୁଁ ଅନାଥ ହୋଇଗଲି । ବର୍ତ୍ତମାନ ମୋତେ ଦେଖିବ କିଏ ?" ପଡ଼ୋଶୀମାନେ ହାରୁକୁ ସାନ୍ତ୍ୱନା ଦେଲେ ।

ଗ୍ରାମପ୍ରଧାନ ଅନ୍ୟମାନଙ୍କ ସହ ପରାମର୍ଶ କରି ହାରୁକୁ କହିଲେ,-'ଦେଖ ହାରୁ, ତୁମ ମା' ମରିଗଲେ । ବର୍ତ୍ତମାନ ତୁମକୁ ଦେଖିବାକୁ କେହି ନାହିଁ । ଆମେ ଭାବୁଛୁ,-"ତୁମେ ବିବାହ କଲେ ଭଲ ହେବ । ତୁମର ମତାମତ କ'ଣ ?"



ବିବାହ କଥା ଶୁଣି ହାରୁକୁ ଲାଜ ମାଡ଼ିଲା । କିନ୍ତୁ ମନେମନେ ଖୁସି ହୋଇ ହାରୁ କହିଲା,-"ମୁଁ ଆସନ୍ତାକାଲି ଆପଣଙ୍କୁ ମୋର ମତାମତ ଜଣାଇବି ।"

ଶ୍ମଶାନରେ ମା'ଙ୍କ ମୃତଦେହ ଦାହ କରି ହାରୁ ଘରକୁ ଫେରିଲା । ଘରେ ତାକୁ ଏକୁଟିଆ ଲାଗିଲା । ସେ ଭାବିଲା, ଗ୍ରାମପ୍ରଧାନ ଠିକ୍ କହିଛନ୍ତି- ମୋର ବିବାହ କରିବା ଉଚିତ୍ ।

ବାରଣ୍ଡାରେ ବସି ଗାଲରେ ହାତ ଦେଇ ହାରୁ ବିବାହ କଥା ଚିନ୍ତା କରିବାକୁ ଲାଗିଲା ।

https://withteachers.in/

ପ୍ରଥମେ ହାରୁ ଭାବିଲା-ମୁଁ ଗୋଟିଏ ସୁନ୍ଦରୀ ଝିଅକୁ ବାହା ହେବି । ପରେ ପୁଣି ଭାବିଲା-ସୁନ୍ଦରୀ ଝିଅ ଯଦି ମୋର ଅସୁନ୍ଦର ଚେପ୍‌ଟା ନାକ ଦେଖି ଗାଁ ପିଲାଙ୍କ ପରି ହସେ ! ବହୁତ ଭାବି ଶେଷରେ ସେ ଗୋଟିଏ ସିଦ୍ଧାନ୍ତରେ ପହଞ୍ଚିଲା ।


ପରଦିନ ଗ୍ରାମପ୍ରଧାନଙ୍କୁ ଦେଖା କରି ହାରୁ କହିଲା, 'ମୁଁ ବାହା ହେବାକୁ ରାଜି, କିନ୍ତୁ ସେ ଝିଅର ନାକ ଚେପ୍‌ଟା ହୋଇଥିବା ଦରକାର ।

"ଚେପ୍‌ଟା ନାକ ଥିବା ଝିଅ କାହିଁକି ତୁମର ପସନ୍ଦ, ହାରୁ ?"-ଗ୍ରାମପ୍ରଧାନ ପଚାରିଲେ ।

ହାରୁ କହିଲା, -"ସେ ଝିଅ କାଳେ ମୋର ଚେପ୍‌ଟା ନାକ ଦେଖି ଥଟ୍ଟା କରିବ ସେଥିପାଇଁ ।"


ଗ୍ରାମପ୍ରଧାନ ହସିହସି କହିଲେ, "ହଉ ହେଲା, ମୁଁ ଖୁସି ଯେ ତୁମେ ବାହା ହେବାକୁ ରାଜି ହୋଇଛ । ତୁମ ପସନ୍ଦର ଝିଅ ଯୋଗାଡ଼ କରିବାକୁ ମୁଁ ଚେଷ୍ଟା କରିବି ।"

ଗୋଟିଏ ଦୂର ଗାଁରେ ହାରୁ ପସନ୍ଦର କନ୍ୟାର ସନ୍ଧାନ ମିଳିଲା ଓ ସେହି କନ୍ୟା ସହ ବିବାହ ହେବାରୁ ହାରୁ ଭାରି ଖୁସି ହେଲା, କିନ୍ତୁ ହାରୁର ସେ ଖୁସି ବେଶି ଦିନ ରହିଲା ନାହିଁ । 'ଦେଖରେ ବଢ଼ିଆ ଯୋଡ଼ି, ଚେପ୍‌ଟା ନାକାକୁ ଚେପ୍‌ଟୀ ନାକୀ କହି ଗାଁ ପିଲାମାନେ ହାରୁ ଓ ତା'ସ୍ତ୍ରୀକୁ ଚିଡ଼େଇବାକୁ ଲାଗିଲେ ।





https://withteachers.in/



ପିଲାମାନେ ତା'କୁ ହଇରାଣ ନ କରିବାକୁ ସେ ସେମାନଙ୍କୁ ବୁଝାଇଲା । ସେମାନଙ୍କ ବାପାମା'ଙ୍କୁ କହିଲା ଓ ଗ୍ରାମପ୍ରଧାନ ପାଖରେ ନାଲିଶ କଲା । ବେଳେବେଳେ ରାଗିଯାଇ ସେମାନଙ୍କୁ ଢେଲା ମାରିଲା, ତଥାପି ଏଥିରେ କିଛି ଫଳ ହେଲା ନାହିଁ । ଦିନେ ହାରୁ ଭାବିଲା "ଦେଖୁଛି ମୋତେ କେହି ସାହାଯ୍ୟ କରିବେ ନାହିଁ । ମୁଁ କ'ଣ କରିବି ?" ସେ ମନେମନେ ବିଚାରିଲା- "ଭଗବାନ ତ ଆମକୁ ସୃଷ୍ଟି କରିଛନ୍ତି, ତାଙ୍କୁ ପ୍ରାର୍ଥନା କଲେ ସେ ନିଶ୍ଚୟ ବିପଦରୁ ଉଦ୍ଧାର କରିବେ । ତାଙ୍କୁ ପ୍ରାର୍ଥନା କରିବା ବ୍ୟତୀତ ଅନ୍ୟ ଉପାୟ ନାହିଁ ।"

ହାରୁ ତା' ସ୍ତ୍ରୀକୁ ଡାକି କହିଲା,-"ମୁଁ ଫେରି ନ ଆସିବା ଯାଏ ତୁମେ ଘରେ ଥିବ ।" ଏହା କହି ସେ ଅରଣ୍ୟକୁ ଗଲା ।

ଘନ ଅରଣ୍ୟରେ ସେ ଗୋଟିଏ ବଡ଼ ପଥର ଦେଖିଲା । ସେହି ପଥର ଉପରେ ସାରାଦିନ ବସି ସେ ଏକାଗ୍ର ମନରେ ଭଗବାନଙ୍କୁ ପ୍ରାର୍ଥନା କଲା । ତା'ର ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଜଣେ ଦେବତା ତା' ସମ୍ମୁଖରେ ଆବିର୍ଭାବ ହେଲେ । ସମ୍ମୁଖରେ ଦେବତାଙ୍କୁ ଦେଖି ହାରୁ ଅତି ଆନନ୍ଦିତ ହେଲା । ଭକ୍ତି ସହକାରେ ଦେବତାଙ୍କୁ ପ୍ରଣାମ କରି ଯୋଡ଼ହସ୍ତରେ ହାରୁ କହିଲା,-"ପ୍ରଭୁ, ଆପଣ କୃପାକରି ମୋର ପ୍ରାର୍ଥନା ପୂରଣ କରନ୍ତୁ" । ଦୟାଳୁ ଦେବତା ହାରୁକୁ ତିନୋଟି ପଶାକାଠି ଦେଇ କହିଲେ, -"ତୁମେ ଏହି ପଶାକାଠି ନିଅ । କୌଣସି ବର ପ୍ରାର୍ଥନା କରି ଗୋଟିଏ ପଶାକାଠି ଭୂମିରେ ପକାଇଲେ ତୁମେ ସେହି ବର ଲାଭ କରିବ ।"



https://withteachers.in/

ଏକାଥରେ ତିନୋଟି ବର ! ଅତି ଖୁସିମନରେ ହାରୁ ଘରେ ପହଞ୍ଚି କବାଟରେ ଧକ୍‌କା ମାରି ପାଟି କରି ତା' ସ୍ତ୍ରୀକୁ କହିଲା,-'ଶୀଘ୍ର କବାଟ ଖୋଲ ।'

ସ୍ତ୍ରୀ କବାଟ ଖୋଲିଲାରୁ ହାରୁ ଯାଇ ଖଟ ଉପରେ ରାଜା ଭଳି ବସି ପଡ଼ିଲା । ସ୍ୱାମୀର ବ୍ୟବହାରରେ ସ୍ତ୍ରୀ ଆଶ୍ଚର୍ଯ୍ୟ ହୋଇ ତାକୁ ଚାହିଁ ରହିଥାଏ । ହାରୁ ପାଣି ଗ୍ଲାସେ ଆଣିବାକୁ ସ୍ତ୍ରୀକୁ ଆଦେଶ ଦେଲା । ତଥାପି ସ୍ତ୍ରୀ ବଲବଲ ହୋଇ ଚାହିଁ ରହିଛି ଦେଖି ହାରୁ ଚିତ୍କାର କରି କହିଲା, 'ଯାଅ, ଶୀଘ୍ର ପାଣି ଆଣ ।

ଏଥର ହାରୁର ସ୍ତ୍ରୀ କପାଳରେ ବାମହାତ ବାଡ଼େଇ କାନ୍ଦିକାନ୍ଦି କହିଲା,-"ତୁମର କ'ଣ ହେଲା ଲୋ ମା' ? ତୁମକୁ କିଏ ପାଗଳ କରିଦେଇଛି ଲୋ ମା' ।"

"କାନ୍ଦ ବନ୍ଦ କରି ଚୁପ୍ ହୁଅ"- ହାରୁ ଧମକ ଦେଇ କହିଲା । ତା'ପରେ ହଠାତ୍ ତା' ସ୍ତ୍ରୀର କାନ ପାଖରେ ଚୁପ୍ କରି କହିଲା, -'ଦେଖ, ଆମ ଭାଗ୍ୟ ଖୋଲିଗଲା.... ।' ସେ ସବୁକଥା ସ୍ତ୍ରୀକୁ କହିଲା ।



ପାଠ୍ୟସୂଚୀ ଆ



https://withteachers.in/



ଏ କଥା ଶୁଣି ହାରୁର ସ୍ତ୍ରୀ ଆନନ୍ଦରେ ନାଚିନାଚି ଘର ଭିତରେ ବୁଲିଲା । ତା'ପରେ ହାରୁ ପାଖରେ ବସି କଅଁଳ ସ୍ୱରରେ କହିଲା, 'ଦେଖ, ତୁମେ କିନ୍ତୁ ପ୍ରଥମେ ବହୁତ ଧନ-ସମ୍ପତ୍ତି ଚାହିଁବ ।'

କିନ୍ତୁ ହାରୁ କହିଲା,-"ଦେଖ, ଆମ ଦୁଇଜଣଙ୍କ ନାକ ଚେପ୍‌ଟା, ତାହା ଦେଖି ଲୋକେ ଆମକୁ ଥଟ୍ଟା କରୁଛନ୍ତି । ତେଣୁ ପ୍ରଥମଥର ପଶାକାଠି ପକାଇ ନାକ ପ୍ରାର୍ଥନା କରାଯାଉ ।"

ସ୍ତ୍ରୀର ମତ କିନ୍ତୁ ତାହା ନୁହେଁ । ସ୍ତ୍ରୀ ଚାହେଁ ଧନ ଆଉ ହାରୁ ଚାହେଁ ନାକ । ଦୁଇଜଣଙ୍କ ମଧ୍ୟରେ ଯୁକ୍ତିତର୍କ ହେଲା । ହାରୁର ହାତ ଧରି ତା'ର ସ୍ତ୍ରୀ ପଶାକାଠି ପକାଇବାକୁ ଦେଲାନାହିଁ । ଏଥିରେ ହାରୁ ରାଗିଯାଇ ସ୍ତ୍ରୀ ହାତରୁ ନିଜ ହାତ ଛଡ଼ାଇ ନେଲା ଓ ପଶାକାଠି ଗଡ଼ାଇ ଦେଇ କହିଲା- "ଆମର କେବଳ ସୁନ୍ଦର ନାକ ହେଉ, ଆଉ କିଛି ନୁହେଁ ଖାଲି ନାକ ।"

ଆଶ୍ଚର୍ଯ୍ୟର କଥା ! ଯେମିତି ପଶାକାଠି ପଡ଼ିଯାଇଛି, ସେମିତି ସଙ୍ଗେସଙ୍ଗେ ସେମାନଙ୍କର ସାରା ଦେହରେ ନାକ ଭର୍ତ୍ତି ହୋଇଗଲା । ସ୍ତ୍ରୀ ଆଡ଼କୁ ଚାହିଁ ହାରୁ ଚିତ୍କାର କରି କହିଲା,-"ହେ ଭଗବାନ ! ତୁମେ କେତେ ଅସୁନ୍ଦର ଦେଖା ଯାଉଛ ।" 'ତୁମେ ମଧ୍ୟ ବଡ଼ କଦାକାର ଦେଖାଯାଉଛ ।'-ସ୍ତ୍ରୀ ହାରୁକୁ କହିଲା । ଭୟ ଓ ବିସ୍ମୟରେ ପରସ୍ପର ପରସ୍ପରକୁ ଚାହିଁରହିଲେ । ସେମାନେ ସୁନ୍ଦରସୁନ୍ଦର ନାକ ପାଇଲେ ଠିକ୍, କିନ୍ତୁ ନାକକୁ ନେଇ ଏପରି ବିପଦ ହେଲା ଯେ ନାକସବୁକୁ ଦୂର କରିବାକୁ ଉଭୟେ ପଶାକାଠି ପକାଇବାକୁ ରାଜି ହୋଇଗଲେ ।

ଓଡ଼ିଆ ଭାଷା



https://withteachers.in/


ତା'ପରେ ଦ୍ୱିତୀୟଥର ପଶାକାଠି ପକାଇ ହାରୁ ଯେତେବେଳେ କହିଲା,-'ଆମର ନାକ ସବୁ ଚାଲିଯାଉ ।' ସଙ୍ଗେସଙ୍ଗେ ସବୁ ନାକ ଚାଲିଗଲା, ତା' ସହିତ ସେମାନଙ୍କ ନିଜ ନାକ ବି ଚାଲିଗଲା । ବିସ୍ମୟରେ ପୁଣି ସ୍ୱାମୀସ୍ତ୍ରୀ ପରସ୍ପର ନାକବିହୀନ କୁତ୍ସିତ ମୁହଁ ଆଡ଼କୁ ଚାହିଁ ରହିଲେ ।

ହାରୁ କାନ୍ଦକାନ୍ଦ ହୋଇ ତା' ସ୍ତ୍ରୀକୁ କହିଲା,-"ହାୟ ! ମୁଁ କ'ଣ କଲି ? ତୁମ କଥା ନ ଶୁଣି ବଡ଼ ଭୁଲ କଲି । ବର୍ତ୍ତମାନ ତ ଆମେ ଦୁଇଟି ସୁନ୍ଦର ନାକପାଇଁ ତୃତୀୟ ବର ପ୍ରାର୍ଥନା କରିବା-ନା କ'ଣ ?"

ନାକବିହୀନ ମୁହଁକୁ ପାପୁଲିରେ ଘୋଡ଼ାଇ ରଖି ସ୍ତ୍ରୀ କହିଲା,-"ଦେଖ, ଯଦି ଏଥର ପଶାକାଠି ପକାଇ ଭଲ ନାକ ପାଇବା, ଲୋକେ ଅବଶ୍ୟ ଆମ ଚେପ୍‌ଟା ନାକ ବଦଳରେ ଭଲ ନାକ ହେବାର କାରଣ ପଚାରିବେ । ସେମାନଙ୍କୁ ସବୁ କଥା କହିବାକୁ ହେବ । ସେତେବେଳେ ସେମାନେ ଆମକୁ ମୂଢ଼ ବୋଲି କହି ଆହୁରି ଥଟ୍ଟା କରିବେ । କହିବେ ଯେ, ଏମାନେ ଏଭଳି ତିନୋଟି ବର ପାଇ ମଧ୍ୟ ନିଜ ଅବସ୍ଥାର ଉନ୍ନତି କରିପାରିଲେ ନାହିଁ । ବରଂ ତୃତୀୟବରରେ ଆମେ ଆମର ସେହି ପୂର୍ବ ଚେପ୍‌ଟା ନାକପାଇଁ ପ୍ରାର୍ଥନା କରିବା । ଏଥର ତୁମେ ଭାରି ସାବଧାନ ହୋଇ ବର ମାଗ, ଯେପରି ଭୁଲ ନ ହୁଏ ।"

ନିଜର ଭୁଲ ବୁଝିପାରି ହାରୁ ଦୁଃଖ କରି କହିଲା,-"ହାୟ ! ସୁବର୍ଣ୍ଣ ସୁଯୋଗ ହରାଇଲି । କି ମୂର୍ଖାମି କଲି ? କିନ୍ତୁ ବର୍ତ୍ତମାନ ଦୁଃଖ କରି ଲାଭ କଅଣ ?" ଶେଷରେ ହାରୁ ତୃତୀୟଥର ପଶାକାଠି ପକାଇ ପ୍ରାର୍ଥନା କଲା- "ଠାକୁର, କୃପା କରି ଆମର ଚେପ୍‌ଟା ନାକ ଦୁଇଟି ଏଥର ଫେରେଇ ଦିଅନ୍ତୁ ।"

ହାରୁର ପ୍ରାର୍ଥନା ପୂର୍ଣ୍ଣ ହେଲା, ସେମାନେ ଚେପ୍‌ଟା ନାକ ଫେରି ପାଇଲେ ।





https://withteachers.in/

## ଲେଖକ ପରିଚୟ

'ତିନୋଟି ବର' କାହାଣୀଟି ବିବେକାନନ୍ଦଙ୍କ କଥା ଉପଦେଶରୁ ସଂଗୃହୀତ । ପୁସ୍ତକଟିକୁ ସ୍ୱାମୀ ପ୍ରିୟରୂପାନନ୍ଦ (ଅଧ୍ୟକ୍ଷ)ଙ୍କ ଦ୍ୱାରା, ଶ୍ରୀରାମକୃଷ୍ଣ ମଠ ଭୁବନେଶ୍ୱରରୁ ପ୍ରକାଶିତ । ଜୀବନରେ ଆସୁଥିବା ସୁଯୋଗର ସଦ୍‌ଉପଯୋଗ କରି ନ ପାରିଲେ କିଭଳି ବିଫଳତା ଆସେ, ତାହା ଏହି କାହାଣୀରେ କୁହାଯାଇଛି ।

## ପାଠ ଅନ୍ତର୍ଗତ

### ମୋ ବୁଝିବାରେ

ଆସ, ଏବେ ଆମେ 'ତିନୋଟି ବର' ଗଳ୍ପ ସମ୍ବନ୍ଧରେ କିଛି ଆଲୋଚନା କରିବା ।

(କ) ନିମ୍ନରେ ଦିଆଯାଇଥିବା ପ୍ରଶ୍ନର ଠିକ୍ ଉତ୍ତର ପାଖରେ ତାରା (*) ଚିହ୍ନ ଦିଅ ।

୧. ହାରୁ ମା'ଙ୍କ ମୃତ ଦେହକୁ କ'ଣ କଲା ?

- ଦାହ କଲା । ☐
- ନଦୀରେ ଭସାଇ ଦେଲା । ☐
- ପୋତି ଦେଲା । ☐
- ଶ୍ମଶାନରେ ଛାଡ଼ିଦେଲା । ☐

୨. ଗ୍ରାମପ୍ରଧାନ ଅନ୍ୟମାନଙ୍କ ସହ ପରାମର୍ଶ କରି ମା'ର ମୃତ୍ୟୁପରେ ହାରୁକୁ କ'ଣ ଉପଦେଶ ଦେଲେ ?

- ଗ୍ରାମରୁ ବାହାରି ଯିବାକୁ । ☐
- କାମ କରିବାକୁ । ☐
- ବିବାହ କରିବାକୁ । ☐
- ବିବାହ ନ କରିବାକୁ । ☐

(ଖ) ତୁମେ ଏହି ଉତ୍ତରଗୁଡ଼ିକ କାହିଁକି ବାଛିଲ, ତାହାର କାରଣ ସାଙ୍ଗମାନଙ୍କ ସହ ଆଲୋଚନା କର ।



https://withteachers.in/



## ଶୀର୍ଷକ

(କ) ଏହି ଗଳ୍ପଟିର ନାମ କାହିଁକି 'ତିନୋଟି ବର' ରଖାଯାଇଛି ବୋଲି ତୁମେ ଭାବୁଛ ? ସାଙ୍ଗମାନଙ୍କ ସହ ଦଳରେ ଆଲୋଚନା କରି ଲେଖ ।

(ଖ) ଯଦି ତୁମକୁ ଏହି ଗଳ୍ପର ନାମ ଦେବାପାଇଁ ସୁଯୋଗ ମିଳିଥାନ୍ତା; ତେବେ ଏହାର ନାମ କ'ଣ ରଖିଥାନ୍ତ ଓ କାହିଁକି ?



## ବାକ୍ୟ ଉପରେ ଆଲୋଚନା

'ତିନୋଟି ବର' କାହାଣୀ ଅନ୍ତର୍ଗତ କିଛି ବାକ୍ୟ ନିମ୍ନରେ ଦିଆଗଲା । ଦଳରେ ବସି ଏଗୁଡ଼ିକ ପଢ଼ । ଏହାର ଅର୍ଥ କ'ଣ ବୁଝୁଛ ଦଳରେ ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

୧. "ମୁଁ ଅନାଥ ହୋଇଗଲି । ବର୍ତ୍ତମାନ ମୋତେ ଦେଖିବ କିଏ ?"

୨. "ମୁଁ ଫେରି ନ ଆସିବା ଯାଏ ତୁମେ ଘରେ ଥିବ ।"

୩. "ହାୟ ! ସୁବର୍ଣ୍ଣ ସୁଯୋଗ ହରାଇଲି, କି ମୂର୍ଖାମି କଲି ।"



## ଚିନ୍ତା କରିବା

କାହାଣୀକୁ ପୁନର୍ବାର ପଠନ କର ଏବଂ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) କେଉଁମାନେ ହାରୁକୁ ସାନ୍ତ୍ୱନା ଦେଲେ ?

(ଖ) ହାରୁର ସ୍ତ୍ରୀ ପ୍ରଥମେ କେଉଁ ବର ମାଗିବା କଥା କହିଥିଲା ?

(ଗ) ହାରୁ ଓ ତା' ସ୍ତ୍ରୀ ମଧ୍ୟରେ କାହିଁକି ଯୁକ୍ତିତର୍କ ହେଲା ?

(ଘ) "ହାୟ ! ମୁଁ କ'ଣ କଲି ? ତୁମ କଥା ନ ଶୁଣି ବଡ଼ ଭୁଲ କଲି", ଏ କଥା କିଏ କାହାକୁ କହିଛି ଓ କାହିଁକି କହିଛି ?



https://withteachers.in/

## ଖୋଜିବା

ନିମ୍ନରେ ଦିଆଯାଇଥିବା ବାକ୍ୟର ଅର୍ଥ କାହାଣୀର କେଉଁ ବାକ୍ୟମାନଙ୍କ ସହ ମେଳଖାଉଛି । ତାହା ଲେଖ ।

(କ) ଗ୍ରାମପ୍ରଧାନ ଖୁସି ଯେ ହାରୁ ବିବାହପାଇଁ ମାନିଗଲା ।

(ଖ) ଭଗବାନଙ୍କୁ ପ୍ରାର୍ଥନା କଲେ ସେ ନିଶ୍ଚୟ ରକ୍ଷା କରିବେ ।

## କାହାଣୀର ରଚନାଶୈଳୀ

"ହାରୁ ବାରଣ୍ଡାରେ ବସି ଗାଲରେ ହାତ ଦେଇ ତା'ର ବିବାହ କଥା ଚିନ୍ତା କରିବାକୁ ଲାଗିଲା ।"

ଏହି ବାକ୍ୟଟି ପଢ଼ିବା ପରେ ଆମ ଆଖି ଆଗରେ ଗୋଟିଏ ଲୋକର ଭାବୁଥିବାର ଚିତ୍ର ଦେଖାଯାଏ । ଏହା ଚିତ୍ରକଳାର ଭାଷା । ଯଦି ତୁମେମାନେ ଧ୍ୟାନରେ ପଢ଼ିବ, ତେବେ ପାଠରେ ଆହୁରି ଅନେକ ଏହିଭଳି କଥା ଦେଖିବାକୁ ପାଇବ । ଏହି କାହାଣୀରେ ତୁମେ ଆଉ ଯେଉଁସବୁ ବିଶେଷ କଥା ଦେଖିବାକୁ ପାଉଛ, ଦଳରେ ବସି ତା'ର ତାଲିକା କର ।

## ସମସ୍ୟା ଓ ସମାଧାନ

ଏହି କାହାଣୀରେ କିଛି ସମସ୍ୟା ଓ ତା'ର ସମାଧାନ ଦିଆଯାଇଛି । କାହାଣୀକୁ ପଢ଼ି ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।

(କ) ମା' ମରିଗଲା ପରେ ହାରୁ କେଉଁ ସମସ୍ୟା ଅନୁଭବ କଲା ? ତା'ର ସମାଧାନ ଗ୍ରାମପ୍ରଧାନ କିପରି କଲେ ?

(ଖ) ହାରୁର ବିଚିତ୍ର ବ୍ୟବହାର ଦେଖି ତା'ସ୍ତ୍ରୀ କାନ୍ଦିକାନ୍ଦି ତାକୁ କିଏ ପାଗଳ କରିଦେଇଛି କି ବୋଲି କହିଲା, କିନ୍ତୁ ହାରୁ ଏହି ସମସ୍ୟାର ସମାଧାନ କିପରି କଲା ?

(ଗ) ପ୍ରଥମ ଦୁଇଟି ବର ମାଗିବା ପରେ ସେମାନେ କେଉଁ ସମସ୍ୟାରେ ସମ୍ମୁଖୀନ ହେଲେ । ଶେଷରେ କେଉଁ ବର ମାଗି ସମସ୍ୟାର ସମାଧାନ କଲେ ?




https://withteachers.in/



## ମନର ଭାବ

ପଡ଼ୋଶୀମାନେ ହାରୁକୁ <u>ସାନ୍ତ୍ୱନା</u> ଦେଲେ । ଉପର୍ଯ୍ୟୁକ୍ତ ସାନ୍ତ୍ୱନା ଶବ୍ଦ ତଳେ ଗାର ଦିଆଯାଇଛି । ଏହି ପଦଟି ଗୋଟିଏ ନାମ, ମାତ୍ର ଏହା କୌଣସି ବ୍ୟକ୍ତି, ଜାତି କିମ୍ୱା ବସ୍ତୁର ନାମ ନୁହେଁ । ଏ ପଦଟି ମନର ଭାବନାର ନାମ ଅଟେ । ତୁମେମାନେ ଏହି କାହାଣୀ ମଧ୍ୟରେ ଥିବା ଏହିପରି ଚାରିଗୋଟି ଭାବନାର ନାମକୁ ଖୋଜି ଦିଆଯାଇଥିବା ମେଘଖଣ୍ଡ ମଧ୍ୟରେ ଲେଖ ।






## ଅଭିନୟ

ପିଲାମାନେ, ତିନୋଟି ବର କାହାଣୀରେ ଥିବା– 'ହାରୁ' 'ହାରୁର ମା', 'ଗ୍ରାମପ୍ରଧାନ,' 'ପଡ଼ୋଶୀ, 'ହାରୁର ସ୍ତ୍ରୀ, 'ଭଗବାନ' ଆଦି ଚରିତ୍ରକୁ ଆଧାର କରି ବିଦ୍ୟାଳୟରେ ଏହି କାହାଣୀର ଅଭିନୟ ପ୍ରଦର୍ଶନ କରିବେ ।



## ବିପରୀତାର୍ଥବୋଧକ ଶବ୍ଦ

"ତା'ର ନାକଟି <u>ଛୋଟ</u> ଓ <u>ଚେପଟା</u> ଥିଲା ।"

ଯେପରି 'ଛୋଟ'ର ବିପରୀତାର୍ଥବୋଧକ ଶବ୍ଦ 'ବଡ଼' । ଠିକ୍ ସେହିପରି ନିମ୍ନରେ 'କ' ସ୍ତମ୍ଭରେ କିଛି ଶବ୍ଦ ଦିଆଯାଇଛି ଏବଂ 'ଖ' ସ୍ତମ୍ଭରେ ସେଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ରହିଛି । ତୁମେମାନେ 'କ' ସ୍ତମ୍ଭକୁ 'ଖ' ସ୍ତମ୍ଭର ଠିକ୍ ଶବ୍ଦ ସହ ତୀର ଚିହ୍ନଦ୍ୱାରା ମିଳାଅ ।



https://withteachers.in/

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଅଳ୍ପ | ଦୁଃଖୀ |
| ସୁଖୀ | ବହୁତ |
| କାନ୍ଦ | କମ୍ |
| ବେଶି | ଭୁଲ |
| ଲାଭ | ହସ |
| ଠିକ୍ | ଅବନତି |
| ପୂର୍ବ | କ୍ଷତି |
| ଉନ୍ନତି | ପର |



## ପ୍ରବାଦ

ଆସ, ଆମେ ନିମ୍ନୋକ୍ତ ପ୍ରବାଦକୁ ଆଲୋଚନା କରିବା ଏବଂ କାହାଣୀର କିଛି ପରିସ୍ଥିତି ସହ ସଂଯୋଗ ଥିଲେ ଯୋଡ଼ିବା ।

୧. ଧରାକୁ ସରା ମଣିବା ।
(ଅତି ଗର୍ବଭାବ ପ୍ରଦର୍ଶନ କରିବା)

୨. ଖନାକୁ ଖନୀ, ଭଲା ଖଞ୍ଜିଛନ୍ତି ଚକରପାଣି ।
(ଯିଏ ଯେମିତି ତାକୁ ସେମିତି ମିଳିବା)



https://withteachers.in/

# ପାଠ ବାହାରୁ



## ଅନୁମାନ ଓ କଳ୍ପନା

(କ) ହାରୁ ପରିବର୍ତ୍ତେ ତା'ର ସ୍ତ୍ରୀ ଯଦି ବର ମାଗିଥାନ୍ତା; ତେବେ କ'ଣ ହୋଇଥାନ୍ତା ?

(ଖ) ତୁମକୁ ଗୋଟିଏ ବର ମାଗିବାର ସୁଯୋଗ ମିଳିଲେ ତୁମେ କେଉଁ ବର ମାଗିଥାନ୍ତ ଓ କାହିଁକି ମାଗିଥାନ୍ତ ?



## ବିଜ୍ଞାପନ

ତଳେ ଦିଆଯାଇଥିବା ବିଜ୍ଞାପନ ନମୁନାକୁ ପଢ଼ ।

ନଳକୂପ ଖନନପାଇଁ ବିଜ୍ଞାପନ

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ

ପତ୍ର ସଂଖ୍ୟା -୩୮ ତାରିଖ - ୩୧ ।୦୩ ।୨୦୨୫

ଏତଦ୍ୱାରା କୋରାପୁଟ ଜିଲ୍ଲାର ଚାଷୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜଳନିଧି ଯୋଜନାରେ ଚାଷଜମିରେ ନଳକୂପ ଖନନପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ଏହି କାର୍ଯ୍ୟପାଇଁ କୃଷି ବିଭାଗ, ଓଡ଼ିଶା ସରକାରଙ୍କଦ୍ୱାରା ମୋଟ ବ୍ୟୟର ଶତକଡା ୫୦ଭାଗ ରିହାତି ବା ସର୍ବାଧିକ ୨୦,୦୦୦ ଟଙ୍କା ଛାଡ଼, କରାଯିବାପାଇଁ ସ୍ଥିର କରାଯାଇଛି । ସବିଶେଷ ବିବରଣୀପାଇଁ ଆଗ୍ରହୀ ଚାଷୀମାନେ ସେମାନଙ୍କ ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ ।

ସ୍ୱା-ଜିଲ୍ଲାପାଳ, କୋରାପୁଟ

(କ) ବିଜ୍ଞାପନଟିକୁ ଦଳରେ ଆଲୋଚନା କରି ଏହିପରି ଅନ୍ୟ ଏକ ବିଜ୍ଞାପନ ଲେଖ ।
(ସୂଚନା - ବିଜ୍ଞାପନ ତିଆରିପାଇଁ ତୁମେ ଗୋଟିଏ ଚାରିକୋଣିଆ କାଗଜ ନିଅ । ତା'ର ଚାରିପାଖରେ ସୁନ୍ଦର ରେଖାଚିତ୍ର ଅଙ୍କନ କର । ଏହାପରେ କାଗଜ ମଝିରେ ଥିବା ଖାଲି ସ୍ଥାନରେ ସୁନ୍ଦର ଅକ୍ଷର, ଚିତ୍ର, ରଙ୍ଗ ଆଦି ସାହାଯ୍ୟରେ ଆବଶ୍ୟକ ସୂଚନା ଲେଖ । ତୁମେ ଚିତ୍ର ନ କରି, ରଙ୍ଗ ନ ଦେଇ ମଧ୍ୟ ବିଜ୍ଞାପନ ଲେଖିପାରିବ ।)

(ଖ) ତୁମେ ତୁମର ନିକଟସ୍ଥ କାନ୍ଥରେ, ସମ୍ବାଦପତ୍ରରେ, ମୋବାଇଲ୍‌ଫୋନ୍‌ରେ ଏବଂ ଦୂରଦର୍ଶନ ମାଧ୍ୟମରେ ଅନେକ ବିଜ୍ଞାପନ ଦେଖିଥିବ । ସେଥିମଧ୍ୟରୁ ନିଜ ପସନ୍ଦର ଗୋଟିଏ ବିଜ୍ଞାପନକୁ ମନେ ପକାଅ; ତାହା ତୁମକୁ କାହିଁକି ଭଲ ଲାଗିଲା ଦଳରେ କୁହ ଓ ନିଜ ଖାତାରେ ଲେଖ ।

(ଗ) ବିଜ୍ଞାପନଦ୍ୱାରା ଲାଭକ୍ଷତି ଏବଂ ଉଭୟ ବି ହୁଏ । ତୁମେ ଏହି ଲାଭକ୍ଷତି ବିଷୟକୁ ଆଲୋଚନା କରି ଯେଉଁ ସିଦ୍ଧାନ୍ତରେ ପହଞ୍ଚିଲ;-ତାହାକୁ ନିଜ ଖାତାରେ ଲେଖ ।



https://withteachers.in/

## କାହାଣୀର ଆଗକୁ

'ତିନୋଟି ବର' ଗଳ୍ପଟି ଯେଉଁଠି ସମାପ୍ତ ହେଉଛି; ସେହିଠାରୁ ଗଳ୍ପଟି ଆଗକୁ ବଢ଼ିବାପାଇଁ କ'ଣ ହୋଇପାରିବ; କୁହ ।

## ତୁମକଥା

(କ) ଯଦି ତୁମେ ହାରୁ ସ୍ଥାନରେ ଥାନ୍ତ; ତେବେ କେଉଁ ତିନୋଟି ବର ମାଗିଥାନ୍ତ ?

(ଖ) ଯଦି ତୁମକୁ ଶ୍ରେଣୀର ମୁଖିଆ ଚୟନ କରିବାକୁ ହୁଏ, ତୁମେ କିପରି ଚୟନ କରିବ ? ତୁମେ ତା' ମଧ୍ୟରେ କେଉଁ ସବୁ ଗୁଣ ଦେଖିବ ? ସେ ଗୁଣଗୁଡ଼ିକ ଚିହ୍ନିବାପାଇଁ କ'ଣ କରିବ ?

## ନୂଆ ଓ ପୁରୁଣା

"କେହି ନୂତନ ଶୈଳୀକୁ ଭଲପାଏ, ଆଉ କେହି ପୁରୁଣା ଶୈଳୀକୁ ପସନ୍ଦ କରେ ।"

ଆମ ଆଖପାଖରେ ଏପରି ବହୁ ବସ୍ତୁ ଅଛି, ଯାହାକୁ ଆମେ ନୂଆ ଓ ପୁରୁଣା ଶୈଳୀ ଭଳି ଦୁଇଭାଗରେ ବିଭକ୍ତ କରିଛୁ । ହୁଏ ତ ଯେଉଁ ବସ୍ତୁ ତୁମ ବାପା-ମା' କିମ୍ବା ଜେଜେବାପା-ଜେଜେ ମା'ଙ୍କ ପାଇଁ ନୂଆ ହୋଇଥିବ, ତୁମପାଇଁ ପୁରୁଣା ଏବଂ ଯେଉଁଗୁଡ଼ିକ ତୁମପାଇଁ ନୂଆ ତାଙ୍କପାଇଁ ପୁରୁଣା ହୋଇପାରେ । ତୁମେ ତୁମ ପରିବାର, ବନ୍ଧୁମାନଙ୍କ ସହ କଥାବାର୍ତ୍ତା ହୋଇ ନିମ୍ନରେ ଦିଆଯାଇଥିବା ତାଲିକାକୁ ପୂରଣ କର ।

| ମୋ ପାଇଁ ନୂଆବସ୍ତୁ | ମୋ ପାଇଁ ପୁରୁଣାବସ୍ତୁ | ପରିବାର ପାଇଁ ନୂଆବସ୍ତୁ | ପରିବାର ପାଇଁ ପୁରୁଣାବସ୍ତୁ |
|---|---|---|---|
| | | | |



https://withteachers.in/



## ତର୍କ - ବିତର୍କ

"ଜୀବନରେ ଆସୁଥିବା ସୁଯୋଗର ସଦ୍-ଉପଯୋଗ କଲେ ସଫଳତା ମିଳେ।"

ଉପରେ ଦିଆଯାଇଥିବା ବିଷୟକୁ ନେଇ ପିଲାମାନେ ନିଜ ଭିତରେ ତର୍କବିତର୍କ କରିବେ ।

- ଶ୍ରେଣୀର ଅଧା ପିଲା ସପକ୍ଷରେ ଯୁକ୍ତି ରଖିବେ ଏବଂ ଅଧା ପିଲା ବିପକ୍ଷରେ ଯୁକ୍ତି ରଖିବେ ।
- ସବୁ ଦଳକୁ କହିବାପାଇଁ ୫ ମିନିଟ୍ ଲେଖାଏଁ ସମୟ ଦିଆଯିବ।
- ଧ୍ୟାନ ରଖିବା ଯେ ଶ୍ରେଣୀର ସମସ୍ତ ପିଲା ଏ ତର୍କ-ବିତର୍କ କାର୍ଯ୍ୟରେ ଭାଗ ନେବେ ।



## ଭଲଗୁଣର ପ୍ରଦର୍ଶନ :-

ପ୍ରତ୍ୟେକ ମଣିଷ ନିଜ ମଧ୍ୟରେ ଥିବା ଭଲ ଗୁଣକୁ ଦେଖେଇବାକୁ ଚେଷ୍ଟା କରନ୍ତି ।

ନିମ୍ନରେ ଦିଆଯାଇଥିବା ବିଷୟ ଉପରେ ଆଲୋଚନା କର ।

(କ) ପ୍ରତ୍ୟେକ ବ୍ୟକ୍ତି ନିଜ ବୁଦ୍ଧି ଅନୁସାରେ ନିଜକୁ ଭଲ ଦେଖାଇବାକୁ ଚେଷ୍ଟା କରନ୍ତି । ନିଜକୁ ଭଲ ଦେଖାଇବାପାଇଁ ଆମେ କ'ଣ କରୁ ? (ଯେପରି-ପରିଶ୍ରମ କରୁ, ଆଗ୍ରହର ସହ କାର୍ଯ୍ୟ କରୁ, ନିଜକୁ ଓ ପରିବେଶକୁ ସଫାସୁତୁରା ରଖୁ ଇତ୍ୟାଦି ।)

(ଖ) ନିଜକୁ ଭଲ ଦେଖାଇବା' ଏବଂ 'ନିଜେ ଭଲ ହେବା' ମଧ୍ୟରେ ପାର୍ଥକ୍ୟ ରହିଛି କି ? ଯଦି ରହିଛି, ସାଙ୍ଗମାନଙ୍କ ସହ ଆଲୋଚନା କର ।



## ଭିନ୍ନଭିନ୍ନ ପରିଧାନ

'ହାରୁ ସବୁବେଳେ ପୁରୁଣା ଓ ମଇଳା ପୋଷାକ ପିନ୍ଧୁଥିଲା ।'

ଆମେ ଯେଉଁ ଧୋତି, ପଞ୍ଜାବୀ, ଶାଢ଼ି, ଲୁଙ୍ଗି ଆଦି ପିନ୍ଧୁ ସେଗୁଡ଼ିକୁ ପୋଷାକ କୁହାଯାଏ । ନିମ୍ନରେ କେତେକ ପୋଷାକର ଚିତ୍ର 'କ'ସ୍ତମ୍ଭରେ, ତା'ର ନାମ 'ଖ' ସ୍ତମ୍ଭରେ ଦିଆଯାଇଛି ଏବଂ ସେସବୁକୁ ତୁମ ଅଞ୍ଚଳ ଓ ଅନ୍ୟ ଅଞ୍ଚଳରେ କ'ଣ କୁହାଯାଏ, 'ଗ' ସ୍ତମ୍ଭରେ ଉଲ୍ଲେଖ କର ।



https://withteachers.in/

| ‘କ’ ସ୍ତମ୍ଭ | ‘ଖ’ ସ୍ତମ୍ଭ | ‘ଗ’ ସ୍ତମ୍ଭ |
|---|---|---|
|  | ସାର୍ଟ | |
|  | ପ୍ୟାଣ୍ଟ୍ | |
|  | ଧୋତି | |
|  | ଶାଢ଼ି | |
|  | ଫ୍ରକ୍ | |
|  | ଲୁଙ୍ଗି | |
|  | ପଗଡ଼ି | |



https://withteachers.in/


## ତୁମ ପରୀକ୍ଷା


କାମଟିଏ କରିବା ପରେ ତା'ର ସଫଳତା ବା ବିଫଳତା ଜାଣିବାପାଇଁ ପରୀକ୍ଷା କରାଯାଏ । ଆମେ ଜୀବନରେ ଅନେକଥର ବିଭିନ୍ନ କାମପାଇଁ ପରୀକ୍ଷା ଦେଇଛୁ । ଅନ୍ୟର ପରୀକ୍ଷା ମଧ୍ୟ ନେଇଛୁ । ତୁମେ ଜୀବନରେ କାହାକୁ, କେବେ, କ'ଣପାଇଁ ପରୀକ୍ଷା ଦେଇଛ, କୁହ ।

ଯେମିତିକି ତୁମକୁ ସାଇକେଲ ଚଳାଇବା ଆସେ ବୋଲି ତାହା ଆଗରେ ସାଇକେଲ ଚଳେଇ ଦେଖାଇଛ । ଘରେ କେତେକ କାମ ପାଇଁ ପରୀକ୍ଷା, ଦେଇଛ ଅନ୍ୟକୁ କିଛି କାମପାଇଁ ଆହ୍ୱାନ ଦେଇଛ ।

## ଆଜିର ପ୍ରହେଳିକା

ତୁମପାଇଁ ଆଜି ଏକ ସୁନ୍ଦର ପରୀକ୍ଷା ଅଛି । ତଳେ ଦିଆଯାଇଥିବା ଚିତ୍ର ଦୁଇଟିକୁ ଦେଖ । ଚିତ୍ର ଦୁଇଟିରେ କିଛି ଭିନ୍ନତା ରହିଛି । ଦେଖିବା ତୁମେ କେତୋଟି ଭିନ୍ନ-କଥା କେତେ ଶୀଘ୍ର ଦେଖେଇ ପାରୁଛ ।





## ଅନୁସନ୍ଧାନ କରିବା

ସ୍ୱାମୀ ବିବେକାନନ୍ଦଙ୍କ କଥା ଉପଦେଶ (ସଚିତ୍ର) ବହିରେ ଅନେକ କାହାଣୀ ଦିଆଯାଇଛି । ସେଗୁଡ଼ିକୁ ପଢ଼ ଏବଂ ଅଭିଭାବକ, ଇଣ୍ଟରନେଟ୍ ବା ଅନ୍ୟ ପୁସ୍ତକରୁ ଏହିଭଳି କାହାଣୀ ସଂଗ୍ରହ କର । ଯେଉଁ କାହାଣୀ ଭଲ ଲାଗୁଛି, ତାହାକୁ ନିଜ ବନ୍ଧୁକୁ ଶୁଣାଅ ।

## ଅନୁସନ୍ଧାନ କରିବା

ଇଣ୍ଟରନେଟ୍ ମାଧ୍ୟମରେ ତୁମେମାନେ ସ୍ୱାମୀ ବିବେକାନନ୍ଦଙ୍କ ପରି ଅନ୍ୟ କେତେକ ମହାପୁରୁଷଙ୍କ କଥା ଉପଦେଶ ପଢ଼ ।



https://withteachers.in/

# ୧୧



# ଚେତକର ବୀରତା

ଝଣ ଝଣ ଝଣ ଅରି କରବାଳ
ଗର୍ଜଇ ଯେବେ ଥରକୁ ଥର
କର୍ଣ୍ଣ ଦୋହଲାଇ ଖର ଶ୍ୱାସ ନେଇ
ଶତ୍ରୁକୁ ଚାହୁଁଛି ଚେତକ ବୀର ।




ରାଣାଙ୍କ ଚେତକ ବିଜୁଳି ଚମକ
ଲକ୍ଷ୍ୟ ଯାହାର ଶତ୍ରୁର ମତି
ନୟନ ପଲକେ ହୁଏ ସ୍ଥାନାନ୍ତର
ହାରମାନେ ଯହିଁ ମରୁତ ଗତି ।

ଆରୋହୀ ଆଖିର ଇସାରାକୁ ବୁଝି
କ୍ଷିପ୍ର ତୀର ପ୍ରାୟେ ସମରେ ପଶେ
ସତେକି ଆକାଶେ କୁଦା ମାରି ମାରି
ଶତ୍ରୁ ସୈନ୍ୟଙ୍କର ମସ୍ତକ ନାଶେ ।

ରାଣାଙ୍କ ଚାବୁକ୍ ବାଜି ନାହିଁ କେବେ
ବୁଦ୍ଧିଟି ତାହାର ଅତି ପ୍ରଖର
ଆରୋହୀଙ୍କୁ ପୃଷ୍ଠେ ଘେନି ଛୁଟି ଯାଏ
ହଲିଲେ ସାମାନ୍ୟ ଲଗାମ ତା'ର ।

ଶତ୍ରୁ ବର୍ଚ୍ଛା ଢାଲ ଶାଣିତ କୃପାଣ
ଦେଖି ଡରିନାହିଁ କେବେ ପରାଣେ
ଅଦମ୍ୟ ଗତିରେ ଭରା କୁଶଳତା
ନିର୍ଭୀକେ ଲଢ଼ଇ ରଣପ୍ରାଙ୍ଗଣେ ।





କେବେ ଏଠି ଅଛି କେବେ ସେଠି ଅଛି
କେବେ ଏଠି ନାହିଁ, ନାହିଁ ସେଠାରେ
ଅଗମ୍ୟ ସୁଗମ୍ୟ ବନ୍ଧୁର ମସୃଣ
ଯୁଦ୍ଧପଥେ ଚଳିଯାଏ ଅଚିରେ ।।

କେବେ ଧାବମାନ ନଦୀସ୍ରୋତ ପ୍ରାୟ
କେବେ ତା'ର ଗତି ହୁଅଇ ସ୍ଥିର
କେବେ ବଜ୍ରଭରା ବଳାହକ ସାଜି
ବିଖଣ୍ଡିତ କରେ ଶତ୍ରୁର ଶିର ।

ଯା'ର ଦରଶନେ ଅରାତି ହାତରୁ
ବର୍ଚ୍ଛା ତୂଣୀର ପଡ଼ଇ ଖସି
ଆପଣା ଟାପୁରେ କରି ଆକ୍ରମଣ
ଶତ୍ରୁ ସଇନଙ୍କୁ ଦିଅଇ ନାଶି ।।


ଘୋଡ଼ା ସେ ଚେତକ ରଣର ପ୍ରାଙ୍ଗଣେ
ରାଣା ପ୍ରତାପଙ୍କ ରକ୍ଷା କରତା
ଚକିତ ହୁଅଇ ସବୁରି ପରାଣ
ଦେଖି ତା ସାହସ ଧୈର୍ଯ୍ୟ ବୀରତା ।

(ମୂଳ ହିନ୍ଦୀ କବିତାର ଓଡ଼ିଆ ରୂପାନ୍ତର)



## କବି ପରିଚୟ

**ଶ୍ୟାମନାରାୟଣ ପାଣ୍ଡେ**



କବି ଶ୍ୟାମନାରାୟଣ ପାଣ୍ଡେ, ବୀରରସ ଆଧାରିତ କବିତା ରଚନାପାଇଁ ବେଶ୍ ଜଣାଶୁଣା । ଲୋକପ୍ରିୟ କାବ୍ୟକୃତି 'ହଳଦୀଘାଟି' ୧୯୩୯ ମସିହାରେ ପ୍ରକାଶିତ ହୋଇଥିଲା । ଭାରତ ସ୍ୱାଧୀନତା ସଂଗ୍ରାମର ଅନ୍ତିମ ପର୍ଯ୍ୟାୟରେ କବିତା 'ହଳଦୀଘାଟି' ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଅଫୁରନ୍ତ ଉତ୍ସାହ ଉଦ୍ଦୀପନା ସୃଷ୍ଟି କରିଥିଲା । ହିନ୍ଦୀଭାଷାରେ ଲିଖିତ 'ଚେତକ କୀ ବୀରତା', କବିଙ୍କର 'ହଳଦୀଘାଟି' କାବ୍ୟର ଅଂଶ ବିଶେଷ । ହଳଦୀଘାଟ ଯୁଦ୍ଧରେ ଅଶ୍ୱ ଚେତକର ପରାକ୍ରମକୁ ଆଧାର କରି 'ଚେତକର ବୀରତା' କବିତାଟି ଓଡ଼ିଆ ଭାଷାରେ ଅନୁବାଦ କରାଯାଇଛି ।



https://withteachers.in/

# ପାଠ ଅନ୍ତର୍ଗତ

## ମୋ ବୁଝିବାରେ

(କ) ନିମ୍ନରେ ଦିଆଯାଇଥିବା ପ୍ରଶ୍ନର ଠିକ୍ ଉତ୍ତର ବାଛି ତା' ପାଖରେ ତାରା (*) ଚିହ୍ନ ଦିଅ ।

୧. ଚେତକ ଶତ୍ରୁସୈନ୍ୟଙ୍କ ଉପରେ କିପରି ଆକ୍ରମଣ କରୁଥିଲା ?

- ଚେତକ ବଜ୍ର ଭରା ବାଦଲ ପରି ଶତ୍ରୁ ସୈନ୍ୟଙ୍କୁ ଆକ୍ରମଣ କରୁଥିଲା । ☐
- ଚେତକ ଶତ୍ରୁସୈନ୍ୟଙ୍କୁ ଘେରି ତାଙ୍କ ଉପରେ ଆକ୍ରମଣ କରୁଥିଲା । ☐
- ଚେତକ ହାତୀ ଭଳି ଶତ୍ରୁ ସୈନ୍ୟଙ୍କ ଉପରେ ବଜ୍ରହୋଇ ଆକ୍ରମଣ କରୁଥିଲା । ☐
- ଚେତକ ନଦୀର ତରଙ୍ଗପରି ସେନା ଉପରେ ଆକ୍ରମଣ କରୁଥିଲା । ☐

୨. 'ଆରୋହୀ'ଙ୍କୁ ପୃଷ୍ଠେ ଘେନି ଛୁଟିଯାଏ ।"

ଏହି ପଦ୍ୟାଂଶରେ 'ଆରୋହୀ' ଶବ୍ଦ କାହାପାଇଁ ବ୍ୟବହାର କରାଯାଇଛି ?

- ଚେତକ ☐ • ଶତ୍ରୁ ☐
- କବି ☐ • ରାଣାପ୍ରତାପ ☐

(ଖ) ଉକ୍ତ ଉତ୍ତର ବାଛିବାର କାରଣ ସଂପର୍କରେ ସାଙ୍ଗମାନଙ୍କ ସହ ଆଲୋଚନା କର ।

## ପଦ୍ୟାଂଶ ଉପରେ ଆଲୋଚନା

ସରଳ ଭାଷାରେ ବୁଝାଇ ଲେଖ ।

(କ) "ନୟନ ପଲକେ ହୁଏ ସ୍ଥାନାନ୍ତର
ହାରମାନେ ଯହିଁ ମରୁତ ଗତି ।"

(ଖ) "ଚକିତ ହୁଅଇ ସବୁରି ପରାଣ
ଦେଖି ତା' ସାହସ ଧୈର୍ଯ୍ୟ ବୀରତା ।"

## ମିଳିମିଶି ଯୋଡ଼ିବା

ନିମ୍ନରେ ପଦ୍ୟାଂଶ ଓ ଭାବାର୍ଥ ଉଲ୍ଲେଖ କରାଯାଇଛି ।

ଦଳରେ ଆଲୋଚନା କରି ପଦ୍ୟାଂଶ ସହ ତା'ର ଭାବାର୍ଥ ମିଳାଅ । ଆବଶ୍ୟକ ସ୍ଥଳେ ଅଭିଧାନ, ଇଣ୍ଟରନେଟ୍ କିମ୍ବା ଶିକ୍ଷକଙ୍କ ସହାୟତା ନେଇପାର ।





https://withteachers.in/

| ପଦ୍ୟାଂଶ | ଭାବାର୍ଥ |
|---|---|
| ୧. ଆରୋହୀ ଆଖିର ଇସାରାକୁ ବୁଝି କ୍ଷୀପ୍ର ତୀର ପ୍ରାୟେ ସମରେ ପଶେ । | ୧. ଚେତକ ଶତ୍ରୁ ସୈନ୍ୟଙ୍କ ଉପରେ ଭୟାନକ ବଜ୍ରଭରା ବାଦଲ ସାଜି ଝାମ୍ପି ପଡୁଥିଲା ଏବଂ ଶତ୍ରୁଙ୍କୁ ନାଶ କରୁଥିଲା । |
| ୨. କେବେ ବଜ୍ର ଭରା ବଳାହକ ସାଜି ବିଖଣ୍ଡିତ କରେ ଶତ୍ରୁର ଶିର | ୨. ଚେତକଘୋଡ଼ା ରାଣାପ୍ରତାପଙ୍କ ଆଖିର ଇସାରାକୁ ବୁଝିଯାଇ ରାଣା ଚାହୁଁଥିବା ଦିଗରେ ଯୁଦ୍ଧକ୍ଷେତ୍ରରେ ପ୍ରବେଶ କରେ । |
| ୩. ଆରୋହୀଙ୍କୁ ପୃଷ୍ଠେ ଘେନି ଛୁଟି ଯାଏ ହଲିଲେ ସାମାନ୍ୟ ଲଗାମ ତା'ର । | ୩. ପବନଠାରୁ ବି ଅଧିକ ବେଗରେ ଦୌଡୁଥିବା ଚେତକ ଦୌଡୁଥିବାବେଳେ ଲାଗୁଥିଲା ଯେପରି ଚେତକ ଓ ପବନ ମଧ୍ୟରେ ଦୌଡ଼ ପ୍ରତିଯୋଗିତା ହେଉଛି । |
| ୪. ନୟନ ପଲକେ ହୁଏ ସ୍ଥାନାନ୍ତର, ହାରମାନେ ଯାହିଁ ମରୁତଗତି । | ୪. ଚେତକ ସମତଳ, ବନ୍ଧୁର ଏବଂ ଅଗମ୍ୟ ସ୍ଥାନକୁ ସହଜରେ ଅତିକ୍ରମ କରି ଯୁଦ୍ଧକ୍ଷେତ୍ରକୁ ଯାଇପାରିଥାଏ । |
| ୫. ଅଗମ୍ୟ ସୁଗମ୍ୟ ବନ୍ଧୁର ମସୃଣ ଯୁଦ୍ଧପଥେ ଚଳିଯାଏ ଅଚିରେ । | ୫. ଚେତକ ଏଭଳି ଚଞ୍ଚଳ ଥିଲା ଯେ ତା'ର ଲଗାମ ସାମାନ୍ୟ ହଲିଲେ ସେ ରାଣାପ୍ରତାପଙ୍କୁ ଧରି କ୍ଷୀପ୍ର ଗତିରେ ଛୁଟି ଯାଏ । |



## ଶୀର୍ଷକ

ଉକ୍ତ ପଦ୍ୟର ଶୀର୍ଷକ 'ଚେତକର ବୀରତା' ଦିଆଯାଇଛି । ତୁମେ ଏହି କବିତାର ଶୀର୍ଷକ ଆଉ କ'ଣ ଦେଇପାରିବ ବୋଲି ଭାବୁଛ ଲେଖ ଓ ତା'ର କାରଣ କୁହ ।



## କବିତା ରଚନାଶୈଳୀ

"ଲକ୍ଷ୍ୟ ଯାହାର ଶତ୍ରୁର ମତି,
ହାରମାନେ ଯହିଁ ମରୁତ ଗତି ।"

ରେଖାଙ୍କିତ ଶବ୍ଦ ଦୁଇଟିକୁ ଦେଖ । ଏହି ଶବ୍ଦ ଦୁଇଟିର କଥନ ଓ ଲିଖନ ଶୈଳୀ ବହୁତ ମିଶି ଯାଉଛି । ପ୍ରାୟତଃ କବିତା ଗୁଡ଼ିକରେ ଏହିପରି ସମତାନ ଶବ୍ଦ ଥାଏ । ବେଳେବେଳେ ଏହାର ବ୍ୟତିକ୍ରମ ମଧ୍ୟ ହୁଏ । ଏହି କବିତାରେ ଥିବା ସମତାନ ଶବ୍ଦଗୁଡ଼ିକୁ ବାଛ ଓ ଖାତାରେ ତାଲିକା କର ।



https://withteachers.in/

## ଏକରୁ ଅନେକ

"କେବେ ବଜ୍ରଭରା ବଳାହକ ସାଜି,
ବିଖଣ୍ଡିତ କରେ ଶତ୍ରୁର ଶିର ।"

ଉପର ଲିଖିତ ପଦରେ ବଳାହକ ଏକ ଶବ୍ଦ । ଏହି ଶବ୍ଦର ଅକ୍ଷରଗୁଡ଼ିକୁ ନେଇ ଆମେ ନିମ୍ନ ଶବ୍ଦଗୁଡ଼ିକୁ ଗଠନ କରିପାରିବା । ବଳା, କଳା, ବକ, କହ, ହବ ଇତ୍ୟାଦି ।

ଏବେ ତୁମେ ପଠିତ କବିତାରୁ ସେହି ପ୍ରକାରର ପାଞ୍ଚଟି ଶବ୍ଦ ବାଛ ଓ ସେଥିରୁ ତିଆରି ହୋଇପାରୁଥିବା ଶବ୍ଦଗୁଡ଼ିକୁ ଖାତାରେ ଲେଖ ।

## ପାଠ ବାହାରୁ

### ତୁମକଥା

"ଆରୋହୀଙ୍କୁ ପୃଷ୍ଠେ ଘେନି ଛୁଟିଯାଏ,
ହଲିଲେ ଲଗାମ ସାମାନ୍ୟ ତା'ର ।"

(କ) ସାମାନ୍ୟ ଲଗାମ ହଲିବାମାତ୍ରେ ଚେତକ ଆରୋହୀଙ୍କୁ ଧରି ଆଗେଇଯାଏ । ଉକ୍ତ ଲିଖନ ଶୈଳୀ କବିତାକୁ ପ୍ରଭାବଶାଳୀ କହିବାରେ ଉପଯୋଗୀ ହୋଇ ପାରିଛି । ପଠିତ କବିତାରୁ ଏହିପରି ଲେଖାଗୁଡ଼ିକୁ ଖୋଜ ଓ ସାଙ୍ଗମାନଙ୍କ ସହ ଆଲୋଚନା କର ।

(ଖ) 'ଯୁଦ୍ଧ ହେବା ଆଦୌ ଉଚିତ ନୁହେଁ ।' ସାଙ୍ଗମାନଙ୍କ ସହ ଆଲୋଚନା କରି ଏହାର ଭାବାର୍ଥ ଲେଖ ।

### ସମାର୍ଥବୋଧକ ଶବ୍ଦ ।

କେତେକ ଶବ୍ଦ ସମାନ ଅର୍ଥକୁ ବୁଝାଇଥାଏ । ଯଥା- ଅଶ୍ୱ, ଘୋଡ଼ା, ଘୋଟକ, ତୁରଗ, ତୁରଙ୍ଗ, ତୁରଙ୍ଗମ । ଏଗୁଡ଼ିକୁ ସମାର୍ଥବୋଧକ ଶବ୍ଦ କୁହାଯାଏ ।

ନିମ୍ନରେ ଦିଆଯାଇଥିବା ସାରଣୀରେ ଯେଉଁଟି ସମାର୍ଥବୋଧକ ଶବ୍ଦ ନୁହେଁ, ସେଥିରେ ଗୋଲ ବୁଲାଅ ।

| | | | | |
|---|---|---|---|---|
| ୧ | ପବନ | ଅନଳ | ଅନିଳ | ବାୟୁ |
| ୨ | ରଣ | ରାଣୀ | ଯୁଦ୍ଧ | ସମର |
| ୩ | ପୃଥିବୀ | ଆକାଶ | ନଭ | ଗଗନ |
| ୪ | ନଦୀ | ତଟିନୀ | ନାଦ | ନଈ |
| ୫ | କରବାଳ | ମସୀ | ଅସୀ | ଖଣ୍ଡା |
| ୬ | ଅରାତି | ଶତ୍ରୁ | କରୀ | ବୈରୀ |





https://withteachers.in/

## ଆଜିର ଧନ୍ଦା

- **ବୁଝିଲେ ଜାଣିବ**
- ଦିନରେ ନୁହେଁ ମୁଁ ରାତି ହେଲେ ଆସଇ
  ଦୀପର ଉପରେ  ନୁହେଁ ମୁଁ ତଳେ ବସଇ ।
  ପାରିବି କି ଏବେ ମୋ' ନାମ କହି ?
- ମୋ ନାମରେ ଅଛି ଫୁଲ ଓ ଫଳ
  ମିଠାଇ ବି ଅଛି ଜାଣ ସହଳ
  ନାମଟିକୁ ମୋର ଯିଏ କହିବ
  ନାଲି ମିଠାଟିଏ ସିଏ ଖାଇବ ।
- ପକ୍ଷୀ ନୁହଇଁ ସେ ଆକାଶେ ଉଡ଼େ
  ଡେଣା ନାହିଁ ତା'ର ଲାଙ୍ଗୁଡ଼ ଝାଡ଼େ
  ଦେହେ ବାନ୍ଧି ସୂତା ଆକାଶେ ଉଡ଼େ
  ପବନ ଦେଖିଲେ ଗତି ତା' ବଢ଼େ ।
- ସଡ଼କ ଅଛି ହେଲେ ଗାଡ଼ି ଚାଲେନି,
  ଜଙ୍ଗଲ ଅଛି ହେଲେ ଗଛ ଲାଗିନି,
  ପାହାଡ଼ ଅଛି ହେଲେ ପଥର ନାହିଁ,
  ସହର ଅଛି ହେଲେ ଘର ବା କାହିଁ ?
  ନଈ ନାଳ ଅଛି ହେଲେ ନାହିଁ ତ ପାଣି ।
  ନାମ ତା'ର ଏବେ କୁହ ଥିଲେରେ ଜାଣି ।
- ଆସିଲା ବଡ଼ ଚଢ଼େଇ, ବସିଲା ଡେଣା ମେଲାଇ
  ଧରିଲା ମାଛ, ଖାଇଲା ନାହିଁ ।

## ଅନୁସନ୍ଧାନ କରିବା

୧. ମହାରାଣା ପ୍ରତାପ କିଏ ? ପାଠାଗାର ବା ଇଣ୍ଟରନେଟ୍‌ରୁ ଖୋଜି ତାଙ୍କ ବିଷୟରେ ପଢ଼ ଓ ଖାତାରେ ଲେଖ ।

୨. ଏହି କବିତାଟି 'ଚେତକ' - ଗୋଟିଏ ଘୋଡ଼ା ଉପରେ ଲିଖିତ । ତେବେ ତୁମେ ପଶୁପକ୍ଷୀଙ୍କ ଆଧାରିତ ପାଞ୍ଚଟି ଲେଖା ଖୋଜି ଆଣ । ସେଗୁଡ଼ିକୁ ନିଜ ଶ୍ରେଣୀର 'ପ୍ରାଚୀର ପତ୍ର' ବା 'ତୁମକାମ' ଫଳକରେ ଲଗାଅ ।



https://withteachers.in/

୨୭



# ଭ୍ରମଣକାରୀର ପତ୍ର


ଦାର୍ଜିଲିଂ ତଳେ ହିମାଳୟର ପ୍ରତ୍ୟନ୍ତ ପର୍ବତମାନ ଯେମନ୍ତ ଚା-କ୍ଷେତ୍ରରେ ସୁଶୋଭିତ ଦିଶନ୍ତି, ଆମ୍ଭମାନଙ୍କର ପାଦତଳେ ଅସଂଖ୍ୟ ପର୍ବତ ନାନା ଶସ୍ୟ ଓ ଗ୍ରାମବାସୀମାନଙ୍କରେ ଭୂଷିତ ହୋଇ ଅତି ବିଚିତ୍ର ବୋଧ ହେଉଥିଲା । କୌଣସି କୌଣସି ପର୍ବତରେ ପୁଷ୍ପିତ ରାମତିଳାର କ୍ଷେତ୍ର ପୀତାମ୍ବର ପରି ଶୋଭା ପାଉଥିଲା । ଢେଙ୍କାନାଳ, ଲହଡ଼ା, ବାମଣ୍ଡା, ବଣେଇ ଏବଂ କେନ୍ଦୁଝରର ଅନ୍ୟାନ୍ୟ ଶତଶତ ପର୍ବତ ଦୂର ଆକାଶରେ ଚିତ୍ରପଟ ପ୍ରାୟ ପ୍ରତିଭାତ ହେଉଥିଲେ । ଅଧିକ କହିବା ପ୍ରୟୋଜନ ନାହିଁ- ଭାଷା ଏ ଦୃଶ୍ୟ ନିକଟରେ ପରାସ୍ତ । ଚାକ୍ଷୁସ ପ୍ରତ୍ୟକ୍ଷ ନ କଲେ ଏହା ବୁଝିହେବ ନାହିଁ । ଏହି ଦୃଶ୍ୟ ଆମ୍ଭମାନଙ୍କ ସ୍ମୃତିର ଗୋଟିଏ ସମ୍ପତ୍ତି ବିଶେଷ ।

ଆମ୍ଭେମାନେ ମାର୍ଗରେ ଯେଉଁ ପର୍ବତମାନ ପାରି ହୋଇ ଆସିଲୁଁ, ତାହା ବ୍ରାହ୍ମୀ ଅବବାହିକାର ପ୍ରାଚୀରସ୍ୱରୂପ। ସନ୍ଧ୍ୟା ସମୟରେ ଆମ୍ଭେମାନେ ବୈତରଣୀର ଅବବାହିକା ଅନ୍ତର୍ଗତ କୁଆଁର ନାମକ ଗ୍ରାମରେ ଉପସ୍ଥିତ ହେଲୁଁ । ଏହି ଗ୍ରାମରେ ମହାରାଜାଙ୍କର ଗୋଟିଏ ଥାନା ଏବଂ ସ୍କୁଲ ଅଛି । ଗ୍ରାମରେ ଗୋଟିଏ ସଡ଼କ ମଧ୍ୟ ଦେଖିଲୁଁ । ଗୋଟିଏ ଗିରିନଦୀ ଗ୍ରାମକୁ ଜଳ ଯୋଗାଉଅଛି । କନ୍ଧମାଳ ପରି ଏ ଅଞ୍ଚଳରେ ବୃହତ୍ ପଣସବୃକ୍ଷ ଅନେକ ଦେଖାଯାଏ । ବୋଲିବା ବାହୁଲ୍ୟ ଯେ ଭୂୟାଁ ପର୍ବତର ଅନ୍ୟାନ୍ୟ ଗ୍ରାମ ପରି କୁଆଁର ଚତୁର୍ଦ୍ଦିଗରେ ପର୍ବତ ବେଷ୍ଟିତ ଏବଂ ଏହାର ଲୋକବସତି ସେପାନମଞ୍ଚ ପରି ସ୍ତରାନ୍ୱିତ । ମାତ୍ର ସ୍ଥାନଟି ଅପେକ୍ଷାକୃତ ପ୍ରଶସ୍ତ ଏବଂ ପରିଷ୍କୃତ ବୋଧ ହେଲା । ଏ ଅଞ୍ଚଳରେ ଗୋପାଳ ପ୍ରଧାନମାନେ ଆଗନ୍ତୁକମାନଙ୍କୁ ଦଧି ଉପହାର ଦିଅନ୍ତି। ଭୂୟାଁପୀଠରେ ପନୀର ପ୍ରସ୍ତୁତ ହେବାର କଥା ଆମ୍ଭେମାନେ ଏଥିପୂର୍ବେ ଶୁଣିଥିଲୁଁ । ମାତ୍ର ତାହା ଅମୂଳକ । ମାହିଷ ଦୁଗ୍ଧରୁ ଏକ ପ୍ରକାର ଛେନା ପ୍ରସ୍ତୁତ ହୁଏ । ଘିଅ ବୋଲି ତାକୁ ରଖି ପାରିଲେ ପ୍ରାୟ ମାସେ କାଳ ଅବିକୃତ ଅଥବା ସ୍ୱଳ୍ପବିକୃତ ଅବସ୍ଥାରେ ରହେ । ଏହି ଛେନାକୁ ଅବା ପନୀର ବୋଲି ଭାବି ଏପରି କଥା ପ୍ରଚାର କରିଥିବେ । ଗୋଦୁଗ୍ଧ ଭୂୟାଁପୀଠରେ ଅତି ଦୁଷ୍ପ୍ରାପ୍ୟ । କୁଆଁର ଗ୍ରାମର ଅଧିଷ୍ଠାତୃ ଦେବତାଙ୍କ ନାମ ଲକ୍ଷ୍ମୀପାଟ । ଏ ଅଞ୍ଚଳର ଅଧିକାଂଶ ଗ୍ରାମଦେବତାଙ୍କ ନାମରେ "ପାଟ" ଶବ୍ଦ ସଂଯୁକ୍ତ ଥିବା ଦେଖାଯାଏ । ଲକ୍ଷ୍ମୀପାଟ ଭୂୟାଁମାନଙ୍କର ଗୋଟିଏ ପ୍ରଧାନଦେବତା । ପ୍ରତ୍ୟେକ ଆଦିମ ଜାତିପରି ଭୂୟାଁମାନଙ୍କ ମଧ୍ୟରେ ସ୍ତ୍ରୀ-ସ୍ୱାଧୀନତା ଯଥେଷ୍ଟ ଅଛି । ଅଧିକାଂଶ ସ୍ଥଳରେ ପରସ୍ପର ପ୍ରତି ପ୍ରଣୟ ଜନ୍ମିଲେ ସ୍ତ୍ରୀ-ପୁରୁଷର ପରିଣୟ ସଂଘଟିତ ହୁଏ । କଥୋପକଥନ ପ୍ରସଙ୍ଗରେ ଆମ୍ଭେମାନେ ଜଣେ ପ୍ରୌଢ଼ ଭୂୟାଁକୁ ପଚାରିଲୁଁ, "ତୁମ ପୁଅକୁ ବାହା କରେଇଚ ?" ପ୍ରୌଢ଼ କହିଲେ, "ନା, ବାହା କରେଇ ନାହିଁ । ଭେଣ୍ଡିଆ ହେଲାଣି, ତା' ମନକୁ ଆସିଲେ ବଳେ ଗୋଟିଏ ନେଇ ଆସିବ । ଆଜି ଖଣ୍ଡିଏ ପାନ ଦେବ, କାଲି ଟିକିଏ ଧୂଆଁପତ୍ର ଦେବ, ଏହିପରି କନ୍ୟାର ମନ ବସିଗଲେ ବାହା ହୋଇଗଲା ।" ଏହି କଥାରୁ ପାଠକବର୍ଗ ଏମାନଙ୍କର ସରଳ ଜୀବନ ଏବଂ ବିବାହପ୍ରଥାର କେତେକ ପରିଚୟ ପାଇପାରିବେ ।

https://withteachers.in/

କୁଆଁରରୁ ଆମ୍ଭେମାନେ ପରଦିନ ଗୋନାସିକା ଯାତ୍ରା କଲୁଁ । ମାର୍ଗ ଅବଶ୍ୟ ବନ୍ଧୁର । ତୈଳା କୃଷିଯୋଗୁଁ ପର୍ବତମାନଙ୍କରେ ଅଧିକ ଅରଣ୍ୟ ନାହିଁ । ତଥାଚ ଯାହା ଅଛି, ତାହା ସମତଳ ଓଡ଼ିଶାବାସୀଙ୍କର କଳ୍ପନାତୀତ । ଏକ ଏକ ସ୍ଥାନରେ ରାମତିଳାର କ୍ଷେତ୍ର ଦୃଶ୍ୟର ବିଚିତ୍ରତା ସମ୍ପାଦନ କରୁଅଛି । ଆମ୍ଭେମାନେ ପ୍ରାୟ ଦୁଇ କ୍ରୋଶ ଯାଇ ବୈତରଣୀ ଭେଟିଲୁଁ । ଏଠାରେ ବୈତରଣୀ ୭-୮ ହାତରୁ ଅଧିକ ପ୍ରଶସ୍ତ ନୁହେଁ । ଶଯ୍ୟା ଉପଳମୟ ଏବଂ ବିଶାଳ ବନସ୍ପତି ଛାୟାରେ ଅନ୍ଧକାରିତ । ସନ୍ଧ୍ୟା ସମୟରେ ଆମ୍ଭେମାନେ ଗୋନାସିକାରେ ଉପସ୍ଥିତ ହେଲୁଁ ।

ଗୋନାସିକା ଗୋଟିଏ ପାର୍ବତୀୟ ଜୁଆଙ୍ଗ ଗ୍ରାମ । ଅତି ଉଚ୍ଚାବଚ୍ଚ । କେନ୍ଦୁଝରରେ ଏ ଗୋଟିଏ ପ୍ରଧାନ ତୀର୍ଥ, ଏହି ପର୍ବତପୂର୍ଣ୍ଣ ସ୍ଥାନର କିଞ୍ଚିତ୍ ଦୂରବର୍ତ୍ତୀ ଗୋଟିଏ ପର୍ବତରୁ ବୈତରଣୀ ନିଃସୃତ ହେଉଅଛି । ଉତ୍ପତ୍ତି ସ୍ଥାନରେ "ଆଦ୍ୟ ବୈତରଣୀ" ଏହି ଶବ୍ଦ ନାଗରାକ୍ଷରରେ ପ୍ରସ୍ତର ଦେହରେ ଅଙ୍କିତ ହୋଇଅଛି । ପର୍ବତର କିୟଦ୍ଦୂରରେ ଗୋଟିଏ ଉଚ୍ଚ ପ୍ରସ୍ତରର ଉଚ୍ଚ ସ୍ଥଳୀ ଅଛି । ବୈତରଣୀ ଏହି ସ୍ଥଳୀର କାନ୍ଥିରେ ଗୋନାସିକା ଗ୍ରାମାଭିମୁଖରେ ବହିଯାଉଅଛି । ସ୍ଥଳୀକୁ "ଋଷୀ-ସଭା" କହନ୍ତି । ଗୋନାସିକା ଗ୍ରାମ ନିକଟରେ ନଦୀର ଶଯ୍ୟା ବିଶିଷ୍ଟ ଉପଳଖଣ୍ଡରେ ପରିପୂର୍ଣ୍ଣ । ଖଣ୍ଡିଏ ଅପେକ୍ଷାକୃତ ବୃହତ୍ ପ୍ରସ୍ତରଦ୍ୱାରା ଜଳ ରୁଦ୍ଧ ହୋଇ ସେହି ପ୍ରସ୍ତରସ୍ଥିତ ଛିଦ୍ରଦ୍ୱାରା ଗୋଟିଏ କୁଣ୍ଡରେ ସ୍ୱଚ୍ଛଧାରରେ ପତିତ ହେଉଅଛି । ଏହି ପ୍ରସ୍ତରକୁ ଗୋନାସିକା କହନ୍ତି । ମାତ୍ର ଗୋନାସିକା ସହିତ ଏହାର ଯେବେ କୌଣସି ସାଦୃଶ୍ୟ ଥାଏ, ତାହା କେବଳ ବିଶ୍ୱାସ-ଚକ୍ଷୁଗ୍ରାହ୍ୟ । ଏହିଠାରେ ଆମ୍ଭେମାନେ ୩-୪ଟି ଚମ୍ପକବୃକ୍ଷ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲୁଁ । ଚମ୍ପକବୃକ୍ଷ ଏପରି ବୃହତ୍ ହୋଇପାରେ, ଏହା ଆମ୍ଭମାନଙ୍କର ଧାରଣା ନ ଥିଲା । ନଦୀତୀରରେ ମହାରାଜ ଗୋଟିଏ ଶିବମନ୍ଦିର ଏବଂ ନଦୀଶଯ୍ୟା ପର୍ଯ୍ୟନ୍ତ ଦୀର୍ଘ ସୋପାନଶ୍ରେଣୀ ପ୍ରସ୍ତୁତ କରାଇ ଦେଇଅଛନ୍ତି ।





https://withteachers.in/

ଏଠାର କ୍ଷୀଣଧାରା ବୈତରଣୀ ସହିତ ଯାଜପୁର ଅଥବା ଚାନ୍ଦବାଲିର ବୈତରଣୀକୁ ତୁଳନା କରି ଉଭୟର ଅନ୍ତର ଉପଲବ୍ଧି କଲେ ହୃଦୟ ବିସ୍ମୟରସରେ ପରିପ୍ଳୁତ ହୁଏ ।

ଭୂୟାଁ ପୀଠର ଏହି ଅଞ୍ଚଳ ସମଧିକ ଉଚ୍ଚ ହୋଇଥିବାରୁ ଏଠାରେ ଶୀତଋତୁରେ ବରଫ ପଡ଼େ । ସ୍ଥାନୀୟ ଲୋକେ ଏହାକୁ "ପଣ୍ଡୁ" କହନ୍ତି । "ପଣ୍ଡୁ" ଶବ୍ଦ ସମ୍ଭବତଃ ପାଣ୍ଡୁର ଅପଭ୍ରଂଶ । ଜୁଆଙ୍ଗମାନେ ଆଜି ପର୍ଯ୍ୟନ୍ତ ଲୁଗା ପିନ୍ଧି ନ ଥିବାର କଥା କୌଣସି କୌଣସି ପୁସ୍ତକରେ ଲିଖିତ ଦେଖାଯାଏ । ମାତ୍ର ଏ କଥା ବର୍ତ୍ତମାନ ସମୟ ପ୍ରତି ପ୍ରଯୋଜ୍ୟ ବୋଲି ବୋଧ ହେଉନାହିଁ । ଆମ୍ଭେମାନେ ଯେଉଁ ଜୁଆଙ୍ଗ ଅଥବା ଜୁଆଙ୍ଗୀମାନଙ୍କୁ ଦେଖିଥିଲୁଁ, ସେମାନେ ସମସ୍ତେ ଲୁଗା ପିନ୍ଧିଥିଲେ ।

ଜୁଆଙ୍ଗୀମାନେ ଅପେକ୍ଷାକୃତ ଖର୍ବାକାର । ଅଧିକାଂଶ ଜୁଆଙ୍ଗୀର ଦେହର ପୂର୍ବାର୍ଦ୍ଧ ବସ୍ତ୍ରରେ ଅନାବୃତ ହେଲେ ହେଁ, ପଥର ମାଳିରେ ଆବୃତ ଥାଏ । ଗୋନାସିକାରୁ ଆମ୍ଭେମାନେ କେନ୍ଦୁଝରଗଡ଼କୁ ଗଲୁଁ । ମାର୍ଗ ନିରବଚ୍ଛିନ୍ନ ପର୍ବତସଙ୍କୁଳ ଓ ଅରଣ୍ୟମୟ । କେନ୍ଦୁଝରନଗର ଗୋଟିଏ ବିସ୍ତୃତ ପ୍ରାନ୍ତରରେ ଅବସ୍ଥିତ । ପର୍ବତ ଉପରୁ ଗଡ଼କୁ ଅବତରଣ କରିବାବେଳେ ଏହି ପ୍ରାନ୍ତରର ବିସ୍ତୃତି  ଉତ୍ତମ ରୂପେ ଉପଲବ୍ଧ ହୁଏ । ବସ୍ତୁତଃ ଏପରି ସୁବିସ୍ତୃତ ପ୍ରାନ୍ତର ଓଡ଼ିଶାରେ ବିଶେଷତଃ ଜାଙ୍ଗଲ ଓଡ଼ିଶାରେ ବିରଳ ।

କେନ୍ଦୁଝରଗଡ଼ର ଦକ୍ଷିଣପଶ୍ଚିମରେ ପର୍ବତମାଳା ପ୍ରାଚୀର ପ୍ରାୟ ଦଣ୍ଡାୟମାନ । ପୂର୍ବୋକ୍ତ ରାଜଧାନୀମାନଙ୍କ ଅପେକ୍ଷା ଅନେକ ବୃହତ୍ତର । ଏଠାରେ ଯେଉଁ ତାର ପ୍ରସ୍ତୁତ ହୁଏ, ତାହା ସମଗ୍ର ଓଡ଼ିଶାରେ ପ୍ରସିଦ୍ଧ । ବଳଦେବଙ୍କ ମନ୍ଦିର ଏଠାରେ ପ୍ରଧାନ ଦୃଶ୍ୟ । ଗଡ଼ର ଜଳବାୟୁ ଆଦୌ ସ୍ୱାସ୍ଥ୍ୟକର ନୁହେଁ । ଶିକ୍ଷୋନ୍ନତି ସମ୍ବନ୍ଧରେ କେନ୍ଦୁଝର, ଲହଡ଼ା ଶ୍ରେଷ୍ଠ । କେନ୍ଦୁଝରରେ ଆମ୍ଭେମାନେ ଦୁଇଦିନ ମାତ୍ର ଅବସ୍ଥାନ କରି ବସନ୍ତପୁର, ପୁରୁମୁଣ୍ଡା, ତାରା, ବାଲିଯୋଡ଼ୀ ଏବଂ କାନ୍ଥୋ ବାଟେ ବୈତରଣୀ ତୀରସ୍ଥିତ ଆନନ୍ଦପୁରରେ ଉପସ୍ଥିତ ହେଲୁଁ । ମାର୍ଗ ମଧ୍ୟରେ ଉଚିତ ବ୍ୟବଧାନରେ ମହାରାଜ ପୁଷ୍କରିଣୀମାନ ଖୋଳାଇ ଦେଇଛନ୍ତି । ମାତ୍ର ଆଜି ପର୍ଯ୍ୟନ୍ତ ଆନନ୍ଦପୁରରୁ କେନ୍ଦୁଝରଗଡ଼କୁ ଗୋଟିଏ ସଡ଼କ ପ୍ରସ୍ତୁତ ନ ହେବାର ଅତ୍ୟନ୍ତ ଦୁଃଖର କଥା । ଏ ମାର୍ଗ ଏମନ୍ତ କିଛି ବନ୍ଧୁର ଅଥବା ପର୍ବତସଙ୍କୁଳ ନୁହେଁ ଯେ ରାଜପଥ ନିମନ୍ତେ ବ୍ୟୟସାଧ ହେବ । ଏ ମାର୍ଗରେ ଗମନାଗମନ ସମୟରେ ଲୋକେ କିପରି କଷ୍ଟରେ ପଡ଼ନ୍ତି, ଆମ୍ଭେମାନେ ତାହା ଅନୁଭବରୁ ଜାଣିଅଛୁଁ । ସମଗ୍ର ଗଡ଼ଜାତ ଭ୍ରମଣର କଷ୍ଟ ଏହି ଅଞ୍ଚଳରେ କେନ୍ଦ୍ରୀଭୂତ ପ୍ରାୟ ବୋଧହେଲା । ଏହି ମାର୍ଗ ମଧ୍ୟରେ ଘଟଗାଁ ସର୍ବପ୍ରଧାନ ସ୍ଥାନ । କେନ୍ଦୁଝରର ପ୍ରଧାନଦେବୀ ତାରିଣୀ ଏହିଠାରେ ଅଧିଷ୍ଠିତ । ଦେବୀଙ୍କର ଦୁଇ ମୂର୍ତ୍ତି ପଥର ପାଶ୍ୱବର୍ତ୍ତୀ ଗୋଟିଏ କୁଞ୍ଜ ମଧ୍ୟରେ ଯେଉଁ ମୂର୍ତ୍ତି ପ୍ରତିଷ୍ଠିତ, ତାହା ସାଧାରଣ ଲୋକେ ଦେଖନ୍ତି ଏବଂ ପୂଜା କରନ୍ତି । ରାଜାଙ୍କ ଦର୍ଶନ ସକାଶେ ଅରଣ୍ୟ ମଧ୍ୟରେ ସ୍ୱତନ୍ତ୍ର ମୂର୍ତ୍ତି ଅଛନ୍ତି । ଶୁଣିବାରେ ରାଜା ଏବଂ ଦେହୁରୀ ବ୍ୟତୀତ ଏ ମୂର୍ତ୍ତି ଦେଖିବାର ଆଉ କାହାରି ଅଧିକାର ନାହିଁ ।

ବାଲିଯୋଡ଼ୀ ନାମକ ସ୍ଥାନରେ ଆମ୍ଭେମାନେ ଗୋଟିଏ ତୋଟାରେ ପର୍ଣ୍ଣଶାଳା ପ୍ରସ୍ତୁତ କରାଇ ଅବସ୍ଥାନ କଲୁଁ । ଏଠାରେ ସମୟ ସମୟରେ ବନ୍ୟହସ୍ତୀର ଭୟ ହୁଏ । ସ୍ଥାନଟି ପ୍ରଶସ୍ତ, ମାତ୍ର ଚାରିଆଡ଼େ ଘୋର ବନ । ମୟୂରରବରେ ଏହି ବନ ଅନୁକ୍ଷଣ ଶବ୍ଦାୟମାନ । ରାତ୍ରରେ ବ୍ୟାଘ୍ର ଗର୍ଜନ ଶୁଣି ଆମ୍ଭମାନଙ୍କର ଶଙ୍କା ଜାତ ହେବାରୁ ଅଧିକ ପରିମାଣରେ ଅଗ୍ନି ପ୍ରଜ୍ୱଳିତ କରି କଷ୍ଟ ମଧ୍ୟରେ ରାତ୍ରି ଅତିବାହିତ କଲୁଁ ।

ପୁରୁମୁଣ୍ଡାରୁ ତାରା ଏବଂ ବାଲିଯୋଡ଼ୀରୁ ଆନନ୍ଦପୁରକୁ ଆସୁଆସୁ ମାର୍ଗରେ ବରାବାଙ୍କ ଏବଂ ମୀନଘାଟି ପଡ଼ିଲା ।






https://withteachers.in/

ଗୋଟିଏ ଗିରିନଦୀ ପର୍ବତବ୍ୟୂହରେ ରୁଦ୍ଧ ହୋଇ ସର୍ପବତ୍ ବକ୍ରଗତିରେ ପ୍ରବାହିତ ହେଉଥିବାରୁ ତାହାକୁ ଅନେକ ଥର ପାରି ହେବାକୁ ହୁଏ । ଏହାକୁ ଲୋକେ ବାଡ଼ବାଛୁ କହନ୍ତି । ମୀନ ଘାଟି ଅତି କ୍ଷୁଦ୍ରଘାଟି ।

ଆନନ୍ଦପୁରରେ ଆମ୍ଭେମାନେ ଦୁଇଦିନ ଅବସ୍ଥାନ କରିଥିଲୁ । ଏହି ସ୍ଥାନର କିଞ୍ଚିତ୍ ଉପରେ ବୈତରଣୀର ନାବ୍ୟତାର ସୀମା । ଆନନ୍ଦପୁର କେନ୍ଦୁଝରରେ ସର୍ବପ୍ରଧାନ ସ୍ଥାନ, ମାତ୍ର ଏଠାରେ ଅରଣ୍ୟର ଅଭାବ ନାହିଁ । ରାତ୍ରରେ ଗୃହର ଅତି ନିକଟରେ ଆମ୍ଭେମାନେ ଥରକୁ ଥର ବ୍ୟାଘ୍ରର ଭୟଙ୍କର ଗର୍ଜନ ଶୁଣିଥିଲୁଁ । ତସର ଲୁଗା ସକାଶେ ଆନନ୍ଦପୁର ପ୍ରସିଦ୍ଧ । କୁଶଳେଶ୍ୱରାଧିଷ୍ଠିତ ଦେବଗାଁ ଆନନ୍ଦପୁରରୁ ତିନିକ୍ରୋଶ ଦୂରରେ ଅବସ୍ଥିତ । ଏହିଠାରେ ମହାରାଜଙ୍କର ଅନେକ ସୁକୀର୍ତ୍ତି ଥିବାର ଶୁଣିଥିଲୁଁ ।

ଅଳ୍ପଦିନ ହେଲା ଆନନ୍ଦପୁରରେ ମହାରାଜ ଗୋଟିଏ ବୃହଦାୟତନ ହର୍ମ୍ୟ ପ୍ରସ୍ତୁତ କରାଇ ଅଛନ୍ତି । ଅତି ନିକଟକୁ ଯାଇ ଏ ଗୃହ ଦେଖିଲେ କାରିଗରର ସୁରୁଚି ସମ୍ବନ୍ଧରେ ଲୋକର ସନ୍ଦେହ ଜାତ ହେବାର ସମ୍ପୂର୍ଣ୍ଣ ସମ୍ଭାବନା । ଆନନ୍ଦପୁରରୁ ଆମ୍ଭେମାନେ ଆମ୍ଭୋ ଏବଂ କୋରାଇ ମାର୍ଗରେ ଧର୍ମଶାଳାରେ ଉପସ୍ଥିତ ହେଲୁଁ । ସେଠାରୁ ଯଥାସମୟରେ କଟକ ଆସିଲୁ ।

## ଲେଖକ ପରିଚୟ



**ରାଧାନାଥ ରାୟ :** ଆଧୁନିକ ଓଡ଼ିଆ ସାହିତ୍ୟର ଯୁଗସ୍ରଷ୍ଟା ରାଧାନାଥ ରାୟ, ବାଲେଶ୍ୱର ଜିଲ୍ଲାର କେଦାରପୁର ଗ୍ରାମରେ ୧୮୪୮ ମସିହା ସେପ୍ଟେମ୍ବର ମାସ ୨୮ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ରଚିତ 'ବିବେକୀ' ଓଡ଼ିଆ ଭାଷାର ପ୍ରଥମ ପ୍ରବନ୍ଧ । କାବ୍ୟକବିତା ରଚନା କ୍ଷେତ୍ରରେ ସେ ଥିଲେ ସିଦ୍ଧହସ୍ତ । ଓଡ଼ିଆ କବିତାବଳୀ 'କେଦାରଗୌରୀ', 'ଦରବାର', 'ଚିଲିକା', 'ଚନ୍ଦ୍ରଭାଗା', 'ମହାଯାତ୍ରା' ଆଦି ତାଙ୍କର ସାରସ୍ୱତ ସୃଷ୍ଟି ଓଡ଼ିଆ ସାହିତ୍ୟକୁ କରିଛି ସମୃଦ୍ଧ । ସେ ୧୯୦୮ ମସିହା ଏପ୍ରିଲ ମାସ ୧୭ ତାରିଖରେ ଇହଧାମ ତ୍ୟାଗ କରିଥିଲେ । ଉଚ୍ଚକୋଟୀର ରଚନାଶୈଳୀପାଇଁ ତାଙ୍କୁ 'କବିବର' ଉପାଧି ମିଳିଥିଲା । ସ୍ଥାନିତ 'ଭ୍ରମଣକାରୀର ପତ୍ର' ବିଷୟଟି ରାଧାନାଥ ରାୟଙ୍କ କେନ୍ଦୁଝର ଭ୍ରମଣ ଅନୁଭୂତି ଆଧାରିତ ଭ୍ରମଣକାହାଣୀ ।

## ପାଠ ଅନ୍ତର୍ଗତ

### ମୋ ବୁଝିବାରେ

(କ) ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ତାରା (★) ଚିହ୍ନ ଦିଅ ।

(୧) କୁଆଁର ଗ୍ରାମର ଗୋପାଳ ପ୍ରଧାନମାନେ ଆଗନ୍ତୁକମାନଙ୍କୁ କ'ଣ ଉପହାର ଦେଉଥିଲେ ?

- କ୍ଷୀର ☐
- ଦହି ☐
- ଘିଅ ☐
- ପନୀର ☐



https://withteachers.in/

( ୨ ) ‘ବାଲିଯୋଡ଼ୀ’ ନାମକ ସ୍ଥାନରେ ଲେଖକ ନିଜ ବନ୍ଧୁଙ୍କ ସହ ଅଗ୍ନି ପ୍ରଜ୍ଜ୍ୱଳନ କରି ରାତ୍ରି ଅତିବାହିତ କରିଥିଲେ । କାରଣ ସେମାନେ ସେଠାରେ

- ମୟୂରର ରାବ ଶୁଣିଥିଲେ ☐
- ଅଧିକ ଥଣ୍ଡା ଅନୁଭବ କରିଥିଲେ ☐
- ବାଘର ଗର୍ଜନ ଶୁଣିଥିଲେ ☐
- ବନ୍ୟହାତୀକୁ ଦେଖିଥିଲେ । ☐

(ଖ) ଉକ୍ତ ଉତ୍ତରଗୁଡ଼ିକ କାହିଁକି ବାଛିଲ, ନିଜ ସାଙ୍ଗମାନଙ୍କ ସହ ଆଲୋଚନା କର ଓ କାରଣଗୁଡ଼ିକୁ ଖାତାରେ ଲେଖ ।



## ବାକ୍ୟ ଉପରେ ଆଲୋଚନା

ପଠିତ ଭ୍ରମଣକାହାଣୀରୁ ଦୁଇଟି ବାକ୍ୟ ନିମ୍ନରେ ପ୍ରଦତ୍ତ । ଏହାର ଅର୍ଥ ଯାହା ବୁଝିଲ, ସାଙ୍ଗମାନଙ୍କ ସହ ଦଳରେ ଆଲୋଚନା କରି ଲେଖ ।

‘ଏହି ପ୍ରସ୍ତରକୁ ଗୋନାସିକା କହନ୍ତି । ମାତ୍ର ଗୋନାସିକା ସହିତ ଏହାର ଯେବେ କୌଣସି ସାଦୃଶ୍ୟ ଥାଏ, ତାହା କେବଳ ବିଶ୍ୱାସ-ଚକ୍ଷୁଗ୍ରାହ୍ୟ ।’



## ଚିନ୍ତା କରିବା

‘ଭ୍ରମଣକାରୀର ପତ୍ର’ ପାଠକୁ ଆଉଥରେ ପଢ଼ । ତା’ପରେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) “ଭୂୟାଁମାନଙ୍କର ସରଳ ଜୀବନ ଓ ବିବାହପ୍ରଥାର କେତେକ ପରିଚୟ ପାଇପାରିବେ ।”

ପ୍ରଶ୍ନ : ଭୂୟାଁମାନଙ୍କର ଜୀବନ ଏବଂ ବିବାହପ୍ରଥା ସରଳ ଥିଲା ବୋଲି କେଉଁ ଘଟଣାରୁ ଜଣାପଡ଼େ ?

(ଖ) “ସ୍ଥଳୀକୁ ‘ଋଷି-ସଭା’ କହନ୍ତି ।”

ପ୍ରଶ୍ନ : ‘ଋଷି-ସଭା’ କେଉଁ ସ୍ଥଳୀକୁ କହନ୍ତି ?

(ଗ) “ସମଗ୍ର ଗଡ଼ଜାତ ଭ୍ରମଣର କଷ୍ଟ ଏହି ଅଞ୍ଚଳରେ କେନ୍ଦ୍ରୀଭୂତ ପ୍ରାୟ ବୋଧ ହେଲା ।”

ପ୍ରଶ୍ନ : ସେହି ଅଞ୍ଚଳରେ ଭ୍ରମଣ କରିବା ସମୟରେ ଲେଖକ ଅତ୍ୟନ୍ତ କଷ୍ଟବୋଧ କରିଥିଲେ କାହିଁକି ?

(ଘ) “ଏହାକୁ ଲୋକେ ‘ଗଡ଼ବାଛୁ’ କହନ୍ତି ।”

ପ୍ରଶ୍ନ : ଲୋକମାନେ ‘ଗଡ଼ବାଛୁ’ କାହାକୁ କହନ୍ତି ?



https://withteachers.in/

## ମିଳିମିଶି ଯୋଡ଼ିବା

ପଠିତ ପ୍ରସଙ୍ଗରୁ କେତେକ ଶବ୍ଦ 'କ' ସ୍ତମ୍ଭ ଓ ତା'ର ଅର୍ଥ 'ଖ' ସ୍ତମ୍ଭରେ ଦିଆଯାଇଛି । ସାଙ୍ଗମାନଙ୍କ ସହ ଦଳରେ ଆଲୋଚନା କରି ଶବ୍ଦ ସହ ଉପଯୁକ୍ତ ଅର୍ଥକୁ ଯୋଡ଼ । (ଏଥିପାଇଁ ତୁମେ ଅଭିଧାନ, ଇଣ୍ଟରନେଟ୍ କିମ୍ବା ନିଜ ଶିକ୍ଷକଙ୍କ ସହାୟତା ନେଇପାରିବ ।)

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧. ପୀତାମ୍ବର | ୧. ବଣଜଙ୍ଗଲ |
| ୨. ମାହିଷ | ୨. ପରିବର୍ତ୍ତନ ନ ହୋଇ |
| ୩. ଦୁଷ୍ପ୍ରାପ୍ୟ | ୩. ଖାଇବା ଯୋଗ୍ୟ |
| ୪. ଅବିକୃତ | ୪. ହଳଦୀରଙ୍ଗର ବସ୍ତ୍ର |
| ୫. ଉପଳମୟ | ୫. ଆଗରୁ କୁହାଯାଇଥିବା |
| ୬. ବନସ୍ପତି | ୬. ମଇଁଷି |
| ୭. କିୟଦ୍ଦୂର | ୭. ପଥରରେ ପରିପୂର୍ଣ୍ଣ |
| ୮. ଆହାର୍ଯ୍ୟ | ୮. ଯାହା ଅତି କଷ୍ଟରେ ମିଳିଥାଏ |
| ୯. ପୂର୍ବୋକ୍ତ | ୯. କିଛି ଦୂରରେ |
| ୧୦. ବନ୍ଧୁର | ୧୦. ଆବଡ଼ାଖାବଡ଼ା |

## ଭ୍ରମଣକାହାଣୀ ରଚନା

ଆମ୍ଭେମାନେ ମାର୍ଗରେ ଯେଉଁ ପର୍ବତମାନ ପାରି ହୋଇ ଆସିଲୁଁ, ତାହା ବ୍ରାହ୍ମୀ ଅବବାହିକାର ପ୍ରାଚୀର ସ୍ୱରୂପ । ସନ୍ଧ୍ୟା ସମୟରେ ଆମ୍ଭେ ବୈତରଣୀର ଅବବାହିକା ଅନ୍ତର୍ଗତ କୁଆଁର ନାମକ ଗ୍ରାମରେ ଉପସ୍ଥିତ ହେଲୁଁ ।



https://withteachers.in/

ଏହି ବାକ୍ୟଗୁଡ଼ିକୁ ପଢ଼ି ଏପରି ଲାଗୁଛି ଯେ ଯେପରି ଆମେ ନିଜେ ମଧ୍ୟ ଲେଖକ ବର୍ଣ୍ଣନା କରିଥିବା ସ୍ଥାନଗୁଡ଼ିକୁ ଯାତ୍ରା କରୁଛୁ । ଏହା ଭ୍ରମଣକାହାଣୀର ମହତ୍ତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ଅଟେ । ତୁମେ ଯଦି ଏହି ଭ୍ରମଣକାହାଣୀକୁ ଟିକିଏ ଅଧିକ ଧ୍ୟାନର ସହ ପଢ଼ିବ, ତେବେ ତୁମକୁ ସେଥିରେ ଥିବା ଅନେକ ବୈଶିଷ୍ଟ୍ୟ ବା ବିଶେଷତା ମଧ୍ୟ ଜଣାପଡ଼ିବ ।

ଏହି ଭ୍ରମଣକାହାଣୀକୁ ପୁନର୍ବାର ପଢ଼ ଓ ଏହାର ଲିଖନ ପ୍ରତି ଧ୍ୟାନ ଦିଅ । ସେଥିରେ ଥିବା ବିଶେଷ କଥାଗୁଡ଼ିକୁ ସାଙ୍ଗମାନଙ୍କ ସହ ଆଲୋଚନା କର ଏବଂ ଖାତାରେ ଲେଖ । ଯେପରି- ଲେଖକ ସୂଚିତ କରିଛନ୍ତି ଯେ ସେ କିପରି ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯାଇଥିଲେ, ରାସ୍ତାର ଅବସ୍ଥା, ଅଞ୍ଚଳର ପରିବେଶ ଇତ୍ୟାଦି ।



## ଅନୁମାନ ଓ କଳ୍ପନା

ନିଜ ସାଙ୍ଗମାନଙ୍କ ସହ ଦଳରେ ଆଲୋଚନା କର ଓ ଲେଖ ।

(କ) 'ଏକ ଏକ ସ୍ଥାନରେ ରାମତିଳାର କ୍ଷେତ୍ର ଦୃଶ୍ୟର ବିଚିତ୍ରିତା ସମ୍ପାଦନ କରୁଅଛି ।'
ପ୍ରଶ୍ନ : ରାମତିଳା କ୍ଷେତ୍ରର ଦୃଶ୍ୟ କିପରି ହୋଇଥିବ ?

(ଖ) 'ପ୍ରତ୍ୟେକ ଆଦିମଜାତି ପରି ଭୂୟାଁମାନଙ୍କ ମଧ୍ୟରେ ସ୍ତ୍ରୀ-ସ୍ୱାଧୀନତା ଯଥେଷ୍ଟ ଅଛି ।'
ପ୍ରଶ୍ନ : 'ସ୍ତ୍ରୀ-ସ୍ୱାଧୀନତା' କହିଲେ କ'ଣ ବୁଝୁଛ ?

(ଗ) 'ତୈଳା କୃଷି ଯୋଗୁଁ ପର୍ବତମାନଙ୍କରେ ଅଧିକ ଅରଣ୍ୟ ନାହିଁ ।'
ପ୍ରଶ୍ନ : ଏହାର କାରଣ କ'ଣ ହୋଇଥିବ ବୋଲି ଭାବୁଛ ?

(ଘ) 'ଗୋଦୁଗ୍ଧ ଭୂୟାଁପୀଠରେ ଅତି ଦୁଷ୍ପ୍ରାପ୍ୟ ।'
ପ୍ରଶ୍ନ : ଭୂୟାଁପୀଠରେ ଗାଈ କ୍ଷୀର ମିଳିବା ଅତି କଷ୍ଟକର, କାହିଁକି ?



## ଶବ୍ଦର କଥା

ନିମ୍ନରେ ଶବ୍ଦ ସହ ଜଡ଼ିତ କେତେକ ଶିକ୍ଷଣକାର୍ଯ୍ୟ ଦିଆଯାଇଛି । ଏଗୁଡ଼ିକୁ କରିବାପାଇଁ ତୁମେ ଶବ୍ଦକୋଷ, ଇଣ୍ଟରନେଟ୍, ପାଠାଗାର, ନିଜର ଶିକ୍ଷକ ଓ ସାଥୀମାନଙ୍କର ସହାୟତା ମଧ୍ୟ ନେଇପାରିବ ।

### ନାମବାଚକ ପଦପାଇଁ ବିକଳ୍ପ

(କ) "ଆମ୍ଭେମାନେ ଯେଉଁ ଜୁଆଙ୍ଗମାନଙ୍କୁ ଦେଖିଥିଲୁ, <u>ସେମାନେ</u> ସମସ୍ତେ ଲୁଗା ପିନ୍ଧିଥିଲେ ।"

ଉପରଲିଖିତ ବାକ୍ୟର ଯେଉଁ ପଦ ତଳେ ଗାର ଦିଆଯାଇଛି, ଲକ୍ଷ୍ୟ କର । ବାକ୍ୟରେ ସେହି ଶବ୍ଦଟି କାହାପାଇଁ ବ୍ୟବହାର ହୋଇଛି ?

ଏହି ଶବ୍ଦଟି ଜୁଆଙ୍ଗମାନଙ୍କପାଇଁ ବ୍ୟବହାର କରାଯାଇଛି । ତୁମେମାନେ ଜାଣିଛ ଯେ 'ଜୁଆଙ୍ଗମାନେ' ଶବ୍ଦଟି





https://withteachers.in/

ଏକ 'ନାମବାଚକ ପଦ' । ଯେଉଁ ଶବ୍ଦ 'ନାମବାଚକ' ପଦ ସ୍ଥାନପାଇଁ ବା ବଦଳରେ ବ୍ୟବହାର ହୋଇଥାଏ, ତାକୁ 'ସର୍ବନାମ' କୁହାଯାଏ । 'ସେମାନେ' ଶବ୍ଦଟି ଗୋଟିଏ 'ସର୍ବନାମ' ପଦ ।

ବର୍ତ୍ତମାନ ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ ଓ ସେଥିରେ ଥିବା ସର୍ବନାମ ପଦ ତଳେ ଗାର ଟାଣ ।

୧. ଜଣେ ପ୍ରୌଢ଼ ଭୂୟାଁଙ୍କୁ ପଚାରିଲୁଁ, "ତୁମ ପୁଅକୁ ବାହା କରାଇଚ ?" ସେ କହିଲେ, "ନା, ବାହା କରେଇ ନାହିଁ । ଭେଣ୍ଡିଆ ହେଲାଣି, ତା' ମନକୁ ଆସିଲେ ବଳେ ଗୋଟାଏ ନେଇ ଆସିବ ।"

୨. ସୋମୁନା ଖେଳୁଥିଲା । ଦୀପୁନା ଆସି ତା' ସହ ଖେଳିଲା । ସେମାନେ ଦୁହେଁ ଖେଳିସାରି ଘରକୁ ଫେରିଲେ ।

(ଖ) ଉପରଲିଖିତ ବାକ୍ୟଗୁଡ଼ିକରେ 'ସର୍ବନାମ' ପଦ ବଦଳରେ ନାମବାଚକ ପଦ ଲଗାଇ ଲେଖ ।



## ପାଠ ଆଧାରରେ ଚିହ୍ନଟ କର

ତୁମେମାନେ ଏହି ଭ୍ରମଣ-କାହାଣୀରେ କେତେଗୁଡ଼ିଏ ସ୍ଥାନର ନାମ ପଢ଼ିଲ । ଯେପରିକି- କେନ୍ଦୁଝରଗଡ଼, କୁଆଁର, ଗୋନାସିକା, ବସନ୍ତପୁର, ପୁରୁମୁଣ୍ଡା, ତାରା, ବାଲିଯୋଡ଼ୀ, କାନ୍ଥୋ, ଆନନ୍ଦପୁର ଇତ୍ୟାଦି । ବିଦ୍ୟାଳୟରେ ଉପଲବ୍ଧ ଓଡ଼ିଶାର ରାଜନୈତିକ ମାନଚିତ୍ର, କେନ୍ଦୁଝର ଜିଲ୍ଲାର ମାନଚିତ୍ର ବା ଇଣ୍ଟରନେଟ୍‌ରେ ଏହି ସ୍ଥାନଗୁଡ଼ିକୁ ଦେଖ । ପାଠରେ ଲିଖିତ ଅନ୍ୟ ସ୍ଥାନ ଓ ନଦୀଗୁଡ଼ିକୁ ମାନଚିତ୍ରରେ ଚିହ୍ନଟ କର ।

# ପାଠ ବାହାରୁ



## ତୁମକଥା

(କ) "ଅଧିକ କହିବାର ପ୍ରୟୋଜନ ନାହିଁ- ଭାଷା ଏ ଦୃଶ୍ୟ ନିକଟରେ ପରାସ୍ତ ।" ତୁମେ କ'ଣ ଏମିତି କୌଣସି ଦୃଶ୍ୟ ଦେଖିଛ ? କାହାଠାରୁ ଶୁଣିଛ କି ? ବହିର ବର୍ଣ୍ଣନାରୁ ପଢ଼ିଛ ? ତାହାକୁ କେବେ ବି ଭୁଲି ହେବ ନାହିଁ । ସେହି ଦୃଶ୍ୟକୁ ଶ୍ରେଣୀରେ ଉପସ୍ଥାପନ କର ।

(ଖ) "ମୟୂରରବରେ ଏହି ବନ ଅନୁକ୍ଷଣ ଶବ୍ଦାୟମାନ"

'ରବ' ଶବ୍ଦର ଅର୍ଥ 'କଣ୍ଠରୁ ବାହାରୁଥିବା ଧ୍ୱନି' । ଏଠାରେ 'ରବ' ଶବ୍ଦର ଭାବ ହେଉଛି- ମୟୂରମାନଙ୍କର ରାବ, ଡାକ ବା ସ୍ୱର । ନିଜ କହୁଥିବା କଥା ବା ଲେଖୁଥିବା ଭାବକୁ ଅଧିକ ସୁନ୍ଦର ଓ ମନମୋହକ କରିବାପାଇଁ 'ମୟୂରରବ' ପରି ଶବ୍ଦ ବ୍ୟବହାର କରାଯାଇଥାଏ ।

ତୁମେ ଆଜି ପର୍ଯ୍ୟନ୍ତ କେଉଁସବୁ ପଶୁ-ପକ୍ଷୀଙ୍କ 'ରବ' ଶୁଣିଛ ? ଏହି 'ରବ' କେବେ ଓ କେଉଁଠାରେ ଶୁଣିଛ ? କୁହ ।



https://withteachers.in/

(ଗ) ଭ୍ରମଣକାହାଣୀର ଲେଖକ ରାଧାନାଥ ରାୟଙ୍କୁ ନେଇ ଆମେ ଓଡ଼ିଶାବାସୀ ଗର୍ବ ଅନୁଭବ କରୁ । କାରଣ ତାଙ୍କର ରଚନାଗୁଡ଼ିକର ଶବ୍ଦଚୟନ ଯେପରି ବଳିଷ୍ଠ, ରଚନାଶୈଳୀ ସେପରି ଉଚ୍ଚକୋଟୀର ଅଟେ ।

ତୁମେ ତୁମର କେଉଁସବୁ କଥାପାଇଁ ଗର୍ବ ଅନୁଭବ କର ? କୁହ ।

(ସୂଚନା : ଏହି କଥାଗୁଡ଼ିକ ତୁମ ନିଜ ବିଷୟରେ, ନିଜ ପରିବାର ବିଷୟରେ ବା ଅନ୍ୟ କୌଣସି ବ୍ୟକ୍ତି, ସ୍ଥାନ, ଜିନିଷ, ପ୍ରାଣୀ ଇତ୍ୟାଦିଙ୍କ ବିଷୟରେ ମଧ୍ୟ ହୋଇପାରିବ ।)

## ଶ୍ରେଣୀ ଓ ଗୃହଭାଷା

ଓଡ଼ିଶାର ଭାଷା ଓଡ଼ିଆ । ଆଜିକାଲି ଶିକ୍ଷାର ପ୍ରସାର ଓ ଗଣମାଧ୍ୟମର ବହୁଳ ବ୍ୟବହାରପାଇଁ ପ୍ରାୟତଃ ସମସ୍ତ ଓଡ଼ିଶାବାସୀ ଏକରୁ ଅଧିକ ଭାଷା କହିପାରୁଛନ୍ତି ବା ବୁଝିପାରୁଛନ୍ତି । ତୁମେ କେଉଁସବୁ ଭାଷା କହିପାର ଓ ବୁଝିପାର ? ତୁମ ସାଙ୍ଗ କେଉଁସବୁ ଭାଷା କହିପାରେ ଓ ବୁଝିପାରେ ? ଏହି ବିଷୟରେ ନିମ୍ନରେ ଦିଆଯାଇଥିବା ତାଲିକାକୁ ପୂରଣ କର ।

| କ୍ର.ସଂ. | ମୁଁ ଯେଉଁସବୁ ଭାଷାକୁ ବୁଝେ ଓ କୁହେ | ମୋ' ସାଙ୍ଗ ଯେଉଁସବୁ ଭାଷାକୁ ବୁଝେ ଓ କୁହେ | ମୋ ପରିବାରର ସଦସ୍ୟମାନେ ଯେଉଁସବୁ ଭାଷାକୁ ବୁଝନ୍ତି ଓ କୁହନ୍ତି |
|---|---|---|---|
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| ମୋଟ ସଂଖ୍ୟା | | | |

(ସୂଚନା – ଏହି ତାଲିକାକୁ ପୂରଣ କରିବାପାଇଁ ତୁମେ ନିଜ ସାଙ୍ଗସାଥୀ ଓ ପରିବାରର ସଦସ୍ୟମାନଙ୍କୁ ପଚାରି ବୁଝିବ । ପ୍ରଥମେ ଭାଷାସବୁର ନାମ ଲେଖିବାକୁ ହେବ । ଶେଷରେ ସେହି ଭାଷାର ନାମଗୁଡ଼ିକୁ ଗଣନା କରି ମୋଟ ସଂଖ୍ୟାରେ ଲେଖିବାକୁ ପଡ଼ିବ ।)



https://withteachers.in/



## ପ୍ରଶଂସା ବା ଅନୁକୂଳ ମତାମତ

"ଢେଙ୍କାନାଳ, ପାଲଲହଡ଼ା, ବାମଣ୍ଡା,ବଣେଇ ଏବଂ କେନ୍ଦୁଝରର ଅନ୍ୟାନ୍ୟ ଶତଶତ ପର୍ବତ ଦୂର ଆକାଶରେ ଚିତ୍ରପଟ ପ୍ରାୟ ପ୍ରତିଭାତ ହେଉଥିଲେ ।"

ଏହି ଭ୍ରମଣକାହାଣୀରେ ଲେଖକ ରାଧାନାଥ ରାୟ ପର୍ବତଗୁଡ଼ିକୁ, ଆକାଶରେ ଅଙ୍କିତ ଚିତ୍ର ଭଳି ଦେଖାଯାଉଥିବା କଥାକୁ ଲେଖି ଅନୁକୂଳ ମତ ଦେଇଛନ୍ତି ।

ଜଣେ ବ୍ୟକ୍ତିଙ୍କର କାର୍ଯ୍ୟକଳାପ ବା ଗୁଣକୁ ବିଭିନ୍ନ ଭାବରେ ପ୍ରଶଂସା କରି ହେବ ବା ସେହି ସମ୍ପର୍କରେ ଅନୁକୂଳ ମତାମତ ଦେଇହେବ । ଏବେ ତୁମେ ପରବର୍ତ୍ତୀ ସାରଣୀ ପୂରଣ କର । ପ୍ରଥମେ ନାମ, ତା'ପରେ ସେମାନଙ୍କ ପ୍ରଶଂସାରେ ଗୋଟିଏ ଗୋଟିଏ ବାକ୍ୟ ଲେଖ । କିନ୍ତୁ ମନେରଖିବ- ପ୍ରତ୍ୟେକଥର ପ୍ରଶଂସା ବା ଅନୁକୂଳ ମତାମତକୁ ଅଲଗା ଅଲଗା ପ୍ରକାରରେ ଲେଖିବ ।

### ପ୍ରଶଂସାର ତାଲିକା

| | ନାମ | ପ୍ରଶଂସା ବା ଅନୁକୂଳ ମତର ବାକ୍ୟ |
|---|---|---|
| ବିଷୟରେ | | |
| ପରିବାର ସଦସ୍ୟ | | |
| ଶିକ୍ଷକ | | |
| ସାଙ୍ଗ | | |
| ପଶୁ | | |
| ସ୍ଥାନ | | |
| ପରିବା | | |
| ଗଛ | | |




https://withteachers.in/

## ଚିତ୍ରଭିତ୍ତିକ ସୂଚନା (ଇନ୍‌ଫୋଗ୍ରାଫିକ୍ସ)

ନିମ୍ନରେ ଦିଆଯାଇଥିବା ଚିତ୍ରକୁ ଦେଖ । ସେଥିରେ ଚିତ୍ର ସହ ବହୁତ କମ୍ ଶବ୍ଦରେ କେତେକ ଜାଣିବା କଥା ଦିଆଯାଇଛି । ଏହାକୁ 'ଚିତ୍ରଭିତ୍ତିକ ସୂଚନା' କୁହାଯାଏ ।

**ଜଳର ସୁରକ୍ଷା, ଜୀବନ ରକ୍ଷା**




**ଜଳ ହିଁ ଜୀବନ**

(କ) ଏହି 'ଚିତ୍ରଭିତ୍ତିକ ସୂଚନା'କୁ ଆଧାର କରି 'ଜଳ ହିଁ ଜୀବନ' ଉପରେ ଏକ ଅନୁଚ୍ଛେଦ ଲେଖ ।

(ଖ) ତୁମ ପସନ୍ଦର ଯେକୌଣସି ବିଷୟ, ଯେପରିକି ବିଦ୍ୟାଳୟ, କୌଣସି ଏକ ବିଶେଷ ଦିନ, ତୁମ ଜୀବନର ଏକ ବିଶେଷ ଘଟଣା ଇତ୍ୟାଦି ଉପରେ ଗୋଟିଏ 'ଚିତ୍ରଭିତ୍ତିକ ସୂଚନା' ଫର୍ଦ୍ଦ ପ୍ରସ୍ତୁତ କର ।

(ସୂଚନା : ତୁମେ ଏହି କାର୍ଯ୍ୟକୁ ତୁମ ସାଙ୍ଗମାନଙ୍କ ସହିତ ମିଶି କରିପାରିବ । ଏଥିପାଇଁ ତୁମେ ଚିତ୍ର ସଂଗ୍ରହ କରି କାଗଜ ଉପରେ ଅଠାଦେଇ ଲଗାଇ ପାରିବ ବା ଚିତ୍ର ଅଙ୍କନ କରିପାରିବ । ସୂଚନାଗୁଡ଼ିକପାଇଁ କିଛି ଶବ୍ଦ ଲେଖିପାରିବ । ତୁମେ ଏହି କାମକୁ କମ୍ପ୍ୟୁଟର ବା ମୋବାଇଲ୍ ଫୋନ୍‌ରେ ମଧ୍ୟ କରିପାରିବ ।)



https://withteachers.in/



## ଦସ୍ତଖତ

ତୁମେ ଜାଣ ଯେ ଏହି ଭ୍ରମଣ କାହାଣୀଟି ସୁପ୍ରସିଦ୍ଧ ଲେଖକ ରାଧାନାଥ ରାୟ ଲେଖିଛନ୍ତି । ତାଙ୍କ ଗ୍ରନ୍ଥାବଳୀ ଉପରେ ତାଙ୍କ ନାମ ନିମ୍ନ ପ୍ରକାରର ଲେଖାଅଛି ।




ନିଜର ପରିଚୟ ପ୍ରକାଶ କରିବାପାଇଁ ଏକ ନିର୍ଦ୍ଦିଷ୍ଟ ଉପାୟରେ ନିଜ ନାମ ଲେଖିବାକୁ 'ଦସ୍ତଖତ' କୁହାଯାଏ । ଜଣେ ବ୍ୟକ୍ତି ସାରା ଜୀବନ ବିଭିନ୍ନ ଉଦ୍ଦେଶ୍ୟରେ ଦସ୍ତଖତ କରିଥାଆନ୍ତି । ତୁମକୁ ମଧ୍ୟ ବିଦ୍ୟାଳୟର ପୋଷାକ ବା ପୁସ୍ତକ ନେବା ସମୟରେ ଦସ୍ତଖତ କରିବାକୁ କୁହାଯାଏ । ଗୋଟିଏ ଦରଖାସ୍ତ ଲେଖିବାବେଳେ ମଧ୍ୟ ତୁମେ ଶେଷରେ ଦସ୍ତଖତ କରିଥାଅ ।

ତୁମେ ହୁଏ ତ ଏପର୍ଯ୍ୟନ୍ତ ତୁମର ଦସ୍ତଖତକୁ ଏକ ନିର୍ଦ୍ଦିଷ୍ଟ ରୂପ ଦେଇନାହଁ । ତୁମେ ଚାହିଁଲେ ଆଜି ତୁମର ଦସ୍ତଖତକୁ ଏକ କଳାତ୍ମକ ରୂପ ଦେଇପାରିବ । ତଳେ ଦିଆଯାଇଥିବା ଖାଲିସ୍ଥାନରେ ପାଞ୍ଚଥର ତୁମ ଦସ୍ତଖତ କର । କିନ୍ତୁ ମନେରଖିବ- ଯେମିତି ପ୍ରତିଥର ତୁମ ଦସ୍ତଖତ ଏକ ପ୍ରକାରର ହେବ ।

୧.

୨.

୩.

୪.

୫.



## ପତ୍ର ବା ଚିଠି

ଉକ୍ତ ପତ୍ରଟି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଉଦ୍ଦେଶ୍ୟରେ ଲିଖିତ । ରାଧାନାଥ ରାୟଙ୍କ ଲିଖିତ ପତ୍ରର ନମୁନା ତଳେ ଦିଆଗଲା । ଏହାକୁ ମନଦେଇ ପଢ଼ ଓ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।



https://withteachers.in/

କଟକ
୦୬.୧୨.୧୮୯୪

**ପ୍ରିୟତମ ଗଙ୍ଗାଧରବାବୁ,**

ଆପଣଙ୍କର ପ୍ରେରିତ ଅନୁଗ୍ରହ ଉପହାର ସକୃତଜ୍ଞ ଚିତ୍ତରେ ଗ୍ରହଣ କଲି । ମୋହୋର ମତ ପୁସ୍ତକର ଅଙ୍ଗୀଭୂତ ସ୍ଥଳେ ପୁନର୍ବାର ମତ ପ୍ରଦାନ ଅନାବଶ୍ୟକ । ତଥାଚ ଅବକାଶମତେ ମୁଁ ଗୋଟିଏ ସଂକ୍ଷିପ୍ତ ସମାଲୋଚନା ହିତୈଷିଣୀ ଅଫିସକୁ ପଠାଇବି ।

ସମସ୍ତ ସମ୍ପାଦକ ଏବଂ ଲବ୍ଧପ୍ରତିଷ୍ଠ ସାହିତ୍ୟବିତ୍ ବ୍ୟକ୍ତିଙ୍କଠାରୁ ଅତିଶୀଘ୍ର ଖଣ୍ଡିଏ ଖଣ୍ଡିଏ ପୁସ୍ତକ ଉପହାର ସ୍ୱରୂପ ପଠାଇବା ହେବେ । ହିତୈଷିଣୀ ବ୍ୟତୀତ ଅନ୍ୟାନ୍ୟ ସମ୍ବାଦପତ୍ରର ସମ୍ପାଦକଙ୍କଠାରୁ ସାହିତ୍ୟ ସମ୍ବନ୍ଧରେ କୌଣସି ନିର୍ଭରଯୋଗ୍ୟ ମତ ଅଥବା ଉପଦେଶ ପାଇବାର ଆଶା ଦୂରାଶା ମାତ୍ର । କେବଳ ଶିଷ୍ଟାଚାର ରକ୍ଷା ନିମନ୍ତେ ପୁସ୍ତକ ପଠାଇବାର ବାଞ୍ଛନୀୟ ।

କେହି ପ୍ରତିକୂଳ ମତ ଦେଲେ ସେଥିରେ ଭ୍ରୂକ୍ଷେପ କରିବାର ଅନୁଚିତ୍ । ପ୍ରତିଷ୍ଠା ବୃଦ୍ଧି ସଙ୍ଗେସଙ୍ଗେ ଆପଣଙ୍କର ଅନେକ ଅନିବନ୍ଧନ ବାନ୍ଧବ ଏବଂ ଅନିବନ୍ଧନ ଶତ୍ରୁ ବାହାରିବେ । ଏଥିପାଇଁ ଆପଣ ପୂର୍ବରୁ ପ୍ରସ୍ତୁତ ଥିବାର ଭଲ ।

ଇନ୍ଦୁମତୀ ଏବଂ ଉତ୍କଳଲକ୍ଷ୍ମୀ ଏ ଉଭୟ ହିଁ ଉତ୍କଳଭାଷାର ସ୍ଥାୟୀ ସମ୍ପତ୍ତି । ଏହା ମୁଁ ମୁକ୍ତକଣ୍ଠରେ ଅନେକ ଲୋକଙ୍କ ସମ୍ମୁଖରେ କହିଅଛି ଏବଂ ଆଜୀବନ କହିବି ।

ଉତ୍କଳଲକ୍ଷ୍ମୀ ପ୍ରଭାରେ କେବେ ବାହାରିବ ?

ବରପାଲି ମହାରାଜ ଇନ୍ଦୁମତୀ ପ୍ରଣେତାଙ୍କର କି ସତ୍କାର କଲେ ? ତାହାଙ୍କର ସାହିତ୍ୟ ଜ୍ଞାନ କିପରି ?

ଅଧିକାଂଶ ତଥାକଥିତ ରାଜାଙ୍କ ସମ୍ବନ୍ଧରେ ଆପଣଙ୍କର "ଥାଇ ସେ ନ ଥିଲା ପରି" ଉକ୍ତି ସମ୍ପୂର୍ଣ୍ଣ ସତ୍ୟ ଅଟେ ।

ଆପଣଙ୍କର

ଶ୍ରୀ ରାଧାନାଥ ରାୟ

(କ) ପତ୍ରଟି କିଏ ଲେଖିଛନ୍ତି ?

(ଖ) ପତ୍ରଟି କାହାକୁ ଲେଖାଯାଇଛି ?

(ଗ) ପତ୍ରଟି କେବେ ଲେଖାଯାଇଛି ?

(ଘ) ପତ୍ରଟି କେଉଁସ୍ଥାନରୁ ଲେଖାଯାଇଛି ?

(ଙ) ପତ୍ରର ପ୍ରାପ୍ତକଙ୍କ ନାମ ପୂର୍ବରୁ କେଉଁ ଶବ୍ଦ ବ୍ୟବହାର କରାଯାଇଛି ?

(ଚ) ପତ୍ରର ପ୍ରେରକଙ୍କ ନାମ ପୂର୍ବରୁ କେଉଁ ଶବ୍ଦ ଲେଖାଯାଇଛି ?



https://withteachers.in/

## ସମସ୍ୟା ସମାଧାନ

(କ) ଓଡ଼ିଶାର ମାନଚିତ୍ର ଅଙ୍କନ କରି ସେଥିରେ କେନ୍ଦୁଝର ଜିଲ୍ଲାକୁ ଦର୍ଶାଅ ।

(ଖ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦେବାପାଇଁ ତୁମେ ଇଣ୍ଟରନେଟ୍, ଅଭିଭାବକ ବା ଶିକ୍ଷକଙ୍କ ସହାୟତା ନେଇପାରିବ ।

(୧) କେନ୍ଦୁଝର ଜିଲ୍ଲା ଓଡ଼ିଶାର କେଉଁ ଦିଗରେ ଅବସ୍ଥିତ ?

(୨) କୁଶଳେଶ୍ୱର ମନ୍ଦିର କେନ୍ଦୁଝରର କେଉଁ ସ୍ଥାନରେ ଅଛି ?

(୩) କେନ୍ଦୁଝରରେ କେଉଁସବୁ ଆଦିବାସୀ ସଂପ୍ରଦାୟର ଲୋକମାନେ ବାସ କରନ୍ତି ?

(୪) କେନ୍ଦୁଝରର ପ୍ରସିଦ୍ଧ ସ୍ଥାନଗୁଡ଼ିକର ନାମ ଲେଖ । ସେଗୁଡ଼ିକ କାହିଁକି ପ୍ରସିଦ୍ଧ ?

(୫) କେନ୍ଦୁଝର ଜିଲ୍ଲାକୁ ଲାଗି ରହିଥିବା ଓଡ଼ିଶାର ଅନ୍ୟ ଜିଲ୍ଲାଗୁଡ଼ିକର ନାମ ଲେଖ ।

(୬) ଲେଖକ ନିଜ ଭ୍ରମଣକଥାରେ ପ୍ରକାଶ କରିଛନ୍ତି ଯେ- 'ମାତ୍ର ଆଜି ପର୍ଯ୍ୟନ୍ତ ଆନନ୍ଦପୁରରୁ କେନ୍ଦୁଝରଗଡ଼କୁ ଗୋଟିଏ ସଡ଼କ ପ୍ରସ୍ତୁତ ନ ହେବାର ଅତ୍ୟନ୍ତ ଦୁଃଖର କଥା ।'

ବର୍ତ୍ତମାନ ସେହି ସ୍ଥାନକୁ ଗମନାଗମନ ନିମନ୍ତେ କ'ଣ ସବୁ ସୁବିଧା କରାଯାଇଛି ? ସେହି ମାର୍ଗରେ ଥିବା ଘଟଗାଁ ଦେବୀ ତାରିଣୀଙ୍କ ମନ୍ଦିରକୁ ଲୋକମାନେ କିପରି ଆସି ପାରୁଛନ୍ତି ?

## ଆଜିର ପ୍ରହେଳିକା

ଆଜି ତୁମପାଇଁ ଗୋଟିଏ ସୁନ୍ଦର ପ୍ରହେଳିକା ଏଠାରେ ଦିଆଯାଇଛି । ନିମ୍ନରେ ବାକ୍ୟଟିଏ ଲେଖାଯାଇଛି । ତା'ର ଅର୍ଥ ବୁଝ ଓ ସେହି ଅନୁସାରେ ଆଉ ତିନୋଟି ବାକ୍ୟ ଲେଖ ।

(ସୂଚନା : ବାକ୍ୟକୁ ମୂଳରୁ ଶେଷ ଶବ୍ଦ ପର୍ଯ୍ୟନ୍ତ ପଢ଼ିଲେ ଯେଉଁ କଥା ବୁଝିବ, ଶେଷଶବ୍ଦରୁ ମୂଳଶବ୍ଦ ଯାଏ ପଢ଼ିଲେ ସେଇକଥା ହିଁ ବୁଝାପଡ଼ିବ ।)

ମୋର ଭାଷା, ମୋର ସ୍ୱାଭିମାନ ।

ମୋର ..................

ମୋର ..................

ମୋର ..................



https://withteachers.in/



## ଅନୁସନ୍ଧାନ କରିବା

ନିମ୍ନଲିଖିତ ଭ୍ରମଣକାହାଣୀଗୁଡ଼ିକୁ ପାଠାଗାର ବା ଇଣ୍ଟରନେଟ୍‌କୁ ଖୋଜି ପଢ଼ ଓ ସାଙ୍ଗମାନଙ୍କ ସହ ଆଲୋଚନା କର ।

- ଉତ୍କଳ ଭ୍ରମଣମ୍‌ - ଫକୀରମୋହନ ସେନାପତି
- ଦୂର ଦୂରାନ୍ତର - ମନୋଜ ଦାସ
- ପେକିଂ ଡାଇରୀ - ସୁରେନ୍ଦ୍ର ମହାନ୍ତି
- ବିଲାତକଥା - ଶତ୍ରୁଘ୍ନ ନାଥ
- ପଶ୍ଚିମ ପଥିକ - ଡ. ମାୟାଧର ମାନସିଂହ
- କେମ୍ବ୍ରିଜ୍ ଅଧିବାସ - ଡ. ପ୍ରାଣକୃଷ୍ଣ ପରିଜା
- ଲଣ୍ଡନ ଚିଠି - ଗୋଲୋକବିହାରୀ ଧଳ



https://withteachers.in/

# ଆମ ଲେଖା ଆମ ଚିତ୍ର



https://withteachers.in/

୧୩



# ବୃକ୍ଷଲତା ଆମର ବନ୍ଧୁ

ସୁନ୍ଦର ଶ୍ୟାମଳ ଅରଣ୍ୟ । ତା' ମଧ୍ୟରେ ପବିତ୍ର ଋଷିଙ୍କ ଆଶ୍ରମ । ଶିଷ୍ୟମାନେ ଅଧ୍ୟୟନରତ । ସେମାନଙ୍କର ଶିକ୍ଷା କେବଳ ପୁସ୍ତକ-ପଠନ ମଧ୍ୟରେ ସୀମିତ ନୁହେଁ । ଉଦ୍ୟାନକର୍ମ, ଗୋ-ସେବା, କୃଷିକାର୍ଯ୍ୟ, ରନ୍ଧନ, ସମିଧ ସଂଗ୍ରହ ଇତ୍ୟାଦି ମଧ୍ୟ ଏହି ଶିକ୍ଷାର ଅନ୍ତର୍ଭୁକ୍ତ ।

ଏକଦା ଗୁରୁଶିଷ୍ୟମାନଙ୍କୁ ପରୀକ୍ଷା କରିବାକୁ ସ୍ଥିର କଲେ । ସେ ଆଖପାଖରେ ଥିବା ବୃକ୍ଷଲତାଗୁଡ଼ିକୁ ଦେଖିଆସିବାପାଇଁ ସେମାନଙ୍କୁ ପଠାଇଲେ ଏବଂ କେଉଁ ବୃକ୍ଷ ବା ଲତାଟି ମନୁଷ୍ୟର ଉପକାରରେ ଆସୁନାହଁ, ତାହା ଜଣାଇବାପାଇଁ ନିର୍ଦ୍ଦେଶ ଦେଲେ ।

ଶିଷ୍ୟମାନେ ନିଜନିଜ କାର୍ଯ୍ୟରେ ଲାଗିଗଲେ। ବୃକ୍ଷଲତାମାନଙ୍କର ଗୁଣଦୋଷ ଅନୁଧ୍ୟାନ କଲେ । କେତେଦିନ ପରେ ସେମାନେ ଫେରିଆସି କେଉଁ ଗଛ ଦରକାରୀ ଓ କେଉଁ ଗଛ ଅଦରକାରୀ ତାହା ଗୁରୁଙ୍କୁ ଜଣାଇଲେ ।



https://withteachers.in/

କିନ୍ତୁ ଜଣେ ଶିଷ୍ୟଙ୍କର ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କରିବାରେ ବିଳମ୍ବ ହେଲା । ସେତେବେଳେ ଦୀର୍ଘ ଏକବର୍ଷ ଅତୀତ ହୋଇଯାଇଥାଏ । ସେ ଆସି କହିଲେ,-"ଗୁରୁଦେବ, ମୁଁ କେତେ ଗାଁଗଣ୍ଡା, ବଣଜଙ୍ଗଲ ଓ ପାହାଡ଼ପର୍ବତ ବୁଲିଲି । କେଉଁଠି ଗୋଟିଏ ହେଲେ ଅଦରକାରୀ ଗଛ ବା ଲତା ଦେଖିଲି ନାହିଁ । ପ୍ରତ୍ୟେକ ଗଛଲତାର ଉପକାରିତା ଅଛି । ପ୍ରତ୍ୟେକ ଉଦ୍ଭିଦରେ ଔଷଧୀୟଗୁଣ ଭରିରହିଛି । ସତେ ଯେପରି ମଣିଷ ଓ ପଶୁପକ୍ଷୀଙ୍କୁ ରୋଗମୁକ୍ତ କରି ସେମାନଙ୍କୁ ସୁସ୍ଥସବଳ ରଖିବାପାଇଁ ସେମାନେ ଜନ୍ମ ନେଇଛନ୍ତି ।"

ଗୁରୁ ହସିହସି କହିଲେ, -"ତୁମ କଥା ଶୁଣି ମୁଁ ଅତ୍ୟନ୍ତ ଆନନ୍ଦିତ । ତୁମ ପାଣ୍ଡିତ୍ୟରେ ମଧ୍ୟ ଗର୍ବିତ । ତୁମ ଶିକ୍ଷା ସଂପୂର୍ଣ୍ଣ ହୋଇଛି । ଏଥର ତୁମେ ସ୍ୱଗୃହକୁ ଫେରିଯାଅ । ସମାଜ ସେବାରେ ମନୋନିବେଶ କର ।"

ସେହି ଶିଷ୍ୟଜଣକ ହେଉଛନ୍ତି 'ଚରକ' । ପରବର୍ତ୍ତୀ ଜୀବନରେ ସେ ଜଣେ ଚିକିତ୍ସାବିଜ୍ଞାନୀ ଭାବରେ ସୁପ୍ରତିଷ୍ଠିତ ହୋଇଥିଲେ । ତାଙ୍କ ରଚିତ ଶାସ୍ତ୍ରଟିର ନାମ 'ଚରକ ସଂହିତା' ।

ବୃକ୍ଷଲତା ମନୁଷ୍ୟର ଏକାନ୍ତ ଉପକାରୀ ବନ୍ଧୁ । ପୁରାଣରେ ବର୍ଣ୍ଣିତ ଅଛି ଯେ, ସୁସନ୍ତାନମାନଙ୍କୁ ଜନ୍ମଦେବାଠାରୁ ବୃକ୍ଷରୋପଣ ଅଧିକ ପୁଣ୍ୟକାର୍ଯ୍ୟ । ଏହି କାରଣରୁ ପୂର୍ବେ ବୃକ୍ଷରୋପଣ କରି ଲୋକେ ଆନନ୍ଦ ଲାଭ କରୁଥିଲେ । ବିଭିନ୍ନ ପର୍ବପର୍ବାଣି, ଏପରିକି ଦୈନନ୍ଦିନ ଜୀବନରେ ବୃକ୍ଷଲତାର ପୂଜା ଏକ ବିଶିଷ୍ଟ ସ୍ଥାନ ଲାଭ କରିଥିଲା ।

ବୃକ୍ଷଲତା ମଣିଷର କେତେ ଯେ ଉପକାର କରନ୍ତି, ତାହା କଳନା କରାଯାଇ ପାରିବ ନାହିଁ । ପ୍ରକୃତି ଓ ପରିବେଶର ସୁରକ୍ଷା, ମୃତ୍ତିକା ସଂରକ୍ଷଣ, ଜଳବାୟୁ ନିୟନ୍ତ୍ରଣ ଏବଂ ମନୁଷ୍ୟକୁ ତା'ର ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଯୋଗାଇବାରେ ବୃକ୍ଷଲତାଙ୍କର ଅଶେଷ ଭୂମିକା ରହିଅଛି ।

ବୃକ୍ଷଲତା ବର୍ଷା ହେବାରେ ସାହାଯ୍ୟ କରନ୍ତି; ମାତ୍ର ଏବେ ଅରଣ୍ୟ ସଂପଦ ହ୍ରାସ ପାଇଥିବାରୁ ବୃଷ୍ଟିପାତରେ ଅନେକ ଅନିୟମିତତା ଦେଖାଦେଇଛି । ଏହି ଅନିୟମିତ ବର୍ଷା ପୃଥିବୀର ବହୁ ଦେଶରେ ବହୁ ଦୁର୍ଗତିର କାରଣ ବୋଲି ବିବେଚିତ ହେଉଛି ।

ଆମ ରାଜ୍ୟର କଳାହାଣ୍ଡି ଜିଲ୍ଲାରେ ବାରମ୍ବାର ଅନାବୃଷ୍ଟି ଓ ଦୁର୍ଭିକ୍ଷ ଘଟୁଛି । ଅରଣ୍ୟ ସମ୍ପଦର ବିନାଶ ହିଁ ଏହାର ପ୍ରଧାନ କାରଣ । ଠିକ୍ ଏହି କାରଣରୁ ହିଁ ପୃଥିବୀର ବିଭିନ୍ନ ସ୍ଥାନରେ ଅନାବୃଷ୍ଟି ହୋଇ ଦୁର୍ଭିକ୍ଷ ଦେଖାଦେଉଛି ଏବଂ ସମଗ୍ର ମାନବଜାତି ଏଥିପାଇଁ ଆତଙ୍କିତ ହୋଇପଡ଼ିଛି ।

ବୃକ୍ଷଲତା ଆଲୋକସଂଶ୍ଲେଷଣ ପ୍ରକ୍ରିୟାରେ ବାୟୁରୁ ଅଙ୍ଗାରକାମ୍ଳବାଷ୍ପ ଗ୍ରହଣ କରି ଅମ୍ଳଜାନ ଛାଡ଼ନ୍ତି; କିନ୍ତୁ ମନୁଷ୍ୟ ଓ ପଶୁପକ୍ଷୀ କେବଳ ଅମ୍ଳଜାନ ହିଁ ଆବଶ୍ୟକ କରିଥାନ୍ତି । ଏହିପରି ଉଦ୍ଭିଦଜଗତ ଅମ୍ଳଜାନ ଯୋଗାଇ ଦୂଷିତ ବାୟୁମଣ୍ଡଳକୁ ବିଶୁଦ୍ଧ କରିବାରେ ବିଶେଷ ସହାୟକ ହୋଇଥାଏ ।

କଳକାରଖାନାର ପ୍ରତିଷ୍ଠା, ରେଳ, ମଟର, ଟ୍ୟାକ୍ସି, ସ୍କୁଟର ପ୍ରଭୃତିର ବହୁଳ ବ୍ୟବହାରଯୋଗୁଁ ବାୟୁମଣ୍ଡଳରେ ପ୍ରଚୁର ଅଙ୍ଗାରକାମ୍ଳ ବାଷ୍ପ ମିଶିଥାଏ । ଏହା ମନୁଷ୍ୟର ସ୍ୱାସ୍ଥ୍ୟପକ୍ଷେ ବିଶେଷ କ୍ଷତିକାରକ । ବୃକ୍ଷଲତାଗୁଡ଼ିକ ଏହି ଅଙ୍ଗାରକାମ୍ଳ ଗ୍ରହଣ କରି ପରିବେଶକୁ ପ୍ରଦୂଷଣମୁକ୍ତ କରିଥାନ୍ତି; ମାତ୍ର ବର୍ତ୍ତମାନ କାଳରେ ବୃକ୍ଷଲତା ଅଭାବରେ ମନୁଷ୍ୟ କିପରି ବିପଦର ସମ୍ମୁଖୀନ ହୋଇଛି, ତାହା ସହଜରେ ଅନୁମେୟ ।



https://withteachers.in/

ବୃକ୍ଷଲତା ମୃତ୍ତିକା ସଂରକ୍ଷଣରେ ମଧ୍ୟ ସାହାଯ୍ୟ କରିଥାନ୍ତି । ସେମାନେ ଭୂମି ଭିତରେ ଚେର ବିସ୍ତାର କରି ଏବଂ ଉପରେ ଡାଳପତ୍ର ଢାଙ୍କି ବର୍ଷା ଓ ଜଳସ୍ରୋତରୁ ମୃତ୍ତିକାକୁ ରକ୍ଷା କରନ୍ତି । ମାତ୍ର ଯେଉଁ ଅଞ୍ଚଳରେ ଜଙ୍ଗଲ ନଷ୍ଟ ହୋଇଥାଏ, ସେଠାରେ ସହଜରେ ମାଟି ଧୋଇ ହୋଇଯାଏ । ସେହି ଭୂମି ଶୁଷ୍କ, ଟାଙ୍ଗର ଓ ଅନୁର୍ବର ହୋଇ ପଡ଼ିରହେ ।

ପୂର୍ବେ ଯେଉଁ ଅଞ୍ଚଳ ସୁନ୍ଦର ଓ ଶ୍ୟାମଳ ଶୋଭା ସମ୍ପଦରେ ପରିପୂର୍ଣ୍ଣ ଥିଲା, ଅରଣ୍ୟ ନଷ୍ଟ ହେବା ଫଳରେ ଆଜି ତାହା ନୀରସ, କଙ୍କରିଳ ଓ ଊଷର ଭୂମିରେ ପରିଣତ ହୋଇଛି । ସେଥିପାଇଁ ବ୍ୟାପକ ବନୀକରଣଦ୍ୱାରା ମରୁଭୂମିର ସଂପ୍ରସାରଣରୁ ପୃଥିବୀକୁ ରକ୍ଷାକରିବାକୁ ଉଦ୍ୟମ ହେଉଛି ।

ବଣଜଙ୍ଗଲ ନଷ୍ଟହେବା ଫଳରେ ମୃତ୍ତିକା କ୍ଷୟ ଘଟି ଜଳଭଣ୍ଡାର ଓ ନଦୀ, ପୁଷ୍କରିଣୀର ଶଯ୍ୟା ପୋତି ହୋଇଯାଏ । ବହୁ ଅର୍ଥ ବ୍ୟୟରେ ନିର୍ମିତ ଆମ ହୀରାକୁଦ ଜଳଭଣ୍ଡାର ଅନୁରୂପ ବିପଦର ସମ୍ମୁଖୀନ ହୋଇଛି । ଏହାର ପ୍ରତିକାର ଜଳଭଣ୍ଡାରର ଚତୁଃପାର୍ଶ୍ୱରେ ବିସ୍ତୃତ ଅରଣ୍ୟ ସୃଷ୍ଟିଦ୍ୱାରା ହିଁ ସମ୍ଭବ ।

ନିର୍ବିଚାରରେ ଜଙ୍ଗଲମାନ ଧ୍ୱଂସ କରାଯାଉଥିବାରୁ କାଠ, ଲାଖ, ଝୁଣା ଆଦି ଜଙ୍ଗଲଜାତ ପଦାର୍ଥ କ୍ରମେ ଦୁର୍ମୂଲ୍ୟ ହୋଇପଡୁଛି । ଘନ ଜଙ୍ଗଲ ଅଭାବରୁ ଅନେକ ପଶୁପକ୍ଷୀ ମଧ୍ୟ ଲୋପ ପାଇଲେଣି । ଏବେ ବଞ୍ଚିରହିଥିବା ଦୁର୍ଲଭ ଜୀବଜନ୍ତୁମାନଙ୍କର ସ୍ୱର ହୁଏତ ଆଉ କେତେ ଦିନ ପରେ ଶୁଣାଯିବ ନାହିଁ । ଅରଣ୍ୟଲବ୍ଧ ବହୁ ଔଷଧ, ଖାଦ୍ୟପଦାର୍ଥ ଓ ଅନ୍ୟାନ୍ୟ କଞ୍ଚାମାଲ୍‌ର ଅଭାବ ବଢ଼ିବାରେ ଲାଗିଛି । ମାନବର ପରମ କର୍ତ୍ତବ୍ୟ ହେଉଛି ଅରଣ୍ୟର ଯତ୍ନ ନେଇ ଏହି ପଶୁପକ୍ଷୀ ଓ ଜଙ୍ଗଲଜାତ ପଦାର୍ଥଗୁଡ଼ିକର ବିକାଶ ଘଟାଇବା ।





https://withteachers.in/

ଉଦ୍ଭିଦ ଓ ପ୍ରାଣୀ ପରସ୍ପର ନିର୍ଭରଶୀଳ । ପ୍ରାଣୀଜଗତର ବିନା ସାହାଯ୍ୟରେ ଉଦ୍ଭିଦଜଗତ ବଞ୍ଚିପାରେ; ମାତ୍ର ଉଦ୍ଭିଦଜଗତ ବ୍ୟତୀତ ପ୍ରାଣୀଜଗତ ବଞ୍ଚିବା ଏକାନ୍ତ ଅସମ୍ଭବ । ବାୟୁମଣ୍ଡଳର ବିଶୁଦ୍ଧତା, ବୃଷ୍ଟିପାତ, ମୃତ୍ତିକା ସଂରକ୍ଷଣ, ବିଭିନ୍ନ ଖାଦ୍ୟ, ପାନୀୟ, ବସ୍ତ୍ର ଓ ବାସଗୃହ ଇତ୍ୟାଦି ପାଇଁ ଆମେ ଉଦ୍ଭିଦଜଗତ ନିକଟରେ ଏକାନ୍ତ ଋଣୀ ।

ପୃଥିବୀରେ ଲୋକସଂଖ୍ୟାର ଦ୍ରୁତ ଅଭିବୃଦ୍ଧି ଫଳରେ ଉଦ୍ଭିଦଜଗତ ଉପରେ ପ୍ରବଳ ଚାପ ପଡୁଛି । କ୍ରମଶଃ ଜଙ୍ଗଲ ନଷ୍ଟ ହୋଇଯାଉଛି । ସତେ ଯେପରି ଆମେ ଯେଉଁ ଗଛର ଡାଳରେ ବସିଛୁ, ସେଇ ଡାଳର ମୂଳକୁ ହାଣୁଛୁ । ଏହି ଦୁଷ୍କର୍ମର ଅବସାନ ନ ଘଟିଲେ ଆମ ଦୁର୍ଦ୍ଦଶାର ସୀମା ରହିବ ନାହିଁ ।

ବୃକ୍ଷଲତା ଆମର ବନ୍ଧୁ । ଅରଣ୍ୟ ବିନାଶ ପରିବର୍ତ୍ତେ ନୂତନ ଅରଣ୍ୟ ସୃଷ୍ଟି ଆମର ଲକ୍ଷ୍ୟ ହେବା ଏକାନ୍ତ ଆବଶ୍ୟକ । ଏହି ଦୃଷ୍ଟିରୁ ଆମ ଦେଶରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ମୃତ୍ତିକା ସଂରକ୍ଷଣ, ବନ ସଂରକ୍ଷଣ, ସାମାଜିକ ବନୀକରଣ ଯୋଜନା ପ୍ରଭୃତି ଏହାର ଦୃଷ୍ଟାନ୍ତ ।

ବୃକ୍ଷଲତାକୁ 'ସବୁଜସ୍ୱର୍ଣ୍ଣ' ବୋଲି କୁହାଯାଏ । ଯଥାର୍ଥତଃ ଏହା ସ୍ୱର୍ଣ୍ଣଠାରୁ ମଧ୍ୟ ବହୁ ଗୁଣରେ ମୂଲ୍ୟବାନ । ଆମେ ଏହି ଅମୂଲ୍ୟ ବନସମ୍ପଦର ସୁରକ୍ଷା ଓ ବିକାଶ ନ କଲେ ଆମର ସ୍ଥିତି ବିପନ୍ନ ହୋଇପଡ଼ିବ ।





https://withteachers.in/

# ଲେଖକ ପରିଚୟ



**ଡ. ଜଗନ୍ନାଥ ମହାନ୍ତି (୧୯୩୭-୨୦୧୧)** ପୁରୀଜିଲ୍ଲାର ଗୋପ ଥାନା ଅନ୍ତର୍ଗତ ଜଙ୍ଗଲବରୀ ଗ୍ରାମରେ ଜନ୍ମ ହୋଇଥିଲେ । ସେ ଜଣେ ବିଶିଷ୍ଟ ଶିଶୁସାହିତ୍ୟ ଲେଖକ ଭାବରେ ସୁପରିଚିତ । 'ଦରିଆ ଅଜାର ମଜାଦୁନିଆ' ପୁସ୍ତକପାଇଁ ସେ ଜାତୀୟ ପୁରସ୍କାର ଏବଂ 'ଆଲୁଅର କୁହୁକ ଓ ଶବ୍ଦର ଲୁଚୁକାଳି', 'ଦୂରଦିଗନ୍ତ' ପୁସ୍ତକପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଦୁଇଥର ଲାଭ କରିଥିଲେ । ସେ ଉଚ୍ଚଶିକ୍ଷା ବିଭାଗର ପ୍ରଫେସର ଭାବରେ କାର୍ଯ୍ୟକରି ଅବସର ନେଇଥିଲେ । 'ବୃକ୍ଷଲତା ଆମର ବନ୍ଧୁ' ପାଠରେ ସେ ବୃକ୍ଷଲତାର ଆବଶ୍ୟକତା ବିଷୟରେ ବର୍ଣ୍ଣନା କରିଛନ୍ତି ।

## ପାଠ ଅନ୍ତର୍ଗତ

### ମୋ ବୁଝିବାରେ

(କ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ତାରା (★) ଚିହ୍ନ ଦିଅ ।

୧. କେଉଁଠି ଗୋଟିଏ ହେଲେ ଅଦରକାରୀ ଗଛ ବା ଲତା ଦେଖିଲି ନାହିଁ ।"– ଏକଥା ଚରକ କହିଥିଲେ । ଚରକ କିଏ ?

- ବୈଜ୍ଞାନିକ ☐
- ଗୁରୁଦେବ ☐
- ଉଦ୍ଭିଦ ବିଜ୍ଞାନୀ ☐
- ଚିକିତ୍ସାବିଜ୍ଞାନୀ ☐

୨. "ବୃକ୍ଷଲତା ଆମର ଏକାନ୍ତ ଉପକାରୀ ବନ୍ଧୁ" । କିପରି ?

- ଆମ ପରି ଶ୍ୱାସକ୍ରିୟା କରନ୍ତି । ☐
- ଆମ ସହିତ ଧରିତ୍ରୀରେ ଜନ୍ମଗ୍ରହଣ କରନ୍ତି । ☐
- ବାୟୁକୁ ଶୁଦ୍ଧ କରିବାରେ ସହାୟତା କରନ୍ତି । ☐
- ବାୟୁକୁ ଦୂଷିତ କରିବାରେ ସହାୟତା କରନ୍ତି । ☐

(ଖ) ତୁମେ ଏହି ଉତ୍ତର ଦୁଇଟି କାହିଁକି ବାଛିଲ, ତା'ର କାରଣ ସାଙ୍ଗମାନଙ୍କ ସହ ଆଲୋଚନା କର ।



https://withteachers.in/

## ବାକ୍ୟ ଉପରେ ଆଲୋଚନା

ନିମ୍ନଲିଖିତ ବାକ୍ୟଦୁଇଟିକୁ ମନଦେଇ ପଢ଼ ଓ ଏହାର ଭାବାର୍ଥକୁ ସାଙ୍ଗମାନଙ୍କ ସହ ଆଲୋଚନା କର ଆଲୋଚନାର ସାରାଂଶକୁ ଲେଖ ।

(କ) "ପ୍ରତ୍ୟେକ ଗଛଲତାର ଉପକାରିତା ଅଛି ।"

(ଖ) "ବଣଜଙ୍ଗଲ ନଷ୍ଟ ହେବା ଫଳରେ ମୃତ୍ତିକାକ୍ଷୟ ଘଟି ଜଳଭଣ୍ଡାର ଓ ନଦୀ ପୁଷ୍କରିଣୀର ଶଯ୍ୟା ପୋତି ହୋଇଯାଏ ।"

## ମିଳିମିଶି ଯୋଡ଼ିବା

"ବୃକ୍ଷଲତା ଆମର ବନ୍ଧୁ" ବିଷୟରୁ କିଛି ଶବ୍ଦ ବା ବାକ୍ୟାଂଶ ଓ ତା'ର ଭାବାର୍ଥ ନିମ୍ନରେ ଦିଆଯାଇଛି । ସାଙ୍ଗମାନଙ୍କ ସହିତ ଦଳରେ ଆଲୋଚନା କରି ଶବ୍ଦ ବା ବାକ୍ୟାଂଶ ସହ ତା'ର ଉପଯୁକ୍ତ ଭାବାର୍ଥକୁ ଯୋଡ଼ ।

| ଶବ୍ଦ / ବାକ୍ୟାଂଶ | ଭାବାର୍ଥ |
|---|---|
| ୧. ଅମ୍ଳଜାନ | ୧. ଯିଏ ବନ୍ଧୁ ପରି ଅନ୍ୟର ଉପକାର କରିଥାଏ । |
| ୨. ଅଙ୍ଗାରକାମ୍ଳ | ୨. ବର୍ଷା ନ ହେଲେ ଶସ୍ୟ ବା ଫସଲ ଉତ୍ପାଦନ ହୋଇପାରିବ ନାହିଁ । |
| ୩. ଆଲୋକସଂଶ୍ଳେଷଣ | ୩. ସୁନା ଏକ ମୂଲ୍ୟବାନ ଧାତୁ, ମାତ୍ର ସବୁଜ ରଙ୍ଗରେ ଶୋଭା ପାଉଥିବା ଗଛଲତାଗୁଡ଼ିକ, ସୁନାଠାରୁ ମଧ୍ୟ ମୂଲ୍ୟବାନ । |
| ୪. ସବୁଜସ୍ୱର୍ଣ୍ଣ | ୪. ପ୍ରତ୍ୟେକ ଜୀବଜନ୍ତୁଙ୍କର ଶ୍ୱାସକ୍ରିୟା ନିମନ୍ତେ ଆବଶ୍ୟକ ହେଉଥିବା ବାୟୁର ଏକ ଉପାଦାନ । |
| ୫. ଉପକାରୀ ବନ୍ଧୁ | ୫. ଗଛ ଲଗାଇବାଦ୍ୱାରା ଅମ୍ଳଜାନ ଅଭାବ ପୂରଣ, ମୃତ୍ତିକା ସଂରକ୍ଷଣ, ବୃଷ୍ଟିପାତ ପରି ଅତି ଆବଶ୍ୟକ କାର୍ଯ୍ୟ ହୋଇ ପାରିଥାଏ । ଫଳରେ ସମଗ୍ର ଜୀବଜଗତର ଉପକାର ହୋଇଥାଏ । |
| ୬. ଅନାବୃଷ୍ଟି ହୋଇ ଦୁର୍ଭିକ୍ଷ ଦେଖାଯିବା । | ୬. ଶ୍ୱାସକ୍ରିୟାରେ ଶରୀରରୁ ବାହାରୁଥିବା ବାୟୁର ଏକ ଉପାଦାନ । |
| ୭. ବୃକ୍ଷରୋପଣ ଅଧିକ ପୁଣ୍ୟକାର୍ଯ୍ୟ | ୭. ବୃକ୍ଷଲତା ବାୟୁରୁ ଅଙ୍ଗାରକାମ୍ଳବାଷ୍ପ ଗ୍ରହଣ କରି ଅମ୍ଳଜାନ ଛାଡ଼ିବା ପ୍ରକ୍ରିୟା । |



https://withteachers.in/

## ଚିନ୍ତା କରିବା ।

ବୃକ୍ଷଲତା ଆମର ବନ୍ଧୁ- ବିଷୟଟିକୁ ପଢ଼ି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) ‘ବୃକ୍ଷଲତା’ ନ ଥିଲେ ବାରମ୍ବାର ଅନାବୃଷ୍ଟି ଓ ଦୁର୍ଭିକ୍ଷ ଘଟିବ । କାରଣ କ’ଣ ଲେଖ ।

(ଖ) ପୃଥିବୀପୃଷ୍ଠକୁ ଏତେ ପରିମାଣର ଅଙ୍ଗାରକାମ୍ଳ ବାଷ୍ପ କେଉଁଠାରୁ ଆସୁଛି ?

(ଗ) ଅଙ୍ଗାରକାମ୍ଳବାଷ୍ପର ପରିମାଣ ବଢ଼ିଗଲେ ମଣିଷର କ’ଣ ସବୁ ଅସୁବିଧା ହେବ ?

## ନୂଆକଥା ଲେଖିବା

(କ) ପଠିତ ପ୍ରସଙ୍ଗରେ ଲେଖକ ‘ବୃକ୍ଷଲତା’ ବିଷୟରେ ବର୍ଣ୍ଣନା କରିଛନ୍ତି । ସେହିପରି ତୁମେ ତୁମ ପରିବେଶରେ ଦେଖୁଥିବା ଯେକୌଣସି ପ୍ରସଙ୍ଗ ଉପରେ ଲେଖ ।

ଯଥା- ଆମ ବାଡ଼ିବଗିଚା, ବିଲ, ମୁଁ ଲଗାଇଥିବା ଗଛ, ଗଛର ଯତ୍ନ, ବିଦ୍ୟାଳୟର ଔଷଧୀୟ ବଗିଚା, ଫୁଲକୁଣ୍ଡରେ ପନିପରିବା, ମୋର ପ୍ରିୟ ପରିବା / ଖାଦ୍ୟ ଫୁଲ ଇତ୍ୟାଦି ।

(ଖ) ଲେଖିଥିବା ପ୍ରସଙ୍ଗ ଉପରେ ସାଙ୍ଗମାନଙ୍କ ସହ ଆଲୋଚନା କର ।

## ଅନୁମାନ ଓ କଳ୍ପନା


ସାଙ୍ଗମାନଙ୍କ ସହ ଦଳରେ ଆଲୋଚନା କରି ଲେଖ ।

(କ) “ବୃକ୍ଷଲତା ଆଲୋକସଂଶ୍ଳେଷଣ ପ୍ରକ୍ରିୟାରେ ବାୟୁରୁ ଅଙ୍ଗାରକାମ୍ଳବାଷ୍ପ ଗ୍ରହଣ କରି ଅମ୍ଳଜାନ ଛାଡ଼ନ୍ତି ।” ଯଦି ବୃକ୍ଷ ଅଙ୍ଗାରକାମ୍ଳ ଗ୍ରହଣ କରୁନଥାନ୍ତା, ତେବେ କ’ଣ ଅସୁବିଧା ହୁଅନ୍ତା ?

(ଖ) “ପ୍ରତ୍ୟେକ ଉଦ୍ଭିଦରେ ଔଷଧୀୟ ଗୁଣ ଭରିରହିଛି ।” ଉଦ୍ଭିଦର କେଉଁସବୁ ଔଷଧୀୟ ଗୁଣ ଅଛି ?

## ଆଗକୁ ଯିବା

ମଞ୍ଜିରୁ ବାହାରି ପୁଣିଥରେ ମଞ୍ଜିରେ ପହଞ୍ଚିବାପାଇଁ ନିମ୍ନରେ ଥିବା ଖାଲି ଜାଗାକୁ ପୂରଣ କର ।








https://withteachers.in/

## ମଞ୍ଜିରୁ ଗଛ

- ଗୋଟିଏ ମାଟିପାତ୍ର ବା କୁଣ୍ଡରେ ମାଟି ପୂର୍ଣ୍ଣକରି କଖାରୁମଞ୍ଜି ବା ଲଙ୍କାମଞ୍ଜି ପୋତିଦିଅ ।
- ତା' ଉପରେ ପାଣି ଛିଞ୍ଚି ଦିଅ ।
- ୬-୭ ଦିନ ପର୍ଯ୍ୟନ୍ତ ଅଳ୍ପ-ଅଳ୍ପ ପାଣି ଦିଅ ।
- ସେଥିରେ କ'ଣ ସବୁ ପରିବର୍ତ୍ତନ ଆସୁଛି – ଲକ୍ଷ୍ୟ କର ।
- ନିଜ ଖାତାରେ ସେଗୁଡ଼ିକୁ ଲେଖ ।

(ସୂଚନା – ମଞ୍ଜି ପୋତିଲ, କିପରି ଗଛ ବାହାରିଲା, କେତୋଟି ପତ୍ର ବାହାରିଲା, ଚାରାଗଛ ପ୍ରତିଦିନ କେତେ (ଲମ୍ବରେ) ବଢୁଛି, ଏହା ସୂର୍ଯ୍ୟଙ୍କ ଆଲୋକ ଆସୁଥିବା ଦିଗକୁ ବଢୁଛି କି ନାହିଁ ଇତ୍ୟାଦି) ।

## ଶବ୍ଦର ରୂପ

ନିମ୍ନରେ ଦିଆଯାଇଥିବା ଚିତ୍ରରେ 'ମାଟି' ସହ ଜଡ଼ିତ କେତେକ ଶବ୍ଦ ଦିଆଯାଇଛି । ସେହିପରି ଗଛ / ସୂର୍ଯ୍ୟ / ବର୍ଷା ସହ ଜଡ଼ିତ ଶବ୍ଦଗୁଡ଼ିକ ଚିନ୍ତା କରି ଖାତାରେ ଚିତ୍ର କରି ଲେଖ ।






https://withteachers.in/

# ପାଠ ବାହାରୁ


## ତୁମ କଥା

ନିମ୍ନରେ ଦିଆଯାଇଥିବା ସାରଣୀରେ ପ୍ରତ୍ୟେକ କୋଠରିପାଇଁ ନିଜ ପସନ୍ଦର ତିନୋଟି ଲେଖାଏଁ ନାମ ଲେଖ ।

| ଫୁଲ | ଫଳ | ବୃକ୍ଷ | ପକ୍ଷୀ | ଖେଳ | ପୁସ୍ତକ |
|---|---|---|---|---|---|
| | | | | | |
| | | | | | |
| | | | | | |

## ପ୍ରହେଳିକା

ବୃକ୍ଷଲତା ଆମର ବନ୍ଧୁ ବିଷୟରୁ ଶବ୍ଦ ଖୋଜ ଓ ସେଥିରୁ ଅକ୍ଷର ଆଣି ଶବ୍ଦସିଡ଼ିକୁ ପୂରଣ କର । ଶବ୍ଦଟି ପୂରଣ ହେବା ପରେ ପ୍ରସଙ୍ଗରେ ଥିବା ସମାନ ଶବ୍ଦ ତଳେ ଗାର ଟାଣ ।






https://withteachers.in/



## ଅନୁସନ୍ଧାନ କରିବା

- ପାଠାଗାର ବା ଇଣ୍ଟରନେଟ୍‌ରୁ 'ବୃକ୍ଷ' ସମ୍ବନ୍ଧୀୟ ପୁସ୍ତକ ଆଣି ପଢ଼ ଓ ସାଙ୍ଗମାନଙ୍କ ସହ ଆଲୋଚନା କର ।
- ନିଜ ଖାତାରେ ବିଭିନ୍ନ ଔଷଧୀୟଗୁଣ ଥିବା ପତ୍ରର ଚିତ୍ର କରି ତା'ର ନାମ ଲେଖ । ସେହି ପତ୍ରର ଔଷଧୀୟଗୁଣ ବିଷୟରେ ବଡ଼ମାନଙ୍କଠାରୁ ବୁଝି ବା ଇଣ୍ଟରନେଟ୍‌ରୁ ଖୋଜି ଲେଖ ।



https://withteachers.in/

# ଶବ୍ଦକୋଷ

**ଅ**

ଅଧମ- ନୀଚ

ଅକ୍ଷମ-ଅସମର୍ଥ

ଅଧ୍ୟବସାୟ – ପରିଶ୍ରମ

ଅସାଧ – ଯାହା ସାଧ ନୁହେଁ

ଅଙ୍କୁର – ଗଜା

ଅବିକୃତ – ଅବିକଳ

ଅଗ୍ନି – ନିଆଁ

ଅନାବୃଷ୍ଟି – ବର୍ଷା ନହେବା

ଅଭିବ୍ୟକ୍ତି – କଥନ / ଉକ୍ତି

ଅଧ୍ୟୟନ- ପାଠ ପଢ଼ିବା

ଅନୁର୍ବର – ଯାହା ଉର୍ବର ନୁହେଁ

**ଆ**

ଆମୋଦ-ଆନନ୍ଦ, ଖୁସି

ଆବୋରିଲେ- ଘୋଡ଼ାଇଲେ

ଆୟାସସାଧ୍ୟ- କଷ୍ଟସାଧ୍ୟ

**ଉ**

ଉତ୍କଟ – ତୀବ୍ର

ଉଦ୍ୟମ – ଚେଷ୍ଟା

ଉପଳମୟ – ପଥରରେ ପରିପୂର୍ଣ୍ଣ

ଉପାର୍ଜନ – ରୋଜଗାର

**ଊ**

ଊଷର – କ୍ଷାରଯୁକ୍ତ ଅନୁର୍ବର ଭୂମି

**ଏ**

ଏକଦା – ଏକ ସମୟରେ

ଏକାଗ୍ର – ଏକମନା

**ଐ**

ଐକ୍ୟବୋଧ – ଏକତାର ଭାବ

**ଓ**

ଓସ୍ତାତ – ଗୁରୁ, ବିଶେଷଜ୍ଞ

**କ**

କଦାକାର – ଅସୁନ୍ଦର

କୃତିତ୍ୱ – ସିଦ୍ଧି

କୌଶଳ – ଦକ୍ଷତା

କସରତ – ବ୍ୟାୟାମକୌଶଳ

କଟି – ଅଣ୍ଟା

କଳନା – ଅନୁମାନ

କଙ୍କରିଳ – ଛୋଟଛୋଟ ଗୋଡ଼ିପୂର୍ଣ୍ଣ

କ୍ରୀଡ଼ା – ଖେଳ

**ଖ**

ଖଦ୍ୟୋତ – ଜୁଳୁଜୁଳିଆପୋକ

ଖଣ୍ଡିକ – ଗୋଟିଏ

ଖାଣ୍ଟି – ଶୁଦ୍ଧ

ଖର୍ବାକାର – ଗେଡ଼ା

**ଗ**

ଗ୍ରାସ – ଗିଳିବା

ଗିରିନଦୀ – ପାହାଡ଼ରୁ ବାହାରିଥିବା ନଈ

ଗୃହକୃତ୍ୟ – ଘରକାର୍ଯ୍ୟ



https://withteachers.in/

ଘ

ଘୋର – ଗଭୀର

ଚ

ଚିତ୍ତ – ମନ

ଚମତ୍କପ୍ରଦ – ଆଶ୍ଚର୍ଯ୍ୟଜନକ

ଚିଜ – ଜିନିଷ

ଚୋଠାଲୋକ – କୃପଣ

ଚିକିତ୍ସକ– ଯେ ଚିକିତ୍ସା କରନ୍ତି

ଛ

ଛେଣି – ପଥର ବା ଧାତୁକଟା ନିହଣ

ଜ

ଜିଣି – ଜୟକରି

ଜଳଧି – ସମୁଦ୍ର

ଝ

ଝଟକ – ଚମକ

ଟ

ଟାଙ୍ଗର – ବୃକ୍ଷଲତାହୀନ ପାହାଡ଼ିଆ ଅଞ୍ଚଳ

ତ

ତାପିତ– ଉତ୍ତପ୍ତ

ତେଜ– କିରଣ

ତୋଷ – ସନ୍ତୋଷ

ତୋଷାମଦ – ଚାଟୁକଥା

ତୋବଡ଼ା – ଘୋଡ଼ାମୁହଁରେ ବନ୍ଧାଥିବା ଥଳି

ତୁଚ୍ଛା – ଖାଲି

ଦ

ଦୂଷିତ – ମଇଳା

ଦୁର୍ଗତି – ଦୁରବସ୍ଥା

ଦୈନନ୍ଦିନ – ପ୍ରତିଦିନ

ଦଣ୍ଡେ – କ୍ଷଣେ

ଦୁହିତା – ଝିଅ/କନ୍ୟା

ନ

ନାଦ – ଶବ୍ଦ

ନିଦା – ଶକ୍ତ, ଟାଣ

ନିରାଡ଼ମ୍ବର – ଆଡ଼ମ୍ବରଶୂନ୍ୟ

ନବନୀତ – ଲହୁଣୀ

ନିତ୍ୟ – ସବୁବେଳେ

ନାଲିଶ – ଅଭିଯୋଗ

ନିଶି – ରାତି

ପ

ପାର୍ଶ୍ୱବର୍ତ୍ତୀ – ନିକଟରେ

ପରିକଳ୍ପନା – ଯୋଜନା, ଚିନ୍ତାଦ୍ୱାରା ନିର୍ଣ୍ଣୟ

ପରିପ୍ଲୁତ – ଜଳାଦିରେ ପରିପୂର୍ଣ୍ଣ

ପର୍ଣ୍ଣଶାଳା – ପତ୍ରକୁଡ଼ିଆ

ପୁଷ୍ପିତ – କୁସୁମିତ

ପୀତାମ୍ବର – ହଳଦିଆବସ୍ତ୍ର

ପ୍ରାନ୍ତର – ପଡ଼ିଆ

ପ୍ରଶସ୍ତ – ଓସାରିଆ

ପ୍ରଜ୍ୱଳିତ – ଅତିଶୟଜ୍ୱଳନ



https://withteachers.in/

ପାଷାଣ – ପଥର

ପାରଙ୍ଗମ – ଦକ୍ଷ

ପ୍ରଶ୍ୱାସ – ନାକଦ୍ୱାରା ଯେଉଁ ବାୟୁ ଶରୀରକୁ ଯାଏ

ପିଙ୍ଗ୍‌ପଙ୍ଗ୍ – ଟେବୁଲଟେନିସ୍

ପଣତ/ପଣନ୍ତ – ଶାଢ଼ିର ଶେଷଭାଗ

ପ୍ରମାଦ – ବିପଦ

ପବିତ୍ର – ଶୁଦ୍ଧ

ପଟାନ୍ତର – ତୁଳନା

ପର୍ବତବର – ଶ୍ରେଷ୍ଠପର୍ବତ

ପ୍ରତ୍ୟାବର୍ତ୍ତନ – ଫେରିବା

ପରମ୍ପରା – ଧାରାବାହିକ

ପରିବେଷଣ – ପରଷିବା

ପରିବେଷିତ – ଅର୍ପିତ

**ବ**

ବଲବଲ – କିଛି ନ ବୁଝି ପାରିବା ଭାବ

ବନୀକରଣ – ବୃକ୍ଷରୋପଣ (ବନସୃଷ୍ଟି)

ବିନାଶ – ଧ୍ୱଂସ

ବିରାଜିତ–ବିଦ୍ୟମାନ

ବିଭୁ – ଭଗବାନ

ବହିର୍ଗତ – ବାହାରିଯିବା

ବିଶୁଦ୍ଧ – ଖାଣ୍ଟି

ବିସ୍ମୟ – ଆଶ୍ଚର୍ଯ୍ୟ

ବ୍ୟାୟାମ – ଶାରୀରିକ ଅଙ୍ଗଚାଳନା

ବନସ୍ପତି – ଯେଉଁ ଗଛରେ ଫଳ ହୁଏ କିନ୍ତୁ ଫୁଲ ଧରେ ନାହିଁ, ବର, ଓସ୍ତ (ବଡ଼ଗଛ)

ବିକୃତି – ବିକାର, ବିକୃତଭାବ

ବହୁଳ – ପ୍ରଚୁର

ବୃକ୍ଷରୋପଣ – ଗଛ ଲଗେଇବା

ବୃଷ୍ଟିପାତ – ବର୍ଷା ହେବା

ବିସ୍ମରଣ – ଭୁଲିଯିବା

ବିଟୋଳ – ଅବୁଝା

**ଭ**

ଭେକ – ବେଙ୍ଗ

ଭୁଞ୍ଜନ୍ତି – ଭୋଜନକରନ୍ତି

ଭ୍ରମଣ – ବୁଲିବା

ଭୀରୁ – ଡରୁଆ

**ମ**

ମର୍ଯ୍ୟାଦା – ସମ୍ମାନ, ଗୌରବ

ମତାମତ – ମନର ସମ୍ମତି ଓ ଅସମ୍ମତି ଭାବ

ମହିମା – ଗୌରବ

ମହାତ୍ମା – ମହାପୁରୁଷ

ମହରଗ – ଅଧିକଦାମ୍

ମହୀ – ପୃଥିବୀ

ମଞ୍ଚପୁର – ମର୍ତ୍ତ୍ୟମଣ୍ଡଳ

ମଣ୍ଡୁକ – ବେଙ୍ଗ

ମୃତ୍ତିକା – ମାଟି

ମନସ୍ତାପ – ଅନୁତାପ

**ଯ**

ଯାତନା – କଷ୍ଟ



https://withteachers.in/

# ପ୍ରହେଳିକାର ଉତ୍ତର

| | | | |
|---|---|---|---|
| ୧. | ଜନ୍ମଭୂମି | ନଦୀ | ଗୋଦାବରୀ, ନର୍ମଦା, କାବେରୀ, କୃଷ୍ଣା, ମହାନଦୀ, ବୈତରଣୀ, ବୁଢ଼ାବଳଙ୍ଗ |
| | | ବୁଝିବିଚାରି | ହିମାଳୟ, ମହାକବି, ଭାରତ, ରମଣୀ, କାଳିଦାସ |
| ୩. | ବର୍ଷା | ଅକ୍ଷର ସାରଣୀ | ମେଘ, ମହୀ, ନିଶାମୁଖେ, ଶୂନ୍ୟପଥେ, ମଣ୍ଡୂକେ |
| ୫. | ନୀତି – ବଚନ | ଆଜିର ଧନ୍ଦା | ଲୁଡ୍ଡୁ, ଦିଆସିଲି |
| ୬. | ମୋ ଜୀବନର ଅଭୁଲା କଥା | ଶବ୍ଦ ସାରଣୀ | ଉତ୍ତମ, ଶୁଷ୍କ, ଗରିବ, ବଳିଷ୍ଠ, ଛିଣ୍ଡା, ବୁଢ଼ୀ, ଅଳ୍ପ, ସୁସ୍ଥ |
| ୭. | ଉତ୍କଳ ସନ୍ତାନ | ଶବ୍ଦଧନ୍ଦା | ଗର୍ଭଧାରଣୀ, ମାତା, ଜନ୍ମଦାତ୍ରୀ, ବୋଉ, |
| ୮. | ଛଉନୃତ୍ୟ | ପ୍ରହେଳିକା | ଘଡ଼ଘଡ଼ି, ଇନ୍ଦ୍ରଧନୁ, ଖବରକାଗଜ, ସାରଳା ଦାସ |
| ୯. | ଉଠିଲୁ ଏଡ଼େ ବେଗି କାହିଁକିରେ ? | ଶବ୍ଦ ସାରଣୀ | ଲହୁଣୀ, ସର, ଦହି, ରାବିଡ଼ି, ରସଗୋଲା, ଘିଅ, ଖୁଆ, ଅଧାମ |
| ୧୧. | ଚେତକର ବୀରତା | ବୁଝିଲେ ଜାଣିବ | ଅନ୍ଧାର, ଗୋଲାପଜାମୁ, ଗୁଡ଼ି, ମାନଚିତ୍ର, ଜାଲ |
| ୧୨. | ଭ୍ରମଣକାରୀର ପତ୍ର | ଆଜିର ପ୍ରହେଳିକା | ମୋର ପରବ ମୋର ଗରବ (ଉଦାହରଣ) |
| ୧୩. | ବୃକ୍ଷଲତା ଆମର ବନ୍ଧୁ | ପ୍ରହେଳିକା | ଅବସାନ, ବନୀକରଣ, ସଂରକ୍ଷଣ, ଦରକାରୀ, ମାନବ, ବଞ୍ଚିବା, ବାସଗୃହ, ସମିଧ, ଔଷଧଗୁଣ |



https://withteachers.in/

# 'ଭାରତୀ ବ୍ରେଲ୍' ଓଡ଼ିଆ ବର୍ଣ୍ଣ ଓ ଗଣନା

| ଅ | ଆ | ଇ | ଈ | ଉ | ଊ |
|---|---|---|---|---|---|
| ●○<br>○○<br>○○ | ○●<br>○●<br>●○ | ○●<br>●○<br>○○ | ○○<br>○●<br>●○ | ●○<br>○○<br>●● | ●○<br>●●<br>○● |
| **ଋ** | **ୠ** | **ଏ** | **ଐ** | **ଓ** | **ଔ** |
| ○○ ●○<br>○● ●●<br>○○ ●○ | ○○ ●○<br>○○ ●●<br>○● ●○ | ●○<br>○●<br>○○ | ○●<br>○○<br>●○ | ●○<br>○●<br>●○ | ○●<br>●○<br>○● |

| କ | ଖ | ଗ | ଘ | ଙ | ଚ | ଛ | ଜ | ଝ | ଞ |
|---|---|---|---|---|---|---|---|---|---|
| ●○<br>○○<br>●○ | ○●<br>○○<br>○● | ●●<br>●●<br>○○ | ●○<br>●○<br>○● | ○●<br>○○<br>●● | ●●<br>○○<br>○○ | ●○<br>○○<br>○● | ○●<br>●●<br>○○ | ○○<br>○●<br>●● | ○○<br>●●<br>○○ |

| ଟ | ଠ | ଡ | ଢ | ଣ | ତ | ଥ | ଦ | ଧ | ନ |
|---|---|---|---|---|---|---|---|---|---|
| ○●<br>●●<br>●● | ○●<br>●●<br>○● | ●●<br>●○<br>○● | ●●<br>●●<br>●● | ○●<br>○●<br>●● | ○●<br>●●<br>●○ | ●●<br>○●<br>○● | ●●<br>○●<br>○○ | ○○<br>●○<br>●● | ●●<br>○●<br>●○ |

| ପ | ଫ | ବ | ଭ | ମ | ଯ | ର | ଲ | ୱ | ଶ |
|---|---|---|---|---|---|---|---|---|---|
| ●●<br>●○<br>●○ | ○○<br>●●<br>●○ | ●○<br>●○<br>○○ | ○●<br>○○<br>○○ | ●●<br>○○<br>●○ | ●●<br>○●<br>●● | ●○<br>●●<br>●○ | ○●<br>○●<br>○● | ●○<br>●○<br>●● | ●●<br>○○<br>○● |

| ଷ | ସ | ହ | କ୍ଷ | ୟ | ଳ | ଜ୍ଞ | ଡ଼ | ଢ଼ |
|---|---|---|---|---|---|---|---|---|
| ●●<br>●○<br>●● | ○●<br>●○<br>●○ | ●○<br>●●<br>○○ | ○●<br>○○<br>○○ | ○○<br>●○<br>○● | ●○<br>●○<br>●○ | ●○<br>○●<br>○● | ●●<br>●●<br>○● | ●●<br>• ●●<br>○● |


| ୧ | ୨ | ୩ | ୪ | ୫ |
|---|---|---|---|---|
| ○● ●○<br>○● ○○<br>●● ○○ | ○● ●○<br>○● ●○<br>●● ○○ | ○● ●●<br>○● ○○<br>●● ○○ | ○● ●●<br>○● ○●<br>●● ○○ | ○● ●○<br>○● ○●<br>●● ○○ |
| **୬** | **୭** | **୮** | **୯** | **୧୦** |
| ○● ●●<br>○● ●○<br>●● ○○ | ○● ●●<br>○● ●●<br>●● ○○ | ○● ●○<br>○● ●●<br>●● ○○ | ○● ○●<br>○● ●○<br>●● ○○ | ○● ○●<br>○● ●●<br>●● ○○ |






https://withteachers.in/

# ଖାରବେଳାକ୍ଷର ବ୍ରାହ୍ମୀ ଲିପି







https://withteachers.in/

# ଆମ ଲେଖା ଆମ ଚିତ୍ର



# ଆମ ଲେଖା ଆମ ଚିତ୍ର



https://withteachers.in/